ଛିନ୍ନମସ୍ତା

Digitized by srujanika@gmail.com

ଛିନ୍ନମସ୍ତା

ଶ୍ରୀ ରାମପ୍ରସାଦ ସିଂହ

ନୂତନ ମୁଦ୍ରଣ
୧୯୩୭

ମୂଲ୍ୟ—ଆଠ ଅଣା।

Digitized by srujanika@gmail.com

ମୁଦ୍ରାକର
ଶ୍ରୀ ବାଳକୃଷ୍ଣ କର ବି. ଏ.
ସାରସ୍ୱତ ପ୍ରେସ୍
କଟକ

ପ୍ରାପ୍ତିସ୍ଥାନ
ସାରସ୍ୱତ ଭଣ୍ଡାର
କଟକ

Digitized by srujanika@gmail.com

ସମର୍ପଣ

ଶ୍ରୀଯୁକ୍ତ ଭଗୀରଥି ମହାପାତ୍ର ମହାଶୟ

ଉଦାରଚରିତେଷୁ,

ମହାଶୟ !

ଉତ୍କଳର ପୁଣ୍ୟକ୍ଷେତ୍ରରେ ଯେଉଁମାନେ ସର୍ବପ୍ରଥମେ ତ୍ୟାଗର ଧୂପ ଶିଖାମାନଳ ପ୍ରଜ୍ଜ୍ୱଳିତ କରିଥିଲେ, ସେମାନଙ୍କ ମଧ୍ୟରେ ଆପଣ ଅନ୍ୟତମ । ସେହି ଯେ ଆଦର୍ଶ ଧରି ଆପଣ ମାତୃପୂଜାର ମାର୍ଗ ବରଣ କରିନେଇଥିଲେ, ଶତ ଝଡ଼ଝଞ୍ଜା ସତ୍ତ୍ୱେ ତାହା ବର୍ତ୍ତମାନ ସୁଦ୍ଧା ଅବିଚଳିତ ରହିଛି । ସେହି ମହନୀୟ ତ୍ୟାଗ, ଗରିମାମୟ ଆଦର୍ଶ ଉଦ୍ଦେଶ୍ୟରେ 'ଛିନ୍ନମସ୍ତା' ଉତ୍ସର୍ଗ କଲି ।

ମାତୃଚରଣର ବିନୀତ ସେବକ

ରାମପ୍ରସାଦ

Digitized by srujanika@gmail.com

ଆତ୍ମକୈଫିୟତ୍

'ଛିନ୍ନମସ୍ତା' ଇତିହାସ ନୁହେଁ—ଉପନ୍ୟାସ । ସ୍ୱତନ୍ତ୍ର ଉତ୍କଳ ଆନ୍ଦୋଳନ ମଧ୍ୟ ଦେଇ ଯେଉଁ ଯେଉଁ ଶକ୍ତି ପ୍ରସ୍ଫୁଟିତ ହୋଇଉଠିଛି, ତାହାରି ମଧ୍ୟରେ କାଳ୍ପନିକ ବ୍ୟକ୍ତିତ୍ୱ ଆରୋପ କରି ତାଙ୍କ ଜୀବନର ଜାଗ୍ରତ ଧାରାକୁ ଗୌରବମୟ ଭବିଷ୍ୟତ୍ ଅଭିମୁଖରେ ଫେରାଇ ଦେବା ପାଇଁ ଏକ ଚିତ୍ର ଅଙ୍କିତ କରିବାର ଚେଷ୍ଟା କରିଛି । ଏହାର ସମସ୍ତ ଚରିତ୍ର କାଳ୍ପନିକ ।

ଯେଉଁମାନେ ଜନନୀ ଜନ୍ମଭୂମିର ଉନ୍ନତି ପାଇଁ ଅତି ସାମାନ୍ୟ ତ୍ୟାଗ ମଧ୍ୟ କରିଛନ୍ତି, ସେମାନେ ନମସ୍ୟ । ଯେଉଁ ଅଜ୍ଞାତ କର୍ମୀବୃନ୍ଦଙ୍କର ନାମ ସମ୍ବାଦପତ୍ରରେ ପ୍ରକାଶିତ ହୋଇ ନାହିଁ—ହୋଇପାରିବ ନାହିଁ, ଯେଉଁମାନଙ୍କ ଗଳାରେ ଫୁଲମାଳ ପଡ଼ି ନାହିଁ—ପଡ଼ିପାରେ ନା ମଧ୍ୟ, ଯେଉଁମାନେ ବକ୍ତୃତା ଦେଇ ସାବାସି ନେବାକୁ ଜାଣନ୍ତି ନାହିଁ, ଲୋ[illegible]ର ଅନ୍ତରାଳରେ ପଡ଼ି ରହିଥିବା ସେହି ଦେଶକର୍ମୀବୃନ୍ଦଙ୍କ ହିଁ ଦେଶର ପ୍ରକୃତ ପୂଜାରୀ । ଏ ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ମସ୍ତକ ଅବନତ କରୁଛି ।

—ଗ୍ରନ୍ଥକାର

Digitized by srujanika@gmail.com

ଛିନ୍ନମସ୍ତା

ତୀବ୍ର ଅନ୍ଧକାର । ନିସ୍ତବ୍ଧ ସୃଷ୍ଟି । ଭୀମ ପ୍ରଳୟର ଦୃପ୍ତ ଅଟ୍ଟହାସ ଆକାଶର ଅନ୍ଧକାର-ବୋଳା ଅଙ୍ଗରୁ ଡେଇଁ ପଡ଼ି ପୃଥିବୀ-ବକ୍ଷରେ ଉଚ୍ଛୃଙ୍ଖଳ-ତାର ଉନ୍ମତ୍ତ ଲୀଳା ଲଗାଇଛି ।

ଝଂଝାର ଆକ୍ରୋଶପୂର୍ଣ୍ଣ ଭୀମ ଆଘାତକୁ ଉନ୍ନତ ମସ୍ତକରେ ଧାରଣ କରି ଛିଡ଼ା ହୋଇଛି ଓଡ଼ିଆ ଯୁବକ । ଶତଛିନ୍ନ ଶତଚ୍ଛିଦ୍ରମୟ ଜୀର୍ଣ୍ଣ ମଳିନ ବସ୍ତ୍ରରେ ଅଙ୍ଗର ଶୂନ୍ୟ ନଗ୍ନତା ଆବରଣ କରି ଯୁକ୍ତକରରେ ସେ ଦଣ୍ଡାୟମାନ । ତାହାର ଦୃଷ୍ଟି ଆକାଶ ଦେହରେ—ଯେଉଁ ସୁଦୂର ସ୍ୱର୍ଗର ସ୍ୱର୍ଣ୍ଣମୟ ବେଳାରେ ଘୂରି ବୁଲୁଛି । ପୃଥିବୀ ଅନନ୍ତ ଗାମ୍ଭୀର୍ଯ୍ୟର ଅତଳ ତଳରେ ବୁଡ଼ି ଯାଇଛି ।

ଭୀମ ଗର୍ଜ୍ଜନରେ କତ କତ ନିନାଦ କରି ବଜ୍ର ପଡ଼ିଲା । [illegible]ଳାମୟ ଆଲୋକରେ ଯୁବକର ତନ୍ମୟ ଦୃଷ୍ଟି ଜଳି ଉଠିଲା । ଉତ୍କଳର [illegible] ଦେବତା ଦିଗନ୍ତ ପ୍ରକମ୍ପିତ କରି ପ୍ରଶ୍ନ କଲେ—'ତୁମର ସାଧନା ?'

ଯୁବକ ମୁକ୍ତକଣ୍ଠରେ ଉତ୍ତର ଦେଲା—'ଛିନ୍ନମସ୍ତା ।'

ଚତୁର୍ଦ୍ଦିଗ ପୁଣି ନୀରବ ନିସ୍ତବ୍ଧ ଅନ୍ଧାର-ବୋଳା ।

ପୁଣି ବଜ୍ରାଗ୍ନି ଜଳି ଉଠିଲା; ବଜ୍ରାଘାତରେ ବିଶ୍ୱ ପ୍ରକମ୍ପିତ ହେଲା । ଆକାଶରୁ ପ୍ରଶ୍ନ ହେଲା—'ତୁମର ପଣ ?'
ଯୁବକର ଓଷ୍ଠାଧର କମ୍ପିତ ହେଲା । ସୁଦୃଢ଼ ତନ୍ମୟ କଣ୍ଠରେ ସେ ସ୍ୱ[illegible] କହିଲା—'ଏ ଜୀବନ ।'

* * * *

—୧—

'ଆଜ ତୀବ୍ର ନିନାଦରେ ଦିଗନ୍ତ ପ୍ରକମ୍ପିତ କରି, ବିଶ୍ୱକୁ ଅଗ୍ନିରେ ଆଲୋଡ଼ିତ କରି ମୁଁ ପଚାରିବାକୁ ଚାହେଁ—ଓଡ଼ିଆ ହେବାଟା କଅଣ ପାପ ? ଓଡ଼ିଆ କଅଣ ମନୁଷ୍ୟ ନୁହେଁ ? ଓଡ଼ିଆ ଜାତି କଅଣ ଜାତି ନୁହେଁ ? ଉତ୍କଳ ଦେଶ କଅଣ ଦେଶ ନୁହେଁ ? ତଥାପି ଏତେ ଅପମାନ ? ଭଗବାନଙ୍କ ଦୁନିଆରେ ଗୋଟାଏ ଜାତି ପ୍ରତି ଏ କି ଅପମାନ, ଗୋଟାଏ ଦେଶ ପ୍ରତି ଏ କି ଅସମ୍ମାନ ? ଭଗବାନଙ୍କ ରାଜ୍ୟରେ ଏ କି ଅନ୍ୟାୟ ?'—ଚନ୍ଦ୍ରର ଛାତିରେ ଭଗବାନଙ୍କ ବିରୁଦ୍ଧରେ ଫେନିଲ ଅଭିଯୋଗ ତରଙ୍ଗାୟିତ ହୋଇଉଠିଲା । ତାହାର ଚକ୍ଷୁ ବାଟେ ଅଗ୍ନିକଣା ବାହାରିବାକୁ ଲାଗିଲା । ତାହାର ବକ୍ଷ ସ୍ଫୀତ, ହସ୍ତ ମୁଷ୍ଟିବଦ୍ଧ, ମସ୍ତକ ଉନ୍ନତ । ଗୋଟାଏ ଜାତିର ଜ୍ୱାଳାମୟ ଅଭିଯୋଗର ଅଶାନ୍ତ ମୂର୍ତ୍ତି ପରି ଆଜି ସେ ବିଶ୍ୱ-ସଭାରେ ଦଣ୍ଡାୟମାନ ।

ବୈଶାଖ ମାସର ଉତ୍ତପ୍ତ ମଧ୍ୟାହ୍ନ । ଜୀବନ୍ତ ଦାବାନଳର କ୍ରୁଦ୍ଧ ନିଃଶ୍ୱାସ ପରି ଉତ୍ତପ୍ତ ପବନ ଝାଞ୍ଜି ବନ ଭିତର ଦେଇ ସଶବ୍ଦରେ ଧାଇଁ ଯାଉଛି । ଗଞ୍ଜାମ ଜିଲ୍ଲାର ଭାଟକୁମରୁଡ଼ା ଗ୍ରାମର ସମୀପବର୍ତ୍ତୀ ପର୍ବତର ନଗ୍ନ ଶିଖର ଦେହରୁ ଯେଉଁ ଆଡ଼କୁ ଚାହିଁଲେ ସେ ଆଡ଼େ ଅସହ୍ୟ ଗ୍ରୀଷ୍ମର ପ୍ରଚଣ୍ଡ ଛବି ବକ୍ର ଦିଗନ୍ତରେ ପ୍ରସାରିତ ହୋଇ ଦକ୍ଷିଣରେ ଦୂର ମହେନ୍ଦ୍ର ପର୍ବତମାଳା ସହିତ ମିଶି ଯାଇଛି । ପଶ୍ଚିମରେ ତାମ୍ରତାରିଣୀ ପର୍ବତର ରକ୍ତ-ରଞ୍ଜିତ ଉନ୍ନତ ମସ୍ତକ ଉପରେ ଦଳେ ଶାଗୁଣା ସାବଲୀଳ ଗତିରେ ଉଡ଼ି ବୁଲୁଛନ୍ତି ।

ଭାଟକୁମ୍ରୁଡ଼ା ପର୍ବତ ଉପରେ ଛୋଟ ଗଛଟିଏ । ତାହାର ଅଳ୍ପ ଛିଟିଏ ଛାଇ ତଳେ ଚନ୍ଦ୍ରସେଓ । ସେ ଆଜି ଉନ୍ମତ୍ତ । ତା ସମ୍ମୁଖରେ ଅଜାଗ୍ର ପୃଥିବୀ ସବୁ ଶୂନ୍ୟ । ଗୋଟାଏ ପ୍ରଚଣ୍ଡ ଜ୍ୱାଳା ଊର୍ଦ୍ଧ୍ୱଶ୍ୱାସରେ ତାକୁ ଉଡ଼ାଇ ନେଇ ଯାଉଛି । ଗୋଟାଏ ଦୁର୍ଦ୍ଦାନ୍ତ ପିପାସା ତାହାର ବକ୍ଷକୁ ମରୁଭୂମିର ତୀବ୍ର ନୀରସତା ପରି ଶୁଷ୍କ କରି ଦେଉଛି । ଗୋଟାଏ ଜାତିର ଅପମାନ—ଗୋଟିଏ ଜାତିର ଅସମ୍ମାନ—ତାହା ମସ୍ତକରେ ବୃଶ୍ଚିକ ଦଂଶନର ତପ୍ତ ଯନ୍ତ୍ରଣା ପରି ଅସହ୍ୟ ଜ୍ୱାଳା ଜାଳି ଦେଉଛି । ସେ କ୍ଷିପ୍ତ ହୋଇ ଫ[illegible]

Digitized by srujanika@gmail.com

ଆସିଛି ଏ ପର୍ବତ ଉପରକୁ ଭାବବାକୁ—ନିଜ ସହିତ୍ର, ନିଜର ବର୍ତ୍ତମାନ, ନିଜର ଭବିଷ୍ୟତ ସହିତ ଗୋଟାଏ ବୁଝାସୁଝା କରି ନେବାକୁ ।

ସେଇ ଗଛଟି ତଳେ ବସିଛି ସେ; କେତେ ବେଳ ଗଡିଗଲାଣି, କେତେ ବେଳ ହେଲାଣି—ତାହା ତାକୁ ଜଣା ନାହିଁ ।

ତାହାର ଚିନ୍ତା-ଧାରା ମସ୍ତିଷ୍କ ଭିତରେ ପ୍ରଳୟ ଉଚ୍ଛ୍ୱାସରେ ଧାଇ ବୁଲିଲା । ସେ କ୍ଳାନ୍ତ ହୋଇ ପଡି ସେହି ଉତ୍ତପ୍ତ ମଧ୍ୟାହ୍ନର ତୀବ୍ର ରୌଦ୍ର ଭେଦକରି, ପାଟିକରି କହିଲା—'......ଏ କି ଅନ୍ୟାୟ ! ଏ କି ଅବିଚାର !!"

ସେ ନୀରବ ହୋଇଗଲା । ତାହାର ଦୃଷ୍ଟି ପୂର୍ବ ଦିଗନ୍ତର ଛବିରେ ନିବଦ୍ଧ । ଦିଗନ୍ତ ପଛରେ ଉଦ୍ବେଳ ସମୁଦ୍ର ତାଳେ ତାଳେ ତରଙ୍ଗ ତୋଳି ନାଚି ଯାଉଛି—ଅଥବା ଗାଉଛି କେତେ ବିସ୍ମୃତ ଜାତିର ମହାନ ଅତୀତର ଗୌରବମୟ କୀର୍ତ୍ତିଗାଥା । ଆଜ ସେ ଦେଶ ନାହିଁ—ସେ ଜାତି ଅବନତ ହୋଇ ପଡିଛି । ଦିନେ ଯାହା ସତ୍ୟ ଥିଲା, ଆଜ ତାହା ସତ୍ୟର ଗଳ୍ପରେ ରହିଛି ।

ଚନ୍ଦ୍ର ସେଇ ଆଡକୁ ଚାହିଁ କିଛିକ୍ଷଣ ନୀରବ ହୋଇ ରହିଲା । ଗୋଟାଏ ଦୀର୍ଘଶ୍ୱାସ ତାହାର ହୃଦୟକୁ ଆଲୋଡିତ କରି ଉଠିଲା । ସେ କହିଲା—'ଏ କି ଅନ୍ୟାୟ ! ଏ କି ଅବିଚାର !! ଅଥଚ ଦିନ ଥିଲା, ଯେତେବେଳେ ଏଇ ଜାତିଟା ଦୃପ୍ତହସ୍ତରେ ପୃଥିବୀ ବକ୍ଷରେ ଗୋଟାଏ ଅଭ୍ରଚୁମ୍ବୀ କୀର୍ତ୍ତି-ଧ୍ୱଜା ପୋତି ଦେଇଥିଲା । ଦିନ ଥିଲା, ଯେତେବେଳେ ଏଇ ଉତ୍କଳର କଳା-କୌଶଳ, ଜ୍ଞାନ-ଗରିମାରେ ସେ ସମୟର ପୃଥିବୀ, ସେ ସମୟର ମାନବ ଜାତି ଅନ୍ଧାର ମଧ୍ୟରେ ବାଟ ପାଇଥିଲା । ଦିନ ଥିଲା, ଯେତେବେଳେ ଉତ୍କଳର ମହାଦାନକୁ ମସ୍ତକରେ ଧାରଣ କରି ସୁସଭ୍ୟ ଜାତିସମାଜ ଏଇ ଜାତିଟାର ସିଂହଦ୍ୱାରରେ ସମବେତ ହେଉଥିଲେ । ଦିନ ଥିଲା, ଯେତେବେଳେ ଉତ୍କଳର ବାଣିଜ୍ୟ ପୋତ ସମୁଦ୍ର ଭେଦ କରି କେତେ ଦେଶ ମଧ୍ୟରେ, କେତେ ଜାତି ମଧ୍ୟରେ କେତେ ଦାନ, କେତେ ଶିଳ୍ପ, କେତେ କଳା, କେତେ ଜ୍ଞାନ ବାଣ୍ଟି ଦେବା ପାଇଁ ଧାଇଁ ଯାଉଥିଲା । ସେତେବେଳେ ଏଇ ଜାତିଟାର ଲୋକ ଧର୍ମର ବେଦୀରେ କର୍ମର ଉଚ୍ଚ ମନ୍ଦିର ଗଢିଥିଲେ । ତାହାର ମୂକ ବକ୍ଷ ସାକ୍ଷୀରୂପେ ଆଜ ପଡିରହିଛି ଭୁବନେଶ୍ୱର, ନୀଳାଚଳ,

Digitized by srujanika@gmail.com

କୋଣାର୍କ ମନ୍ଦିର । ଦିନ ଥିଲା, ଯେତେବେଳେ ସମଗ୍ର ଆର୍ଯ୍ୟାବର୍ତ୍ତ ଉତ୍କଳର ବିଜୟବାହିନୀ ସମ୍ମୁଖରେ ମୁଣ୍ଡ ନୁଆଁଇଥିଲା । କୁଆଡେ ଗଲା ସେ ଦିନ ? କାହିଁକି ଗଲା ?’

ମୂର୍ତ୍ତି କ୍ଷଣକାଳ ନୀରବ ଥାଇ ସେ କହିଲା—‘ଏଇ ତ ସେଦିନର କଥା । ରାଜପୁତ-ବିଜୟୀ ମୋଗଲ-ଶକ୍ତିର ଦୁର୍ବାର ବିକ୍ରମ ଉତ୍କଳର କୃଷକ-ସୈନ୍ୟ ନିକଟରେ ଛିନ୍ନଭିନ୍ନ ହୋଇ ଝଡମୁଖରେ ତୃଣଗୁଚ୍ଛ ପରି ଉଡି ଯାଉଥିଲା । ଏଇ ତ ସେଦିନ ନବଜାଗ୍ରତ ମରହଟ୍ଟା ଶକ୍ତି ଉତ୍କଳର ଶକ୍ତି ନିକଟରେ ପୂର୍ଣ୍ଣ ଭାବରେ ଆତ୍ମପ୍ରକାଶ କରିପାରି ନ ଥିଲା । ଉତ୍କଳର ସାମ୍ରାଜ୍ୟ ଥିଲା, ସିଂହାସନ ଥିଲା—ଉତ୍କଳର ବେଦଗାନନାଦ ସୁଦୂର କାନ୍ଦାହାରରେ ଶୁଣାଯାଉଥିଲା, ଉତ୍କଳର ବିଜୟ-ନିଶାଣ ହିମାଳୟ ଶିଖରର ଉଚ୍ଛ୍ୱସ ବାଆରେ ଉଡୁଥିଲା । କୁଆଡେ ଗଲା ତାହା ? କେଉଁ ଅତୀତର ଅନ୍ଧାର ପଟ୍ଟରେ ତାହା ଲୁଚି ରହିଛି ? ଆଜି ଉତ୍କଳ ଗୋଟାଏ ଗରିବ ଦେଶ ! ଓଡିଆ ହେବା ସମ୍ମାନର କଥା ନୁହେଁ ! ମାତ୍ର ଦେଢଶହ ବର୍ଷ—ଏହାରି ମଧ୍ୟରେ କି ପରିବର୍ତ୍ତନ ! ଯେପରି କେଉଁ ଏକ ଦୁର୍ଦ୍ଦାନ୍ତ ଦୈତ୍ୟ ନିର୍ମମ ହସ୍ତରେ ଏଇ ଜାତିଟାକୁ ଭାଙ୍ଗି ଚୂରି ଟାଣି ଉଡି ନେଇ ଅବନତିର ଅନ୍ଧକାରମୟ ଗଭୀର ଗହ୍ୱର ଭିତରକୁ ଫିଙ୍ଗି ଦେଇଛି; ଆଉ ତାହାର ଅକ୍ଷମ ରକ୍ତାକ୍ତ କବନ୍ଧଟାର ଛାତିରେ ମାଡିବସି ବିକଟ ଅଟ୍ଟହାସ୍ୟରେ ଦିଗନ୍ତ ପ୍ରକମ୍ପିତ କରୁଛି । ଏ କି ଅତ୍ୟାଚାର !’

ଚନ୍ଦ୍ର ଗୁପ୍ତର ବକ୍ଷରକ୍ତ ଉତ୍ତାଳ ହୋଇଉଠିଲା । ତାହାର ଶିରା-ପ୍ରଶିରା ମଧ୍ୟରେ ତୀବ୍ର ବିଦ୍ୟୁତର ତୀକ୍ଷ୍ଣ ଧାରା ଧାଇଁ ବୁଲିବାକୁ ଲାଗିଲା । ତାହାର ମନେ ହେଲା, ଆଜି ପୃଥିବୀର ସମସ୍ତ ଧ୍ୱଂସ ଶକ୍ତି ଯଦି ତାହାର ଛାତି ଭିତରେ ଏକତ୍ରିତ ହୁଅନ୍ତା, ଯଦି ପ୍ରଳୟ-ଦେବତାର ସମସ୍ତ ଆକ୍ରୋଶ ତାହାଠାରେ ସମ୍ଭବ ହୁଅନ୍ତା, ଯଦି ବଜ୍ରର ନିର୍ମମ ଜ୍ୱାଳା, ବାତ୍ୟାର ଦୁର୍ବାର ବିକ୍ରମ, ହଳାହଳର ନିଶ୍ଚିତ ମୃତ୍ୟୁଶକ୍ତି, ଦାବାନଳର ପ୍ରଚଣ୍ଡ ଦହନ ଯଦି ତାହାଦ୍ୱାରା ସମ୍ଭବ ହୁଅନ୍ତା, ତେବେ ଏଇ ମୁହୂର୍ତ୍ତରେ ସେ ଏଇ ଦୈତ୍ୟଟାକୁ ଛିନ୍ନଭିନ୍ନ କରି ଧୂଳି ମୁଠାପରି ପବନ ମୁହଁରେ ଉଡାଇ ଦିଅନ୍ତା । ତା ପରେ ତାର ଜାତିକୁ, ତାର ଦେଶକୁ ସେ ଏକତ୍ରିତ କରି ଗଢନ୍ତା, ସୁନ୍ଦର କରନ୍ତା, ସ୍ୱତନ୍ତ୍ର କରନ୍ତା ।

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ମଧ୍ୟରେ ଏକ ଦୁରନ୍ତ ଶକ୍ତି ଉଚ୍ଛୃଙ୍ଖଳ ତାଣ୍ଡବ ଲଗାଇ ଦେବାକୁ ଲାଗିଲା । ସେ ନିଜ ଚଳାରେ ନିଜେ ପାଗଳ ପରି ହୋଇ କହିଲା—'ଏ କି ଅନ୍ୟାୟ !'

ବୈଶାଖ-ମଧ୍ୟାହ୍ନର ଉତ୍ତପ୍ତ ବାୟୁ ସଶବ୍ଦରେ ଧାଇଁ ଆସି ତାହାର ଗୋଡ ତଳେ ଶୁଷ୍କ ପତ୍ରଗୁଡାଏ ଢାଳି ଦେଇଗଲା ।

—୨—

ମାନ୍ଦ୍ରାଜ ପ୍ରଦେଶର ଏଜେନ୍‌ସି ଅଞ୍ଚଳର ରତ୍ନଗିରି ତାଲୁକାରେ ଚନ୍ଦ୍ରଗୁପ୍ତର ପିତା ତହସିଲଦାର । ଦିନ ଥିଲା, ଯେତେବେଳେ ଏ ସମୁଦାୟ ଅଞ୍ଚଳ ଉତ୍କଳ ମଧ୍ୟରେ ଥିଲା । ଏ ଅଞ୍ଚଳର ଅଧିକାଂଶ ସଭ୍ୟ ଲୋକ ଓଡିଆ ବା ଓଡିଆ ବଂଶର ହେଲେ ମଧ୍ୟ ଅନ୍ୟ ପ୍ରତିବେଶୀ ତେଲୁଗୁ ଭାଇମାନଙ୍କ ସହିତ ଏକାଦିକ୍ରମେ ଶତବର୍ଷ ଧରି ରହି, ତେଲୁଗୁ ସଂସ୍କାରକୁ ଏମାନେ ନିଜର କରିନେଲେଣି । ଆଜି ହୁଏ ତ ଅନେକେ ଜାଣନ୍ତି ନାହିଁ, ସେମାନେ ଓଡିଆ ।

ଏଇ ରତ୍ନଗିରିରେ ୨୨ ବର୍ଷ ତଳେ ଚନ୍ଦ୍ରର ଜନ୍ମ । ଆଜି ୨୨ ବର୍ଷ ପରେ—ତାହାର ମନେ ହୁଏ ନା ଯେ, ଦିନେ ତାର କେହି ମାଆ ଥିଲା, ତାହାର ମୁହଁଟିକୁ ଚାହିଁ ଯେ କେତେ ଘଣ୍ଟା ପାଇଁ ହେଲେ ମଧ୍ୟ ସମସ୍ତ ଦୁଃଖ ଭୁଲି ଯାଇଥିଲେ । ଜନ୍ମର ଶନିବାର ପରେ ତାର ମାଆ ତୁଅ ପିଲାଟିକୁ ଏକ ତେଲୁଗୁ ପ୍ରତିବେଶିନୀ କୋଳରେ ଦେଇ ଚିରଦିନ ପାଇ ବିଦାୟ ନେଲେ ।

ସେହି ପ୍ରତିବେଶିନୀର କୋଳ ଆଶ୍ରୟ କରି ଚନ୍ଦ୍ର ବଢିଉଠିଛି ! ତାଙ୍କୁହିଁ ସେ ତାର 'ଅମ୍ମା'—ମାଆ ବୋଲି ଜାଣେ । ତାହାରିଠାରେ ହିଁ ଚନ୍ଦ୍ରର ସମସ୍ତ ଅଭିଯୋଗ-ଅନୁଯୋଗ । ବାଲ୍ୟକାଳରୁ ଚନ୍ଦ୍ର ଜାଣେ, ସେଇ, ତାର ମାଆ—'ଅମ୍ମା' ଜାଣେ ଚନ୍ଦ୍ର ଗୁପ୍ତଟି ତାର ନିଜର ପୁଅ । ଏହିପରି ଭାବରେ ଏଇ ୨୨ ବର୍ଷ ସେ ବଢିଉଠିଛି ।

ସ୍କୁଲରେ ପଢିବା ସମୟରେ ସେ ଅନୁଭବ କଲା, ଚନ୍ଦ୍ରଗୁପ୍ତ ପଟ୍ଟନାୟକ ତେଲୁଗୁ ନୁହେଁ—ଓଡିଆ । ତାର ତୈଲଙ୍ଗୀ ମାଆଟି ତାର ନିଜ

Digitized by srujanika@gmail.com

ଜାତିର ନୁହନ୍ତି । ମନେ ମନେ ସେ ଭାବେ, ତାର ଆଈମାନେ ଓଡ଼ିଆ ହୋଇ-ଥାନ୍ତା କି !—ବେଶି କଅଣ ହୁଅନ୍ତା ? ସେ କଣ ଏ ଆଈମାନଙ୍କୁ ଭଲ ହୁଅନ୍ତା ? ନା, ହୋଇପାରନ୍ତା ନାହିଁ ! ଆଈମାନଙ୍କୁ ଭଲ ହେବା ଅସମ୍ଭବ !!

ପିତା ନଟବର ପଟନାୟକ ମା-ଛେଉଣ୍ଡ଼ ପିଲାଟିକୁ ପିତାର ସମସ୍ତ ଆଦରଯତ୍ନ ଦେଇ ବଢାଇଥିଲେ । ନିଜେ ଉଚ୍ଚ ରାଜକର୍ମଚାରୀ, ପୁଅଟିକୁ ଏହା ଅପେକ୍ଷା ଉଚ୍ଚ ରାଜକାର୍ଯ୍ୟରେ ପ୍ରତିଷ୍ଠିତ ଦେଖିବାର ଲକ୍ଷ୍ୟ ପୋଷି, ଚନ୍ଦ୍ରର ପଢାପଢି ଦିଗରେ ସେ ବିଶେଷ ଦୃଷ୍ଟି ଦେଲେ ।

ମାନ୍ଦ୍ରାଜ ପ୍ରଦେଶ । ଉଚ୍ଚ ରାଜକର୍ମଚାରୀ ହେବାକୁ ହେଲେ, ତେଲୁଗୀ ଭାଷାରେ ଖୁବ୍ ଦଖଲ ଥିବା ଦରକାର । ଚନ୍ଦ୍ର ଗୋଟି ପିଲାଦିନୁ ତେଲୁଗୁ ପଢିଲା ।

ସେତେବେଳେ ନବ ଜାଗ୍ରତ ଉତ୍କଳର ନେତୃବୃନ୍ଦ ଓଡ଼ିଆ ଭାଷା ଓ ସଂସ୍କୃତି ରକ୍ଷା ପାଇଁ ତୁମୁଳ ଆନ୍ଦୋଳନ ଲଗାଇଥାନ୍ତି । ସୁଦୂର ମାଳର ଘନ ଅରଣ୍ୟାନୀ ଭେଦି କରି ସେ ଆନ୍ଦୋଳନର ଡାକ ତାଙ୍କ ନିକଟରେ ପହଞ୍ଚିଥିଲେ ମଧ୍ୟ, ସମସ୍ତେ ଯେପରି ଭାବନ୍ତି, ସେ ସେହିପରି ଭାବିଲେ,—ସମସ୍ତେ କଲେ ଆମେ କରିବା, ଏହା ବୋଲି ପୁଅଟିର ଭବିଷ୍ୟତରେ ବାଧା ଦେବା ସୁବିବେଚନାର କାର୍ଯ୍ୟ ହେବ ନାହିଁ ତ ?

ସ୍କୁଲର ଉପର କ୍ଲାସରେ ପଢୁଥିବା ସମୟରେ ଏକ ସହ-ପାଠୀର ବ୍ୟବହାରରେ ତାହାର ଆଖି ଫିଟିଗଲା । ସେହିଦିନ ସେ ବୁଝି ପାରିଲା ଯେ ଓଡ଼ିଆ ବଡ ଦୟାର ପାତ୍ର, ବଡ ଅନୁଗ୍ରହର ବସ୍ତୁ । ତାହାର ଭିତରେ ଜାତୀୟତାର ଲୋହିତ ରକ୍ତ ସେ ଦିନ ଜାଗି ଉଠିଲା । ତାହାର ଦୃଷ୍ଟି ଫେରିଗଲା । ସେହି ଦିନଠାରୁ ସେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଅନୁ-ଭବ କଲା ଯେ, ସେ ଓଡ଼ିଆ, ସେ ଏକ ବିରାଟ ଜାତିର ମହାନ ଅତୀତର ଅଧିକାରୀ । ସେଇ ଦିନୁ ସେ ବୁଝି ପାରିଲା ଯେ, ତାହାର ଦୁଃଖିନୀ ମାଆଟି-ଠାରୁ ତାକୁ ଜବରଦସ୍ତି ଅଲଗା ରଖାଯାଇଛି । ସେ ଓ ତାର ଲକ୍ଷ ଲକ୍ଷ ଭାଇ ମାତୃହରା ହୋଇ ନିଜ ଘରେ ଦୂରପ୍ରବାସୀ ପରି ରହିଛନ୍ତି—ସେମାନେ କେବଳ ସାବତ୍ ଭାଇର ଦୟା, ସାବତ ମାଆଟିର ଅନୁଗ୍ରହ !

Digitized by srujanika@gmail.com

ନା, ନା, ସେମାନେ ତ ଏତେ ନିଃସହାୟ ନୁହନ୍ତି—ଏତେ 'ଅଭାଗା ନୁହନ୍ତି। ସୃଷ୍ଟିର ପୁଅ ଭିଖାରୀ ହୋଇ କେବେ ପରଦ୍ୱାରରେ ମୁଣ୍ଡ ଗୁଞ୍ଜି ପାରେ ? ନା—ଅସମ୍ଭବ !

ତାହାର ଅବସ୍ଥା, ତାହାର ପରିସ୍ଥିତି ସ୍ପଷ୍ଟ ଭଙ୍ଗିରେ ଦେଖାଇ ଦେଲା – ଚିନ୍ତାରେ ଯାହା ଅସମ୍ଭବ ବୋଲି ମନେ ହୁଏ, ଘଟଣା ସ୍ରୋତରେ ତାହା ନିଷ୍ଠୁର ସତ୍ୟ ହୋଇଛି। ନ ହେଲେ ଜୟପୁର ଅଞ୍ଚଳ ମାନ୍ଦ୍ରାଜରେ ଥାଆନ୍ତା କାହିଁକି ଚନ୍ଦ୍ର ଭାବ ତ ?

ଚନ୍ଦ୍ର ଚମକି ପଡ଼ିଲା। ଭାବି ଦେଖିଲା, ଗୋଟାଏ ପ୍ରବଳ ଶକ୍ତି ଦେଶଠାରୁ ଦେଶର ଅଂଶକୁ ବିଛିନ୍ନ କରି ରଖିଛି; ମାଆର କୋଳରୁ ପୁଅକୁ ଝାମ୍ପି ନେଇ ନିର୍ଦ୍ଦୟ ହସ୍ତରେ ଅନ୍ୟ ଏକ ସ୍ଥାନରେ ଚାପି ରଖିଛି।

ସେଇ ଦିନ ଚନ୍ଦ୍ର କ୍ଷିପ୍ର ପରି ଉଠି ଭାବିଲା—'ଏହାର କଅଣ କିଛି ପ୍ରତିକାର ନାହିଁ ? କିଛି ଉପାୟ ନାହିଁ ? କିଛି କରିପାରି ପାରିବ ନାହିଁ ? କିଛି କରିବା ସମ୍ଭବ ନୁହେଁ ?'

ତାହାର ଅନ୍ତରାତ୍ମା ଉତ୍ତର ଦେଲା—'ସାଧନା କର—ସବୁ ସମ୍ଭବ।'

ଚନ୍ଦ୍ର ସେଇ ଦିନୁ ମନେ ମନେ ଧରିନେଲା, ତାହାର ଦେଶକୁ, ତାହାର ଜାତିକୁ, ଏକ କରିବା ପାଇଁ, ସ୍ୱତନ୍ତ୍ର କରିବା ପାଇଁ, ମନୁଷ୍ୟର ଯାହା ସମ୍ଭବ, ତାହା ସେ କରିବାକୁ ପ୍ରସ୍ତୁତ ରହିବ।

ଏହାର ଫଳରେ ତେଲୁଗୁ ଛାଡ଼ି ଓଡ଼ିଆକୁ ସେ ତାହାର ପ୍ରଧାନ ଭାଷା ବୋଲି ଧରିଲା। ତାହାର ପିତା ଏହା ଜାଣିଲେ। ମନେ ମନେ ଭାବିଲେ, ମାତୃଭାଷାର ଡାକ—ଏଡାଇ ଦେବା ସହଜ ନୁହେଁ। ହଉ, ଚନ୍ଦ୍ର ମାନ୍ଦ୍ରାଜରେ ପଢିବ।

ସ୍କୁଲ ଫାଇନେଲ୍ ପରୀକ୍ଷାରେ ଗଞ୍ଜାମ ଜିଲା ମଧ୍ୟରେ ପ୍ରଥମ ହୋଇ ସେ ଯେତେବେଳେ ଉତ୍ତୀର୍ଣ୍ଣ ହେଲା, ସେତେବେଳେ ମାନ୍ଦ୍ରାଜର ବଡ କଲେଜରେ ପଢିବା ପାଇଁ ତାହାର ପିତା ସମୁଦାୟ ବନ୍ଦୋବସ୍ତ ଠିକ କରିଦେଲେ। ଚନ୍ଦ୍ର ଧରି ବସିଲା, ହୁଏ ତ ସେ କଟକ କଲେଜରେ ପଢିବ; ନଚେତ୍ ପଢିବ ନାହିଁ। ସେ ତାର ଦେଶକୁ ଦେଖିବାକୁ ଚାହେଁ, ସେ

Digitized by srujanika@gmail.com

ତାର ଗାଣକୁ ଛାଣିବାକୁ ଚାହେଁ, ସେ ତାର ଭାଇକୁ ଚିହ୍ନିବାକୁ ଚାହେଁ । ବୃହତ୍ତର ଭାଇ ପରି ଅଜ୍ଞ ସେ ଭୁବରେ ରହିବାକୁ ଅନିଚ୍ଛୁକ ।

କଟକରେ ପଢିବା ବିରୁଦ୍ଧରେ ନଟବର ବାବୁ ବହୁତ ବୁଝାଇଲେ । ମାନ୍ଦ୍ରାଜରେ ପଢିଲେ, ତାହା ଭାଗ୍ୟରେ କିପରି ସହଜରେ ସରକାରୀ ମିଳିବ, ତାହାର ଭବିଷ୍ୟତ ଜୀବନ କିପରି ଅରକ୍ତ ଛବି ଉତର ଦେଇ ସୁନ୍ଦର ଭାବରେ ବହି ଯିବ, ସେ କିପରି ଧନ, ମାନ ସହଜରେ ପାଇ ପାରିବ, ତାହା ଦେଖାଇଲେ । ମାନ୍ଦ୍ରାଜରେ ପଢିଲେ, ତାହାର ଭଉଣୀମାନଙ୍କୁ ଚନ୍ଦ୍ର କିପରି ଦେଖି ପାରିବ, ସେମାନଙ୍କ ସହିତ ଆନନ୍ଦରେ କିପରି ସମସ୍ତ କଟିଯିବ, ଅମ୍ମା ତାହା ବୁଝାଇଲେ । ଚନ୍ଦ୍ରର ଏକ କଥା—ହୁଏ ତ ସେ କଟକରେ ପଢିବ; ନଚେତ୍ ପଢା ଛାଡିବ ।

ଅଗତ୍ୟା ଚନ୍ଦ୍ରର ପିତା କଟକ କଲେଜରେ ପଢିବା ପାଇଁ ଚନ୍ଦ୍ରକୁ ପଠାଇଲେ । ଚନ୍ଦ୍ର କଟକରେ ରହିଲା ।

—୩—

—'ତୁମେ ବଡ ଦୁଷ୍ଟ ଚନ୍ଦ୍ର ଦାଦା !'

—'ତୁମଠୁଁ କଅଣ ବେଶୀ ?'

—'ନିଶ୍ଚୟ !'

'ଦେଖ କାନ୍ତ, ତର୍କରେ ହାରି ଗାଳିଦେବାଟା ଚୁଣ୍ଡିଆ ପଣ୍ଡିତ ମହଲରେ ଚଳେ । ତୁମେ ପରା ଶିକ୍ଷିତା, ଗାର୍ଲ ସ୍କୁଲର ଫାଷ୍ଟ କ୍ଲାସରେ ପଢୁଛ; ତମେ ବ କଅଣ ସେଇ ବାଟ ଧରିବ ?'

କାନ୍ତର ସୁନ୍ଦର ମୁଖ ଖଣ୍ଡି ଆରକ୍ତ ହୋଇ ଉଠିଲା । ସେ ଲଜ୍ଜାରେ ତଳକୁ ଚାହିଁ ରହିଲା ।

ଚନ୍ଦ୍ର ମଧ୍ୟ କାନ୍ତକୁ ଲଜ୍ଜାଦେଇ କମ୍ ଲଜ୍ଜିତ ହେଲା; ଏପରି ନୁହେଁ ।

ଏତିକିବେଳେ ସୁନୀଲ୍ ଟେବୁଲ୍ ଉପରେ ହାତ ବାଡେଇ କହିଲା—'ହାଲୋ ବୁଟୀ, ତୁ କହିଦେ ନା ଚନ୍ଦ୍ରକୁ, ଅଯାଚିତ ଭାବରେ ବୁଟାଙ୍କ ପରି ବକ୍ତୃତା ଝାଡିବା ବ ସେଇ ବାଟର ଆଉ ଗୋଟାଏ ପାଖ ।'

Digitized by srujanika@gmail.com

କାନ୍ତ ହସି ପକାଇଲା । ସୁନୀଲ୍ କାନ୍ତକୁ ବୁଢୀ ବୋଲି ଡାକେ ।

ଚନ୍ଦ୍ର ସୁନୀଲର ଏଇ ପିଠିଚମ୍ପୁଠାରେ ପୂର୍ଣ୍ଣ ତର୍କର ଖିଅ ଧରି କହିଲା—'ସମ୍ମୁଖ ଯୁଦ୍ଧକୁ ବାହାରି ପଡ, ସୁନୀଲ । ଶିଖଣ୍ଡିକୁ ଆଗରେ ରଖି ଭୀଷ୍ମ ଉପରେ ଶରବୃଷ୍ଟି କଲା ପରି କାନ୍ତ ପଛରେ ଥାଇ ଧୂଆଁବାଣ ଛାଡିଲେ କି ଚନ୍ଦ୍ରଗୁପ୍ତ ହଟିବ ?'

ସୁନୀଲ ଗମ୍ଭୀର ହୋଇ କହିଲା— ଅର୍ଥାତ୍—'

ଚନ୍ଦ୍ର ଗୁପ୍ତ କହିଲା—'ତମେ ଉତ୍କଳର ଗୌରବମୟ ଇତିହାସ ଜାଣ ନଷ୍ଟୟୁ ।'

ସୁନୀଲର ପଢା ଘରେ ଟେବୁଲ୍ ପାଖରେ ତିନିଖଣ୍ଡ ଚୌକିରେ ତିନିଜଣ ବସିଛନ୍ତି । ଟେବୁଲ ମଝିରେ ଲ୍ୟାଂପ୍ । ବାହାରେ ଶରତ୍ କାଳର ଜ୍ୟୋସ୍ନା । କାଠଯୋଡୀ ପବନ ଝିର୍ ଝିର୍ ହୋଇ ବହି ଆସୁଛି ।

ତର୍କ ଚାଲିଥିଲା ଉତ୍କଳର ଭବିଷ୍ୟତ ନେଇ ଚନ୍ଦ୍ର ଓ କାନ୍ତ ମଧ୍ୟରେ । କାନ୍ତ ସୁନୀଲର ଭଉଣୀ । ଚନ୍ଦ୍ର ସୁନୀଲର ବନ୍ଧୁ । ତର୍କ ଏପରି ଏକ ସ୍ଥାନରେ ଆସି ପହଞ୍ଚିଥିଲା, ଯେଉଁଠି ବାହାରର ଆଉ କିଛିର ଆଶ୍ରୟ ନ ନେଲେ ଆଉ ତର୍କ ଚଳିପାରେ ନାହିଁ ।

ସୁନୀଲ ଏ ପଟ ସେ ପଟ କାହାରି ସହିତ ଯୋଗ ନ ଦେଇ ଶୁଣୁଥିଲା । ଏତିକିବେଳେ ଭଉଣୀକୁ ସାହାଯ୍ୟ କରିବାକୁ ଯାଇ ନିଜେ ମଧ୍ୟ ଗୁଡେଇ ହୋଇ ପଡିଲା ତର୍କ-ଜାଲରେ ।

ଟେବୁଲ ଉପରେ ପଡିଥିବା ବ୍ଲଟିଂ ଖଣ୍ଡ ଉପରେ ପେନ୍‌ସିଲ-ଗାର ଟାଣୁ ଟାଣୁ ଚନ୍ଦ୍ର ସୁନୀଲକୁ କହିଲା—'ତମେ ଉତ୍କଳର ଗୌରବମୟ ଇତିହାସ ଜାଣ ନଷ୍ଟୟୁ ।'

ସୁନୀଲ କହିଲା—'ଉତ୍କଳର ଅତୀତ ଇତିହାସ ଏ ପର୍ଯ୍ୟନ୍ତ କଅଣ ପୂର୍ଣ୍ଣ ହୋଇଛି, ନା ଯାହା ଏ ପର୍ଯ୍ୟନ୍ତ ଲେଖା ଯାଇଛି, ତାହା ଯଥାର୍ଥ ? ଅଚ୍ଛା, ବର୍ତ୍ତମାନ ପାଇଁ ଥାଉ ସେ କଥା । ଉତ୍କଳର ଅତୀତ ଇତିହାସକୁ ମୁଁ କିଛି କିଛି ଜାଣେ ।'

—'ତେବେ ତମେ ଜାଣ, ଉତ୍କଳ ଦିନେ ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ଥିଲା ।'

Digitized by srujanika@gmail.com

—'ଏଥିରେ ମଧ୍ୟ ପ୍ରଶ୍ନ ଉଠିପାରେ—କିପରି ଥିଲା ? ପ୍ରମାଣ କଅଣ ? ଅପୁଷ୍ଟ ଇତିହାସର ପ୍ରାମାଣ ପ୍ରମାଣ ନୁହେଁ ; ତଥାପି ଧରି ନେଲ୍, ଦିନେ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ଥିଲା—ଏବଂ ତାହା ମୁଁ ଜାଣେ ।'

—'ତେବେ ଉତ୍କଳର ଭବିଷ୍ୟତରେ ବିଶ୍ୱାସ କରିବାକୁ ପଡିବ ତୁମକୁ ।'

—'ଏହାର ଅର୍ଥ ?'

—'ଏହାର ଅର୍ଥ ଅତି ସହଜ । ଦିନେ ଯାହା ଏତେ ବଡ ହୋଇ ଥିଲା କେବଳ ନିଜ ବଳରେ, ସୁବିଧା ଓ ସୁଯୋଗ ପାଇଲେ ତାହା ସେତିକି ହୋଇପାରେ ।'

—'ଦିନେ ତ ଗ୍ରିକ୍ ଜାତି ସେ ସମୟର ସମସ୍ତ ସଭ୍ୟ ଦେଶକୁ ଜୟ କରିଥିଲା; ଭବିଷ୍ୟତରେ କଅଣ ସେହିପରି ଜୟ କରିପାରିବ ସେମାନେ ? ସେମାନେ ତ ସ୍ୱାଧୀନ । ନିଜ ବଳ ଅଛି—ନିଜ ବଳ ପରିଚାଳନାର ସୁବିଧା ଓ ସୁଯୋଗ ଅଛି ସେମାନଙ୍କର । ବର୍ତ୍ତମାନ ଗ୍ରୀସର ଅବସ୍ଥାକୁ ଚାହିଁଲେ ଏକା ବାତୁଳ ଛଡା କେହି କେବେ କହିବ କି, ଗ୍ରୀସ ଅଦୂର କଥା ଛାଡ, ଅତି ସୁଦୂର ଭବିଷ୍ୟତରେ ମଧ୍ୟ ଆଲେକଜାଣ୍ଡରଙ୍କ ସମୟ ପରି ଦିଗ୍‌ବିଜୟ କରିପାରିବ ?'

—'କିପରି ପାରିବ ? ଆଲେକଜାଣ୍ଡର ସମୟର ଗ୍ରୀସ୍ ଜାତିଟା ସେ ବୁଡି ଗଲାଣି । କେବଳ ଦେଶଟା ଦେଶର ପୂର୍ବ କୀର୍ତ୍ତି ଧରି ପଡିଥିଲେ ତ ହେବ ନାହିଁ ; ସେହି ଅତୀତର ଜାତିଟାର ରକ୍ତଧାରା ଜୀବନ୍ତ ଥିବା ଦରକାର । ଗ୍ରୀସର ତାହା ନାହିଁ । ସେଥିପାଇଁ ପୂର୍ବକାଳର ଗରିମାମୟ ସିଂହାସନକୁ ପୁଣି ଗ୍ରୀସ ଫେରି ଆସିବା ଅସମ୍ଭବ ମଧ୍ୟ ହୋଇପାରେ; କିନ୍ତୁ ଗ୍ରୀସର ଅବସ୍ଥା ଓ ଉତ୍କଳର ଅବସ୍ଥା କଅଣ ସମାନ ? ଓଡିଆ ଜାତିର ପୂର୍ବ ପୁରୁଷର ରକ୍ତ ଆଜି ମଧ୍ୟ ପ୍ରତ୍ୟେକ ଓଡିଆ ଦେହରେ ସଜୀବ ରହିଛି ।'

ସୁନୀଲ କହିଲା—'ମୁଁ ଏହା ମୋଟେ ମାନିବାକୁ ରାଜି ନୁହେଁ । ଯେଉଁ ଓଡିଆ ଜାତି, ତୁମ କଥା ଅନୁସାରେ, ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଭୂଖଣ୍ଡ ଜୟ କରିଥିଲେ, ରଖିଥିଲେ, ଚଳାଉଥିଲେ—ବର୍ତ୍ତମାନର ଓଡିଆ ଜାତି ସେ ଜାତି ନୁହେଁ । ସେ ଜାତି ବୁଡିଯିବା ଦିନରୁ କେବଳ ଉତ୍କଳରେ

Digitized by srujanika@gmail.com

ଅବନତ ଅବସ୍ଥା । ବୋଧହୁଏ ସେ ସମୟର ରକ୍ତ ମଧ୍ୟ ଶୁଖି ଗଲାଣି । ଓଡ଼ିଶାର ଖଣ୍ଡାୟତ ତ ସବୁଠାରୁ ବଡ ସାମରିକ ଜାତି । ହଣ୍ଟର ସାହେବଙ୍କ ଇତିହାସରେ ତ ଏଇ ଜାତିଦ୍ୱାରା ସଂଗଠିତ କୃଷକ-ସୈନ୍ୟ କଥା ପଢ଼ୁ । କାହିଁ ସେ ଜାତି ? ତାର ଅସ୍ତିତ୍ୱ କାହିଁ ? ଖଣ୍ଡାଏତ ନାଁ ରହୁଛି, ଗାଁ ରହୁଛି—କିନ୍ତୁ ଖଣ୍ଡାଏତ କାହିଁ ? ସେ କଥା ଥାଉ । ପ୍ରକୃତରେ ଯଦି ଏ ଜାତିଟା ଅତୀତ ଜାତିର କିଛି ଅଂଶ ମଧ୍ୟ ହୋଇଥାନ୍ତା, ତେବେ କଅଣ ତାହା ଏତେ ଦିନ ଏପରି ଛିନ୍ନବିଛିନ୍ନ, ଛନ୍ନଛଡ଼ା ହୋଇ ପଡି ରହି ପାରନ୍ତା ?"

ଚନ୍ଦ୍ର କଥାରେ ଜୋର ଦେବା ପାଇଁ ଟେବୁଲରେ ପେନ୍‌ସିଲ୍‌ର ପଛ ପାଖ ଠକ୍ ଠକ୍ କରୁ କରୁ କହିଲା—'ତମେ କହୁଛ, ସେ ଓଡ଼ିଆ ଜାତି ଲୋପ ପାଇଛି—ଅର୍ଥାତ୍ ଓଡ଼ିଆ ଜାତିର ଗୁଣ ଓ ବଶିଷ୍ଟତା ଲୋପ ପାଉଛି । ମୁଁ କହୁଛି,ତାହା ସେହିପରି ଅଛି—କେବଳ ସୁବିଧା ନ ପାଇବାରୁ ତାହା ବିକଶିତ ହୋଇପାରୁ ନାହିଁ । ଏ ଦୁଇଟା ମତ ଯୁକ୍ତିଦ୍ୱାରା ଅଉ ଦିନେ ସ୍ଥିର କରିବା; କିନ୍ତୁ ବର୍ତ୍ତମାନ ତାନ୍ତ ସହିତ ମୋର ତର୍କର ପ୍ରଶ୍ନ— ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବା ଯଦି ଖୁବ୍ ଦରକାର, ସମସ୍ତ ବିଚ୍ଛିନ୍ନ ଅଞ୍ଚଳ ଏକତ୍ରିତ ହେବା ତାହାଠାରୁ ବେଶୀ ଦରକାର । ମେଦିନୀପୁର ସେଇ ବିଚ୍ଛିନ୍ନ ଅଞ୍ଚଳରୁ ଖଣ୍ଡେ ; ତାହା ମିଶିବା ଦରକାର । ଗଙ୍ଗାଠାରୁ ଗୋଦାବରୀ ଯାଏ ଉତ୍କଳ ବିସ୍ତୃତ ଥିବା ସମୟରେ ମେଦିନୀପୁର ଏଇ ଉତ୍କଳରେ ଥିଲା । ମୁସଲମାନ ନବାବ ବଙ୍ଗ-ମସ୍‌ନଦରେ ରାଜତ୍ୱ କରିବା ସମୟରେ ମେଦିନୀପୁରର କେତେକ ଅଂଶ ବଙ୍ଗ ସହିତ ମିଶିଥିଲା । ମରହଟା ସମୟରେ ପୁଣି ତାହା ଉତ୍କଳ ସହିତ ଥିଲା । ଇଷ୍ଟଇଣ୍ଡିଆ କମ୍ପାନୀ ସମୟରେ ତାହା ଉତ୍କଳରୁ ବିଚ୍ଛିନ୍ନ ହୋଇଯାଏ । ବ୍ରିଟିଶ ସରକାରଙ୍କ ସୁବିଧାରୁ ଓଡ଼ିଶା ବୋଇଲେ କଟକ, ପୁରୀ, ବାଲେଶ୍ୱର ଏଇ ତିନଟା ଧୋଇଆ ଜିଲା ସହିତ ପୁଳାଏ ଅଚଳନ୍ତ ନଦୀବନ୍ଧ ମାର୍କା ଜଙ୍ଗଲୀ ଗଡ଼-ଜାତରେ ରହିଲା । ସ୍ୱତନ୍ତ୍ର ପ୍ରଦେଶ ହେବା ଯଦି ଜାତି ପକ୍ଷରେ ଅତି ଆବଶ୍ୟକ,ଜାତିର ବୃଦ୍ଧି ସମ୍ବନ୍ଧରେ ଅନିବାର୍ଯ୍ୟ ବୋଲି ତମେ ମାନ, ତେବେ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଦୃଷ୍ଟିରେ ତମକୁ ମାନିବାକୁ ହେବ ଯେ,

ଜାତିର ସମୁଦାୟ ଅଂଶ ଏକତ୍ରିତ ନ ହେଲେ ଜାତି ପୂର୍ଣ୍ଣାଙ୍ଗ ଜାତି ହେବ ନାହିଁ । ପ୍ରଦେଶର ସମସ୍ତ ଅଂଶ ଏକାଠି କରା ନ ଗଲେ ସ୍ୱତନ୍ତ୍ର ପ୍ରଦେଶ ପୂର୍ଣ୍ଣାଙ୍ଗ ସୁଗଠିତ ପ୍ରଦେଶ ହେବ ନାହିଁ ।'

ସୁନୀଲ ହସି ହସି କହିଲା—'ବଡ ଚଢିଆ ଯୁକ୍ତି ତ । ବଣ-ବଲେଇ ବାଘ ଜାତିର ଏକ ଅଂଶ; ବଲେଇ ମଧ୍ୟ ତଦ୍ଵତ । ତେଣୁ ବାଘର ଉନ୍ନତି କରିବାକୁ ହେଲେ ବଲେଇ, ବଣ-ବଲେଇ, ବାଘ—ଏ ସମସ୍ତଙ୍କୁ ଏକା ଖୁଣ୍ଟରେ ଛନ୍ଦି ଦେବାକୁ ହେବ ।'

ପଛ ଆଡୁ ମାଆ ଆସି କହିଲେ—'ବାଘକୁ ଖୁଣ୍ଟରେ ଛନ୍ଦିବ ? ବାଘ ଗାଈ, ନା ମେଣ୍ଢା କି ବେ ? ଦେଖ ବାପା ଚନ୍ଦ୍ର, ସୁନୀଲର ଅମର ଏଇପରି ବୁଦ୍ଧି !'

ଚାନ୍ଦ୍ର ଉଠିଯାଇ ମାଆ ପାଖରେ ଛିଡା ହୋଇ କହିଲା—'ଦାଦା କଅଣ କହୁଥିଲେ ବାଘକୁ ଖୁଣ୍ଟରେ ବାନ୍ଧିବାକୁ ? କହି ପାରନ୍ତି କେବଳ ଚନ୍ଦ୍ର ଦାଦା ।'

ମା—'ହଁ, ହଁ, ତୋର ଚନ୍ଦ୍ର ଦାଦା ତୋ ଦାଦାଠୁଁ ବ ବୀର ! ହଉ, ହଉ—ଚାଲ ବାପା ଚନ୍ଦ୍ର । ଉଠରେ ସୁନୀଲ । ଘର ଭିତରେ ବସି ତର୍କ କଲେ ସ୍ୱତ ବଡି ବ ଖାଲି ।'

ଚନ୍ଦ୍ର କହିଲା—'ମା, ଆପଣଙ୍କର ସେଇ ଏକ କଥା ! ମେସ୍‌ରେ ଯେ ମୋର ଖାଇବାର ନଷ୍ଟ ହେବ ?'

ମା କହିଲେ—'ହଉ ନଷ୍ଟ ! ମାଆର କଥା ରହିବ ନାହିଁ, ରହିବ ତୋର କଥା ?'

ଅଗତ୍ୟା ଚନ୍ଦ୍ର ଉଠିଲା । ସୁନୀଲ ଆଗରୁ ବାରଣ୍ଡାକୁ ବାହାରି ଯାଇ ଡାକିଲା—'ମା, ଚଞ୍ଚଳ; ମହତି କ୍ଷୁଧା ମାମ୍ ବାଧତେ ।'

ମାଆ ଆଗରେ ଚାଲି ଆସିଲେ । କାନ୍ତ ଚନ୍ଦ୍ର ସହିତ ଅଁସୁ ଅସୁ କହିଲା—'ବାଘକୁ ଖୁଣ୍ଟରେ ବାନ୍ଧିବେ ନା ?

ଚନ୍ଦ୍ର ଅପ୍ରେ କରି କହିଲା—'ଦୁଷ୍ଟ !'

Digitized by srujanika@gmail.com

—୪—

ସୁନୀଲ୍ ଚନ୍ଦ୍ରର ସହପାଠୀ—କେବଳ ସହପାଠୀ ନୁହେଁ, ଅନ୍ତରଙ୍ଗ ବନ୍ଧୁ। ଦୁହେଁ କଟକ କଲେଜରେ ପଢନ୍ତି। କେବେ ସୁନୀଲର ଘରେ, କେବେ ଚନ୍ଦ୍ରର ମେସରେ ବସି ଏମାନେ ବନ୍ଧୁତାର ଘନିଷ୍ଠତା ବଢ଼ାନ୍ତି ତର୍କଦ୍ୱାରା।

ସୁନୀଲର ପିତା ବାବୁ ଗୋପୀବଲ୍ଲଭ ଦାସ। ଗୋପୀବଲ୍ଲଭ ବାବୁଙ୍କ ଘର ମେଦିନୀପୁରରେ। ଓକିଲାତି ମେଦିନୀପୁରରେ ଆରମ୍ଭ କରିଥିଲେ। ସେ ତାଙ୍କର ଏକ ମାମୁଙ୍କଠାରୁ କଟକ ଜିଲାରେ ଖଣ୍ଡେ ବଡ ଜମିଦାରୀ ଉତ୍ତରାଧିକାରୀ ସୂତ୍ରେ ପାଇ କିଛିଦିନ ଚିନ୍ତାଗ୍ରସ୍ତ ହୋଇ ସ୍ଥିର କଲେ ଯେ, କଟକରେ ନ ରହିଲେ ଜମିଦାରୀ ହୁଏ ତ ଥିବ; କିନ୍ତୁ ଜମିଦାରୀର ଲାଭ ମିଳିବ ନାହିଁ। ତେଣୁ ସେ କଟକରେ ଖଣ୍ଡେ ଦୋଘରୀ ତିଆରି କରି ରହିଲେ। ସୁନୀଲ ସେତେବେଳେ ପିଲା, କାନ୍ଥ ଛୋଟ ହୁଅଛିଏ।

ଲୋକେ କହନ୍ତି, ଗୋପୀବଲ୍ଲଭ ବାବୁଙ୍କ ପୂର୍ବପୁରୁଷ ଓଡ଼ିଆ—ସେ ଓଡ଼ିଆ କରଣ। ଗୋପୀବଲ୍ଲଭ ବାବୁଙ୍କ ବଂଶପରଂପରା ଅନୁସାରେ ଜଗନ୍ନାଥ ପାଞ୍ଜିର ଶୁଭଲଗ୍ନ ଅନୁସାରେ ବିବାହ, ଅନ୍ନପ୍ରାଶନର ଶୁଭବେଳା ଠିକ୍ ହୁଏ। ଗୋପୀବଲ୍ଲଭ ବାବୁଙ୍କର ମାଆ-ବୁଢୀ ଜୀବିତ ଥିବା ସମୟରେ 'ବଙ୍ଗବାସୀ ପାଞ୍ଜି' ଅନୁସାରେ ନୁହେଁ, ଜଗନ୍ନାଥ-ପାଞ୍ଜିର ବ୍ୟବସ୍ଥା ଧରି ସେ ନିର୍ଜଳା ଏକାଦଶୀ ପାଳନ କରି ଦିନେ ତାଙ୍କର ବାଞ୍ଛିତ ସ୍ୱର୍ଗ ଉଦ୍ଦେଶ୍ୟରେ ଚାଲିଗଲେ; କିନ୍ତୁ ଗୋପୀବଲ୍ଲଭ ବାବୁ ନିଜକୁ ଓଡ଼ିଆ ବୋଲି କହନ୍ତି ନାହିଁ। ନିଜେ ଯେ ଓଡ଼ିଆ, ସେ କଥା ସେ କେବେ ଭାବିପାରନ୍ତି କି ନା ସନ୍ଦେହ।

ଏଟା ତାଙ୍କ ପକ୍ଷରେ ସ୍ୱାଭାବିକ। ମେଦିନୀପୁର କେବେ ଓଡ଼ିଶାର ଅଂଶ ଥିଲା, ତାହା ଇତିହାସର କଥା; କିନ୍ତୁ ବର୍ତ୍ତମାନ ମେଦିନୀପୁର ତ ବଙ୍ଗର ଏକ ଅଂଶ—ବଙ୍ଗଦେଶ ମଧ୍ୟରେ। ତାଙ୍କ ପୂର୍ବପୁରୁଷ ଓଡ଼ିଆ ଥାଇପାରନ୍ତି; ସେ କଥା ସେ ମାନିବାକୁ ରାଜି। ଠିକ୍ ସେହିପରି ସେ

Digitized by srujanika@gmail.com

ମାନବାକୁ ଗ୍ଳଜ, ଓଡ଼ିଶାର ଅନେକ ଓଡ଼ିଆ ବ୍ରାହ୍ମଣଙ୍କର ପୂର୍ବପୁରୁଷ କାନ୍ୟକୁବ୍ଜରୁ ଆସିଥିଲେ—କାନ୍ୟକୁବ୍ଜ ଥିଲେ; ଓଡ଼ିଶାର ଅନେକ ଗଡ଼ଜାତ ରାଜାଙ୍କର ପୂର୍ବପୁରୁଷ ରାଜପୁତନାରୁ ଆସିଥିଲେ—ସେମାନେ ରାଜପୁତ ଥିଲେ। ଆଜି ଯଦି ସେମାନେ ନିଜକୁ ଓଡ଼ିଆ ନ କହି କାନ୍ୟକୁବ୍ଜ ବା ରାଜପୁତ କହନ୍ତି, ତାହା ଯେପରି ଅନ୍ୟାୟ ହେବ, ଗୋପୀବଲ୍ଲଭ ବାବୁ ନିଜକୁ ଓଡ଼ିଆ କହିବା ସେହିପରି ଓ ସେହି ପରିମାଣରେ ଅନ୍ୟାୟ ହେବ। ଅବଶ୍ୟ ଓଡ଼ିଶା ସହିତ ତାଙ୍କର ବିରୋଧ ନାହିଁ—ପୃଥିବୀରେ କୌଣସି ଲୋକର ନ ଥିବା କଥା; କିନ୍ତୁ ମେଦିନୀପୁରରେ ଥାଇ ଯଦି କେବେ ବଙ୍ଗଳା ଓ ଓଡ଼ିଶା ମଧ୍ୟରେ କୌଣସି ବିଷୟରେ ସଂଘର୍ଷ ଲାଗେ, ତେବେ ସେ ବଙ୍ଗଳାକୁ ସାହାଯ୍ୟ କରିବେ ତାଙ୍କର ସମସ୍ତ ଶକ୍ତି ଦେଇ; ଓଡ଼ିଶାକୁ ଆଶୀର୍ବାଦ କରିବେ ମାତ୍ର। ବଙ୍ଗଳା ପ୍ରତି ତାଙ୍କର ସମ୍ମାନ ସହାନୁଭୂତି ଯେତେ, ଓଡ଼ିଶା ପ୍ରତି ତାଙ୍କର ସମ୍ମାନ ସହାନୁଭୂତି କିଛି ଊଣା ନୁହେଁ। ଦୁହେଁ ଭାରତ ମହାଜାତିର ଗୋଟିଏ ଗୋଟିଏ ଅଂଶ। ଭାରତ ମହାଜାତି କେବଳ ମହାଜାତି ହୋଇପାରିଛି ଏ ଜାତିଗୁଡ଼ିକର ସମଷ୍ଟି ଯୋଗୁଁ। ପ୍ରତ୍ୟେକ ଜାତିର ଲୋକ ତାହାର ଜାତିକୁ ବଳିଷ୍ଠ ଉନ୍ନତ କରିବା କର୍ତ୍ତବ୍ୟ। ସେହି କର୍ତ୍ତବ୍ୟର ବେଦୀରେ ତାହାର ବ୍ୟକ୍ତିତ୍ୱକୁ ବିସର୍ଜନ ଦେବା ପ୍ରତ୍ୟେକ ବ୍ୟକ୍ତିର ଧର୍ମ। ଯେଉଁମାନେ ଓଡ଼ିଶାରେ ଅଛନ୍ତି—ଯେଉଁମାନେ ନିଜକୁ ଓଡ଼ିଆ ବୋଲି କହନ୍ତି, ମନେ କରନ୍ତି—ଉତ୍କଳ ପାଇଁ ସେମାନଙ୍କ ଯେତିକି ତ୍ୟାଗ, ଯେତିକି ପରିଶ୍ରମ କରିବା କର୍ତ୍ତବ୍ୟ, ଗୋପୀବଲ୍ଲଭ ବାବୁ ବଙ୍ଗଳା ପାଇଁ ସେତିକି କରିବେ, କରିଛନ୍ତି ମଧ୍ୟ। ବଙ୍ଗ-ବ୍ୟବଚ୍ଛେଦ ଆନ୍ଦୋଳନ ସମୟରେ ଅଗ୍ନିର ଯେଉଁ ଭୀମ ତରଙ୍ଗ ସାରା ବଙ୍ଗଦେଶଠାରେ ତାଣ୍ଡବ ନୃତ୍ୟ ଲଗାଇଥିଲା, ଗୋପୀବଲ୍ଲଭ ବାବୁ ତା ମଧ୍ୟରେ କ୍ଷୁଦ୍ର ଅଗ୍ନି କଣାଟି ପରି, ନିଜର ନିଜତ୍ୱକୁ ଲୋପ କରିଦେବାକୁ ପଛେଇ ପଡ଼ି ନ ଥିଲେ। ଆଜି ମଧ୍ୟ ଲୋକେ ତାଙ୍କୁ ଜାଣନ୍ତି, ସେ ଥିଲେ ଋଷିପ୍ରତିମ ସୁରେନ୍ଦ୍ର ଦାଦାଙ୍କର ଡାହାଣ ହାତ। ସୁରେନ୍ଦ୍ର କାନୁନଗୋ ମେଦିନୀପୁରର ଗ୍ରାମେ ଗ୍ରାମେ ସ୍ୱଦେଶୀ ପ୍ରଚାର କରିବାକୁ ଯାଇ ନିଜର ଜୀବନଟାକୁ ମଧ୍ୟ ହସାଇଥିଲେ।

Digitized by srujanika@gmail.com

ଅନେକେ ଭାବୁଥିଲେ, ଗୋପୀବଲ୍ଲଭ ବାବୁ ଅନ୍ତତଃ ଶ୍ରୀମନ୍ଦିରବାସ ତକରିବେ । ସୌଭାଗ୍ୟକୁ ହେଉ ବା ଦୁର୍ଭାଗ୍ୟକୁ ହେଉ, ତାହା ହୋଇ ନାହିଁ ; କିନ୍ତୁ ବଙ୍ଗର ମାନରକ୍ଷା ପାଇଁ, ଭାରତ ଜାତୀୟତାର ପ୍ରତ୍ୟେକ ଅଙ୍ଗ ପରିପୁଷ୍ଟ କରିବା ପାଇଁ ଗୋପୀବଲ୍ଲଭ ବାବୁ ତାହା ମଧ୍ୟ ସହିବାକୁ ପ୍ରସ୍ତୁତ ।

ତେଣୁ ଓଡ଼ିଶାରେ ଜମିଦାରୀ ସଂପର୍କରେ ବର୍ଷର ଅଧିକାଂଶ ସମୟ କଟକରେ ରହିଲେ ମଧ୍ୟ,କଟକରେ ଓକିଲାତି କଲେ ମଧ୍ୟ ତାଙ୍କର ପ୍ରଦେଶ ବଙ୍ଗ—ସେ ବଙ୍ଗାଳୀ; କିନ୍ତୁ ସର୍ବୋଦୌ ତାଙ୍କର ଦେଶ ଭାରତବର୍ଷ, ସେ ଭାରତୀୟ ।

ତାଙ୍କ ଭିତରେ ବଙ୍ଗାଳୀ-ଓଡ଼ିଆ ଭେଦଭାବ ଥିଲା ?—ନା । କେହି ତାଙ୍କ ଶତ୍ରୁ ନ ଥିଲେ; କେହି ଶତ୍ରୁ ମଧ୍ୟ ଥିଲେ କହିପାରନ୍ତା ନାହିଁ ଯେ, ତାଙ୍କ ମଧ୍ୟରେ ବଙ୍ଗାଳୀ-ଓଡ଼ିଆ ଭେଦଭାବ ଥିଲା । କୌଣସି ଉଚ୍ଚସ୍ତରର ଓଡ଼ିଆ ବା ବଙ୍ଗାଳି ମଧ୍ୟରେ ତାହା ରହିବା ଅସମ୍ଭବ । ଯେ ଦେଶକୁ ପ୍ରକୃତ ଭଲପାଏ, ଜାତିକୁ ପ୍ରକୃତ ସମ୍ମାନ କରେ, ସେଟା ଚରେ, ସେ କେବେ ବଙ୍ଗାଳୀ-ଓଡ଼ିଆ, ଅନ୍ଧ୍ର-ଓଡ଼ିଆ ବା ଏହିପରି ନହାତି ନୀଚ ଧରଣର କଳିକୁ ମନରେ ସ୍ଥାନ ଦେବ ନାହିଁ । ହଁ, ସେ ଜାଣନ୍ତି କେତେକଙ୍କ ମନରେ ଏପରି ଅକ୍ରୋଶ ଭାବ ଅଛି; କିନ୍ତୁ ତାହାର କାରଣ ମଧ୍ୟ ବଡ ସ୍ପଷ୍ଟ ଭାବରେ ଜାଣିଛନ୍ତି । ଏ ନୀଚ କାମୁଡାକାମୁଡି କେବଳ ହୀନ ସ୍ୱାର୍ଥ ଘେନି କାମୁଡା କାମୁଡି । କୁକୁରମାନେ ଯେପରି ଅଇଁଠାପତ୍ର ଚାରି ପାଖରେ ଢଳି ଲଗାନ୍ତି—ପତ୍ରର କିଏ କେତେ ଅଂଶ ଚାଟିପାରେ, ତା ଘେନି କାମୁଡା-କାମୁଡି ହୁଅନ୍ତି, ଏ କଳି ସେହିପରି ଅଇଁଠାପତ୍ର ଚାକିରି, ପଦପ୍ରାପ୍ତି ଅଧିକରୁ ଆରମ୍ଭ ହୋଇଛି । କୁକୁର ପରି ହୀନ ଲୋକ କେଇଟା ଏହା ଆରମ୍ଭ କରିଥିଲେ; କାଳକ୍ରମେ ହୁଏ ତ ଏହା ଦେଶପ୍ରେମରେ ଗଣାଯିବ । ଗୋପୀବଲ୍ଲଭ ବାବୁ ଭଲ କରି ଜାଣନ୍ତି ମନୁଷ୍ୟର ସ୍ୱଭାବ । ଛୋଟ କାମ ନଳେ କରି 'ତାକୁ ବଡ ନାଆଁ ଦେଇ ଦେଶଲୋକଙ୍କ ସହା-ନୁଭୂତି ପାଇବାଦ୍ୱାରା ସ୍ୱାର୍ଥସାଧନ ଅତି ସହଜ କଥା । କୂଟ ରାଜନୈତିକ

ବିଜ୍ଞାନରେ ମେକିଆଭେଲି (Mechiavelli) ଏହା ଲେଖିଯାଇଛନ୍ତି । ସେ ଜାଣନ୍ତି, ହୀନ ଲୋକ ଯେତେବେଳେ ନିଜ ସ୍ୱାର୍ଥସିଦ୍ଧି ପାଇ କୌଣସି ଉପାୟ ନ ଦେଖନ୍ତି, ସେତେବେଳେ ସେହି ସ୍ୱାର୍ଥସିଦ୍ଧି ପାଇଁ ସେ ଦେଶଭକ୍ତିର ବାହାନା କରନ୍ତି । ଏହା ସେ ଇଂରାଜୀ କବିଙ୍କ ଲେଖାରେ ପଢିଛନ୍ତି [Patriotism is the last resort of scoundrels] କିନ୍ତୁ ଏ କଳି ଯେପରି ଅସାର, ସେହିପରି ହୀନ । ସେଥିପାଇଁ ସେ ସବୁ କଳିର ବାହାରେ । କଟକ ଓକିଲ ମହଲରେ ଯେତେବେଳେ ଏଇପରି ବଙ୍ଗାଳି-ଓଡିଆ କଳି ଲାଗିଥିଲା, କେତେକ ବୋକିଲା ବୁଧି ଯେତେବେଳେ ବଙ୍ଗାଳିଙ୍କ ଓ ଓଡିଆଙ୍କର ଜମ୍ୱୁଦିନ୍ନିମ ବଜାଇବା ପାଇଁ ବାର୍-ଲାଇବ୍ରେରୀର ଦଦରା ଟେବୁଲ ଉପରେ ମହଜିଲ୍-ମତକୁ ନେଇ ତେଣା କଚାଡୁଥିଲେ, ସେତେବେଳେ ଗୋପୀବଲ୍ଲଭ ବାବୁ ଦିନେ ଜଣେ ବଙ୍ଗାଳୀ ଓକିଲଙ୍କୁ ଡାକି ପଚାରିଲେ—'ଆପନି ନା ବାଙ୍ଗାଲୀ ? ବାଙ୍ଗଲାର ଜନ୍ୟ ମରତେ ପାରେନ୍ ? ଓଇ ଯେ ଭଦ୍ରଲୋକଟି ଅପନାର ବାଙ୍ଗଲାର ନିନ୍ଦା କରଛେ, ତାକେ ସବ ଲୋକେର ସାମନେ ପ୍ରହାର କରେ ଜେଲ୍ ଯେତେ ପାରେନ ?' ବଙ୍ଗାଳୀ ବିଚାରା ମେଁ ମେଁ ହୋଇଥିଲା । ଠିକ୍ ଏଇ ପ୍ରଶ୍ନ ଓଡିଆରେ ସେ ଓଡିଆ ଓକିଲ୍‌ଟିକୁ ପଚାରିଥିଲେ—ସେ ତ ସ୍ଥାନ ତ୍ୟାଗେନ ଦୁର୍ଜନମ୍ । ଏମାନଙ୍କ ଜାତିପ୍ରେମର ଗଭୀରତ୍ୱର ଗୋଟାଏ ସଠିକ ମାପ ଧରି ଗୋପୀବଲ୍ଲଭ ବାବୁ ବାର୍-ଲାଇବ୍ରେରୀରେ କହିଲେ—"ଈଶ୍ୱରଙ୍କ ନାମ ଧରି ମୁଁ କହୁଛି, ସ୍ୱାର୍ଥ ପାଇଁ କଳି କରୁଛନ୍ତି— ସ୍ୱାର୍ଥପାଇଁ କଳି କରନ୍ତୁ । ଦେଶର ମହାନ ନାମ,ଜାତିର ପବିତ୍ର କଥା ମୁହଁରେ ନେଇ ଦେଶକୁ, ଜାତିକୁ ଅପବିତ୍ର, କଳଙ୍କିତ କରନ୍ତୁ ନାହିଁ !'

— ୪ —

ସୁନୀଲର ଜନ୍ମ ମେଦିନୀପୁରରେ ସତ ; କିନ୍ତୁ କେଉଁ ଏକ ଅଦୃଷ୍ଟ ଶକ୍ତିର ଆକର୍ଷଣରେ ସେ ତାହାର ଜାତିକୁ ଭଲ ପାଏ । ତାହାର ପୂର୍ବପୁରୁଷମାନେ ଯେ ଓଡିଆ ଥିଲେ, ଏହା ନିଜ ପାଖରୁ ବା ପର ପାଖରୁ ସେ ଲୁଚାଇବାକୁ ଚାହେଁ ନାହିଁ । ସେ ଏଥିରେ ଗର୍ବ ଅନୁଭବ କରେ ।

Digitized by srujanika@gmail.com

ଓଡ଼ିଆ ଜାତି ପାଇଁ ସେ ପରିଶ୍ରମ କରିବାକୁ ପ୍ରସ୍ତୁତ । ଉତ୍କଳର ଦୁଃଖରେ ତାହାର ଛାତି ଭିତରେ ଏକ ଦୁରନ୍ତ ଜ୍ୱାଳା ସମୟ ସମୟରେ ଜଳି ଉଠେ । କିନ୍ତୁ ତାହାର ଦୋଷ ହେଉ ବା ଗୁଣ ହେଉ, ସେ ଆଦର୍ଶବାଦୀ ନୁହେଁ । ସେ ଆଦର୍ଶର ମାୟାମୟ ମରୀଚିକା ପଛରେ ଧାଇଁବାକୁ ଚାହେଁ ନାହିଁ । କଥା ନେଇ ଘଣ୍ଟାଘଣ୍ଟି କରିବା ତାହାର ସ୍ୱଭାବ ନୁହେଁ । ଗୃହସ୍ଥ ଯେପରି ତାହାର ପ୍ରିୟ ଗୃହ-ଦେବତାଙ୍କୁ ଜନତାର କୌତୂହଳପୂର୍ଣ୍ଣ ଦୃଷ୍ଟି ସମ୍ମୁଖରୁ ଲୁଚାଇ ରଖିବାକୁ ଚାହେଁ, ସେହିପରି ସୁନୀଲ ଉତ୍କଳ ପ୍ରତି ତାହାର ଶ୍ରଦ୍ଧା, ଭକ୍ତି ଓ ସମବେଦନା ଲୁଚାଇ ରଖେ । ସେ ଜାଣେ ଏ ଦେଶଟା, ଏ ଜାତିଟା ପାଇଁ କାର୍ଯ୍ୟ କରିବା କଥାର କଥା ନୁହେଁ । ଏଥିପାଇଁ ହୁଏ ତ ଗୋଟାଏ ପୁରୁଷର ନରନାରୀଙ୍କୁ ସାଧନା ପୀଠରେ ଆତ୍ମତ୍ୟାଗ କରିବାକୁ ହେବ, ହୁଏ ତ ତ୍ୟାଗର ହୋମାନଳରେ ଓଡ଼ିଶାର ସମସ୍ତ ଯୁବକଙ୍କୁ ଆତ୍ମବଳି ଦେବାକୁ ହେବ । ଏ ବିରାଟ କାର୍ଯ୍ୟରେ ହାତ ଦେବାକୁ ହେଲେ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ହେବ । ସେ ନିଜକୁ ପଚାରେ— ଦେଶ ପାଇଁ ସବୁ ସୁଖଶାନ୍ତି ଛାଡି ଗାଁଅର ଧୂଳିଅଟି ପରି ଅର୍ଦ୍ଧନଗ୍ନ [illegible] ଅବସ୍ଥାରେ [illegible]? ତାହା ଯଦି ନ ପାରେ, ତେବେ ଓଡ଼ିଶାର କାମ କରିବା ମୋ [illegible] ନୁହେଁ । ଧୋବ-ଧାବଳିଆଙ୍କ କାମ, ସୌଖୀନ କାମ ଏ ନୁହେଁ । ସେ ଜାଣେ ତାହାର କେତେ ଜଣ ସଙ୍ଗୀ ଥରେ [illegible] ସ୍ୱେଚ୍ଛାସେବକ ହୋଇ ଛାତିରେ ନାଲି ଫୁଲ ମାରି "ଉତ୍କଳ ମାତାର ଜୟ" କରି, ଦେଶପ୍ରେମର ଆତ୍ମପ୍ରସାଦ ଲାଭ କରୁଥିଲେ । ସେ [illegible] ଦେଖି କେବଳ ମନେ ମନେ ହସିଥିଲା । ସେ ଜାଣେ କେତେ ଧୋବ-ଧାଉଳିଆ [illegible]ରେ ବକ୍ତୃତା ଝାଡି ଉତ୍କଳର ନବଯୁଗର ପ୍ରଚାରୀ ବୋଲି ନିଜକୁ ଦେଖାଇ ହେବାକୁ ଚାହୁଁଥିଲେ । ଏମାନେ ଯେ କେତେ ମୂର୍ଖ, କେତେ ଅର୍ବାଚୀନ, ସୁନୀଲ ତାହା ଦେଖି ମନେ ମନେ ହସିଥିଲା । ଏମାନଙ୍କର ଭଣ୍ଡାମିଭରା ଫାଙ୍କା ଦେଶ-ଭକ୍ତି ଦେଖି ଏମାନଙ୍କ ପ୍ରତି ଘୃଣାରେ ତାହାର ସାରା ଶରୀର "ଛି; ଛି" କରି ଉଠିଥିଲା । ଓଡ଼ିଶା ଅବନତ, ଓଡ଼ିଶା ପତିତ ; ଛତି ନାହିଁ । ମନୁଷ୍ୟର ସ୍ୱାସ୍ଥ୍ୟ ପରି ସବୁ ଜାତିର ସ୍ୱାସ୍ଥ୍ୟରେ ଉତ୍ଥାନ ପତନ ଲାଗି ରହିଛି ।

Digitized by srujanika@gmail.com

ସେଥିରେ ଲଜ୍ଜା ନାହିଁ । କିନ୍ତୁ ଯେଉଁମାନେ ଏକ ପତିତ ଜାତିର ଉନ୍ନତିର ନାମ ଧରି ନିଜର ନାମ ପ୍ରଚାର କରିବାକୁ ଚାହାନ୍ତି, ନିଜର ସ୍ୱାର୍ଥ ପୁଷ୍ଟ କରିବାକୁ ଚାହାନ୍ତି, ଦେଶସେବୀ ବୋଲି ବାହାବା ନେବାକୁ ଚାହାନ୍ତି, ସେମାନେ କରନ୍ତି ଦେଶକୁ ପରିହାସ, ଜାତିକୁ ଅସମ୍ମାନ, ଦେଶପ୍ରେମକୁ ବ୍ୟଙ୍ଗ । ଏମାନଙ୍କଠାରୁ ନୀଚ, ହୀନ ବୋଧହୁଏ ନରକର କୀଟ ହୋଇ ପାରିବେ ନାହିଁ ; ଏହା ହିଁ ସୁନୀଲର ବିଶ୍ୱାସ । ସେଥିପାଇଁ ସେ ଶସ୍ତାରେ ବାହାବା ନେବା ଭଳି, ଜନସାଧାରଣଙ୍କ ଦୃଷ୍ଟିରେ ପଡ଼ିବା ଭଳି କିଛି କରିବାକୁ ଚାହେଁ ନା ।

ସୁନୀଲ୍ ଏହି ମତଟାକୁ ଚନ୍ଦ୍ରଗୁପ୍ତ ସମ୍ମୁଖରେ ଉଠାଏ । ଚନ୍ଦ୍ରଗୁପ୍ତ ବ୍ୟସ୍ତ ହୁଏ, ବିରକ୍ତ ହୁଏ, କହେ— ପ୍ରସ୍ତୁତ ଅପ୍ରସ୍ତୁତର କିଛି ଦରକାର ନାହିଁ । ଦେଶର ଦୁର୍ଦ୍ଦିନ—ଘୋର, ତୀବ୍ର, ମାରାତ୍ମକ ଦୁର୍ଦ୍ଦିନ । ପ୍ରଶ୍ନ ହେଉଛି, ହୁଏ ତ ଜାତିଟା ବଞ୍ଚିବ, ନ ହେଲେ ପ୍ରତିବେଶୀ ଜାତିର ଉନ୍ନତି ଚାପ ତଳେ ପେଷି ହୋଇ ମରିଯିବ । ଯେ ଯେତିକି ପ୍ରସ୍ତୁତ, ସେ ସେତିକି କରୁ । ଭୁଲ କରୁଛ ସୁନୀଲ ! କି ପ୍ରସ୍ତୁତ ହେବୁ ତୁ ଶୁଣେ ? ଏକା ହାତରେ ଜାତିଟାକୁ ଟେକି ଧରି ପାରିବୁ ତୁ, ଯେତେ ପ୍ରସ୍ତୁତ ହେଲେ ମଧ୍ୟ । ଏକା ହାତରେ ଗୋଟାଏ ଜାତିର ଭବିଷ୍ୟତ୍ ଗଢ଼ିବ, ଏପରି ଅହଙ୍କାର ମନୁଷ୍ୟ ପକ୍ଷରେ ଶୋଭାପାଏ ନା । କରିଯିବ ଯେତେବେଳେ ଯାହା ସାଧ୍ୟ ମୋର । ମୋର ଶକ୍ତି ଖୁବ୍ ତୁଚ୍ଛ,ମୋର କ୍ଷମତା ଖୁବ୍ ନଗଣ୍ୟ; ଏହା ସତ—ଖୁବ ସତ; କିନ୍ତୁ ମୋର ବିଶ୍ୱାସ ଅଛି, ମୁଁ ଏ ଜାତିଟା ପାଇଁ ଯାହା କିଛି କରିବି, ତାହା ବ୍ୟର୍ଥ ହେବ ନାହିଁ । ସମସ୍ତେ ଲାଗି ପଡ଼ନ୍ତୁ । ଯେ ଯେଉଁଠି ଅଛନ୍ତି, ସେ ସେଇଠି ନିଆଁ ଲଗାଇଦିଅନ୍ତୁ । ଜାତିଟା ପୁଣି ଜାଗି ଉଠୁ—ଜାଗି ଉଠୁ, ଚେତି ଉଠୁ । ଦେଖିବୁ, ସୁପ୍ତ ଶିଶୁ ବକ୍ଷରେ ମାଡ ବସିଥିବା କେଉଁ ଦୁଃସ୍ୱପ୍ନ ପରି ଜାତିର ସମସ୍ତ ଦୁଃଖ-ଦୈନ୍ୟ, ଅବସାଦ ଜଡ଼ତା, ହତାଶା-ନିରାଶା ଭୁଅଁରେ ଉଭେଇଯିବ । କିଏ କରୁ ବା ନ କରୁ, ସୁନୀଲ, ମୁଁ ତ ଏହାକୁ ହିଁ ମୋର ଜୀବନର ଏକମାତ୍ର କର୍ତ୍ତବ୍ୟ ବୋଲି ଧରିଛି । ତୁ କଅଣ ମୋତେ ସାହାଯ୍ୟ କରିବୁ ନାହିଁ ?'

ସୁନୀଲ୍ କହିଲ୍—'ମୋର ଯେତେ କ୍ଷମତା, ମୁଁ ତୋତେ ସାହାଯ୍ୟ କରିବି ; କିନ୍ତୁ କର୍ତ୍ତବ୍ୟଭାର ମୁଣ୍ଡରେ ନେବାକୁ ମୁଁ ରାଜି ନୁହେଁ । ଗନ୍ଧୁର କର୍ତ୍ତବ୍ୟ ମୁଁ କରିବି—ଦେଶସେବାର କର୍ତ୍ତବ୍ୟ ମୁଣ୍ଡରେ ନେବା ପାଇଁ ପ୍ରସ୍ତୁତ ହେବି ମାତ୍ର ।'

—୨—

ସିଂହଭୂମ ଆସିଲ୍ ନାହିଁ, ମେଦିନୀପୁର ଆସିଲ୍ ନାହିଁ, ଦକ୍ଷିଣରୁ ଅନେକ ଅଞ୍ଚଳ ଆସିଲ୍ ନାହିଁ । ଓଡ଼ିଆ ଦେଶ ଏକତ୍ରିତ ହେଲ୍ ନାହିଁ । ଓଡ଼ିଆ ଜାତି ସମ୍ମିଳିତ ହେଲ୍ ନାହିଁ । ତଥାପି ଭାରତ ଶାସନରେ ଓଡ଼ିଶା ଏକ ପ୍ରଦେଶ ହେବ ବୋଲି ଘୋଷଣା କରାଗଲ୍ । ଖବରକାଗଜବାଲ୍ମାନେ ଚିତ୍କାର କଲେ—'ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲ୍ ।'

ସେଦିନ କଟକ ଟାଉନ୍ ହଲରେ ସଭା । ସଭାଗୃହ ବିଦ୍ୟୁତ୍ ଆଲୋକରେ ଉଦ୍ଭାସିତ । ଟାଉନହଲ ପୂରିଯାଇ ବାରଣ୍ଡାରେ ମଧ୍ୟ ତିଳଧାରଣର ସ୍ଥାନ ନାହିଁ । ଜନତା 'ନେତାମାନଙ୍କ' ବକ୍ତୃତା ଶୁଣିବାକୁ ଉଦ୍‌ଗ୍ରୀବ । ସ୍ୱତନ୍ତ୍ର ପ୍ରଦେଶ ହୋଇଛି,—କାହାର ମନ ଆନନ୍ଦରେ ନ ପୂରିବ ? କିଏ ସେ ଆନନ୍ଦ ପ୍ରକାଶ ନ କରିବ ? ଲୋକେ ଭାବିଲେ, ଓଡ଼ିଶାର ଅଲଗା ସରକାର ହେବ, ସେ ସରକାର ଏହି ଓଡ଼ିଶାରେ ରହିବ, ଗରିବଙ୍କ ଦୁଃଖ ଦୁହାଇ ସହଜରେ ଏ ସରକାରଙ୍କ କାନରେ ପଡ଼ିବ, ଲୋକଙ୍କ ଦୁଃଖ ଯିବ । କେତେ ଯୁଗ—ଭଗବାନ ଜାଣନ୍ତି କେତେ ଯୁଗ—ଧରି ଏ ଜାତିଟାର ଅଧିକାଂଶ ଲୋକେ ପେଟ ପୂରାଇ ମୁଠାଏ ଖାଇବାକୁ ପାଉ ନ ଥିଲେ, ଘର ବୋଧ କରି ଖଣ୍ଡେ ପିନ୍ଧି ପାରୁ ନ ଥିଲେ । ସରକାରଙ୍କ ଦୃଷ୍ଟି ପଡ଼ିଲେ ସେ ଅବସ୍ଥା ବଦଳିଯିବ ପରା !

ବାହାରେ ଭୀଷଣ ଅନ୍ଧକାର । ଆକାଶରେ ମେଘମାଳା ପୁଞ୍ଜୀଭୂତ ହୋଇ ଅଛି । ବିଦ୍ୟୁତ୍‌ର କ୍ଷଣିକ ଚମକ ଦୂର ଗଗନ କୋଳରୁ ଟାଉନ୍ ହଲର ଆଲୋକମାଳାକୁ ବ୍ୟଙ୍ଗ କରି ହସିଉଠୁଛି । ଦୂରାଗତ ବଜ୍ରନାଦର ଗୁରୁ ଗୁରୁ ଧ୍ୱନି ଜନତାର ମୁଖରତାକୁ ପରିହାସ କରୁଅଛି ।

Digitized by srujanika@gmail.com

ଟାଉନ ହଲ୍‌ର ଦକ୍ଷିଣ ପାଖର ଏକ କୋଣରେ ଚନ୍ଦ୍ର ଓ ସୁନୀଳ ନିର୍ବାକ ହୋଇ ଠିଆ ହୋଇଥାଆନ୍ତି ।

ସଭା ଆରମ୍ଭ ହେଲା । ସଭାପତି ନିର୍ବାଚିତ ହେଲେ । ବକ୍ତୃତା ଚାଲିଲା । କେହି ବା ଦାମୀ ସୁନ୍ଦର ଖଦଡ ଲୁଗା,କେହି ବା ରେଶମୀ ଚାଦର, କେହି ବା ସୁନା ଘଣ୍ଟା,ଚେନ, କେହି ବା ନିଜର ସ୍ଫୀତ ଉଦରର ଶୋଭା ଦେଖାଇ କରି ବକ୍ତୃତା ଦେବାକୁ ଲାଗିଲେ । ବକ୍ତୃତାର ବଜ୍ରନାଦରେ ଟାଉନ୍ ହଲ ପ୍ରକମ୍ପିତ ହେବାକୁ ଲାଗିଲା ।

ଚନ୍ଦ୍ର ଆଉ ସହ୍ୟ କରି ପାରିଲା ନାହିଁ । ତାର ବକ୍ଷ ଭେଦ କରି ଏକ ଚିତ୍କାର କଣ୍ଠପର୍ଯ୍ୟନ୍ତ ଧାଇଁ ଆସିଲା—'ଉତ୍କଳ ମାତା ପ୍ରତି ଏ ବ୍ୟଙ୍ଗ ବିଦ୍ରୁପ ବନ୍ଦ କର ।' ସେ ତାହାର ସମସ୍ତ ବଳ ଦେଇ ଏ ଚିତ୍କାରକୁ କଣ୍ଠ ମଧ୍ୟରେ ଚାପି ରଖିଲା । ସେ ଭାବିଲା, ଯାହାର କ୍ଷୀର ସରର ଅଭାବ ନାହିଁ, ସେ କ୍ଷୁଦ୍ର ବୁଭୁକ୍ଷାର ତୀବ୍ର ଜ୍ୱାଳା କଅଣ ବୁଝିବ ? ଯାହାର ବସ୍ତ୍ରର ଅଭାବ ନାହିଁ, ସେ ନଗ୍ନତାର କ୍ରୂର ଦଂଶନ କିପରି ଜାଣି ପାରିବ ? ଯେଉଁମାନେ ବିଳାସର ସୁକୋମଳ କୋଡରେ ଆନ୍ଦୋଳିତ, ସେମାନେ ନିଷ୍ଠୁର ଦୈନ୍ୟର ନିର୍ମମ କଷାଘାତର ଉନ୍ମାଦକାରୀ ବେଦନା କଅଣ ବୁଝିବେ ? ଏଇ ଧୋବଧାବ-ଳିଆ—ଏମାନେ ରାଜନୀତି ନେଇ ସୌଖୀନ ଖେଳ ଲଗାଇଛନ୍ତି । ଥିଏଟର ସିନେମା ଦେଖିବା ପରି, ଏହା ମଧ୍ୟ ସେମାନଙ୍କ ପକ୍ଷରେ ଗୋଟାଏ ବିଳାସ । ଟେବୁଲ ପାଖରେ ବସି ସମ୍ବାଦପତ୍ର ପାଇଁ ବଡ ବଡ ଉତ୍ସାହବାଣୀ ଲେଖିବାରେ, ସୁସଜ୍ଜିତ ସଭାରେ ଛିଡା ହୋଇ ବକ୍ତୃତା ଦେବାରେ ଯେଉଁମାନଙ୍କର ଦେଶସେବା ପର୍ଯ୍ୟବସିତ, ସେମାନଙ୍କ ପକ୍ଷରେ ଏହା ଏକ ବିଳାସ ଛଡା ଆଉ କଅଣ ହୋଇ ପାରେ ? ଏମାନେ ଦେଶର ଦୁଃଖଦୁର୍ଦ୍ଦଶା ବର୍ଣ୍ଣନା କରିବାକୁ ଯାଇ ଦେଶକୁ ବ୍ୟଙ୍ଗ କରନ୍ତି, ଜାତିର ଉନ୍ନତି ପାଇଁ ଅଶ୍ରୁପାତ କରିବାକୁ ଯାଇ କନ୍ଦନର ଅଭିନୟ କରନ୍ତି । ଦେଶର ପ୍ରକୃତ ମୂର୍ତ୍ତି ଏମାନେ ପାଇ ନାହାନ୍ତି, ଜାତିର ଜରାଜୀର୍ଣ୍ଣ ଭଗ୍ନମନ୍ଦିରର ଅପରିଷ୍କୃତ ପାରିଚ୍ଛରେ ହୃଦୟଭରା ଭକ୍ତି ପ୍ରାଣଭରା ସମ୍ମାନର ପୂଜାଡାଲି ଧରି ନିଜର ସର୍ବସ୍ୱ ପୁଷ୍ପାଞ୍ଜଳି ଦେବା ପାଇଁ ଏମାନେ କେବେ ଅବନତମସ୍ତକ ପୂଜାରୀ ପରି ଦଣ୍ଡାୟମାନ ହୋଇ ନାହାନ୍ତି; . ଲଜ୍ଜାର

Digitized by srujanika@gmail.com

ହୀନ ବେଶ ପରିଧାନ କରି ଏମାନେ କେବେ ଦୈନ୍ୟର ଦ୍ୱାରରେ ସେବା-ସମ୍ଭାର ଅର୍ପଣ କରି ନାହାନ୍ତି । ଏମାନେ ଦେଶକୁ ଜାଣନ୍ତି ନାହିଁ, ଜାତିକୁ ଚିହ୍ନନ୍ତି ନାହିଁ, ଦେଶର ଲକ୍ଷ ଲକ୍ଷ ନିରନ୍ନ ଲୋକଙ୍କ ସହିତ ଏମାନଙ୍କର କିଛି ସହାନୁଭୂତି ନାହିଁ । ଏମାନେ ଦେଶର ନାମ ଜାଣନ୍ତି ଜାତିର ନାମ ମନେ ରଖିଛନ୍ତି, ଦେଶ ଲୋକଙ୍କ ଅବସ୍ଥା ବିଷୟ ପଢିଛନ୍ତି, ବା ଶୁଣିଛନ୍ତି । ଏମାନେ ଖବରକାଗଜରେ ସେହି କଥା ଲେଖି ଅଶ୍ରୁବର୍ଷଣ କରନ୍ତି, ସଭାରେ ସେହି କଥା କହି ଜାତିର ପୂଜା କରନ୍ତି, ଗଳ୍ପରେ ସେହି କଥା କହି ନିଜର ପାଣ୍ଡିତ୍ୟ ଦେଖାଇଥାଆନ୍ତି—ଦେଶକୁ ଜାଣନ୍ତି, ଜାତିକୁ ଚିହ୍ନନ୍ତି ବୋଲି ପରିଚୟ ଦିଅନ୍ତି । ଏହା ତ ଦେଶସେବା ନୁହେଁ ! ସାଧନାର ପଥ ତ ଏହା ନୁହେଁ ! ତେବେ ? ତେବେ—ଏହା ବ୍ୟଙ୍ଗ, ଏହା ବିଦ୍ରୂପ, ଏହା ଅଭିନୟ, ଏହା ବିଳାସ, ଏହା ଆମୋଦ, ଏହା ଯଶଲାଭର ଉପାୟ, ଏହା ସ୍ୱାର୍ଥସାଧନର ପନ୍ଥା । ଚନ୍ଦ୍ରର ହୃଦୟ ରକ୍ତାକ୍ତ ହୋଇଉଠିଲା । ବେଦନାରେ ତାହାର ଶିରାପ୍ରଶିରା ଫାଟି ପଡିବାକୁ ଲାଗିଲା । ସୁନୀଲର ହାତ ଧରି ଟାଣି ନେଇ ସେ ଜନତା ଭେଦ କରି ମ୍ୟୁନିସିପାଲିଟି ପୋଖରୀ ପାଖରେ ଆସି ଛିଡା ହେଲା । ଏହି ସମୟରେ ସଭା ମଧ୍ୟରୁ ଶୁଭିଲା—"ଉତ୍କଳ ମାତାଙ୍କ ଜୟ ।"

ସଭା ଭଙ୍ଗ ହେଲା—ଜନତା କୋଳାହଳ କରୁ କରୁ ଅନ୍ଧକାର ମଧ୍ୟରେ ମିଳାଇଗଲେ । ଚନ୍ଦ୍ର ଓ ସୁନୀଲ ଫେରିଲେ ; ଦୁହେଁ ନିର୍ବାକ ; ଦୁହେଁ ନିସ୍ତବ୍ଧ । ଦୁହେଁ ନିଜ ଚିନ୍ତାରେ ନିଜେ ବିଭୋର ।

ତାଙ୍କର କଡ ଦେଇ ଜଣେ 'ନେତା'ଙ୍କର ମୋଟରକାର ସଡକକୁ ବିଦ୍ୟୁତ୍ ଆଲୋକରେ ଆଲୋକିତ କରି ତୀବ୍ରବେଗରେ ଧାଇଁଗଲା ।

ଚନ୍ଦ୍ର ଦୀର୍ଘନିଃଶ୍ୱାସ ଛାଡିବା ସଙ୍ଗେ ସଙ୍ଗେ କହିଲା—'ଭଗବାନ !'

—୬—

ଆକାଶ କୋଳରେ ମେଘମାଳା ପ୍ରଳୟ ନୃତ୍ୟ ଲଗାଇଛି । ମେସ୍‌ରେ ଚନ୍ଦ୍ରର ସାନ ଘରଖଣ୍ଡି ମଧ୍ୟରେ ଜଳନ୍ତା ନିଆଁ ପରି ଝଲକାଏ ବିଜୁଳି ପଶିଗଲା, ତାହାର ଚିନ୍ତାଗମ୍ଭୀର ମୁଖର ରେଖାଗୁଡିକୁ ସୁସ୍ପଷ୍ଟ କରି କର୍ଣ୍ଣ ଭୃତ ନାଦରେ ବଜ୍ରାଘାତ ହେଲା । ଚନ୍ଦ୍ର ଅବିଚଳିତ ଭାବରେ ବସିରହିଲା । ତାହାରି କହୁଣି ଦୁଇଟି ଟେବୁଲ ଉପରେ ନ୍ୟସ୍ତ । ଦୁଇ ହାତର ଦଶ

Digitized by srujanika@gmail.com

ଅଙ୍ଗୁଳି ତାହାର କୁଞ୍ଚିତ କେଶଗୁଚ୍ଛକୁ ଅବିନ୍ୟସ୍ତ କରୁଛି । ସେ ଦୁଇ ହାତରେ ମୁଣ୍ଡକୁ ଧରି ବସିଛି । ଟେବୁଲ ସାମନା କାନ୍ଥରେ ଖଣ୍ଡେ ଭାରତ-ବର୍ଷର ମାନଚିତ୍ର ନିକଟରେ ଓଡ଼ିଶାର ମାନଚିତ୍ର । ତାର ଦୃଷ୍ଟି ସେଇଥିରେ ହିଁ ଅଟକି ।

ପାଖ ଖଟ ଖଣ୍ଡିକରେ ବସିଛି ସୁନୀଲ । ସେ ଗମ୍ଭୀର ଉଦାସ ଦୃଷ୍ଟିରେ ବାହାରର ବିଦ୍ୟୁତ୍ ଚମକକୁ ଚାହିଁ ରହିଛି ।

ଚନ୍ଦ୍ର କହି ଉଠିଲା—'ସ୍ୱତନ୍ତ୍ର ! ସ୍ୱତନ୍ତ୍ର—! କିଏ ସ୍ୱତନ୍ତ୍ର ? ଉତ୍କଳ କି ସ୍ୱତନ୍ତ୍ର ? ଦଳେ ବନ୍ଦୀ ବନ୍ଧା ହୋଇଥିବା ଶୃଙ୍ଖଳ ଦେହରୁ ଜଣେ ବନ୍ଦୀକୁ ଅଲଗା କରିନେଇ ତାହାର ହସ୍ତପଦରେ ବଜ୍ରଦୃଢ଼ ଶୃଙ୍ଖଳ ପିନ୍ଧାଇଦେଲେ ସେ ବନ୍ଦୀଟିର କି ଆନନ୍ଦ ? ତାର କି ସ୍ୱତନ୍ତ୍ରତା ? ମିଥ୍ୟା ! ପ୍ରବଞ୍ଚନା ! ସରଳବିଶ୍ୱାସୀ ଜନସାଧାରଣଙ୍କୁ ମିଥ୍ୟାର ପ୍ରବଞ୍ଚନାରେ ପ୍ରତାରଣା ! ସ୍ୱତନ୍ତ୍ର—ସ୍ୱତନ୍ତ୍ର ? ସ୍ୱତନ୍ତ୍ର ଶବ୍ଦର ମର୍ଯ୍ୟାଦା ଯେଉଁ-ମାନେ ନ ଜାଣନ୍ତି, ସେମାନେ ହୀନ, ଘୃଣ୍ୟ, କ୍ରୀତଦାସଠାରୁ ମଧ୍ୟ ଅଧମ । ବଡ଼ ଶବ୍ଦର ବାଜୀଗିରି ଦେଖାଇ ଏମାନେ ଜାତିର ଦୃଷ୍ଟିକୁ ତାହାର ଉଚ୍ଚ ଲକ୍ଷ୍ୟର ଅଭ୍ରଭେଦୀ ମାନମନ୍ଦିର ଦେହରୁ ଫେରାଇ ଆଣିବାକୁ ଚାହାଁନ୍ତି । ଓଡ଼ିଶା ରାଜନୀତି ଚାହେଁ ନା; ଉତ୍କଳ ଅର୍ଥନୀତି ଚାହେଁ ନା; ଓଡ଼ିଆ ଚାହେଁ—ମୁଠାଏ ଅନ୍ନ, ତାହାର ଶିକ୍ଷା, ତାହାର ସଂସ୍କୃତି, ତାହାର ସଭ୍ୟତା । ଧନ ଥିଲା, ଯେତେବେଳେ ସେ କାରୁକାର୍ଯ୍ୟର ଚୂଡ଼ାନ୍ତ ଦେଇ ମନ୍ଦିର ଗଢ଼ିଥିଲା । ଏତକ ପାଇଲେ ସେ ଦାଣ୍ଡର ଟୁଙ୍କିରେ ମଧ୍ୟ କୋଣାର୍କ ଗଢ଼ିବ । ଘୃଣ୍ୟ ରାଜନୀତିର ପୂତିଗନ୍ଧମୟ ଆବର୍ତ୍ତ ମଧ୍ୟରେ ପକାଇ ଏ ଜାତିର ନିର୍ମଳ ପବିତ୍ର ଆତ୍ମାରେ ଯେଉଁମାନେ କଳଙ୍କକାଳିମା ଲେପନ କରିବାକୁ ଉଦ୍ୟତ, ସେମାନେ ଦେଶର ଲକ୍ଷ ଲକ୍ଷ ଜନସାଧାରଣଙ୍କଠାରୁ ଶସ୍ତାରେ କରତାଳିଧ୍ୱନି ଆଦାୟ କରି ପାରନ୍ତି—କରନ୍ତୁ; କିନ୍ତୁ ସେମାନଙ୍କ ପ୍ରତି ମୋ ମନରେ ଘୃଣା—ତାଚ୍ଛଲ୍ୟ ଛଡ଼ା ଆଉ କିଛି ନାହିଁ ।'

ସୁନୀଲ ଅସ୍ତେ ଅସ୍ତେ କହିଲା—'ତୁ ବଡ଼ ଉତ୍ତେଜିତ ହୋଇପଡ଼ୁଛୁ, ଚନ୍ଦ୍ର !'

—'ମୁଁ ଉତ୍ତେଜିତ ହୋଇପଡ଼ୁଛି ସତେ ?' ହସିବାକୁ ଯାଇ ଚନ୍ଦ୍ରର ମୁଖରେ ବିଦ୍ରୂପ, କ୍ରୋଧ, ଘୃଣାର ରେଖା ଫୁଟିଉଠି ଅତଳସ୍ପର୍ଶୀ

Digitized by srujanika@gmail.com

ଗାମ୍ଭୀର୍ଯ୍ୟ ମଧ୍ୟରେ ମିଳାଇଗଲା । ଚନ୍ଦ୍ର କହିଲା—'ଉତ୍ତେଜିତ ହୋଇଛି ? ଉନ୍ମତ୍ତ ହୋଇଯାଇ ନାହିଁ, ଏହି ରକ୍ଷା । ମୋର ହୃଦୟ ମଧ୍ୟରେ ଯେଉଁ କ ଭୀଷଣ ଖେଳ ଚାଲିଛି, କ ଜ୍ୱାଳା ତାହାର ! ତା ଯଦି ଦେଖି ପାରନ୍ତୁ ସୁନୀଲ, ତେବେ ବୁଝନ୍ତୁ, କ ଭୀଷଣ ଯନ୍ତ୍ରଣା ମୁଁ ସହି ଯାଉଛି—ଅଥଚ ଉନ୍ମତ୍ତ ହେଉ ନାହିଁ । ଦେଶର ନେତା, ଜାତିର ପୂଜାର୍ହ ବୋଲି ଯେଉଁ-ମାନଙ୍କ ଉପରେ ମୋର ବିଶ୍ୱାସ ଥିଲା, ଭାବିଥିଲି, ଯେଉଁମାନେ ମୋର ଦୁଃଖିନୀ ମାଆଟି ପାଇଁ ପରିଶ୍ରମ କରୁଛନ୍ତି, ତାହାର ଅବସ୍ଥା ଫେରାଇବା ପାଇଁ କେତେ ତ୍ୟାଗ କରୁଛନ୍ତି; ଯେଉଁମାନଙ୍କ ଉପରେ ନିର୍ଭର କରି ଭାବିଥିଲି, ଅନ୍ତତଃ ପରାପତିଟା ଶେଷ କରିବ, ସେମାନଙ୍କ ଉଦ୍ଦେଶ୍ୟରେ ଅନ୍ଧ ଭାବରେ ମୁଁ ବରାବର ମୁଣ୍ଡ ନୁଆଁଇ ଆସିଛି । ଆଜି ମୋର ଚକ୍ଷୁ ଫିଟିଗଲା । ଠାକୁର ତଳ ସମ୍ମୁଖରେ ମୁଁ କଅଣ ଦେଖିଥିଲି ଜାଣ ? ମାଆ ଯେପରି ମୋତେ ଅଙ୍ଗୁଳି ସଙ୍କେତ କରି ଦେଖାଇ ଦେଲେ ଯେ, ଏମାନଙ୍କ ହୃଦୟରେ ମାଆର ସ୍ୱର୍ଣ୍ଣସିଂହାସନ ସ୍ଥାପିତ ନୁହେଁ; ସ୍ଥାପିତ—ସ୍ୱାର୍ଥର ଆସନ । ଆଉ ସହ୍ୟ ହେଲା ନାହିଁ । ମାଆର ପୂଜାବେଦୀରେ ସ୍ୱାର୍ଥର ବୀଭତ୍ସ ନୃତ୍ୟ ଦେଖି ସହିବାଭଳି ଧୈର୍ଯ୍ୟ ମୋର ନାହିଁ, ସୁନୀଲ ! ମୋର ଦୁଃଖିନୀ ମାଆଟିକୁ ତ କେହି ଦେଖୁ ନାହାନ୍ତି ! କେହି ତା କଥା ବୁଝୁ ନାହାନ୍ତି । ତା ମନ୍ଦିରରେ ଦୀପ ଜଳେ ନାହିଁ ରେ ! ଅନ୍ଧାର—ଅନ୍ଧାର—କେତେ ଯୁଗର ଅନ୍ଧାର ମୋର ମାତୃମନ୍ଦିର ମଧ୍ୟରେ ସଞ୍ଚିତ ହୋଇ ରହିଛି ।'

ଚନ୍ଦ୍ର ଆଉ କହି ପାରିଲା ନାହିଁ । ଆବେଗର ଉଚ୍ଛ୍ୱାସରେ ତାହାର କଣ୍ଠ ରୁଦ୍ଧ ହୋଇଆସିଲା । ତାହାର ଦୁଇ ଆଖିରୁ ଅଶ୍ରୁଧାରା ଗଡ଼ି ପଡ଼ିଲା ।

ସୁନୀଲର ଚକ୍ଷୁ ମଧ୍ୟ ବାଷ୍ପାକୁଳିତ ହୋଇଆସିଲା । ସୁନୀଲ ନୀରବ ।

କିଛିକ୍ଷଣ ପରେ ନିଜକୁ ସମ୍ଭାଳି ନେଇ ଚନ୍ଦ୍ର କହିଲା—'ନା, ଏପରି ଆଉ ଚଳିବ ନାହିଁ । ଆଜି ତତ୍ତ୍ୱ ବୁଝିଲି । ଆଜି ବଡ଼ ଅସମର୍ଥ । ଦରକାର ତ୍ୟାଗୀ । ଦରକାର ସ୍ୱାର୍ଥପଙ୍କ । ଘରଦ୍ୱାର, ପିତାମାତା, ଭାଇବନ୍ଧୁ,

ଅଣ୍ଡାରୀରସା ସବୁ ଛାଡ଼ ମାଆର ସନ୍ତାନମାନଙ୍କୁ ସନ୍ନ୍ୟାସୀ ହେବାକୁ ହେବ, ଭିକାରୀ ହେବାକୁ ହେବ,— ମାଆର ଗୃହହୀନ, ଅନ୍ନହୀନ, ବସ୍ତ୍ରହୀନ ଲକ୍ଷ ଲକ୍ଷ ସନ୍ତାନଠାରୁ ମଧ୍ୟ ନ୍ୟୂନ ଅବନତ ହେବାକୁ ହେବ । ତେବେ ଯାଇ ତ ମାଆର ଉତ୍ତରୀୟ ମସ୍ତକରେ ଧାରଣ କରିବାର କ୍ଷମତା ହେବ, ମାଆର ପୂଜାରୀ ହେବାର ଅଧିକାର ମିଳିବ । ସବୁ ଛାଡ଼ିବାକୁ ହେବ—ଗର୍ବ, ଦମ୍ଭ, ଅଭିମାନ, ଶିକ୍ଷା, ସଭ୍ୟତା, ସବୁ ପୋଡ଼ ଦେବାକୁ ହେବ । ଯାହାର ଅତୀତ ଏତେ ବଡ଼, ତାର ପତାକା କେତେ ବଡ଼, କେତେ ଭାରୀ ନୁହେଁ ରେ ! ତାକୁ ଉପରକୁ ଉଠାଇ ଠିକ ଧରିବାକୁ କପଣ ସହଜ ଶକ୍ତି ଲୋଡ଼ା !'

ସୁନୀଲ କହିଲା—'ଦେଖ, ତୋ ମୁଣ୍ଡ ଭିତରେ ଗୋଟାଏ ଚିନ୍ତାଧାରା ବଡ଼ ଉତ୍କ୍ଷିପ୍ତ ହୋଇଉଠିଛି । ବୁଝୁଛୁ, ଚନ୍ଦ୍ର ଦେଶର ବଡ଼ ଦୁର୍ଦ୍ଦିନ । ନିଜର ଭବିଷ୍ୟତ ସମ୍ମୁଖରେ ରଖି ଏ ଜାତିଟା ତାହା ଲାଭ କରିବା ପାଇଁ ବକ୍ର ହସ୍ତରେ ସାଧନା କରୁଥିଲା । ତପସ୍ୱୀର ସମ୍ମୁଖରେ ପ୍ରଲୋଭନ ଉପସ୍ଥିତ ହେଲା ପରି ଜାତି ସମ୍ମୁଖରେ ଏକ ମାୟାମୟ ପ୍ରଲୋଭନ ଆସି ପହଞ୍ଚିଛି । ଏଇତକ ପାଇ ଯଦି ଜାତି ସନ୍ତୁଷ୍ଟ ହୋଇପଡ଼େ, ତେବେ ଜାତିର ଭବିଷ୍ୟତ୍ ହେବ ଅନ୍ଧକାରବୃତ । ତା ଛଡ଼ା, ଯେଉଁ ପ୍ରଲୋଭନ ଆସିଛି, ତାହା ଏତେ ଅନ୍ତଃସାରଶୂନ୍ୟ ଯେ, ସ୍ପର୍ଶର ଆଘାତରେ ତାହାର ମାୟା ଚୂର୍ଣ୍ଣ ହୋଇଯିବ । ଏ ପ୍ରଲୋଭନ ଯଦି ବଡ଼ଲୋକ, ଧନୀ, ଜମିଦାରମାନଙ୍କୁ ଏକ ଆମୋଦର ସାମଗ୍ରୀ ଦିଏ, କେତେଟା ଲୋକଙ୍କୁ କେଇଟା ଚାକରୀ ଯୋଗାଇ-ଦିଏ, ତେବେ ଏହା ହିଁ ତାହା ପକ୍ଷରେ ଯଥେଷ୍ଟ ହେଲା; କିନ୍ତୁ ଦେଶର ଜନସାଧାରଣ ଯେତେବେଳେ ଏହାର ନିର୍ମମ ଲୌହଚକ୍ର ତଳେ ନିଷ୍ପେଷିତ ହୋଇ ଚୂର୍ଣ୍ଣ ହେବାକୁ ଆରମ୍ଭ କରିବେ, ସେତେବେଳେ ସେମାନଙ୍କର ଅତ୍ୟାଚାରିତ ଆତ୍ମା ମଧ୍ୟରୁ ଯେଉଁ ଅଭିଶାପ ଉଚ୍ଛ୍ୱସିତ ହେବ, ଯେଉଁ ଅଶାନ୍ତିର ଉତ୍ତେଜନା ଜାଗ୍ରତ ହେବ, ତାହା ହିଁ ହେବ ଦେଶର ଭବିଷ୍ୟତ୍ ପକ୍ଷରେ ଯଥେଷ୍ଟ । ତୁ ଟିକେ ଶୋଇପଡ଼, ଅନୁଭବ କର ! ଉତ୍ତେଜନାପୂର୍ଣ୍ଣ ଭାବର ଆବେଗ ମୁଖରେ ତୁ ଏତ ଅନେକ କ୍ଷୁଦ୍ର କ୍ଷୁଦ୍ର କଥା ଭୁଲି ଯାଇପାରେ ।

Digitized by srujanika@gmail.com

କିନ୍ତୁ ସେ ସବୁ ଉପରେ ଦୃଷ୍ଟି ନ ଦେଲେ ତ ସମୁଦାୟ 'ପାରିପାର୍ଶ୍ୱିକ ଘଟଣା ଠିକରୂପେ ବୁଝି ହେବ ନାହିଁ ।'

ସେତେବେଳକୁ ମେଘ ଛାଡିଆସୁଛି । ସୁନୀଲ ଚନ୍ଦ୍ରର ବ୍ରାକେଟରୁ ଛତା ଖଣ୍ଡେ ନେଇ ବାହାରିପଡିଲା ।

ଚନ୍ଦ୍ର ସେଇଠିରେ ବସି ଭାବୁଥାଏ ।

—୮—

ବାବୁ ବନବିହାରୀ ବିଦ୍ୟାଧର ଉତ୍କଳମାତାଙ୍କର ଜଣେ ଯୋଗ୍ୟ ସନ୍ତାନ ବୋଲି ନିଜକୁ ପରିଚୟ ଦିଅନ୍ତି । ସେ ବନ୍ଧୁମହଲରେ ଅବୃତ୍ତି କରନ୍ତି—'କୋଟିଏ ସନ୍ତାନ ମା ଗୋ ଧରିଅଛୁ କୋଳେ, ଗୋଟିଏ ମନୁଷ୍ୟ ମାତ୍ର ନ ଦେଖିଲି ତୋଳେ ।' ତା ପରେ ସେ ବ୍ୟାସ କବିଙ୍କର 'ଉତ୍କଳ-ଭ୍ରମଣ' କାଳୀନ ଏହି ଖେଦୋକ୍ତି ବିରୁଦ୍ଧରେ ପ୍ରତିବାଦ କରି ପ୍ରତିପନ୍ନ କରିବାକୁ ଚାହାନ୍ତି ଯେ, ଗୋଟିଏ କାହିଁକି, ଆଜିକାଲି ଉତ୍କଳର ବଣବଲରେ ଶତ ଶତ ସନ୍ତାନ ମାତାର ଉନ୍ନତି ନିମିତ୍ତ 'ସ୍ୱାର୍ଥମେଧ ଯଜ୍ଞରେ' 'ଛାତିକୁ ଛାତି ମିଶାଇ' ଜାଗୁଛନ୍ତି । 'ଭୂମିକମ୍ପ' ନିଶ୍ଚୟ ହେବ । 'ଧରଣୀ' ନିଶ୍ଚୟ ଫାଟିବ—ଏହାର ପ୍ରମାଣ ଉତ୍ତର ବିହାରର ଭୂମିକମ୍ପ । ସେଠି ଭୂମିକମ୍ପ ହେଲା, ଧରଣୀ ମଧ୍ୟ ଫାଟିଲା; କିନ୍ତୁ ଗ୍ରାସ କଲା ଗୁଡାଏ ଜୀବନ୍ତ ମନୁଷ୍ୟଙ୍କୁ; ଗ୍ରାସ କଲା ଗୁଡାଏ ସମୃଦ୍ଧିଶାଳୀ ନଗର ଓ ଜନପଦକୁ ; କିନ୍ତୁ ଉତ୍କଳରେ ଯେଉଁ ଭୂମିକମ୍ପ ହେବ, ଧରଣୀ ଫାଟିବ ସେଥିରୁ—

'ଉଠିବେ ସହସ୍ରଭୁଜା,
ସେହି ତୋର ମାତା ସେହି ତୋର ଭ୍ରାତା
କର ତାଙ୍କ ପାଦ ପୂଜା ।'

ଯେଉଁଠାରେ 'ଦେଶମିଶ୍ରଣ' ବା 'ସ୍ୱତନ୍ତ୍ର ପ୍ରଦେଶ' କଥା, ସେଠି ବନବିହାରୀ ବାବୁ ବିଦ୍ୟମାନ । ସମ୍ମିଳନୀରେ 'ଭଲେଣ୍ଟିଅର'ଙ୍କ ମଧ୍ୟରେ ଥିବେ ସେ । ସମ୍ମିଳନୀ ସଭାରେ ଏ ପାଖ ସେ ପାଖ ଧାଇଁ ବୁଲିବା କିମ୍ବା ସ୍ୱୟଂ ବାହାଦୁର ଧିଙ୍କାଧାରୀ ଖୁଣ୍ଟିଆଙ୍କ ହାତକୁ ପ୍ରୋଗ୍ରାମ କାଗଜ ଖଣ୍ଡେ ବଢେଇ ଦେଇ 'କୃତକୃତ୍ୟ ହେବା କିମ୍ବା କୌଣସି 'ଦେଶମିଶ୍ରଣ' ସଂଗ୍ରହରେ ବନ୍ୟା

କାରଣରେ ଏ ପାଖର ଗ୍ୟାସ୍ ଲାଇଟଟାକୁ ନେଇ ସେ ପାଖରେ ରଖିବା ଓ ସେ ପାଖର ଗ୍ୟାସ୍ ଲାଇଟକୁ ଆଣି ଏ ପାଖରେ ରଖିବା, ରାୟ ସାହେବ ମୁକୁନ୍ଦ ତ୍ରିପାଠୀଙ୍କ ବକ୍ତୃତା ବେଳେ ସର୍ବାଗ୍ରେ କରତାଳି ଦେବା, ବନବିହାରୀ ବାବୁଙ୍କର ଦେଶସେବାର ପ୍ରଧାନ କାର୍ଯ୍ୟ । କୌଣସି ସଭା ବା ପଟୁଆରରେ ଫଟୋ ନିଆଗଲେ ସର୍ବାଗ୍ରେ ତାଙ୍କର ହେଜଲିନ୍ ସ୍ନୋମଖା ମୁଖଖଣ୍ଡିକ ଫଟୋ ପ୍ଲେଟ ଉପରେ ପଡ଼ି ଫଟୋଗ୍ରାଫରଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ଏବଂ ଫଟୋଗ୍ରାଫର ତାଙ୍କର ନିର୍ବୀତ ନିଷ୍ପନ୍ଦ ଗମ୍ଭୀର ମୁଖାରବିନ୍ଦଟିକୁ ପ୍ରଧାନ ଅଗ୍ରସ୍ଥ କରି 'ଫୋକସ୍' କରନ୍ତି, ଏ କଥା ବନବିହାରୀ ବାବୁଙ୍କର ଜଣେ ତଥା-କଥିତ ବନ୍ଧୁ ଥରେ ଥଟ୍ଟା କରି କହିଥିଲେ ବୋଲି ଶୁଣାଯାଏ ।

ସେ ଯାହାହେଉ, ବନବିହାରୀ ବାବୁଙ୍କ ଦେଶଭକ୍ତି ଜଳବତ୍‌ତରଳଂ । ତାଙ୍କର ହୃଦୟ ପୂର୍ଣ୍ଣ ଦେଶପ୍ରେମର ସ୍ୱର୍ଣ୍ଣମୟ ଚୂଡ଼ା ଦପୋଷ୍ଟିଗିରିର ଧଡା-ଚୂଡାରେ ଏକ ସମୟରେ ବିଲୀନ ହୋଇଯିବ ବୋଲି ସେ ଆଶା କରିଛନ୍ତି । ସେ ଥାର୍ଡ ଡିଭିଜନ୍‌ରେ ବି. ଏ. ପାଶ କରିଛନ୍ତି । ପାଶ କଲା ପରେ ଦେଖିଲେ ଯେ, ଆଜିକାଲିକାର ନିଷ୍କର୍ମବହୁଳ ଦିନରେ ଉପଯୁକ୍ତ ଚାକିରି ଖଣ୍ଡେ ମିଳିବା କଷ୍ଟକର । ଜଣେ ଦେଶଭକ୍ତ କମ୍ପାନୀ କାମ ଖଣ୍ଡେ ଲାଭ କରିବାରେ ହତାଶ ହୋଇ ଏକ ସମ୍ବାଦ-ପତ୍ରରେ ଥରେ ଲେଖିଥିଲେ ଯେ, ବଙ୍ଗାଳୀଗୁଡ଼ାକ ପୈତୃକ ସମ୍ପତ୍ତି ପରି ଓଡ଼ିଶାର ଚାକିରିକ୍ଷେତ୍ରକୁ ଗ୍ରାସ କରି ରଖିଛନ୍ତି । ଖଣ୍ଡେ ସବ୍-ଡିପୋଟି କାମ ପାଇଁ ଗଳଦ୍‌ଘର୍ମ ହୋଇ କିଛିଦିନ ଧାଇଁଲା ପରେ ବନ-ବିହାରୀ ବାବୁ ଦେଖିଲେ ଯେ, ସେ ଚାକିରି ଖଣ୍ଡ ଜଣେ ମୁସଲମାନ ଭାଗ୍ୟରେ ଜୁଟିଗଲା । ତାଙ୍କର କ୍ରୋଧ ପଡ଼ିଲା ମୁସଲମାନମାନଙ୍କ ଉପରେ । ସେ ଡାକ୍ତର ମୁଞ୍ଜେଙ୍କ ହିନ୍ଦୁ ସଂଗଠନରେ ଯୋଗ ଦେବା କଥା ଭାବି ଭାବି ଦେଖିଲେ ଯେ, ସେ ବାଟରେ ଗଲେ ତ ଚାକିରି ମିଳିବ ନାହିଁ-କଦବା-କ୍ୱଚିତ୍ ପୁଲିସ ବାପୁଡାଙ୍କ ରେଗୁଲେସନ୍ ଲାଠିର ମୃଦୁ ଚୁମ୍ବନ ବାହିବକାରୀ ଅତିଥି-ଶାଳାରେ ଘଣା ପେଲିବା ଲାଭ ହୋଇପାରେ । ସେଥିନିମିତ୍ତ ସେ ଆଉ ତାଙ୍କ ତନ୍ତ୍ରାଧୀଶ ଅର୍ଦ୍ଧଚନ୍ଦ୍ର ଲାଭ କରି ବାହୁଡ଼ି ଆସିଲା, ସମ୍ବାଦପତ୍ର-ଲିଖିତ ବଙ୍ଗାଳୀଙ୍କ ପ୍ରତି । ସେଗୁଡ଼ାକ ଚାକିରି ମାଡ଼ି ବସିଛନ୍ତି ବୋଲି ସିନା

Digitized by srujanika@gmail.com

ଆଜି ବନବିହାରୀ ବାବୁଙ୍କ ପରି ଯୋଗ୍ୟ ଓଡ଼ିଆମାନେ ଚାକିରୀ ଅଭାବରେ ନିଷ୍କର୍ମ ସଂଖ୍ୟା ବୃଦ୍ଧି କରୁଛନ୍ତି । ସେ ପ୍ରତିଜ୍ଞା କଲେ ଯେ, ଓଡ଼ିଶାରୁ ବଙ୍ଗାଳୀଗୁଡ଼ାକୁ ନ ତଡ଼ିଲେ ତାଙ୍କୁ ଶାନ୍ତି ମିଳିବ ନାହିଁ ।

ରାୟ ବାହାଦୁର ଧ୍ୱଜାଧାରୀ ଖୁଣ୍ଟିଆ ଭୀଷଣ ବଙ୍ଗାଳୀ-ବିଦ୍ୱେଷୀ ବୋଲି ବିଖ୍ୟାତ ଏବଂ ସଙ୍ଗେ ସଙ୍ଗେ ସେ ଖାଣ୍ଟି ଓଡ଼ିଆ-ଭକ୍ତ ବୋଲି ସମ୍ମାନିତ । ତାଙ୍କର ଶତ୍ରୁମହଲରେ ଲୋକେ କହନ୍ତି ଯେ, ଭୂତପୂର୍ବ ବଙ୍ଗାଳୀ ସରକାରୀ ଉକିଲ ବାବୁ ତାରିଣୀଚରଣ ବାନାର୍ଜୀଙ୍କ ସାହାଯ୍ୟରେ ସେ ମାଇନରଠାରୁ ବି. ଏଲ୍. ପାଶ କଲେ । ତାରିଣୀ ବାବୁ ଧ୍ୱଜାଧାରୀଙ୍କୁ ପୁତ୍ରନିର୍ବିଶେଷରେ ଦେଖୁଥିଲେ । ଧ୍ୱଜାଧାରୀ ତାରିଣୀ ବାନାର୍ଜୀଙ୍କ ଘରେ ବହୁ ମଣିଷ ହୋଇଛନ୍ତି । ଓକାଲତି ପାଶ କଲା ପରେ ବୁଆଡ଼େ ଧ୍ୱଜାଧାରୀ ବାବୁ ଓଡ଼ିଆ ସୀମନ୍ତିନୀମାନଙ୍କୁ ନାପସନ୍ଦ କରି ବ୍ରାହ୍ମଦୀକ୍ଷା ଗ୍ରହଣପୂର୍ବକ ଏକ ବଙ୍ଗୀୟ ଲଲନାକୁ ବିବାହ କରିଛନ୍ତି ।

ଏଗୁଡ଼ାକ ବିଶୁଦ୍ଧ ନିନ୍ଦାବାଦ, ନିପଟ୍ କଳଙ୍କ କାହାଣୀ । ରାୟ ବାହାଦୁରଙ୍କ ଶତ୍ରୁ ଦଳ ଭୁଲିଯାଆନ୍ତି ଯେ, ଧ୍ୱଜାଧାରୀ ବାବୁ ପିଲା ଦିନରୁ ବଙ୍ଗାଳୀ ଘରେ ବଢ଼ିଥିବାରୁ ଏବଂ ବଙ୍ଗାଳୀ ସହଧର୍ମିଣୀ ଲାଭ କରିଥିବାରୁ ବଙ୍ଗାଳୀମାନଙ୍କର ଦୋଷ ଗୁଣ ହାଡ଼େ ହାଡ଼େ ନିଜ ଅଙ୍ଗରେ ନିଷ୍ପଇଛନ୍ତି । ସେଥିନିମିତ୍ତ ସେ ଯେ ଭୀଷଣ ବଙ୍ଗାଳୀ-ବିଦ୍ୱେଷୀ ହେବେ, ଏଥିରେ ଆଶ୍ଚର୍ଯ୍ୟର ବିଷୟ କଣ ଅଛି କି ?

ଧ୍ୱଜାଧାରୀ ବାବୁଙ୍କ ସରକାରୀ ମହଲରେ ବିଶେଷ ପ୍ରଭାବ ପ୍ରତିପତ୍ତି । ସରକାରଙ୍କ ବଡ଼ ବଡ଼ କର୍ମଚାରୀଙ୍କୁ ସେ ହାତ ମୁଠାରେ ରଖିଥାଆନ୍ତି— ଅଥବା ବଡ଼ ବଡ଼ ହାକିମହୁକୁମାଙ୍କ ହାତ ମୁଠାରେ ନିଜେ ରହିବାଦ୍ୱାରା ସେମାନଙ୍କ ସାନ୍ନିଧ୍ୟ ଲାଭ କରିବାକୁ ସେ ପରମ ସୌଭାଗ୍ୟ ବୋଲି ମନେ କରନ୍ତି । କଥିତ ଅଛି ଯେ, ଥରେ ଟାଉନ୍ ହଲ ସଭାରୁ ସସ୍ତ୍ରୀକ ବଙ୍ଗାଳୀ ମେଜିଷ୍ଟର ଫେରୁଥିଲା ବେଳେ ମୋଟର ଗାଡ଼ିକୁ ଉଠିବାକୁ ଯାଇ ମାଜିଷ୍ଟ୍ରେଟ ପତ୍ନୀଙ୍କ ବାମ ପାଦର ପାଦୁକା ଖସିପଡ଼ିଥିଲା । ରାୟ ବାହାଦୁର ଧ୍ୱଜାଧାରୀ ଖୁଣ୍ଟିଆ ମୋଟର ପର୍ଯ୍ୟନ୍ତ ସେମାନଙ୍କୁ ବଳାଇଦେବାକୁ ଯାଇଥିଲେ । ମାଜିଷ୍ଟ୍ରେଟ ପତ୍ନୀଙ୍କ ଶ୍ରୀଚରଣମଣ୍ଡନୀ ପାଦୁକାର ପତନ ଦେଖିଲେ

Digitized by srujanika@gmail.com

ମାନେ ସନ୍ତର୍ପଣରେ ସେ ପାଦୁକାଟିକୁ ଉଠାଇ ନେଇ ନିଜ ଉତ୍ତରୀୟରେ ଝାଡ଼ି ଦେଇ,ସେ ମାଜିଷ୍ଟ୍ରେଟ୍ ପତ୍ନୀଙ୍କ ଶ୍ରୀଚରଣରେ ଲଗି କରି ଦେଇଥିଲେ । ଏହି କାର୍ଯ୍ୟ ବଶତଃରେ ତାଙ୍କ ବୈଠକଖାନାରେ ସେ କୈଫିୟତ୍ ଦେଇଥିବାର ଶୁଣାଯାଉଛି ଯେ, ଏମାନେ ସରକାରୀ ହାକିମ , ଦେଶୋଦ୍ଧାର କରିବାକୁ ହେଲେ ଏମାନଙ୍କୁ ସନ୍ତୁଷ୍ଟ ରଖିବାକୁ ହେବ; ଏମାନଙ୍କ ସାହାଯ୍ୟ ନେବାକୁ ହେବ । ଏମାନଙ୍କ ହାତରେ ଯେଉଁ ବିପୁଳ ଶକ୍ତି ଅଛି—ତାହାକୁ ଦେଶର ଉନ୍ନତି ବାଟରେ ଲଗାଇବାକୁ ହେବ । ଏଣୁ ଯେଉଁମାନେ ଏମାନଙ୍କୁ ଅସନ୍ତୁଷ୍ଟ କରନ୍ତି, ସେମାନେ ରାଜଦ୍ରୋହୀ ହେବା ସଙ୍ଗେ ସଙ୍ଗେ ଯେ ଦେଶଦ୍ରୋହୀ ହୋଇଥାନ୍ତି , ଏକଥା ଆଉ ବୁଝାଇବା ଦରକାର ନାହିଁ ।

ତାଙ୍କର ଏହି ହାକିମଭକ୍ତିଦ୍ୱାରା ଦେଶର କିଛି ଉନ୍ନତି ହେଉ ବା ଅବନତି ହେଉ, ଧ୍ୱଜାଧାରୀ ବାବୁଙ୍କର ଉନ୍ନତି ଅଶାତୀତ ଭାବରେ ଘଟିଛି ! ଏକ ବାଟରେ ରାୟ ବାହାଦୁର ହେବାଠାରୁ ଅନ୍ୟ ବାଟରେ ଖଣ୍ଡେ ଖଣ୍ଡେ କମିଟି କମିଶନରେ ସ୍ଥାନ ପାଇବାଦ୍ୱାରା ମାନ ଲାଭ ସହିତ ଗସ୍ତ ଖର୍ଚ୍ଚରୁ ଧନଲାଭ ଏବଂ ହାକିମହୁକୁମାଙ୍କ ପାଖରେ ସୁପାରିସ କରିବା ଉଦ୍ଦେଶ୍ୟରେ ଉପରି ଦୁଇ ପଇସା ମଧ୍ୟ ବେଶ୍ ଲାଭ ହୋଇଥାଏ । ଏହା ଛଡା ହାକିମହୁକୁମାଙ୍କ ସହିତ ମିଳାମିଶା, କେତେବେଳେ କାହା ଘରକୁ ବଡ ମାଛଟାଏ, କାହା ଘରକୁ ମହାପ୍ରସାଦ ମଗଜଲଡୁ ପେଡାଏ ପଠାଉଥିବାରୁ ମହକିଲମାନଙ୍କର ଧାରଣା ଯେ, ଓକିଲ ବାବୁଙ୍କର ଅମୁକ ହାକିମ ସହିତ ଭାରି ବନ୍ଧୁତା ଅଛି; ତେଣୁ ତାଙ୍କ ଇଜଲାସରେ ଯେଉଁ ମକଦ୍ଦମା ଅଛି, ସେଥିରେ ରାୟ ବାହାଦୁରଙ୍କୁ ଓକିଲ ଦେଲେ ମକଦ୍ଦମା ନିଶ୍ଚୟ ଜୟ ହେବ । ଏଣୁ ଓକାଲତିରେ ମଧ୍ୟ ଧ୍ୱଜାଧାରୀ ବାବୁଙ୍କର ବେଶ ଦି ପଇସା ହୋଇଥାଏ । ଧ୍ୱଜାଧାରୀ ବାବୁଙ୍କର ଆଇନଜ୍ଞାନର ଯେପରି ଅଭାବ—କହିବା ଶକ୍ତିର ଯେପରି ଅଭାବ, ଏପରି ଗୋଟିଏ ସୁଯୋଗ ନ ମିଳିଥିଲେ ତାଙ୍କୁ ଓକିଲ୍ ବୋଲି କେହି ପଚାରନ୍ତେ ନାହିଁ । ଧ୍ୱଜାଧାରୀ ବାବୁଙ୍କର ଗୋଟାଏ ମୁଦ୍ରାଦୋଷ ଅଛି—ସେ କଥା କହିଲା ବେଳେ ତୈଳମର୍ଦ୍ଦନ ସମୟର ହସ୍ତଭଙ୍ଗୀ ପରି ବରାବର ହସ୍ତଦ୍ୱୟକୁ କରିଥାଆନ୍ତି । ତାଙ୍କର ଶତ୍ରୁମାନେ କହିଥାଆନ୍ତି ଯେ, ଧ୍ୱଜାଧାରୀ ବାବୁଙ୍କର ତାହା ଅଭ୍ୟାସଦୋଷ ।

Digitized by srujanika@gmail.com

ସେ ଯାହାହେଉ ବନବହାରୀ ଦେଖିଲେ, ବଙ୍ଗାଳୀ-ବାଦ୍ରେଶ୍ୱର ଧ୍ୱଜା ଧରି ସେ ଅକ୍ଳେଶରେ ଧ୍ୱଜାଧାରୀ ବାବୁଙ୍କର ଶିଷ୍ୟତ୍ୱ ଗ୍ରହଣ କରିପାରିବେ । ସାଧାରଣତଃ ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ପରି ଧ୍ୱଜାଧାରୀ ବାବୁଙ୍କର ଶିଷ୍ୟ ପ୍ରଶିଷ୍ୟ କେହି ନାହାନ୍ତି । କାରଣ ସେ ମନେକରନ୍ତି ଯେ, ଶିଷ୍ୟ ଯୋଗାଡ କରିବାକୁ ହେଲେ ଅର୍ଥ, ନ ହେଲେ ସୁପାରିସ—ଏ ଦୁଇଟାରୁ ଗୋଟାଏ ଖରଚ କରିବାକୁ ହୁଏ । ଅର୍ଥ ଏ ପର୍ଯ୍ୟନ୍ତକ ପାହୁଲାଟାଏ ମଧ୍ୟ ପର ପାଇଁ ଖର୍ଚ୍ଚ କରିବା ଧ୍ୱଜାଧାରୀ ବାବୁଙ୍କ ଅଭ୍ୟାସ-ବହିର୍ଗତ । ସୁପାରିସ ଖରଚ କରିବାକୁ ଗଲେ କାଳେ କୌଣସି ହାକିମହୁକୁମା ବିରକ୍ତ ହେବେ, ସେଥିନିମନ୍ତେ ସେ ଏ ପର୍ଯ୍ୟନ୍ତ କାହାରିକୁ କୌଣସି ଭାବରେ ସୁପାରିସ କରି ନାହାନ୍ତି । ତେଣୁ ବନବହାରୀ ବଙ୍ଗାଳୀ-ବାଦ୍ରେଶ୍ୱର ଉତ୍କୃଷ୍ଟତମ ବଶୋଦଗାର କଲେ ମଧ୍ୟ, ଉତ୍କଳ ଜନନୀଙ୍କ ଦୁଃଖ ଦୁର୍ଦ୍ଦଶା ଗାଇ ଅଶ୍ରାଏ ଅଶ୍ରୁ ବର୍ଷଣ କଲେ ମଧ୍ୟ ପ୍ରଥମେ ଧ୍ୱଜାଧାରୀ ବାବୁ ତାଙ୍କୁ ନିଜ ପାଖରେ ପୂରାଇଲେ ନାହିଁ ।

ଦିନ ଗଡିଗଲା । କ୍ରମେ ଧ୍ୱଜାଧାରୀ ବାବୁ ଯେତେବେଳେ ଦେଖିଲେ ଯେ, ବନବହାରୀଙ୍କର ସ୍ତୁତି ସମିତି,ବକ୍ତୃତା,—ଏ ପର୍ଯ୍ୟନ୍ତକ ଖବରକାଗଜ ସ୍ତମ୍ଭଠାରୁ ଆରମ୍ଭ କରି ଦେଶପ୍ରେମର ଜ୍ୱର ଚାରି ଅଙ୍ଗକୁ ମାଡିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରତି—ବିଶେଷତଃ ତାଙ୍କ ଘର ପ୍ରତି—ବନବହାରୀଙ୍କ ଭକ୍ତିର ଉଚ୍ଛ୍ୱାସ କ୍ରମେ ବଢୁଛି, ସେତେବେଳେ ଧ୍ୱଜାଧାରୀ ବାବୁଙ୍କ ମନ ଟିକିଏ ନରମ ହେଲା । ଯେତେବେଳେ ସେ ଦେଖିଲେ ଯେ, ଅନେକ ସମୟରେ ବନବହାରୀ ତାଙ୍କର ସାନ ପୁଅଟିକୁ ଧରି ବୁଲୁଛି ଏବଂ ଏହାଦ୍ୱାରା ତାଙ୍କ ଘରର ଚାକର ଅନ୍ୟ କାମରେ ଲାଗିପାରୁଛି, ସେତେବେଳେ ତାଙ୍କ ମନ ନ ତରଳନ୍ତି କେତେକେ ? ପୂର୍ବକାଳରେ ଶିଷ୍ୟମାନେ ତ ଏହିପରି ସେବା କରି ଗୁରୁର ଅନୁଗ୍ରହ ଲାଭ କରୁଥିଲେ । ଏ ସେବା ଦେଖି ସେ ବନବହାରୀ ପ୍ରତି ଅନୁଗ୍ରହଟା କିମିତ ଅଟକେଇ ରଖିଛନ୍ତି ?

ତାହା ଛଡା ଧ୍ୱଜାଧାରୀ ବାବୁଙ୍କ ଧର୍ମପତ୍ନୀ ଦିନେ ତାଙ୍କର ବଡ଼କନ୍ୟା ଝିଅର ବିବାହ କଥା କାଢିଥିଲେ । ସେ ଦିନ ଗୋଟାଏ ବିରାଟ ପ୍ରଶ୍ନଚିହ୍ନ ଆକାରରେ ଧ୍ୱଜାଧାରୀ ବାବୁଙ୍କ ମନରେ ଜାଗରିତ ହୋଇଥିଲା—

Digitized by srujanika@gmail.com

'ବନବିହାରୀ ତ ବି. ଏ. ପାଶ କରିଛି । ତାହା ସହିତ ଆମର ବିବାହ ହେଲେ ମନ୍ଦ କଅଣ ହୁଅନ୍ତା ? ଏ ମାଜିଷ୍ଟ୍ରେଟ ସାହେବଙ୍କୁ କହି ବା ସେକ୍ରେଟେରିଏଟ୍‌ର କୌଣସି ଅଣ୍ଡର ସେକ୍ରେଟେରିଙ୍କ ଗୋଡ଼ହାତ ଧରି ଏହାକୁ ଏକ ସବଡେପୁଟି କାମରେ ଲଗାଇ ଦେଇ ପାରିଲେ ତ ଖରାପ କିଛି ହୁଅନ୍ତା ନାହିଁ ।'

'ସେହିଦିନଠାରୁ ବନବିହାରୀ ଧିରାଧର ଙ୍କ ଅନୁଗ୍ରହରୁ ଛଅ ପଇସା ଅଂଶରେ ଲାଭ କରିଥିବାର ବୁଝିପାରିଲେ ।

—୯—

—'ନା କାନ୍ତ, ଯେଉଁମାନେ ତାରି ଅଡ଼କୁ ଚାହିଁ ଭବିଷ୍ୟତ ଅଗକୁ ପାଦ ପକାଇ ଅଗ୍ରସର ହେବେ, ସେମାନେ ହୁଅନ୍ତୁ ; ମୁଁ ସେମାନଙ୍କ ସପକ୍ଷରେ ବା ବିପକ୍ଷରେ କିଛି କହୁ ନାହିଁ । କିନ୍ତୁ ମୋର କର୍ତ୍ତବ୍ୟ ମୁଁ ଜାଣେ । ଆଖି ମେଲି କରି ମୋତେ ଅନ୍ଧକାର ମଧ୍ୟକୁ ଡେଇଁବାକୁ ହେବ । ଜାଣେ ନା, ସେ ଅନ୍ଧକାରର ଅତଳ ତଳରେ ମୁଁ କେଉଁଠି ହଜିଯିବି କି ନା ; କିନ୍ତୁ ଦେଶର ପୂଜା ମନ୍ଦିରରେ ଦୀପ ଜାଳି ସମୁଦାୟ ଦେଶର ମୁଖ ଉଜ୍ଜ୍ୱଳ କରିବାକୁ ଯଦି କେହି ଇଚ୍ଛା କରେ, ତେବେ ଅନ୍ଧକାରର ଗଭୀରତା କେତେ, କେତେ ଝଡ, କେତେ ଝଞ୍ଜା ତାହାର ଗର୍ଭରେ ପୁଞ୍ଜୀଭୂତ ହୋଇ ରହିଛି, ତାହା ନିଜ ଅଙ୍ଗରେ ଜାଣିବାକୁ ହେବ, ନିଜକୁ ସେହି ଅନ୍ଧକାର ଦେହରେ ମିଶାଇଦେଇ ।'

କାନ୍ତ ନୀରବ ହୋଇ ଶୁଣୁଥିଲା । କହିଲା—'ମୁଁ ସେ ସବୁ କିଛି ଜାଣେ ନା, ଚନ୍ଦ୍ର ଦାଦା ! ଦେଶର ଦୁର୍ଦ୍ଦିନ ମୁଁ ବୁଝେ, ତାର ପ୍ରତିକାର ମୁଁ ବୁଝେ; କିନ୍ତୁ ପ୍ରତିକାରର ପନ୍ଥା ବୁଝି ପାରେ ନା । ନିରନ୍ନ ଉପାସ୍ଥିତିକୁ ଦେଖିଲେ କାହାର ଛାତି ଭିତରେ ଗୋଟାଏ ଦୁର୍ଦ୍ଦମ୍ୟ କୋହ ଜାଗି ଉଠେ ନା, ଚନ୍ଦ୍ର ଦାଦା ? କିନ୍ତୁ ଏହି ବ୍ୟର୍ଥ ଧ୍ୟାନଭୂତ, ଅକ୍ଷମ ସମବେଦନାରେ ତ ଉପାସୀଟିର ପେଟ ପୂରେ ନାହିଁ ! ସେମିତ ଦେଶର କ୍ଷୁଧା ମୁଁ ଦେଖେ, ମୋର ଛାତି ଭିତରଟା ଆର୍ତ୍ତନାଦ କରି ଉଠେ । କିମ୍ବା

Digitized by srujanika@gmail.com

କଅଣ କରିବ, କିମିତି କଅଣ କଲେ ଯେ ଏ ଦୁର୍ଦ୍ଦଶାର ପରିବର୍ତ୍ତନ ହେବ, ସେ କଥା ମୁଁ ବୁଝି ପାରେ ନା । ମୁଁ କେବଳ ଏତିକି ବୁଝୁଛି ଚନ୍ଦ୍ର ଦାଦା, ତମ ମନ ଭିତରେ ଗୁଡ଼ାଏ ଭୀଷଣ ଚିନ୍ତା ଧାଇଁ ବୁଲୁଛି ।......

ଚନ୍ଦ୍ର ସ୍ଥିର ହୋଇ ରହି ପାରିଲା ନାହିଁ । କାନ୍ତର କଥା ନ ସରୁଣୁ ସେ କହିଉଠିଲା—'ଭୀଷଣ ଚିନ୍ତା ? ହଁ, ଭୀଷଣ ଚିନ୍ତା ! ମୁଁ ଯାଉଛି ସୈନ୍ୟ ଦେହରେ ମୋର ବାଟ ଅଙ୍କିନେବା ପାଇଁ । ଜାଣେ ନା, ସେ ବାଟରେ ଯାଉଁ ଯାଉଁ କେଉଁଠି ମୁଁ ନିଜକୁ ହରାଇ ବସିବି କି ନା; ହୁଏତ ବା କେଉଁ ଧ୍ୱଂସଶକ୍ତିର ବିସ୍ଫୋରଣରେ ମୁଁ ଚୂର୍ଣ୍ଣ ହୋଇଯିବି କି ନା, କିନ୍ତୁ ତାହା ଛଡ଼ା ତ ଆଉ ଉପାୟ ନାହିଁ କାନ୍ତ ! ଦେଶ କିଏ ? ଓଡ଼ିଶା କିଏ ? ମାଆ କିଏ ? ଦେଶ ତ ନାହିଁ ରାଜାର ରାଜପ୍ରାସାଦ ମଧ୍ୟରେ । ଦେଶ ତ ନ ଥାଏ ବଡ଼-ଲୋକର ବିଳାସବ୍ୟସନମୟ ବୈଠକ ଖାନାରେ, ଦେଶ ତ ନ ଥାଏ ସରକାରର କାଉନସିଲ ଏସେମ୍ବ୍ଲିରେ, ଦେଶ ନ ଥାଏ ସଭା-ସମିତି ବକ୍ତୃତାରେ । ଏ ସବୁ ସ୍ଥାନରେ ଜନନୀ ଜନ୍ମଭୂମିକୁ ଖୋଜିବା ଅର୍ଥ ଭୂତର ଅଖଡ଼ାରେ ଦେବତାର ଅନୁସନ୍ଧାନ କରିବା । ନା, ଏ ସବୁ ଜାଗାରେ ଦେଶ ନାହିଁ । ଯେଉଁଠି ବୁଭୁକ୍ଷିତର ରୁଦ୍ଧ ଆର୍ତ୍ତନାଦ ଦୁଃଖୀର ଅସ୍ଥି-କଙ୍କାଳକୁ ଆଲୋଡ଼ିତ କରି ଉଠୁଛି, ଯେଉଁଠି ଛିନ୍ନବସ୍ତ୍ରପରିହିତର ଲଜ୍ଜା ଭଗବାନଙ୍କ ସୁନ୍ଦର ସୃଷ୍ଟିକୁ ବ୍ୟଙ୍ଗ କରି ଉଠୁଛି, ଯେଉଁଠାରେ ପୀଡ଼ିତ ସନ୍ତାନର ଶେଷ ଦୃଷ୍ଟି ସହିତ ପିତାମାତାର ମୁଖରେ ଜଳିଉଠୁଛି ଅକ୍ଷମତାର ଜ୍ୱାଳା, ଯେଉଁଠାରେ ଅତ୍ୟାଚାରୀର ପଦତଳେ ପିଷ୍ଟ ହୋଇ ମୂକ ଜନତା ରକ୍ତ ବାନ୍ତି କରି ନୀରବ ନିରାଶ ଦୃଷ୍ଟିରେ ଦୂର ଆକାଶ ଦେହକୁ ଚାହିଁ ରହିଛନ୍ତି, ସେଇଟି—କେବଳ ସେଇଠି ଫୁଟି ଉଠିଛି ଜନନୀ ଜନ୍ମଭୂମିର ପୂଜାବେଦୀ—ସେଇଠି ଜାଗିଉଠିଛି ଦେଶ-ମାତୃକା । ଏଇ ଦୁଃସ୍ଥ, ପୀଡ଼ିତ, ମଳିନ, ଅବନତବୃନ୍ଦଙ୍କର ଅଶ୍ରୁଧାରା ମଧ୍ୟ ଦେଇ ଝରିପଡ଼ୁଛି ମାଆର କ୍ଷତବିକ୍ଷତ ବକ୍ଷର ରକ୍ତଧାରା । ଭୀଷଣ ଚିନ୍ତା ! କାନ୍ତ, କାନ୍ତ—ଯଦି ଥରେ ହି ବୁଝନ୍ତୁ ଯେ, କି ଅଧିକାର ଅଛି ମୋର, ମୁଁ ସୁଖରେ ରହିବି, ଶାନ୍ତିରେ ରହିବି, ପାଠ ପଢ଼ିବି, ବାବୁ ହେବି—ଯେତେ-ବେଳେ ମୋର କ୍ଷୁଧିତ, ତୃଷିତ, ପୀଡ଼ିତ ଭାଇଭଉଣୀ 'ଅନାଥ ପରି ପଡ଼ି

ରହିଛନ୍ତି ମୋର ଦାବିଅଛେ ? କି ଅଧିକାର ଅଛି ମୋର ମୁଁ ସେମାନଙ୍କର ମୁଖର ଅନ୍ନ କାଢିନେଇ, ତାହାକୁ ହିଁ ଭୋଗ କରି ଜୀବନ ଧାରଣ କରିବି ? ନା କାନ୍ତ, ମୁଁ ସେମାନଙ୍କ ମୁଖର ଗ୍ରାସ କାଢି ନେଇ ବଡଲୋକ ହେବାକୁ ଚାହେଁ ନା, ମୋର ସ୍ୱଚ୍ଛନ୍ଦତା ଦ୍ୱାରା ସେମାନଙ୍କୁ ବ୍ୟଙ୍ଗ କରି, ସେମାନଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବକ୍ତୃତାରେ ସ୍ୱଗୃହ କମ୍ପିତ କରି ମୋର ପାପର ବୋଝ ମୁଁ ପୂର୍ଣ୍ଣ କରିବାକୁ ଚାହେଁ ନା । ଚରମ ଦେଶଦ୍ରୋହର ଅଗ୍ରଦୂତ ହୋଇ ଦେଶସେବକର ଧ୍ୱଜା ମୁଁ ଉଡାଇବାକୁ ଚାହେଁ ନା, କାନ୍ତ ! ଜାଣେ, ସେମାନଙ୍କ ଅବସ୍ଥା ମୁଁ ବଦଳାଇ ଦେଇ ପାରିବି ନାହିଁ । ଜାଣେ ସେମାନଙ୍କ ଦୁଃଖ ମୁଁ କାଟି ନେଇ ପାରିବି ନାହିଁ । ସେମାନଙ୍କ ସହିତ ସମାନ ହୋଇ ପାରିବି ତ ? ସେମାନଙ୍କ ଅଶ୍ରୁ ସହିତ ଅଶ୍ରୁ ମିଶାଇପାରିବି ତ ? ସେମାନଙ୍କ ନିସ୍ୱଣ ବକ୍ଷରେ ଟିକିଏ ଆଶା ଦେଇ ପାରିବି ତ ? ସେମାନଙ୍କ କଷ୍ଟରେ ପଦେ ସାନ୍ତ୍ୱନା ବାଣୀ ଶୁଣାଇ ପାରିବି ତ ? ଏହି ହିଁ ମୋ ପକ୍ଷରେ ଯଥେଷ୍ଟ । ଏହା ହିଁ ମୋ ଜୀବନରେ ଏକମାତ୍ର ସାଧନା । ଜାଣେ, ଏ ପଥ ବଡ ଦୁର୍ଗମ, ବଡ ପିଚ୍ଛିଳ, ଏ ସାଧନା ବଡ ଭୀଷଣ; କିନ୍ତୁ ଏହା ଛଡା ତ ଆଉ ଉପାୟ ନାହିଁ ।'

ଚନ୍ଦ୍ର ନିଜର ମନର ଚିନ୍ତାଚୂଡାନ୍ତ ସ୍ୱପ୍ନାବିଷ୍ଟ ପରି କହିଯାଉଥିଲା—କାନ୍ତ ଶୁଣୁଥିଲା । ତାହାର ସୁନ୍ଦର କପୋଳଦେଶରେ ଫୁଟି ଉଠିଥିଲା, ଚିନ୍ତାର ରେଖା ।

କିଛିକ୍ଷଣ ଦୁହେଁ ନୀରବ । ଧୀରେ ଧୀରେ କାନ୍ତ କହିଲା—'ଚନ୍ଦ୍ର ଦାଦା !'

ଚନ୍ଦ୍ର କହିଲା—'କଣ ରେ କାନ୍ତ ?'

"ତମେ ମୋର ଗୋଟାଏ କଥା ରଖିବ ?"

"କହ, ଦେଖେ ରଖି ପାରିବି କି ନା ।"

'ତମେ ମୋତେ ତମ ସାଙ୍ଗରେ ନେବ, ଏ ଦୁର୍ଗମ ପଥରେ ଯାଇବାରେ ? କୁହ, ତମର ସାଧନାରେ ତମେ ତମର ଶିଷ୍ୟା କରିବ ମୋତେ ?'

ଚନ୍ଦ୍ର ହସିଲା । ବଡ ନିର୍ଲିପ୍ତ, ବଡ କରୁଣ ସେ ହାସ୍ୟ ।—'ନା, ତା ତ ପାରିବ ନାହିଁ । ତୁ ପାରିବୁ ନାହିଁ କାନ୍ତ ! ସେ ବାଟ ବଡ ଭୀଷଣ !

ଅସ୍ପର ନିରବଚ୍ଛିନ୍ନ ମରୁଭୂମି ଭିତରେ ସେ ବାଟ ପଡ଼ିଛି ; କ୍ଷୁଧା, ତୃଷା, ଦୁଃଖ, ଯନ୍ତ୍ରଣାରେ ତାହା କଣ୍ଟକିତ । ସେ ବାଟକୁ ତ ମୁଁ ଟାଣି ନେଇପାରେ ନା, କାନ୍ତ ! ତୁ ଏତେ କୋମଳ, ଏତେ ନରମ ଯେ, ସେ ପ୍ରଚଣ୍ଡ ପଥରେ ଚାଲିବା କେବେ ତୋ ପକ୍ଷରେ ସମ୍ଭବ ହୋଇପାରିବ, ତାହା ମୁଁ ସ୍ୱପ୍ନରେ ସୁଦ୍ଧା ଭାବିପାରୁ ନାହିଁ । ତଥାପି ତ ଚିରଦିନ ଭାବ ଆସିଛି, ଦେବତାର ପୂଜା ପାଇଁ ସଦ୍ୟ ପ୍ରସ୍ଫୁଟିତା ପବିତ୍ର ଫୁଲଟିଏ ପରି । ତତେ ତ ଅଗ୍ନିର ତାପକୁ ଟାଣି ନେଇ ଝାଉଁଳାଇ ଦେଇପାରେ ନା କାନ୍ତ ।

—ଚନ୍ଦ୍ର ଦାଦା !

—କଅଣ ରେ କାନ୍ତି ? ନା, ନା, ମୁଁ ତତେ ସାଙ୍ଗରେ ନେଇ ପାରିବ ନାହିଁ । ସବୁର ମାୟା ଛାଡ଼ି ମୋ ବାଟରେ ମୁଁ ଚାଲିବି । ଚାଲୁ ଚାଲୁ ଯେବେ ଥକିପଡ଼େ, ପାଦ କ୍ଷତବିକ୍ଷତ ହୋଇପଡ଼େ, ତେବେ ଟିକିଏ ଛାଇତଳେ ବସି ନିଃଶ୍ୱାସମାରିବାର ସମ୍ବଳଟିକ ତୁ କାଢ଼ି ନେବାକୁ ଚାହୁଁ, କାନ୍ତି ? ଜାଣୁ, କେତେ ଆଶା କରିଛି ମୁଁ ତୋତେ ? ଜାଣୁ, ତୋ ଉପରେ କେତେ ଅଟଳ ବିଶ୍ୱାସ ସ୍ଥାପନ କରିଛି ମୁଁ ? ମୁଁ ଏ ସଂସାର ମଧ୍ୟରେ ଭାବନାରେ ଆନନ୍ଦ ପାଇବାର ସ୍ଥାନ ଟିକିଏ ରଖିଯାଉଛି ତୋ ପାଖରେ । ତୁଏ ତ ଶତ ଦୁଃଖଯନ୍ତ୍ରଣାର ଆଘାତରେ ଯେତେବେଳେ ଉଦ୍ବ୍ୟସ୍ତ ହୋଇ ଉଠିଥିବ, ସେତେବେଳେ ତୋର କଥାଟି ଭାବି, ତୋର ସୁଖ କଳ୍ପନା କରି ଟିକିଏ ଆନନ୍ଦ ପାଇବ ବୋଲି ଭାବିଛି । ନିଜ ହାତରେ ତ ସେତିକି ସ୍ୱର୍ଗ ଦେଇ ପାରେ ନା ! ଶେଷ ସମ୍ବଳଟିକ ନଷ୍ଟ କରିଦେଇ ପାରେ ନା, କାନ୍ତ !

କାନ୍ତି ... ଗମ୍ଭୀର ହୋଇଗଲା । ସେ ଅନ୍ୟମନସ୍କ ହୋଇପଡ଼ିଲା । ଦୁହେଁ ... ।

ସୂର୍ଯ୍ୟ ପ୍ରଦୀପ୍ତ କିରଣ ସେତେବେଳେ ଝରକା ବାଟ ଦେଇ ସେ ଘର ଭିତରେ ସୁନାପତର ବିଛାଇ ଦେଉଥିଲା ।

Digitized by srujanika@gmail.com

—୧୦—

ରାତି ୧୦ଟା ହେବ; ଧ୍ୱଜାଧାରୀ ବାବୁଙ୍କ ଘର ବାହାରେ ଦୁଇ ତିନି ଖଣ୍ଡ ମୋଟର ଗାଡି ରହିଛି । ବୈଠକଖାନାର ଟେବୁଲ ଚାରିପାଖରେ ବସିଛନ୍ତି ଧ୍ୱଜାଧାରୀ ବାବୁ, ସୂର୍ଯ୍ୟମଣି ମିଶ୍ର ଓକିଲ, ମୃତ୍ୟୁଞ୍ଜୟ ପ୍ରଧାନ ଡେପୋଟି ଓ ଅରକ୍ଷିତ ଚକ୍ରବର୍ତ୍ତୀ ମୁକ୍ତାର ।

ସୂର୍ଯ୍ୟମଣି ବାବୁଙ୍କ କପାଳରେ ଚିନ୍ତାର ରେଖା ଦେଖାଦେଉଥିଲା । ସେ କହିଲେ—"ଧ୍ୱଜାଧାରୀ ବାବୁ, ଆପଣଙ୍କ କଥା ସତ; କିନ୍ତୁ ମନଟା ମାନୁନାହିଁ । ଓଡ଼ିଶା ବୋଲି ପ୍ରଦେଶ ହେବ ଏତିକିଟିଏ ! ପ୍ରଦେଶ ଅନ୍ୟ ପାତରେ ଓକିଲ ସଂଖ୍ୟା ତ ବହୁତ ପରିମାଣରେ ବଢିଯିବ । ଏ ଚଣ୍ଡାଳ ଇଉନିଭର୍ସିଟି ପ୍ରସାଦରେ ଏ ଘରଛାଉଣୀକୁ ଆଉ ଘରଛାଉଣୀ ଶହ ଶହ ଓକିଲ ମାଡିଯାଉଛନ୍ତି । ଟୋକାଗୁଡାକ—ବୁଦ୍ଧି ବଡ ତେଜ, ମସ୍ତିଷ୍କ ବଡ ତାଜା, ଚାରିଆଡେ ଦେଖି ଚାହିଁ ଆଇନ-କାନୁନ ଖୁବ୍ ଭଲ କରି ଜାଣନ୍ତି । ତା ଉପରେ ପୁଣି ବ୍ରହ୍ମପୁର ଅଛନ୍ତି । ସେଠାରୁ ରାଜା ବିଶ୍ୱନାଥ ରାଉ, ତନଗୁଣ୍ଡୀ ନାରାୟଣ ମୂର୍ତ୍ତି, ନାଭି ଭେଙ୍କଟ ରମେୟା, ରାଓ ସାହେବ ନଟେଶନ୍ ଭେଙ୍କଟରତ୍ନମ୍‌ଙ୍କ ପରି ବଡ ବଡ ଓକିଲ ଆସି କଟକରେ ବ୍ୟବସାୟ ଖୋଲିବେ । ତାଙ୍କୁ ଛାଡି ମତେ କିଏ ପଚାରିବ ? ବଙ୍ଗାଳୀ ଓକିଲଙ୍କୁ ଗାଳିଫଜିତ୍ ଦେଇ, ସେମାନେ କଟକ ମାଡି ବସିଛନ୍ତି ବୋଲି ଖବରକାଗଜରେ ଲେଖି ସିନା ମାରିଯାଉଥିଲି । ଏଥର କି ବୁଦ୍ଧି କରିବ ? ନା, ସ୍ୱତନ୍ତ୍ର ପ୍ରଦେଶ ହେଲେ ଆଡ୍‌ଭୋକେଟ୍ ଜେନେରେଲ୍ ହେବା ମୋ ଭାଗ୍ୟରେ ଘଟିବାର କିଛି ଆଶା ନାହିଁ ।"

ଧ୍ୱଜାଧାରୀ ବାବୁ କହି ଉଠିଲେ—"ରହ, ରହ; ଆଗରୁ ଇମିତି ଆଶା ଛାଡିଦେଲେ ଚଳିବ ? ଆରେ ବାବୁ ନଳ ଯୋଖ ! କ[illegible]ବି ରାଜପ୍ରଶସ୍ତି ଲେଖି, ଫୁଲମାଳ ପକେଇ, ଭୋଜି ଦେଇ, ଘରଦୁଆ[illegible]ଲୁଅ ଦାନ ମାରି ଦେଇଥିଲ ସରକାରୀ ଓକିଲ ପଦଟା ? ଆରେ ବ[illegible]ଲୀକେ ଆମକୁ ଅଠା କରନ୍ତି—କରନ୍ତୁ । ଆମର କାମ ଆମେ କରିଯିବା [illegible]ଦେଶରେ ଯଦି ସୋରିଷ ଫଳୁଛି, ସୋରିଷ ତେଲ ଯଦି ମିଳୁଛି, ଆ[illegible]ର ହାତ ଦୁଇଟା ଯଦି କୁଶଳରେ ଅଛି, ଆଉ ହାକିମହୁକୁମାଙ୍କ ଅଙ୍ଗପ୍ରତ୍ୟଙ୍ଗ ଯଦି ଅଛି ତେ[illegible]ବେଳେ

Digitized by srujanika@gmail.com

କାମଟା ବଳେଇଯିବ ? ଅଡଭୋକେଟ୍ ଜେନେର୍ୱାଲ୍ ତ ଅଡଭୋକେଟ୍ ଜେନେରେଲ୍, ଲାଟ ହେବା ଖୁବ—ତାହା ବ ହୋଇଯିବ—ବୁଝିଲ ? ତମ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କ ବର ଦେବେ ? ତେଲଘଡ଼ ଜଙ୍କଟରେ ସେମାନେ କଛ କାମର ନୁହନ୍ତ । ସେଇଥିପାଇଁ ହେ ବାବୁ, ମୁଁ ନଣ ସକାଳୁ ଉଠି ତେଲଘଡ଼ଙ୍କୁ ନମସ୍କାର କରେ ।”

ସୁମ୍ମିମଣି ବାବୁଙ୍କ ମନ ଏଥିରେ ମଧ୍ୟ ମାନଲ ନାହିଁ । ସେ କହଲେ—“ଦେଖ, ଧ୍ୱଜାଧାରୀ ବାବୁ ! ଏତେବେଳର କଥାଠାରୁ ସେତେବେଳର କଥା ସମ୍ପୂର୍ଣ୍ଣ ଅଲଗା । ଏବେ ବଡ଼ବଡ଼ଙ୍କୁ ଧରିଲେ ସବୁ କାମ ହୋଇଯାଉଛି । ସେତେବେଳେ ସେମାନେ ଥିବେ; କନ୍ତୁ ସେମାନଙ୍କ ହାତରେ ତ କ୍ଷମତା ନ ଥିବ । ଫେର୍ ଦେଖୁ ନା, ଦେଶରେ ଠୋକାଦଳ ସିଂହ ମାଡଲେଣି, ସେଥିରେ ଦେଶର ଲୋକେ ଆମ କଥା ଭଲରୂପେ ଜାଣିସାରିଲେଣି । କେଉଁଠି ହେଲେ ଆମର ଆଉ ସ୍ଥାନ ନାହିଁ ! ଏ ସ୍ୱତନ୍ତ୍ର ପ୍ରଦେଶଟା ନ ହୋଇଥିଲେ ବରଂ ଭଲ ହୋଇଥାଆନ୍ତା । ତମ ବୁଦ୍ଧିରେ ପଡ ମିଛରେ ମାତଲ; ମୋର ଦାନାପଣ୍ଡାକ ଉପରେ ମାଡ ପଡଲାଣି !”

ଧ୍ୱଜାଧାରୀ ବାବୁ ହସି ପକାଇଲେ । କହଲେ—“ଆମ ଇଚ୍ଛାରେ କଅଣ ସ୍ୱତନ୍ତ୍ର ପ୍ରଦେଶ ହୋଇଛି ? କର୍ତ୍ତା ଇଚ୍ଛା କଲେ ଓଡଶାକୁ ଗୋଟାଏ ସ୍ୱତନ୍ତ୍ର ପ୍ରଦେଶ କରିଦେବା—କରିଦେଲେ । ଆମକୁ କହଲେ—‘ତୁମେ ଧଅ ଧଅ ବୋଲି ଗୁଣ୍ଡଗୋଳ କର । ଦୁନଆ ଲୋକେ ଜାଣନ୍ତୁ ଯେ, ତୁମେ ମାଗୁଛ । ଆମେ ତୁମ ହାତକୁ ସୁ ଲୁଖୁ ରୁରେ ଦେଇ ଦେଇ ଦୁନଆ ଲୋକଙ୍କଠୁ ବାହାଦୁରିଟାଏ ପାଇବୁ ।’ ସେ କହଲେ ବୋଲି ତମେ ଧ କାମରେ ଲାଗିଲେ ମୁଁ ବ ଡେଇଁଲି । ଲୋକେ ତ ବୋକା; ବୁଝିଲେ ଆମେ ତାଙ୍କ ପାଇଁ ... ! ବାବୁ, ଯାହା ତ ଆମେ ଲଢିଲୁଁ, ତାହା କର୍ତ୍ତାଙ୍କ ଇଙ୍ଗିତରେ; ... ସେମାନେ ଯାହା ବୁଝିଛନ୍ତି, ସେଥିରୁ ଆମେ ଲଭ ନ କରିବୁଁ କାହିଁକ ? ଅହେ, ଇନ୍ଦ୍ର, ଯେତେ ସିବେ ଯାଆନ୍ତୁ, ଶଚୀ ତ ଥିବେ । ଯେତେ ହାକମହୁକୁମା ଯାଆନ୍ତୁ, ଆମେ ତ ଥିବା—ଆସ୍ବର ପେଟପାଟଣ । ଆମେ ଦେଖୁଥିବା । ରଖ ତମ ଦେଶ ! ରଖ ତମ ଜାତ ! କି ଦେବେ ଦେଶ

ଲୋକେ ଯାହା ଶିଖିଛନ୍ତି ଏ ଅମ ଅପେକ୍ଷା ଚାହୁଁଛନ୍ତି । ନୂଆ ସରକାର ହେଲେ, ଏହି ଟୋକାଦଳ ଯଦି ମାତି ଉଠି ସରକାରଙ୍କୁ ହାତମୁଠାରେ ରଖି ନଥାନ୍ତି, ତେବେ ଆମର ଉପାୟ କଅଣ ?"

ଧ୍ୱଜାଧାରୀ ବାବୁ ଗମ୍ଭୀର ହୋଇ କହିଲେ—'ଉପାୟ ତୈଳଭାଣ୍ଡ ! ଟୋକା ହେଉ, ବୁଢା ହେଉ, ଗୋରା ହେଉ, କଳା ହେଉ, ଯାହାଠି ତମେ ତୈଳ ପ୍ରଦାନ କରିବ, ସେ ତୁମକୁ ଠେକିବ, ଅନୁଗ୍ରହ କରିବ, ପୁଅଠୁଁ ଅଧିକ ଦେଖିବ । ଏତେ ଦନ ଏତେ ଅନୁଗ୍ରହ ପାଇଲି ଯେଉଁ କୌଶଳ ବଳରେ, ସେ କୌଶଳର ହାତସଫେଇ ଜାଣ ନା ? ମୁଁ ତ ବାବୁ ସତ କହୁଛି, ଏ ଶରୀରରୁ ଅତ୍ମା ଚାଲିଗଲେ ବି ଏ ତ ଧ୍ୱଜାଧାରୀ ନାମଟାର ଅସ୍ତିତ୍ୱ ରହିବ; କିନ୍ତୁ ତେଲଘଡି ଗଲେ ଧ୍ୱଜାଧାରୀ ଲୋପ ପାଇବ ।"

ରାତି ବେଶୀ ହୋଇଥିଲା । ଚାକର ଆସି କହିଲା—'ଠା ହେଲାଣି ।' ସମସ୍ତେ ଉଠିଲେ ।

—୧୧—

ସିଂହଭୂମର ସଞ୍ଜେଇ ନଦୀକୂଳ । ନଦୀର ଅଗଭୀର ଜଳ ପ୍ରସ୍ତରମୟ କୂଳ ଦେହରେ ଧକ୍କା ଖାଇ ତାଳେ ତାଳେ ତରଙ୍ଗ ତୋଳି ନାଚିଯାଉଛି । ସୁଦୂର ପଇଲକେରା ପର୍ବତମାଳାର ପଛରେ ସୂର୍ଯ୍ୟ ରକ୍ତବର୍ଣ୍ଣ ପେଣ୍ଡୁ ସଦୃଶ ଆକାର ଧାରଣ କରି ବୁଡିଯାଉଛନ୍ତି ।

ଅଳ୍ପ ଦୂରରେ କ୍ଷୁଦ୍ର ଗ୍ରାମଖଣ୍ଡିକର ଚାଳଗୁଡିକ ମହୁଲ ଗଛର ଭିତର ଦେଇ ଦେଖାଯାଉଥିଲା । ଦୂର ନଈଘାଟରେ ଦୁଇ ତିନି ଜଣ ପଲ୍ଲୀବଧୂ ପାଣି ନେଉଥିଲେ ।

ନଦୀକୂଳର ଖଣ୍ଡେ ପଥର ଉପରେ ପଦ୍ମାସନ କରି ବସିଛି ଗୋଟିଏ ଯୁବକ । ତେଜୋମୟ ବପୁ । କୃଷ୍ଣ ଅବାନ୍ୟସ୍ତ କୁଞ୍ଚିତ କେଶ ଦକ୍ଷିଣା ପବନରେ ଝୁରୁ ଝୁରୁ ହୋଇ ଉଡୁଛି । ଯୁବକର ଚକ୍ଷୁ ଦୁଇଟି ତାହାର ଗଣ୍ଡ ଦେଇ ବୋହିଯାଉଛି ଅଶ୍ରୁ ଦୁଇଧାର । ସେ ଗାଉଛି

"ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ ।"

ଗୀତର ସ୍ୱର ସାନ୍ଧ୍ୟ ପବନରେ ମିଶିଗଲା । ସେ ଭୂମିଷ୍ଠ ପ୍ରଣାମ କରି କହିଲା, "ମା ! ବଳ ଦେ ମା ! ଶକ୍ତି ଦେ ମା ! ତୋର ସେବା କରିବା ପାଇଁ, ତୋର ପାଇଁ ଜୀବନ ଉତ୍ସର୍ଗ କରିବାପାଇଁ ହୃଦୟରେ ଶକ୍ତି ଦେ ମା ! ମାଆ ମୋର, ଆଶୀର୍ବାଦ କର, ତୋର ନାମ କରୁ କରୁ ଯେପରି ମୋର ଶେଷ ନିଃଶ୍ୱାସଟି ତୋର କୋଳରେ ବାହାରିଯାଏ । ବନ୍ଦେ ମାତରମ୍ ।"

ନମସ୍କାର କରି ଆଖି ପୋଛି ସେ ଉଠିଲା । ପରିଧାନରେ ସାନ ଖଦଡ଼ ଲୁଗା ଖଣ୍ଡେ; ଅଣ୍ଟ ଲୁଚୁନାହିଁ ।

ଗ୍ରାମ ମଧ୍ୟରେ ଖୁବ ସାନ କୁଟୀରଟିଏ । ଦୁଆରେ ଲଗିଛି ବାଉଁଶ ତାଟିର କବାଟ ଖଣ୍ଡେ । ସେଇ କୁଟୀର ପିଣ୍ଡାରେ କେତୋଟି ପିଲା ରୁଣ୍ଡ ହୋଇଯାଇଥିଲେ ।

ଯୁବକଟି ଘର ଭିତରକୁ ଯାଇ ପୋଲଙ୍ଗ ତେଲର ଦୀପ ଜାଳିଲା । ବାହାରକୁ ଆସି କହିଲା—"କି ରେ, ତମେ ତ କଅଣ ଗୋଳ ଗୋଳ କରୁଥିଲ ।"

ଗୋଟିଏ ପିଲା କହିଲା—"କୃଷ୍ଣ ଭାଇ, ଦାମିଆ କହିଲା ଯେ, ଏ ମାଟିଟା କୁଆଡେ ମାଆ ! ଏଡ଼କି ବୋକା ! ମାଆ ତ ଘରେ ଅଛନ୍ତି ଆମର !"

ଦାମିଆ ଅଗକୁ ବଳି ପଡ଼ି ଯୁବକଟିକୁ କହିଲା—"ସେ ଦିନ ତୁ କହୁ ନ ଥିଲୁ ଭାଇ ଯେ, ଏ ମାଟି ନୁହେଁ, ଏ ମା-ଆଟି । ଏଇ ମାଟି ଆମ ସମସ୍ତଙ୍କର ମାଆ ।"

ଯୁବକଟି କହିଲା—"ହଁ, ମୁଁ କହୁଥିଲି । ଏ ସବୁ ଆମ ଦେଶ, ଆମ ମାଆ, ଆମ[illegible] ବଡ ଦେବୀ । ଆମେ ସମସ୍ତେ ତାହାର ପିଲା ! ଆମେ ସମସ୍ତେ ପ[illegible]"

ପ୍ରଥମ[illegible] କହିଲା—"କନ୍ତୁ ମାଆ ଯେ ଘରେ ଅଛନ୍ତି । କଅଣ ଦୁଇଟା ମାଆ[illegible]"

ଯୁବକଟି ହସି ହସି କହିଲା—"ହଁ, ଦୁଇଟି ମାଆ । ଏ ମାଆ ଯେତିକି, ତତେ ଭଲ ପାଆନ୍ତି, ସେ ମାଆ ସେତିକି ଭଲ ପାଆନ୍ତି । ଯାଙ୍କୁ ତୁ

କିଏ ? କାହା କିଏ ? ଏହି ଚଷା ମୂଲିଆଗୁଡ଼ାକ ତ ? ସେମାନଙ୍କୁ ଦେଖିଲେ ଘୃଣାରେ ମୋ ହାଡ଼ ଜଳିଯାଏ । ଦେଶ ନାଆଁ ଶୁଣିଲେ ମୋ ଛାତି ଭୟରେ ଥରି ଚାଲିଯାଏ । ଦେଶ ନାଆଁ ଧରିଲେ ଆମ କର୍ତ୍ତବ୍ୟ ଚଳୁଛି, ସେଥିପାଇଁ ଦେଶ ନାଆଁ ଧରୁଛୁ । କାଲି ଆମେରିକା ନାଆଁ ଧରିଲେ ଯଦି ମୁଁ ଜଜ୍ ହୋଇପାରେ, ତେବେ 'ଆମେରିକା ମାତରମ୍' ବୋଲି ଗାଇବି ।"

ସୂର୍ଯ୍ୟମଣି ବାବୁ ମୁଣ୍ଡ ହଲାଇ କହିଲେ—"ଠିକ୍ କଥା ।"

ଧ୍ୱଜାଧାରୀ ବାବୁ ଉତ୍ସାହିତ ହୋଇ କହିଲେ—"ତେବେ କର୍ତ୍ତୃପକ୍ଷ ଆମ କାମ କଥା ବୁଝିବେ ନାହିଁ ? ବୁଝିବେ, ବୁଝିବେ ! ବାବୁ, ସେମାନେ ଯଦି ଆମ ପ୍ରତି ଅପାଙ୍ଗଦୃଷ୍ଟି ରଖି ନ ଥାନ୍ତେ, ତେବେ ଆମେ ଆଜି ଥାଆନ୍ତେ କେଉଁଠି ? ଆମେ ତ ଓକିଲଖାନାର ଭଙ୍ଗା ଟେବୁଲ ଉପରକୁ ଗୋଡ଼ ଲମ୍ବାଇ ଦେଇ ଫଟା ଛାତର କଡ଼ିକାଠ ଗଣୁଥାଆନ୍ତେ ! ଧୈର୍ଯ୍ୟ ଧର, ଦେଖ; ଆଗରୁ ଇମିତି ଅଧୈର୍ଯ୍ୟ ହେଉଛ କାହିଁକି ?'

ଅଚହିତ ବାବୁ ମୁକ୍ତ୍ୟାର କହିଲେ—'ହଁ, ଠିକ୍ କଥା । ସୂର୍ଯ୍ୟମଣି ବାବୁଙ୍କର ଟିକିଏ ସବୁର ସମ୍ଭାଳ ନାହିଁ । କି ରେ ବାବୁ, କିଛି ନ ହେଉ— ପାଖରେ ହାଇକୋର୍ଟଟିଏ ହେଲେ ତ ମାଲିମାମଲା ବଢ଼ିବ । ଏବେ ଯିନା କାହିଁ ପାଟନାରେ ହାଇକୋର୍ଟ ହୋଇଛି ବୋଲି ଲୋକେ ମାମଲାମକଦ୍ଦମାକୁ ବେଶୀ ଆଗଉ ନାହାନ୍ତି; ହାଇକୋର୍ଟ ହାତ ପାଖରେ ହେଲେ ଛାଡ଼େ କିଏ? ଆମେ ଗରିବ ମୁକ୍ତ୍ୟାର; କଲଟର କଚିରିର ବରଗଛ ମୂଳ ଆମର ଆଶ୍ରା ! ଦୁଇ ଅଣା ଚାରି ଅଣା ଆମର ରୋଜଗାର ! ଆମେ ତ ଭାବୁଛୁ ଯେ, ସ୍ୱତନ୍ତ୍ର ପ୍ରଦେଶ ହେଲେ ଆମର ଛିଣ୍ଡା କୋଟର ପକେଟ୍ ଟିକିଏ ଭାରି ହେବ । ଆଉ ଆପଣମାନେ ତ ବଡ଼ ଓକିଲ—ହତାଶ ହୋଇ [illegible] ?'

ମୃତ୍ୟୁଞ୍ଜୟ ବାବୁ କହିଲେ—"କପାଳ ଖରାପ [illegible] ଆମରି ! ଦେଖୁଛ ତ ଯେଉଁ ପ୍ରଦେଶଟି ହେବ, ସେଥିରେ ଟଙ୍କା [illegible] ବରାବର ଲାଗିରହିବ । ଏସବୁ ଦେଖି କିଏ କହୁଛି—ପାନ ଉପରେ ଟିକସ ବସାଅ, କିଏ କହୁଛି—ବଇଁଆ ଉପରେ ଟିକସ ବସୁ, କିଏ କହୁଛି—ବେଙ୍ଗ ଉପରେ ଟିକସ ଲଗାଇଲେ ସରକାରୀ ଖର୍ଚ୍ଚ ସମାନ ଚଳିବ, ଆଉ କିଏ କହୁଛି—

Digitized by srujanika@gmail.com

ଘୋରଣା ଉପରେ ଖଇଣା ବସ୍ତୁ, କାରଣ ଘୋରଣା ଧିବ ସୌଖୀନ ଜିନିଷ । ଯେଉଁମାନେ ସଉକ କରି ବଡ, ପିଠା,ବଠା ମସଲା ଖାଆନ୍ତି, ସେମାନଙ୍କର ଘୋରଣା ଥାଏ । ଘୋରଣାଦ୍ୱାରା ଗୃହସ୍ଵାମୀର ଅର୍ଥିକ ସ୍ୱଚ୍ଛଳତା ପ୍ରକାଶ ପାଏ । ଦୃଷ୍ଟି ଯେତେବେଳେ ବଠିଆ ଘୋରଣା ଅଡକୁ ଗଲାଣି, ସେତେ-ବେଳେ ଅମ ଗରିବ ଉପୋଷିତୁଞ୍ଜାଙ୍କ ଦରମା ଯେ କମିବ, ଏଥିରେ ମୋର ତ ସନ୍ଦେହ ନାହିଁ । କମୁ ନ କମୁ, ଅନ୍ତତଃ ବଢିବ ନାହିଁ । ସ୍ୱତନ୍ତ୍ର ପ୍ରଦେଶ ହେଲେ ତାହାକୁ ଯଉ ମାଡ ବେଣୀ ବାଜେ ତ, ବାଜିବ ଅମ ଉପୋଷିତୁଞ୍ଜାଙ୍କୁ ।”

ଧ୍ୱଜାଧାରୀ ବାବୁ ନିଜକୁ ଏତ ପ୍ରକାଣ୍ଡ ରାଜନୀତିକ ପଣ୍ଡିତ ବୋଲି ମନେ କରନ୍ତି । ସେ କହିଲେ—“ମୃତ୍ୟୁଞ୍ଜୟ ବାବୁ, ଅପଣ କ ବୁଝି ପାରୁ ନାହାନ୍ତି ? କି ହୋ, ଏହି ଯେ ସେକେଟେରିଏଟ୍ ହେବ, ସେଥିରେ ଯେ ମୋଟା ଦରମା ପାଇ ସେକେଟେରି ରହିବେ, ଅଣ୍ଡର ସେକେଟେରି ରହିବେ, ସେଥିରେ ରହିବ କିଏ ?—ତମ ଉପୋଷିଯାକ ତ । ଅରେ ବାବୁ, ମୋଟ କଥାଟା ବୁଝୁ ନା ? ସ୍ୱତନ୍ତ୍ର ସରକାରଟାଏ ହେଲେ ଗରିବମାନଙ୍କର କ ଯାଏ ? ସେମାନେ ଯିମିତି କର ଗଣୁଛନ୍ତି—ଗଣିବେ । ସେମାନଙ୍କ ଉପରେ ଯିମିତି ଘୋଦାରଘୋଡ କରଡା ହେଉଛି—ହେବ । ଲାଭ କେବଳ ତମର; ଲାଭ କେବଳ ଅମର ! ସେଥିପାଇଁ ତ ଅମେ ଦୁଇ ହାତ ବଢାଇ ସ୍ୱତନ୍ତ୍ର ପ୍ରଦେଶ ଘୋଷଣାକୁ କୁଣ୍ଢାଇ ପକାଇଲୁ । କର୍ତ୍ତା ବ ସେଥିରେ ଖୁସି ହେଲେ ! ଲାଭ ଅମର—ଲାଭ ଅମର !! ଅନନ୍ଦ କୁଅ, ଖୁସି କର ! ତା ନ କରି ମୁହଁ ଶୁଖାଉଛ ? ବୁଝିବ—ପଛେ ବୁଝିବ—ମୋ କଥା ସତ କ ମିଛ !”

ସୂର୍ଯ୍ୟମଣି ବାବୁ କହିଲେ—“ଅଉ ଗୋଟାଏ କଥା ଦେଖ । ଏବକାଳର ଟୋକାଗୁଡ଼ାକ କେଡ଼େ ଖରାପ ହେଲାଣି କ କହିବ, ସେମାନେ ଚଗିରର ଦାଣ୍ଡ ଘାଟ ସବୁଠି ଅମ ଦଳେ ଦେଶଦ୍ରୋହୀ ବୋଲି କହି ବୁଲୁଛନ୍ତି । କାମ ପଡଲେ କେଉଁଠି କେହି କେହି ଅମକୁ ଛ ଖିଲା ମୁଣ୍ଡିଅଟାଏ ମାରୁଛନ୍ତି; ନ ହେଲେ ମୋ ମୋଟରରେ ଗଲାବେଳେ ମୁଁ ଦେଖିଛି, ମୋତେ ଦେଖିଲା ଛଣି ଲୋକେ ଘୃଣାରେ ଅଖି ଫେରାଇ ନଅନ୍ତି—ମେଥିଏ ଲେଖା ହେଉ ପକାନ୍ତି । ସରକାରୀ ହାକମମାନଙ୍କ ଅନୁଗ୍ରହ ଅମ ଉପରେ ଟିକିଏ ଥିବାରୁ

ଲୋକେ ଯାହା ଟିକିଏ ଆମ ଅଡ଼କୁ ଚାହୁଁଛନ୍ତି । ନୂଆ ସରକାର ହେଲେ, ଏହି ଟୋକାଦଳ ଯଦି ମାଡ଼ି ଉଠି ସରକାରଙ୍କୁ ହାତମୁଠାରେ ରଖି ନଅନ୍ତି, ତେବେ ଆମର ଉପାୟ କଅଣ ?”

ଧ୍ୱଜାଧାରୀ ବାବୁ ଗମ୍ଭୀର ହୋଇ କହିଲେ—‘ଉପାୟ ତୈଳସ୍ତ୍ର ! ଟୋକା ହେଉ, ବୁଢ଼ା ହେଉ, ଗୋରା ହେଉ, କଳା ହେଉ, ଯାହାଠି ତମେ ତୈଳ ପ୍ରଦାନ କରିବ, ସେ ତୁମକୁ ଠେକିବ, ଅନୁଗ୍ରହ କରିବ, ସବୁଠୁଁ ଅଧିକ ଦେଖିବ । ଏତେ ଦିନ ଏତେ ଅନୁଗ୍ରହ ପାଇଲ ଯେଉଁ କୌଶଳ ବଳରେ, ସେ କୌଶଳର ହାତସଫେଇ ଜାଣ ନା ? ମୁଁ ତ ବାବୁ ସତ କହୁଛି, ଏ ଶରୀରରୁ ଆତ୍ମା ଚାଲିଗଲେ ହୁଏ ତ ଧ୍ୱଜାଧାରୀ ନାମଟାର ଅସ୍ତିତ୍ୱ ରହିବ; କିନ୍ତୁ ତେଲଘଡ଼ି ଗଲେ ଧ୍ୱଜାଧାରୀ ଲୋପ ପାଇବ ।”

ରାତି ବେଶୀ ହୋଇଥିଲା । ଚାକର ଆସି କହିଲା—‘ଠା ହେଲାଣି ।’ ସମସ୍ତେ ଉଠିଲେ ।

—୧୧—

ସିଂହଭୂମର ସଞ୍ଜେଇ ନଦୀକୂଳ । ନଦୀର ଅଗଭୀର ଜଳ ପ୍ରସ୍ତରମୟ କୂଳ ଦେହରେ ଧକ୍କା ଖାଇ ତାଳେ ତାଳେ ତରଙ୍ଗ ତୋଳି ନାଚିଯାଉଛି । ସୁଦୂର ଗଇଲକେରା ପର୍ବତମାଳାର ପଛରେ ସୂର୍ଯ୍ୟ ରକ୍ତବର୍ଣ୍ଣ ପେଣ୍ଡୁ ସଦୃଶ ଆକାର ଧାରଣ କରି ବୁଡ଼ିଯାଉଛନ୍ତି ।

ଅଳ୍ପ ଦୂରରେ କ୍ଷୁଦ୍ର ଗ୍ରାମଖଣ୍ଡିକର ଚାଳଚୂଡ଼ିକ ମହୁଲ ଗଛର ଭିତର ଦେଇ ଦେଖାଯାଉଥିଲା । କୂଳ ନଈଘାଟରେ ଦୁଇ ତିନି ଜଣ ପଲ୍ଲୀବଧୂ ପାଣି ନେଉଥିଲେ ।

ନଦୀକୂଳର ଖଣ୍ଡେ ପଥର ଉପରେ ପଦ୍ମାସନ କରି ବସିଛି ଗୋଟିଏ ଯୁବକ । ତେଜୋମୟ ବପୁ । ରୁକ୍ଷ ଅବିନ୍ୟସ୍ତ କୁଞ୍ଚିତ କେ[illegible] ଦକ୍ଷିଣା ପବନରେ ଝୁରୁ ଝୁରୁ ହୋଇ ଉଡ଼ୁଛି । ଯୁବକର ଚକ୍ଷୁ[illegible] ତାହାର ଗଣ୍ଡ ଦେଇ ବୋହିଯାଉଛି ଅଶ୍ରୁ ଦୁଇଧାର । ସେ ଗାଉଛି—

“ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ ।”

Digitized by srujanika@gmail.com

ଗୀତର ସ୍ୱର ସାନ୍ଧ୍ୟ ପବନରେ ମିଶିଗଲା । ସେ ଭୂମିଷ୍ଠ ପ୍ରଣାମ କରି କହିଲା, "ମା ! ବଳ ଦେ ମା ! ଶକ୍ତି ଦେ ମା ! ତୋର ସେବା କରିବା ପାଇଁ, ତୋର ପାଇଁ ଜୀବନ ଉତ୍ସର୍ଗ କରିବାପାଇଁ ହୃଦୟରେ ଶକ୍ତି ଦେ ମା ! ମାଆ ମୋର, ଆଶୀର୍ବାଦ କର, ତୋର ନାମ କରୁ କରୁ ଯେପରି ମୋର ଶେଷ ନିଃଶ୍ୱାସଟି ତୋର କୋଳରେ ବାହାରିଯାଏ । ବନ୍ଦେ ମାତରମ୍ !"

ନମସ୍କାର କରି ଆଖି ପୋଛି ସେ ଉଠିଲା । ପରିଧାନରେ ସାନ ଖଦଡ ଲୁଗା ଖଣ୍ଡେ; ଅଣ୍ଟ ଲୁଚୁ ନାହିଁ ।

ଗ୍ରାମ ମଧ୍ୟରେ ଖୁବ ସାନ କୁଟୀରଟିଏ । ଦୁଆରେ ଲଗିଛି ବାଉଁଶ ଚାଟିର କବାଟ ଖଣ୍ଡେ । ସେଇ କୁଟୀର ପିଣ୍ଡାରେ କେତୋଟି ପିଲା ରୁଣ୍ଡ ହୋଇଯାଇଥିଲେ ।

ଯୁବକଟି ଘର ଭିତରକୁ ଯାଇ ପୋଲଙ୍ଗ ତେଲର ଦୀପ ଜାଳିଲା । ବାହାରକୁ ଆସି କହିଲା—"କି ରେ. ତମେ ତ କଅଣ ଖୁବ ଗୋଳ କରୁଥିଲ ।"

ଗୋଟିଏ ପିଲା କହିଲା—"ଦେଖନ୍ତୁ ଭାଇ. ଦାମିଆ କହୁଛି ଯେ, ଏ ମାଟିଟା ବୁଝାତେ ମାଆ ! ଏତିକି ବୋକା ! ମାଆ ତ ଘରେ ଅଛନ୍ତି ଆମର !"

ଦାମିଆ ଅଗକୁ ବଳି ପଡ଼ି ଯୁବକଟିକୁ କହିଲା—"ସେ ଦିନ ତୁ କହୁ ନ ଥିଲୁ ଭାଇ ଯେ, ଏ ମାଟି ନୁହେଁ, ଏ ମା-ଅଟି । ଏଇ ମାଟି ଆମ ସମସ୍ତଙ୍କର ମାଆ !"

ଯୁବକଟି କହିଲା—"ହଁ, ମୁଁ କହୁଥିଲି । ଏ ପରା ଆମ ଦେଶ, ଆମ ମାଆ, ଆମକୁ ... ବଡ ଦେବୀ । ଆମେ ସମସ୍ତେ ତାହାର ପିଲା ! ଆମେ ସମସ୍ତେ ପ...

ପ୍ରଥମ ... କହିଲା—"କିନ୍ତୁ ମାଆ ଯେ ଘରେ ଅଛନ୍ତି । କଅଣ ଦୁଇଟା ମାଆ

ଯୁବକଟି ହସି ହସି କହିଲା—"ହଁ, ଦୁଇଟି ମାଆ । ଏ ମାଆ ଯେତିକି ତତେ ଭଲ ପାଆନ୍ତି. ସେ ମାଆ ସେତିକି ଭଲ ପାଆନ୍ତି । ଯାଙ୍କୁ ତୁ

ଚିହ୍ନୁଛୁ; ତାଙ୍କୁ ବଡ ହେଲେ ବଳି ଭଳି ଚିହ୍ନୁଛୁ । ଏହେଁ ତତେ ବଳି ପାଆନ୍ତି, ଏହେଁ ତୋର ମାଆ ।"

ଦାମିଆ ପୁଅକୁ କହିଲା—"ହୁଁ, କଅଣ କହୁଥିଲି ?"ଯୁବକଟି କହିଲା- "ହଉ, ଏବେ ବହି ପଢିବା ନା ?"

ସବୁ ପିଲାଯାକ ଚିଣ୍ଡାରେ ପଢିବାକୁ ବସିଲେ । ଯୁବକଟି ସେମାନଙ୍କର ଶିକ୍ଷକ ।

ଦୁଇ ଘଣ୍ଟା ଗଡିଗଲା । ଗାଆଁର ବୁଢା ବୁଢାମାନେ ଆସି କ୍ରମେ କ୍ରମେ ପହଞ୍ଚିଗଲେ । ଜଣେ ବୁଢା କହିଲା—"ପୁଅ, ତୁମମାନେ ଘରକୁ ଯାଆନ୍ତୁ । ଭାଗବତ ପଢିବା । ଫେର୍ ତମେ କାଲି ମହାଭାରତ କଥା ଯେଉଁଠୁ ଅଧା ରଖିଛ, ସେଠୁଁ କହିବ ।"

ପିଲାମାନେ ମହା କୋଳାହଳ କରି 'ନାହିଁ ନାହିଁ' କରି ଉଠିଲେ । ଯୁବକଟି ସେମାନଙ୍କୁ ବୁଝାଇ ସୁଝାଇ ଘରକୁ ବିଦାୟ କଲା ।

ଭାଗବତ ପଢା ସରିଲା । ଯୁବକଟି କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭ ପୂର୍ବେ ଗୀତାର କଥା କହିଚାଲିଲା । ଗାଁଆଟିର ଲୋକେ ତନ୍ମୟ ହୋଇ ଶୁଣିଯିବାକୁ ଲାଗିଲେ । ଶେଷରେ ଯୁବକ କହିଲା—"ଗୀତାରେ ଭଗବାନ କହିଛନ୍ତି,ପାଇବାର ଆଶା ତ୍ୟାଗ କରି, ସବୁ କାମନା ଛାଡି, ତମର କର୍ତ୍ତବ୍ୟ ତମେ କର । ମଣିଷ ହୋଇ ଆମର କର୍ତ୍ତବ୍ୟ କଅଣ ? ମଣିଷ ହୋଇ ଆମେ ଯଦି ମଣିଷର ସେବା କରି ନ ପାରିଲୁ, ମଣିଷ ହୋଇ ମଣିଷକୁ ଯଦି ବାପ ପରି, ଭାଇ ପରି, ପୁଅ ପରି ଦେଖି ନ ପାରିଲୁ, ତେବେ ଆମେ କି ମଣିଷ ? ଦେଶର ସେବା, ଜାତିର ସେବା ହିଁ ମନୁଷ୍ୟର ବଡ କର୍ତ୍ତବ୍ୟ । ଏ କର୍ତ୍ତବ୍ୟ ନ କଲେ, ମଣିଷ ଆଉ ମଣିଷ ହୋଇ ରହିଲା କଅଣ ?"

ବୁଢା ବୁଢା କେତେ ଜଣ କହିଲେ—"ଠିକ୍ କ[illegible] କଥା !"

ଆଉ ଜଣେ କହିଲେ—'ଠିକ୍ କଥା ବୋଲି କ[illegible]ସେ, ଗାଆଁ ଭିତରେ ତ ମାଲିମକଦ୍ଦମା ମେଣ୍ଟିଲା ନାହିଁ । ଗୋଟେ ଗାଈ ବାଛୁରୀ ଗଉଡଙ୍କର ବାଡିରେ ପଶିଥିଲା ବୋଲି ପୁଲିସ ପାଖକୁ ଯାଏ କଥା ଯାଇଛି । ଏଥିରେ କି ସେବା ହବା ?"

ଯୁବକଟି କହିଲା—"ବଣ୍ଟୁ ଗୋବର୍ଦ୍ଧନ କଅଣ ସର୍ବେ ନୁହନ୍ତି ? ସେମାନେ କଅଣ ଏକାଠି ଏ ଗାଁରେ ରହୁ ନାହାନ୍ତି ? କଳି କଲେ ପର ଖାଇବ ପଇସା । ଲାଭ କାହାର ? ଏଠି ପଞ୍ଚପରମେଶ୍ୱର ବସିଛନ୍ତି । କଥାଟା ଏଇଠି ପଡ଼ ମୀମାଂସା ହେଉ, କଚ୍ଛା କାଲି ସନ୍ଧ୍ୟାବେଳକୁ କଥା ରହୁ ।"

ସମସ୍ତେ ଠିକ୍ କଲେ ଯେ, କାଲି ସନ୍ଧ୍ୟାବେଳେ ଏ କଥା ବଚାର ହୋଇ ବଣ୍ଟୁ ଓ ଗୋବର୍ଦ୍ଧନ ଦୁହିଁଙ୍କୁ ମିଶାଇ ଦଆଯିବ ।

ରାତ୍ରି ବେଶି ହୋଇଗଲା । ସମସ୍ତେ ଯେ ଯାହା ଘରକୁ ଗଲେ । ଯୁବକ ଖଣ୍ଡେ ଛିଣ୍ଡା ମଟିଣା ପାରି ତାହାର କୁଟୀର ଭିତରେ ଶୋଇଲା ।

—୧୨—

ସେତେବେଳେ ପୂର୍ବ ଆକାଶରେ କୁଆତାରା ଉଠିଛି । ପୂର୍ବ ଦଗରେ ଫୁଟି ଉଠିଛି ଉଦାର ଗମ୍ଭୀର ଜ୍ୟୋତି । ସଙ୍ଗେ ସଙ୍ଗେ ନଦୀର କୂଳ ସେହି ଯୁବକଟିର ସ୍ତୋତ୍ର ଝଙ୍କାରରେ ମୁଖରିତ ହୋଇପଡିଲା ।

ସୂର୍ଯ୍ୟ ଉଠିଲେ; ଖରା ପଡ଼ିଲା । କୃଷକ ହଳ ନେଇ ଗଲା କ୍ଷେତକୁ । ଯୁବକଟି ଦେଖାଦେଲା ଗୋଟାଏ ହଳ ପଛରେ । ତାର ସବଳ ବାହୁ ଦୁଇଟିରେ ମାଂସପେଶୀ ଫୁଟି ଉଠିଛି । ସେ ଦକ୍ଷତା ସହିତ ହଳ କରୁଛି ସତ; କିନ୍ତୁ ଦେଖିଲେ ଜଣାଯାଉଛି, ଯେପରି ପିଲାଦିନରୁ ସେ କେବେ ଏ ଜୀବନ ସହିତ ପରିଚିତ ନୁହେଁ । ହିଡ ଉପର ଦେଇ ଗ୍ରାମାନ୍ତରର ଲୋକେ ଚାଲିଯାଆନ୍ତି—ଚାହିଁ ରହନ୍ତି ଏହି ଯୁବକଟିକୁ ।

ଦୁଇ ପହରର ଖରା ଅଗ୍ନିକଣା ବର୍ଷିଦେଇ ଗଲା । ଯୁବକଟି ଫେରିଲା ନିଜ କୁଟୀରକୁ । ଡାକିଲା—"ବୋଉ !"

ବୁଢ଼ୀଟି ଉତ୍ତର ଦେଲା—"କିଏ ରେ ବାପ ? ଆସିଲୁ ?"

ବୁଢ଼ୀଟି କୁଟୀର ଦୁଆର ମୁହଁରେ ଦେଖାଦେଲା । ତାର ମସ୍ତକର କେଶ ଯାଇଛି ପାଚି ଧଳା ହୋଇ । କେତେ ବର୍ଷ ଚାଲି ଯାଇଛି ତାହାର ଶରୀରର ଉପର ଦେଇ ତାକୁ ଅବନତ କରି, ଶିଥିଳ କରି । ବାର୍ଦ୍ଧକ୍ୟର କମ୍ପିତ ହସ୍ତର ରେଖାଚିତ୍ର ଫୁଟି ଉଠିଛି ତା ଜୀବନର ପ୍ରତ୍ୟେକ

ସ୍ବରରେ । ରହୁଛି କେବଳ ତାର ଚକ୍ଷୁ ଦୁଇଟି ଅଗ୍ନିଗର୍ଭ ତାରକା ଦୁଇଟିକୁ ଧରି । ସେ ଦୁଇଟିର ଭିତର ଦେଇ ଫୁଟି ଉଠୁଛି ବୁଢ଼ୀଟିର ଅନ୍ତର ଅବ୍ୟକ୍ତ ଭାଷା !

ଯୁବକଟି ଲଙ୍ଗଳ ପିଣ୍ଡା ବାହାରୁ ଡେରିଦେଇ ବଳଦ ଦୁଇଟିକୁ ଛାଇରେ ବାନ୍ଧି ତାଙ୍କ ପାଖରେ ନଡା ପକାଇ ଯେତେବେଳେ ଫେରେ, ସେତେବେଳେ ବୁଢ଼ୀର ଚକ୍ଷୁ ଭିତର ଦେଇ ଫୁଟି ଉଠୁଛି ମାତୃତ୍ବର ସମସ୍ତ କୋମଳତା, ସମସ୍ତ ସ୍ନେହ, ସମସ୍ତ ମମତା ।

ଯୁବକଟି ପିଣ୍ଡା ଉପରେ ବସିପଡ଼ିଲା । ବୁଢ଼ୀ ଖଣ୍ଡେ ବିଞ୍ଚଣା ଧରି ତାକୁ ବିଞ୍ଚି ପକାଇବାକୁ ଲାଗିଲା । ଦୁହେଁ ନୀରବ । ବୋଧ ହୁଏ ଜଣେ ତାହାର ମାତୃହୃଦୟର ସମସ୍ତ ସ୍ନେହମମତା ଦେବାରେ ବ୍ୟସ୍ତ; ଆଉ ଜଣେ ତାହା ଉପଭୋଗ କରିବାରେ ତନ୍ମୟ !

ସାମାନ୍ୟ ଆହାର—ସରିଲା । ଯୁବକଟି ଅରଟ ଧରି ବସିଲା ସୂତା କାଟିବା ପାଇଁ । ବୁଢ଼ୀ କପା ସୁଆଁରିବାକୁ ବସି କହିଲା—"ହଇରେ ବାପ, କେତେ ଦିନ ଇମିତି ଚଳିବୁ ? କେତେ ଦିନ ଇମିତି ବୁଲିବୁ ?"

ଯୁବକ କହିଲା—"ଯେତେ ଦିନ କ୍ଷମତା ଅଛି ବୋଉ ।"

ବୁଢ଼ୀ କିଛିକାଳ ନୀରବ ରହି କପା ସୁଆଁରିବାକୁ ଲାଗିଲା । କିଛିକ୍ଷଣ ପରେ କହିଲା—"ଏତେ ଗୁଣବାନ ପିଲା ! ତୋ ବୋଉ ଥିଲେ ତତେ ଛାଡ଼ନ୍ତା କି ରେ ?"

ଯୁବକଟି ହସି ହସି କହିଲା—"ବୋଧ ହୁଏ ଛାଡ଼ନ୍ତା ନାହିଁ । ହେଉଛି ତୁ ଯିମିତି ତୋ ପାଖରୁ ମୋତେ ଛାଡ଼ିବାକୁ ରାଜି ନହୁଁ, ... ଛାଡ଼ନ୍ତା ନାହିଁ । କିନ୍ତୁ ତୋ ପରି ବୋଉ ମୁଁ କେଉଁଠୁ ପାଆନ୍ତି ?"

ଏହି ସମୟରେ ଗାଆଁ ଭିତରେ ଗୋଟାଏ କୋ... ଶୁଭିଲା । ଯୁବକଟି ଅରଟ ଛାଡ଼ି ଉଠି ଝଟ ପରି ଘର ଭିତରୁ ବାହାରିଗଲା ।

ବୁଢ଼ୀଟି କିଛି; ବୁଝିପାରିଲା ନାହିଁ । ଅଜାଣତରେ ତା ମୁହଁରୁ ବାହାରି ପଡ଼ିଲା—'ଚନ୍ଦ୍ର !'

Digitized by srujanika@gmail.com

—୧୩—

ଗାଆଁ ମଝିରେ ଗହଳ ଲାଗିଛି । କେତେକ ଲୋକ ଗୋଟାଏ ଘର ସାମନାରେ ରୁଣ୍ଡ ହୋଇ ରହୁଛନ୍ତି । କେତେକେ ଦୂରରେ ଛିଡା ହୋଇ ଭୀତହସ୍ତ ନେତ୍ରରେ ଚାହିଁ ରହୁଛନ୍ତି । ସ୍ତ୍ରୀଲୋକମାନେ କବାଟ ଫାଙ୍କରୁ ମୁହଁ ବାହାର ଦେଖିବାର ଚେଷ୍ଟା କରୁଛନ୍ତି । ପିଲାଟୋକା ଉପୁରେ ହସ୍ତ ହୋଇ ବଡ ମଣିଷଙ୍କୁ କୁଣ୍ଢାଇ ଧରୁଛନ୍ତି ।

ଘର ଭିତରେ ପଶିଛନ୍ତି ଦୁଇ ଜଣ ପଗଡିଧାରୀ ଖୋରଦ୍ଧା ।ପ୍ରକାଣ୍ଡ ପ୍ରକାଣ୍ଡ ଲମ୍ବା ଠେଙ୍ଗା ଦୁଇଟା ହାତରେ, ଗାଲରେ ଗାଲମୋଚ୍ଛା, ଯୋଡାଏ ଲେଖା ବାଘୁଆ ଜଣ । ଏମାନେ ଜମିଦାର ବାବୁ ବିଶ୍ୱମ୍ଭର ହୋତାଙ୍କ ପିଅଦା; ଆସିଛନ୍ତି ସୁରୁଯ୍ୟ ପଧାନ ଘରୁ ଖଜଣା ଅସୁଲ କରିବାକୁ ।

ସୁରୁଯ୍ୟ ପଧାନ ଦୁଇ କିସ୍ତି ହେଲା ଖଜଣା ଦେଇପାରୁ ନାହିଁ । ଗତ ବର୍ଷ ଠିକ୍ କ୍ଷେତ ସମୟରେ ତାର ବଡ ପୁଅ ଦୀନା କଲେରାରେ ଦିନଟାଏ ପଡ ଦଗା ଦେଲା । ଏତେ ବଡ ବେଣ୍ଡ୍ରା ପୁଅ, ଜଣେ ଚାଷବାସ କରି ପିଲା-ପିଲିଙ୍କ ମୁହଁରେ ପାଣି ଦେଉଥିଲା । ମଝିଆ ପୁଅ ଜଟ୍ଟୁଆ ଚାରି ବର୍ଷ ହେଲା କୁଆଡେ ଯାଇଛି, ତାହାର ଖୋଜ ଖବର କିଛି ନାହିଁ । ସାନ ପୁଅଟି ୧୦ ବର୍ଷର; ସେ ଗାଈ ଜଗେ । ଆର ବର୍ଷ ଫସଲ ହୋଇଥିଲା ଚାରିପଣିଆ । ଦୀନା ମରିଯିବାରୁ ବୁଢାର ଆଉ କେଉଁ ଆଡକୁ ଦୃଷ୍ଟି ରହିଲା ନାହିଁ; ସେ ସବୁ ଗଲା ଉଜୁଡ ଉପୁଡ । ଧାନ ଯାହା ଅମଳ ହେଲା, ସେଥିରେ ୬ ମାସ ଯାଏ ନ ଯାଏ । ପିଲାଟି ଗାଈ ଜଗିବାରୁ ସାହୁକାର ଘରୁ ଧାନ କରଜ ଆଣି ବୁଢା, ବୁଢୀ, ଦୀନାର ପିଲା ଦୁଇଟି ଓ ଭାରିଯା, ସାନ ପୁଅଟି ଦିନାକୁ ... ଭାତତୋରାଣି ମୁହଁରେ ଦେଇ ଚଳୁଛନ୍ତି । ଖଜଣା କେବେ ... ? ଟଙ୍କା ଆସିବ କେଉଁଠୁ ?

ହଳ ହଡା ଯୋଡାଏ ବାକୀ ଅଛି । ସେତକ ଧରି ଏ ବର୍ଷ ବୁଢା ନଜର ଅଫମ ହାତରେ ଜମି ଚାଷିବାକୁ ଆରମ୍ଭ କରିଛି । ଯାହାଠାରୁ ଯାହା ବାଁ ଭାଗଜମି ସୁରୁଯ୍ୟ ତାହାର ବେଣ୍ଡିଆ ଅମଳରୁ ନେଇ ଚାଷ କରୁଥିଲା

ସେତକ ସେ ଦେଖିଛି ହାତ । ପାରିବ ନାହିଁ ତ ରଖିବ କାହିଁକି ? ଏ ବର୍ଷ ଯଦି ଷୋଳପଣ ଫସଲ ହୁଏ, ତଥାପି ୬ ମାସ ଯିବ କି ନା, ସନ୍ଦେହ । ସେ କରିବ୍ କଅଣ ?

କିନ୍ତୁ ଜମିଦାର ବାବୁଙ୍କ ଖଜଣା ଦେବା ଦରକାର ତ ! ବିଶ୍ୱମ୍ଭର ବାବୁଙ୍କର ମାହାଲ କେବେ ହେଲେ ବାକୀ ପଡ଼େ ନାହିଁ; ଏ କିସ୍ତିରୁ ଅର କିସ୍ତି ମଧ୍ୟରେ ଯେପରି ହେଲେ ଅଦାୟ ହେବା ଦରକାର । କାହିଁକି ନ ହେବ ? ଚାଇଁବସା ସଦରରେ ବିଶ୍ୱମ୍ଭର ବାବୁଙ୍କର ଏକ ପ୍ରକାଣ୍ଡ ପ୍ରାସାଦ ତୁଲ୍ୟ ଘର ଅଛି । ଡେପୁଟି କମିସନର, ପୁଲିସ ସାହେବ ଇତ୍ୟାଦି ବଡ ବଡ ହାକିମ ବିଶ୍ୱମ୍ଭର ବାବୁଙ୍କର ବନ୍ଧୁ, ହେବାକୁ ସୁଖ ପାଆନ୍ତି । ତେଣୁ ସରକାରୀ ମହଲରେ ତାଙ୍କର ବିଶେଷ ପ୍ରଭାବ ଅଛି ।

ତାଙ୍କର ଗୁମାସ୍ତା ତହସିଲଦାରମାନେ ଖୁବ ଯୋଗ୍ୟ ଓ ଠାଣୁଆ ଲୋକ । ବିଶ୍ୱମ୍ଭର ବାବୁଙ୍କର ହୁକୁମ ଯେ, କିସ୍ତିରୁ କିସ୍ତି ସ୍ୱତମତେ ଖଜଣା ଅଦାୟ ହେବ । ଯେପରି ହେଉ ଅଦାୟ କରିବାକୁ ହେବ; ବାକୀ ପଡ଼ିଲେ ତହସିଲଦାରମାନଙ୍କୁ ନିଜ ହାତରୁ ସମୁଦାୟ ଦେବାକୁ ହେବ ।

ଗୁମାସ୍ତାମାନଙ୍କ ତଳକୁ ସୁଯୋଗ୍ୟ ଲଠିଆଲମାନେ ଅଛନ୍ତି । ଖଜଣା ଦେବାରେ ଯେଉଁମାନେ ଢିଲେ ହେଲେ ଏ ପାଖ, ସେ ପାଖ କରିବେ, ଏମାନେ ସେମାନଙ୍କର ଖବର ନେବେ । ବିଶ୍ୱମ୍ଭର ବାବୁ କହନ୍ତି—"କିଏ ଏତେ ନାଲିସ ନୁଲୁସା, କଚେରୀ ଦରବାର କରିବାକୁ ଯାଉଛି ? ସେଥିରେ ଆମର ପଇସା ଖରଚ; ଗରିବ ପ୍ରଜାଗୁଡ଼ାକ ମଧ୍ୟ ସର୍ବାସ୍ୱାନ୍ତ ହେବେ । ପ୍ରଜା ଘରେ ପଇସା ଥିଲେ ତ, ସେ ପଇସା ଜମିଦାରର । ଧମକ ଚମକ କରି ସେମାନଙ୍କଠୁ ଖଜଣାଗଣ୍ଡାକ ଅଦାୟ କଲେ ହେଲା [illegible]

ସୁରୁପୁ ପଧାନ ଘରେ ସେହି ଧମକ ଚମକ [illegible] ବିଶ୍ୱମ୍ଭର ବାବୁଙ୍କର ଦୁଇଜଣ ଲଠିଆଲ । ୮ ଦିନ ତଳେ ତହସି[illegible] ବାବୁ ସୁରୁପୁ ପଧାନକୁ କଚେରୀକୁ ଡକାଇ ନେଇ କହିଦେଇଥିଲେ—"ହାରାମଜାଦା, ଦୁଇ ଦିନ ଭିତରେ ତୋର ଖଜଣାତକ କଚେରୀରେ ଦେଇ ନ ଗଲେ, ହୀରା ମିଶ୍ର, ବୁଧନ ସିଂ ତୋ ଘରକୁ ଯାଇ ଲୁଟି[illegible] ଆଣିବେ ।"

Digitized by srujanika@gmail.com

ସୁବୁଦ୍ଧି ପଧାନ ମୁଣ୍ଡରେ ହାତ ବୁଲାଇ କହିଲା—"ହଜୁର୍, ଟଙ୍କା ପାଇବି କୁଆଡ଼ୁ ? ଦୀନା ତ ବେଙ୍କରେ ବୁଡ଼ି ଦେଇ ଗଲା !"

ଅସନ୍ତୁଷ୍ଟ ଭାବରେ ତହସିଲଦାର କହିଲେ—"ଯୁଆଡ଼ୁ ପାରେ, ସେ ଆଉ ଆଣ, ସେଥିରେ ମୋର କଅଣ ଅଛି ? ତତେ ତ ଦେବାକୁ ହେବ ? ମୁଁ କଅଣ କରିବି ? ହଳହଳ ବିକ, ବାସନକୁସନ ବିକ—ମୋର ସେଥିରେ କଅଣ ଅଛି ? କିନ୍ତୁ ଆଉ ଦୁଇ ଦିନ ଭିତରେ ସମସ୍ତ ଦେବୁ—
ବୁଝିଲୁ !"

ସୁବୁଦ୍ଧି ପଧାନ ବୁଝିଲା, ତହସିଲଦାର ବାବୁଙ୍କ ଏ କଥାର ଅର୍ଥ କଅଣ । ପ୍ରଥମେ ସେ ଭାବିଲା ହଳହଳ ବିକିବ ବୋଲି । ପେର୍ ଭାବିଲା, ତାହା ହେଲେ ସେ ଚଳିବ କିପରି ? ପିଲାକୁଆଁଳିଙ୍କ ମୁହଁରେ ପେଜପାଣି ମୁନ୍ଦାଏ ଦେବ କିପରି ? କେଉଁଠୁ ଯୋଗାଡ଼ କରୁଛି ଯେ, ଟଙ୍କା [illegible]ଟା ତାକୁ ଏ ଗାଁରେ କିଏ କରଜ ଦେଉଛି ? କାହାର ସେମିତି ଶକ୍ତି ଅଛି ?

ଦୁଇ ଦିନ ଗଲା, ତିନି ଦିନ ଗଲା; ବୁଢ଼ା ହତାଶ ହୋଇପଡ଼ିଲା ! ଭାବିଲା, ଯାହା ହେବାର ହେଉ !

—୧୨—

ଦିନ ଦୁଇ ପ୍ରହର. ସୁବୁଦ୍ଧି ପଧାନ ହଳ ନେଇ ଆସି ତୋରାଣି କଂସାରେ ହାତ ବୁଡ଼ାଉଛି, ଦୁଆରେ ରୁକ୍ଷ କର୍କଶ ସ୍ୱରରେ ତାକୁ କିଏ ଡାକିଲା—"ସୁବୁଦ୍ଧି ପଧାନ, ସୁବୁଦ୍ଧି ପଧାନ !"

ଘରୁ [illegible] ଝିଅଟିଏ ଜବାବ ଦେଲା—"ସେ ଖାଉଛି, ଦୁଆରେ ବସ !"

ବ୍ୟଙ୍ଗବିଦ୍ରୂପଭରା ସ୍ୱରରେ ଜବାବ ଆସିଲା—"ଆମେ ତାର ବାପର ନୌକର୍ ନୋହୁଁ ଯେ, ଖରାରେ ତା ଦୁଆରେ ଠିଆ ହୋଇଥିବୁ ! ଖାଇବ ପଛେ, ଆଗ ଖଜଣା ଦେଉ ।"

ସୁରୁଜୁ ପଧାନେ ବୁଝିଲା, ହୀରା ସିଂ, ବୁଧନ ମିଶ୍ର ଆସିଛନ୍ତି । ବୁଢାର ମୁଖର ଗ୍ରାସ ମୁଖରେ ରହିଲା; ସେ କାଷ୍ଠମୂର୍ତ୍ତି ପରି ନିର୍ବାକ୍ ହୋଇ ବସି ରହିଲା ।

ପୁଣି ଅକଥ୍ୟ ଭାଷାର ଗାଳି ସହିତ ଡାକ ଆସିଲା—"ଶଳାକୁ ବାହାରକୁ ଡାକଦେବ, ନା ଆମେ ଘରେ ପଶିବୁ ?"

ବୁଢା କଂସା ଛାଡି ଉଠି ଦୁଆରମୁହଁକୁ ଯାଇ କହିଲା—"ହଜୁର, ଗରିବ ଲୋକ ବୋଲି କଅଣ ଇମିତି ଗାଳି ଦେବ ?"

ବୁଧନ କହିଲା—"ଶଳା, ବଡି ବଡି କଥା କହୁଛି !"

ହଳ କରି ଫେରିଛି, ଉପରେ ଖରା, ଭିତରେ ପେଟରେ ଗଣ୍ଡାଏ ଭାତ ପଡି ନାହିଁ; ସୁରଯୁ ପଧାନର ମୁହଁ ଫୁଟିଗଲା । ସେ କହିଲା—"ଏତେ ମୁହଁ ଫୁଟୁଛ କାହିଁକି ? ମୁଁ ଖଜଣା ଦେବି ନାହିଁ, ତମେ ନାଲିସ୍ କରିବ ତ କର ।"

ହୀରା ସିଂ ପିଣ୍ଡା ଉପରକୁ ଉଠିଯାଇ ତାକୁ ଏକ ଧକ୍କା ଦେଲା । ବୁଢା ପିଣ୍ଡା ଉପରୁ ପଡିପଡି ବେହୋସ୍ ହୋଇଗଲା । ଏତେବେଳକୁ ଦାଣ୍ଡରେ ଅନେକ ଲୋକ ରୁଣ୍ଡ ହୋଇଗଲେଣି ।

ହୀରା ସିଂ, ବୁଧନ ମିଶ୍ର ସୁରୁଯୁ ପଧାନ ଘରେ ପଶିଲେ । ସେତେବେଳକୁ ସ୍ତ୍ରୀଲୋକମାନେ ଘରେ କବାଟ ଲଗାଇ ଦେଇ ପଶିଛନ୍ତି । ଯେଉଁ ଘରେ ବୀନାର ବୋହୁଟି ତାର ପିଲା ଦୁଇଟିକୁ ଧରି ପଶିଥିଲା, ସେ ଘରର କବାଟ ଉଠାଇ ଦେଇ ଏମାନେ ତାକୁ ଟାଣି ଆଣି ବାଡରେ ପାହାରେ ଦେଲେ । ସେ ମଧ୍ୟ ମୂର୍ଚ୍ଛିତା ହୋଇ ତଳେପଡିଲା । ଘର ଭିତରେ ଥିବା ଧାନ ମରେଇ ଭାଙ୍ଗି ଦେଲେ । ଧାନଚୂଡାକ ଘରଯାକ ବିଞ୍ଚି ହୋଇ ପଡିଲା । ପିଲାଚୁଡାକ ଚିତ୍କାର କରୁଥିବାର ଦେଖି ହୀରା ... ସ୍ତ୍ରୀଟାକୁ ଧରି କଚାଡି ଦେଲା ।

ଯେମାନେ ସେ ଘର ଭିତରୁ କଂସା ଖଣ୍ଡେ ଧରି ... ଭିତରକୁ ଆସୁଛନ୍ତି, ଏତିକିବେଳେ ଦୀର୍ଘବପୁ, ରୁକ୍ଷକେଶ ଜଣେ ଲୋକ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଗମ୍ଭୀର ସ୍ୱରରେ କହିଲା—"ଏ ସବୁ କଅଣ କରୁଛ ?"

ଲୁଠିଆଳ ଦୁହେଁ ଏହି ସମସ୍ତ "ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କୁ କେହି ବାଧା ଦେବ, ଏ କଥା ସେମାନେ ଧାରଣାହିଁ କରିପାରିଲେ ନାହିଁ ।

ମୁହୂର୍ତ୍ତକ ପରେ ବୁଧନ୍ ମିଶର କହିଲା—"ତୁ କିଏ ରେ !"

ଚନ୍ଦ୍ର ଗମ୍ଭୀର ସ୍ୱରରେ କହିଲା—"ମୁଁ ? ମୁଁ ଜଣେ ଓଡ଼ିଆ । ମୁଁ ପଚାରୁଛି, ତମେ ଏ ଘରେ ପଶି ମାରପିଟ୍ କରୁଛ କାହିଁକି ?"

ହୀର ସିଂ ଚନ୍ଦ୍ର ପାଖକୁ ଘୁଞ୍ଚି ଆସି କହିଲା—"ତୋର ବାପର କଅଣ ଗଲା ? ଶଳା ଏଠୁ ଚଲା" କହି ଚନ୍ଦ୍ରର କାନ୍ଧ ପ୍ରତି ଲକ୍ଷ୍ୟ କରି ଲାଠିର ଏକ ପ୍ରହାର ପକାଇଲା । ବାଡ଼ ପଡ଼ିବା ପୂର୍ବରୁ ହୀର ସିଂ ହାତରୁ ଚନ୍ଦ୍ର ବାଡ଼ କାଢ଼ିନେଇ, ସେହି ବାଡ଼ିରେ ହୀର ସିଂ ମୁଣ୍ଡରେ ପ୍ରଚଣ୍ଡ ବେଗରେ ଏକ ପାହାର ବସାଇ ଦେଲା । ପ୍ରହାର ପଗଡ଼ି ଭେଦ କରି ହୀର ସିଂ ମୁଣ୍ଡରେ ବାଜିଲା; ଗାଲମୋଛା ପାଖ ଦେଇ ରକ୍ତ ଝରିପଡ଼ିଲା । "ମେରି ବାପ୍‌ରେ" ବୋଲି ହୀର ସିଂ ବସି ପଡ଼ିଲା ।

ବୁଧନ୍ ନିଜ ସଙ୍ଗୀର ଏ ଅବସ୍ଥା ଦେଖି ଅତର୍କିତରେ ଚନ୍ଦ୍ରର କପାଳରେ ଏକ ପାହାର ଦେଲା । ମୁଣ୍ଡ ଫାଟି ରକ୍ତ ପଡ଼ିଲା; କିନ୍ତୁ ଚନ୍ଦ୍ର ତାର ଗୋଡ଼କୁ ଏପରି ଏକ ପ୍ରହାର ଦେଲା ଯେ, ଛିନ୍ନମୂଳ ଦ୍ରୁମ ପରି ବୁଧନ୍ କଚାଡ଼ି ପଡ଼ିଲା । ସେତେବେଳକୁ ଗାଆଁର ଲୋକେ ଘର ଭିତରକୁ ପଶି ଆସିଲେଣି ।

କେଉଁ ଆଡ଼କୁ ଚନ୍ଦ୍ରର ଦୃଷ୍ଟି ନାହିଁ । ସେ ଧାଇଁ ଯାଇ ସୁରୁସୁ ବୁଢ଼ାକୁ ଟେକି ଧରି ତା ମୁହଁରେ ପାଣିଦେବାର ଚେଷ୍ଟା କରୁଛି, ଏତିକି ବେଳେ ତାର ଆଖିରେ ଚାରିଆଡ଼ ଅନ୍ଧାର ଦିଶିଆସିଲା । ସେ ସୁରୁସୁ ପଧାନ ପାଖରେ ଢ଼଼ଳି[illegible] ।

—୧୫—

ଚନ୍ଦ୍ରର ପିତା ନଟବର୍ ବାବୁ ଯେଉଁ ଦିନ ସୁନୀଲର ପତ୍ରରୁ ବୁଝିଲେ ଯେ, "ଦେଶ ଦେଶ" ବୋଲି ବ୍ୟସ୍ତ ହୋଇ ଚନ୍ଦ୍ର କୁଆଡ଼େ ଚାଲି ଯାଇଛି, ସେହି

Digitized by srujanika@gmail.com

ଦିନଠାରୁ ଏ ସଂସାରଟି ପ୍ରତି ତାଙ୍କର ସମସ୍ତ ମାୟା, ସମସ୍ତ ମମତା ତୁଟି ଯାଇଛି । ସେ ଭାବିଲେ, ସମସ୍ତ ହୋଇଛି ବର୍ତ୍ତମାନ; ତାଙ୍କୁ ଅବସର ନେବାକୁ ହେବ ! କାହା ପାଇଁ ଆଉ ପରିଶ୍ରମ ? କାହା ପାଇଁ ଏ ଚାକିରି ? ମାଆମରା ପିଲାଟି, ତାହାକୁହିଁ ମନୁଷ୍ୟ କରିବା ପାଇଁ ସେ ସମସ୍ତ ପରିଶ୍ରମ ଅମ୍ଳାନ ବଦନରେ କରିଯାଉଥିଲେ । ସେ ପଢାପଢି ଛାଡି କୁଆଡେ ଗଲାଣି । ଆଉ କାହା ପାଇଁ ସେ ମିଛରେ ଘାଣ୍ଟି ହେବେ ? ଚନ୍ଦ୍ରର ମାଆଙ୍କ କଥା ତାଙ୍କର ମନେ ପଡିଲା । ସେ ମଧ୍ୟ ତାଙ୍କ ଜୀବନରେ ପର ପାଇଁ ସର୍ବଦା ଅଶ୍ରୁବର୍ଷଣ କରୁଥିଲେ; ପର ଲାଗି ସର୍ବସ୍ୱ ତ୍ୟାଗ କରିବା ପାଇଁ ସବୁବେଳେ ପ୍ରସ୍ତୁତ ଥିଲେ । ବୋଧ ହୁଏ ତାଙ୍କରି ଇଙ୍ଗିତରେ, ତାଙ୍କର କାର୍ଯ୍ୟର ଧାରା ସଫଳ କରିବା ପାଇଁ ଚନ୍ଦ୍ର କୁଆଡେ ଚାଲିଯାଇଛି । ତାଙ୍କର ମନେ ପଡିଲା, ଉଦୟପୁରରେ ଦୁର୍ଭିକ୍ଷ କଥା, ଯେତେବେଳେ ଚନ୍ଦ୍ରର ମାଆ ପ୍ରତିବେଶୀମାନଙ୍କୁ ଘରେ ଥିବା ସମସ୍ତ ଚାଉଳ ଦେଇ ଦେଉଥିଲେ । ତାହା ଫଳରେ କେତେ କାଳ ଘରର ସମସ୍ତଙ୍କୁ 'ଉପାସ' ଖାଇ ରହିବାକୁ ହୋଇଥିଲା । ତାଙ୍କର ରକ୍ତରେ ଗଢା ସନ୍ତାନର ବକ୍ଷରେ ସେ କ୍ଷୁଧିତର ଆର୍ତ୍ତ ହାହାକାର କ୍ରନ୍ଦନର ବେଗରେ ପ୍ରତିଧ୍ୱନିତ ହୋଇ ଉଠୁଥିବ, ଏଥିରେ ଆଶ୍ଚର୍ଯ୍ୟ କଅଣ ଅଛି ? ନଟବର ବାବୁ ନିସ୍ତବ୍ଧ ହୋଇ ବସିଲେ । ତାଙ୍କ ଚକ୍ଷୁରୁ ଦୁଇଧାର ଲୋତକ ଗଡିପଡିଲା ।

ପ୍ରଥମେ ସେ ଭାବିଲେ ଚାକିରିରୁ ପେନସନ୍ ନେବେ ; କିନ୍ତୁ ବଡ ହାକିମଙ୍କ ଅନୁରୋଧରେ ସେ ବର୍ଷେ ଛୁଟିନେବାର ସ୍ଥିର କରି, ଚନ୍ଦ୍ରର ଅନୁସନ୍ଧାନ କରିବା ପାଇଁ କଟକ ଆସିଲେ ।

କଟକ ଷ୍ଟେସନ୍‌ରେ ସୁନୀଲ ତାଙ୍କୁ ଅପେକ୍ଷା [illegible]ଥିଲା । ରେଲ୍-ଗାଡିରୁ ନଟବର ବାବୁ ଓହ୍ଲାଇବା ମାତ୍ରେ ସୁନୀଲ ଲୁ[illegible]ଇ ତାଙ୍କୁ ଦଣ୍ଡବତ କଲା । ନଟବର ବାବୁ ସୁନୀଲକୁ କୁଣ୍ଢାଇ ପକାଇଲେ । ଦୁହିଁଙ୍କର କଣ୍ଠ ସଜଳ !

—୧୭—

ନଟବର ବାବୁ ଗୋପୀବଲ୍ଲଭ ବାବୁଙ୍କ ଘରେ ରହିଲେ । ସେ ଭାବିଲେ, କୌଣସି ଦିନ ଚନ୍ଦ୍ରର ଯଦି କୌଣସି ଖବର ମିଳେ ତ ମିଳିବ ଏହିଠାରୁ । ମାତୃଶୂନ୍ୟ ଏକମାତ୍ର ସନ୍ତାନଟିକୁ ଦେଖିବା ପାଇଁ ତାଙ୍କ ହୃଦୟ ଅର୍ଦ୍ଧ ହାହାକାର କରିଉଠୁଥିଲା; ତଥାପି ଅପେକ୍ଷା କରିବା ଛଡ଼ା ଅନ୍ୟ ଉପାୟ ନାହିଁ ! ସେ ଅପେକ୍ଷା କରି ରହିଲେ ।

ଗୋପୀବଲ୍ଲଭ ବାବୁଙ୍କର ବଡ ଭାଇ ବୋଲି କେହି ନ ଥିଲେ । ସେ ମନେ କଲେ, ତାଙ୍କ ଜୀବନ-ସୂର୍ଯ୍ୟ ଯେତେବେଳେ ପଶ୍ଚିମ ଅଡକୁ ଢଳି-ପଡିବାକୁ ଆରମ୍ଭ କରିଛି, ସେତେବେଳେ ନଟବର ବାବୁଙ୍କ ମଧ୍ୟରେ ସେ ତାଙ୍କର ଆକାଂକ୍ଷିତ ବଡ ଭାଇଟିକୁ ଖୋଜି ପାଇଲେ । ଚନ୍ଦ୍ରକୁ ସେ ଖୁବ ଭଲପାଉଥିଲେ; କିନ୍ତୁ ନଟବର ବାବୁଙ୍କ ପ୍ରତି ତାଙ୍କ ହୃଦୟର ସମସ୍ତ ଶ୍ରଦ୍ଧା ଓ ଭକ୍ତି ଆପେ ଆପେ ଆକୃଷ୍ଟ ହୋଇଗଲା । ବୃଦ୍ଧଟିର ହୃଦୟ ମଧ୍ୟରେ ଅସ୍ଥିର ଚିନ୍ତାର ଅଗ୍ନିତରଙ୍ଗ ଉନ୍ମତ୍ତ ନୃତ୍ୟ ଲଗାଇଛି; ଅଥଚ ଅଟଳ ଅଚଳ ପରି ସେ ସବୁ ସହିଯାଉଛନ୍ତି । ଏ ସହିବା ପାଇଁ ଯେ କି ଧୈର୍ଯ୍ୟ, କି ଶକ୍ତି ଲୋଡା, ତାହା ଭାବି ମନେ ମନେ ନଟବର ବାବୁଙ୍କ ପ୍ରତି ଗୋପୀ-ବଲ୍ଲଭ ବାବୁଙ୍କ ମସ୍ତକ ଅବନତ ହୋଇପଡିଲା । ସେ ଜାଣନ୍ତି, ନଟବର ବାବୁ ଯଦି ଦୁନିଆ ସହିତ ଆବଯାଏ କିଛି ସମ୍ପର୍କ ରଖିଥିଲେ ତ କେବଳ ତାହା ଚନ୍ଦ୍ର ପାଇଁ । ସହଧର୍ମିଣୀ ଅନେକ ଦିନ ହେଲା ଏକା ତାଙ୍କୁ ଛାଡି ଚାଲିଯାଇଥିଲେ । ସେହି ଶୂନ୍ୟତ୍ୱରେ ଗୋଟିଏ ମାତ୍ର ପିଲାକୁ ଡାଖରେ ପିଠିରେ ଧରି ନଟବର ବାବୁ ନିଜର ରିକ୍ତ ହୃଦୟଟିକୁ ପୂର୍ଣ୍ଣ କରିଥିଲେ । ସେହି ଗୋଟିଏ ମାତ୍ର କ୍ଷୁଦ୍ର ଛିଦ୍ର ଦ୍ୱାରା ସଂସାର ସହିତ ସେ ଆବଦ୍ଧ । ସେ ଛିଣ୍ଡିଟି ବୁଜି ହୋଇଯାଇଛି ! ରହିଛି କେବଳ ଆଶା—ଅତି କ୍ଷୀଣ ଆଶା ! ଏ ଅବସ୍ଥାରେ ବଞ୍ଚି ରହିବା ପାଇଁ ଯେ କି ସାହସ ଦରକାର, ତାହା ଭାବି ଗୋପୀବଲ୍ଲଭ ବାବୁଙ୍କ ହୃଦୟ ନଟବର ବାବୁଙ୍କ ପ୍ରତି ସମବେଦନାରେ ପୂରିଉଠେ ।

ସମସ୍ତ ସମୟରେ ଚନ୍ଦ୍ରର କଥା ପଡେ; କିନ୍ତୁ ତା କଥା ବେଶୀ ପକାଇବା ପାଇଁ ନଟବର ବାବୁ ଯେପରି କି ସେତେ ବ୍ୟଗ୍ର ନୁହନ୍ତି । ଚନ୍ଦ୍ରର

Digitized by srujanika@gmail.com

କଥା ପଡଲେ, ତାଙ୍କ ଆଖି ଆଗରେ ଭାସିଉଠେ କୁଞ୍ଚିତ କେଶ, ଗୌରବର୍ଣ୍ଣ କ୍ଷୁଦ୍ର ଶିଶୁଟିଏ ! ତାଙ୍କ ମୁଖ ଅଷାଢ଼ ଆକାଶ ପରି ଗମ୍ଭୀର ହୋଇପଡେ; ତାଙ୍କର ଚକ୍ଷୁରୁ ଗଡିପଡେ ଦୁଇଧାର ତପ୍ତ ଅଶ୍ରୁ ! କି ତୀବ୍ର ଉଦ୍ଦୀପ୍ତ ବେଦନା ଯେ ତାଙ୍କର କଣ୍ଠ ରୋଧ କରି, ବକ୍ଷର ରକ୍ତକୁ ବିଗଳିତ କରି ଅଶ୍ରୁଧାରାରେ ପରିଣତ କରୁଛି, ତାହା ସବୁଠାରୁ ବେଶୀ ଅନୁଭବ କରେ କାନ୍ତ । ସେଥିପାଇଁ ନଟବର ବାବୁଙ୍କ ହୃଦୟରେ ଚନ୍ଦ୍ରର ଶୂନ୍ୟ ସ୍ଥାନ ଅପତ୍ୟ ସ୍ନେହରେ ପୂର୍ଣ୍ଣ କରିବା ପାଇଁ ସେ ସବୁବେଳେ ବ୍ୟଗ୍ର, ସବୁବେଳେ ଉଦ୍ୟତ, ସବୁବେଳେ ଚେଷ୍ଟିତ । ଏକ ଅଜଣା ଶକ୍ତିର ଆକର୍ଷଣରେ ନଟବର ବାବୁଙ୍କ ରିକ୍ତ ହୃଦୟ ମଧ୍ୟ କାନ୍ତକୁ ଘେରି ଏକ ସାନ୍ତ୍ୱନା ସ୍ଥଳ ନିର୍ମାଣ କରି ନେଇଛି । କାନ୍ତକୁ ସେ ଡାକନ୍ତି—"ମା" । ଏହି "ମା" ଶବ୍ଦଟି ଭିତରେ ଯେପରି ତାଙ୍କର ସମସ୍ତ ଅପତ୍ୟ ସ୍ନେହ, ମମତା ଉଦ୍‌ବେଳ ହୋଇ କାନ୍ତ ପ୍ରତି ଧାଇଁଯାଏ । କାନ୍ତ ତାହା ବୁଝେ; ମନେ ମନେ କହେ—"ଦେଶର କାମ କରିବାକୁ ଯାଇଛ ଚନ୍ଦ୍ର ଦାଦା, ଖୁବ୍ ଭଲ କରିଛ; କିନ୍ତୁ ଏ ବୃଦ୍ଧଟିର ହୃଦୟରେ ଯେ ଶ୍ମଶାନର ଚିତାନଳ ଜାଳିଦେଇ ଗଲ, ତାହା କଅଣ ମନେପଡେ ନା ? ତାହା କଅଣ ସ୍ୱପ୍ନରେ ତୁମ୍ଭେ ଭାବ ନା ?" କାନ୍ତ ଭାବେ, ଏହି ବୃଦ୍ଧ ପିତୃହୃଦୟର କ୍ଷୁଧିତ ଆକର୍ଷଣଠାରୁ କଅଣ ଦେଶର ଆକର୍ଷଣ, ଜାତିର ମମତା ବେଶୀ ସତ୍ୟ ? କାନ୍ତ ଭାବେ, ପୁଣି ଭାବେ; କିଛି ବୁଝିପାରେ ନା । ଘୂରି ଫିରି ତାହାର ଚିନ୍ତାଧାରା ଫେରି ଆସେ ଏ ବୃଦ୍ଧଟି ପ୍ରତି । ସେ ଭାବେ, ଦେଶ ଖୁବ୍ ସତ୍ୟ, ଜାତି ଖୁବ୍ ସତ୍ୟ, ଦେଶର ପୂଜାବେଦୀ, ଜାତିର ସେବାରେ ସର୍ବସ୍ୱ ଅର୍ପଣ କରିବା ମନୁଷ୍ୟର ମହାନ୍ କର୍ତ୍ତବ୍ୟ । ଏ ସବୁ ସତ, ଖୁବ୍ ସତ; କିନ୍ତୁ ଏ ବୃଦ୍ଧଟିର ସମସ୍ତ ସଂସାର ନଷ୍ଟ କରିଦେବା କଅଣ ନିଷ୍ଠୁରତା ନୁହେଁ ? କି [illegible] ଚନ୍ଦ୍ର ଦାଦା ତ ନିଷ୍ଠୁର ନୁହେଁ । ତେବେ ? —କାନ୍ତ ଆଉ ଭାବି ପା

—୧୭—

୧୯୩୭ ଅପ୍ରେଲ ମାସ ପହିଲା ଆଉ ମାସ ଦୁଇଟା—ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ । ଧୋବଧାବଳିଆ ସମ୍ମିଳନୀରେ ପ୍ରସ୍ତାବ ହୋଇଛି ଯେ, ଜାତୀୟ ଉତ୍ସବ ଆନନ୍ଦ ସହିତ ସେ ଦିନଟି ପାଳନ କରିବାକୁ ହେବ । ଧ୍ୱଜାଧାରୀ

Digitized by srujanika@gmail.com

ବାବୁ, ସୂର୍ଯ୍ୟମଣି ବାବୁ ଆଦି ଦେଶଭକ୍ତମାନଙ୍କୁ ଶୀତକୁ ଡର ନାହିଁ, କି ବର୍ଷାରେ ନିଦ ନାହିଁ। ସକାଳ ହେଲେ ଚାନ୍ଦା ଆଦାୟ ପାଇଁ ଟୋ ଧପଡ଼, ସନ୍ଧ୍ୟା ହେଲେ ବୈଠକଖାନାରେ ସଭା। ଦୌଡ଼ାଦୌଡ଼ିରେ ଧ୍ୱଜାଧାରୀ ବାବୁଙ୍କ ମଟରର ତିନି ବର୍ଷ ତଳର ଖରିଦ ଟାୟାର୍ ଘୋର ହୋଇ ଫାଟି-ଗଲାଣି; ସୂର୍ଯ୍ୟମଣି ବାବୁଙ୍କ ଡ୍ରାଇଭର୍ ଜ୍ୱରରେ ପଡ଼ିଗଲାଣି—ଏ ପର୍ଯ୍ୟନ୍ତ କି ବାବୁ ବନବିହାରୀ ବିଦ୍ୟାଧରଙ୍କ ତିନିମାସ ତଳର ପୋଷା କୁକୁରଟା ବାବୁଙ୍କ ସାହଚର୍ଯ୍ୟ ଅଭାବରୁ ବିରହରେ କ୍ଷୀଣ ହେବାକୁ ଲାଗିଲାଣି। ଏହା ନାଆଁ ଯେ ଦେଶଭକ୍ତିର ପରାକାଷ୍ଠା! ଏହା ନାଆଁ ଯେ ଜାତିସେବା!!

ବାବୁମାନଙ୍କ ବୈଠକଖାନାମାନଙ୍କରେ ଉତ୍ସାହର ସ୍ରୋତ ବହି-ଯାଉଛି। ଏ ସ୍ରୋତର ଗତି ଏତେ ପ୍ରବଳ ଯେ, ତାହା ବନବିହାରୀ ବାବୁଙ୍କୁ ମଧ୍ୟ ଅନ୍ତଃପୁର ମଧ୍ୟରୁ ଟାଣି ଆଣି ଧ୍ୱଜାଧାରୀ ବାବୁଙ୍କ ବୈଠକଖାନାରେ ହାଜର କରାଇ ଦେଉଛି। ତାଙ୍କର ଲାଭ ସଙ୍ଗେ ସଙ୍ଗେ ଦେଶଭକ୍ତ ବନବିହାରୀ ବାବୁଙ୍କୁ ସାଧାରଣ କ୍ଷେତ୍ର—ଅର୍ଥାତ୍ ଦେଶ ମିଶ୍ରଣ ସମ୍ପର୍କୀୟ ସଭା, ସମିତି, ପତ୍ରିକାର ଅଫିସରୁ ଅବସର ଗ୍ରହଣ କରିବାର ଦେଖି ଯେଉଁମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ, ଏବେ ତାଙ୍କୁ ପୁଣି ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ପର୍କୀୟ ବୈଠକଖାନା ବୈଠକରେ ବିରାଜିତ ହେବାର ଦେଖି ଅଧିକ ଆଶ୍ଚର୍ଯ୍ୟାନ୍ୱିତ ହୋଇଛନ୍ତି।

ଆଶ୍ଚର୍ଯ୍ୟ ହେବାର କଥା ତ! ଯେଉଁ ଦିନୁ ଧ୍ୱଜାଧାରୀ ବାବୁ ସ୍ଥିର କଲେ ଯେ, ବନବିହାରୀ ବିଦ୍ୟାଧରଙ୍କ ସହିତ ତାଙ୍କ କନ୍ୟାର ଶୁଭପରିଣୟ ସମ୍ପନ୍ନ କରିବେ, ସେ ଦିନୁଁ ବନବିହାରୀ ବାବୁଙ୍କ ଦୃଷ୍ଟିକୋଣ ବଦଳିଗଲା। ଥାର୍ଡ ଡି[illegible]ର ବି. ଏ. ଖଣ୍ଡ ପାସ୍ କରି ସେ ବାହାରିଥିଲେ, ଲାଟ ବଡ଼ଲା[illegible] ପଡ଼ନ୍ତେ, ମାଇଷ୍ଟ୍ରେଟ୍‌ଟାଏ ହେବେ। ସେଥିପାଇଁ ଦୋପଟି ଡାମ [illegible] କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିବାରେ ସେ କୁଣ୍ଠିତ ହୋଇ ନାହାନ୍ତି। ସେ ଦିଗରୁ ବାର ବାର ତିନିବାର ଅର୍ଦ୍ଧଚନ୍ଦ୍ର ଲାଭ କରି ଫେରିଲା ପରେ ସ୍ଥିର କଲେ ଯେ, କିଛି ନ ହେଲେ ଭବିଷ୍ୟତ୍ ଜୀବନରେ ମନ୍ତ୍ରୀଟିଏ ହେବେ ଏବଂ ଯେତେବେଳେ ହେବେ ଜଜ୍, ମାଜିଷ୍ଟ୍ରେଟ୍ ତାଙ୍କ

Digitized by srujanika@gmail.com

ସହିତ ଭଗମଙ୍କ'ନ କର୍ବିବାକୁ ଗୌରବ ମନେ କରିବେ, ସେତେବେଳେ ଯାଇଁ ତାଙ୍କର ଏ ଅର୍ଦ୍ଧଚନ୍ଦ୍ର ଲାଭର ପ୍ରକୃତ ପ୍ରତିଶୋଧ ପୂର୍ଣ୍ଣ ହେବ ।

ମର୍ଦ୍ଦ ହେବାକୁ ହେଲେ ଶିକ୍ଷା ଦରକାର ନାହିଁ, କୌଣସି ପରୀକ୍ଷା ଦେବା ଦରକାର ନାହିଁ, କୌଣସି ଉପର ହାକିମର ଅନୁସରଣ କରିବା ଲୋଡ଼ା ନାହିଁ । ଦରକାର କେବଳ ସଭାସମିତିରେ ଯୋଗ ଦେବା, ଦରକାର କେବଳ ବଜ୍ରଗମ୍ଭୀର ସ୍ୱରରେ ବକ୍ତୃତା ଦେଇପାରିବା, ଖବର କାଗଜରେ ଲେଖିପାରିବା—ମୋଟରେ କହିବାକୁ ଗଲେ, ଦେଶଭକ୍ତ ବୋଲି ସାଧାରଣଙ୍କ ମଧ୍ୟରେ ଗୋଟାଏ ଢଣ୍ଡିମ ପିଟାଇବା । ଏତକ କଅଣ ସେ ପାରିବେ ନାହିଁ ?

ଏ ଯୁଗରେ ପୁଣି ଦେଶସେବା ଭାରି ସହଜ । ସଭାରେ ବକ୍ତୃତା ଦେଲେ ଦେଶସେବା ହେଲା, ଲୁଗା ଖଣ୍ଡେ ପିନ୍ଧିଲେ ଦେଶସେବା ହେଲା, ସିଗାରେଟ୍‌ଟାଏ ଖାଇଲେ ଦେଶସେବା ହେଲା, ଯେ ନିଶଦାଢି ନ ରଖିଛି, ସେ ନିଶଦାଢି ରଖିଲେ ଦେଶସେବା ହେଲା, ଯେ ନିଶଦାଢି ରଖିଛି, ସେ ତାହା କଟାଇ ପକାଇଲେ ଦେଶସେବା ହେଲା । ଖାଲି ଏତିକି ନୁହେଁ— ଚପୋଟି ବାବୁ ଦଶହଜାର ଟଙ୍କା ଜୀବନବୀମା କରିଛନ୍ତି, ତାହା ଦେଶ-ସେବା । ଓକିଲ ବାବୁଙ୍କର ବର୍ଷକୁ ବର୍ଷ ନିୟମିତ ଭାବରେ ପିଲାଟିଏ ଲେଖା ଜନ୍ମ ହୁଏ, ତାହା ଦେଶସେବା । କସ୍ତୁରୀ ବାବୁଙ୍କ ଶ୍ରୀମତୀଙ୍କ ଶ୍ରୀହସ୍ତରେ ରୁପାଖଡ଼ ପରିବର୍ତ୍ତେ ସୁନାବଳା ଗଢ଼ା ହେଲା—ଦେଶରୁ ସୁନାସ୍ରୋତ ବିଦେଶକୁ ବହିଯାଉଥିବା ବେଳେ କସ୍ତୁରୀ ବାବୁ ସେଥିରୁ ଟିକେ ଖଣ୍ଡେ ଧରି ରଖିପାରିଲେ—ତାହା ତ ଦେଶସେବା । ଅମୁକର ନନ୍ଦନ ଏମ୍. ଏ. ପାସ୍ କଲେ; ସଭା କର, ଅଭ୍ୟର୍ଥନା ଦିଅ—ତାହା ମଧ୍ୟ ଦେଶସେବା । ଦେଶସେବା ଯେତେବେଳେ ଏତେ ଶସ୍ତା, ଦେଶସେବୀ [illegible]ମ କିଣି ପାରିବା ଯେତେବେଳେ ଏତେ ସହଜ, ସେତେବେଳେ [illegible] ବାବୁ କି ଛାଡ଼ିବା ଲୋକ ? ତାଙ୍କର ଏହି ଦେଶସେବା ରୂପ ବା[illegible]ନାରେ ବଙ୍ଗାଳୀ ବିଦ୍ୱେଷର ବସାଣ ଦେଇ ଧ୍ୱଜାଧାରୀ ବାବୁଙ୍କ କୀର୍ତ୍ତିଧ୍ୱଜା ଧରି ସଭା ସମିତି ପଠାଅରେ, ନିୟମିତ ଭାବରେ ସେ ଯେତେବେଳେ ଯୋଗ ଦେବାକୁ ଲାଗିଲେ, ସେତେବେଳେ ତାଙ୍କ ଧରଣରୁ ଅନେକ ଲୋକ ଅସା

କହୁଥିଲେ ଯେ, ଏଥର ଓଡ଼ିଶାର ଅନ୍ଧକାରମୟ ଭାଗ୍ୟ-ଗଗନରେ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ ଉଦିତ ହୋଇଅଛନ୍ତି ।

କିନ୍ତୁ ନୟଶର ଗୁପ୍ତ ହସ୍ତ ପରି ଧୃତାଧାରୀ ବାବୁଙ୍କ ହୃଦୟର କାର୍ଯ୍ୟ ମଧ୍ୟ ଅନେକ ସମୟରେ ଅଜ୍ଞାତ—କିନ୍ତୁ କାର୍ଯ୍ୟର ଫଳାଫଳ ସୁସ୍ପଷ୍ଟ ହୋଇ-ଥାଏ । ଯେତେବେଳେ କଟକର ବଡ଼ ହାକିମଙ୍କ ଆଗରେ ତାଙ୍କର ସ୍ତ୍ରୀ ଜାମାତାର ଦୁଃଖ ଦୁର୍ଦ୍ଦଶା ଗାଇ, ବଳବନ୍ତ ବାବୁଙ୍କ ପାଇଁ କମ୍ପାନୀ କାମ ଖଣ୍ଡେ ସେ ଯୋଗାଡ଼ କରିଦେଲେ ଏବଂ ସେହି କାମ ଯୋଗାଡ଼ କରିଥିବାରୁ ଖୁବ୍ କମ୍ ଦାନ ସାମଗ୍ରୀ ଦେଇ ବିବାହ-ଖର୍ଚ୍ଚ-ସଙ୍କୋଚନ ସଂସ୍କାର କରିବା ସାବାସୀ ନେବା ସଙ୍ଗେ ସଙ୍ଗେ ବଳବନ୍ତ ବାବୁଙ୍କୁ ମଧ୍ୟ କନ୍ୟା ସହିତ କୃତଜ୍ଞତା ପାଶରେ ଆବଦ୍ଧ କରି ରଖିଲେ, ସେତେବେଳେ ବଳବନ୍ତ ବାବୁଙ୍କ ଦୃଷ୍ଟିରେଖାର ମୁଖ ହଠାତ୍ ଫେରିଗଲା । ସେ ଦେଖିଲେ, ଅଫିସ୍ ଘରର ଚାରି କାନ୍ଥ ଭିତରେ ହିଁ ଦେଶ ପର୍ଯ୍ୟବସିତ । କମ୍ପାନୀର କଲମ-ପେଷଣ ହିଁ ଦେଶକାର୍ଯ୍ୟ ଏବଂ କଟକ ଫେରନ୍ତା ବସାକୁ ଫେରି ସହଧର୍ମିଣୀଙ୍କ ସେବା ହିଁ ଦେଶସେବା । ଯେଉଁମାନେ ଜଣକର୍ମା ସମସ୍ୟାର ଘୂର୍ଣ୍ଣିପାକରେ ପଡ଼ି ଦେଶସେବୀ ସାଜନ୍ତି, ସେମାନଙ୍କର ଦେଶ, ତାଙ୍କର ଧର୍ମ, ତାଙ୍କ ଜୀବନର ଲକ୍ଷ୍ୟ, ତାଙ୍କ ଇହକାଳ ଓ ବୋଧହୁଏ ପରକାଳର ଆରାଧ୍ୟ ଦେବତା ହିଁ ଚାକିରି । କଲେଜରୁ ବାହାରିଲା ବେଳେ ଲାଟସାହେବ ହେବା ମନୋବୃତ୍ତି ନେଇ ସେମାନେ ପଦାକୁ ବାହାରି ଅବସ୍ଥାର ଘାତପ୍ରତିଘାତର ଧକ୍କା ମାଡ଼ ବାରମ୍ବାର ଖାଇବା ପରେ ମାସକୁ ୧୫ ଟଙ୍କାରେ ଏପ୍ରେଣ୍ଟିସ୍ ଚାକିରି ଖଣ୍ଡେ ମଧ୍ୟ ପାଇଲେ ନିଜକୁ କୃତକୃତ୍ୟ ମନେକରନ୍ତି । ସେତେବେଳେ ସେମାନଙ୍କ ଜୀବନର ଏକମାତ୍ର ଉପାସ୍ୟ ଦେବତା ଚାକିରି । ବଳ-ବନ୍ତ ବାବୁଙ୍କର [illegible] ହିଁ ହେଲା । ପ୍ରଥମେ ପ୍ରଥମେ ସଭା ସମିତିରେ ଯୋଗ ଦେବା [illegible] ମନ ଟିକିଏ ଟିକିଏ ଖଜବଜ ହେଉଥିଲା; କିନ୍ତୁ ସଭା [illegible] ଗଲେ କାଳେ ଉପର ହାକିମ ପାଖରେ କିଏ ନାମ ଟିପି ଦେବ, କାଳେ ଚାକିରି ଉପରେ ବାଧା ଆସିବ, ସେହି ଡରରେ ସେ ସଭା ସମିତିକୁ ଯିବା ମଧ୍ୟ ଛାଡ଼ିଦେଲେ । ବଙ୍ଗାଳୀମାନଙ୍କ ଅତ୍ୟାଚାରରେ ତାଙ୍କର ଯେ ଏତେ ଘୃଣା ସେ ପ୍ରକାଶ କରୁଥିଲେ, ଚାକିରି କାଉଁରୀ କାଠିରେ ସ୍ପର୍ଶରେ

ତାହା ମଧ୍ୟ ଶ୍ରଦ୍ଧା, ଭକ୍ତି ଓ ପ୍ରେମରେ ପରିଣତ ହୋଇଗଲାଣି । ଏହାର ପ୍ରଧାନ କାରଣ, ତାଙ୍କର ହେଡ୍ କିରାଣୀ ଜଣେ ବଙ୍ଗାଳୀ । ଅଳ୍ପକାଳ ଅଫିସ୍ ଘରେ ବସି ସମୟ ସମୟରେ ବଙ୍ଗଦେଶ ଓ ବଙ୍ଗାଳୀ ଜାତିର ଏପରି ଗୁଣଗାନ ସେ ଆରମ୍ଭ କରନ୍ତି ଯେ, ନିତାନ୍ତ ପ୍ରାଦେଶିକ ସ୍ୱଭାବପନ୍ନ ବଙ୍ଗାଳୀ ମଧ୍ୟ ନିଜ ପ୍ରଦେଶ ମଧ୍ୟରେ ଏତେ ଗୁଣ ଥାଇପାରେ ବୋଲି କଳ୍ପନା କରିପାରିବେ ନାହିଁ । ଏହିପରି ଭାବରେ ସେ ପଥଟା ଛାଡିଦେଇଥିଲେ; ତେଣୁ ମତଟା ବି ବଦଳିଯାଇଥିଲା । କିନ୍ତୁ ଯେତେବେଳେ ସେ ଶୁଣିଲେ— କାରଣ ଆଜିକାଲି ସେ ଖବର କାଗଜ ପଢନ୍ତି ନାହିଁ ଯେ ଖବର ଦେଖିବେ— ଅପ୍ରେଲ ପହିଲା ତାରିଖ ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଗୋଟାଏ ପ୍ରକାଣ୍ଡ ଉତ୍ସବ ହେବ, ଲାଟ ଆସିବେ, ତୋପ ଫୁଟିବ, ଆଉ କେତେ କଅଣ ହେବ ଏବଂ ଯେତେବେଳେ ସେ ଜାଣିପାରିଲେ ଯେ, ସରକାରୀ କର୍ମଚାରୀମାନେ ଏଥିରେ ଯୋଗଦେଇ ଉତ୍ସବରେ ଯୋଗଦେବା ପାଇଁ ଲୋକଙ୍କୁ ମତାଇବେ, ତତାଇବେ, ଭଲ ଭାବରେ କହିବେ ଓ ଦରକାର ପଡିଲେ ଆଖିର ମଧ୍ୟ ଝକ ର ଦେଖାଇବେ, ଗୋଟାଏ ପ୍ରକାଣ୍ଡ ହୁଣ୍ଡଗୋଳ ସୃଷ୍ଟି କରି ସ୍ୱତନ୍ତ୍ର ପ୍ରଦେଶ ପାଇଁ ଓଡ଼ିଆ ଜାତି ସ୍ୱର୍ଗକୁ ଉଠିଗଲା ବୋଲି ଏକ ଅଭିନୟ କରାଇଦେବେ, ସେତେବେଳେ ବନବିହାରୀଙ୍କ ଆନନ୍ଦ ଦେଖେ କିଏ ! ତାଙ୍କ ଭିତରେ ଶୋଇପଡିଥିବା ଦେଶସେବା ସ୍ପିରଟା ପୁଣି ଚେଇଁ ଉଠିଲା । ସେ ଧାଇଁଲେ ଦ୍ୱିଜାଧାରୀ ବାବୁଙ୍କ ବୈଠକଖାନାକୁ ।

—୧୮—

ସ୍ୱତନ୍ତ୍ର ପ୍ରଦେଶ ହେବ; କିନ୍ତୁ ଓଡ଼ିଶାର ଲୋକେ ମୁଠାଏ ଖାଇବାକୁ ପାଉ ନାହାନ୍ତି, ଖଣ୍ଡେ ପିନ୍ଧିବାକୁ ପାଉ ନାହାନ୍ତି । ଚାଷିକୁଳ [illegible] କୁ ଯାହା ପାଉଛନ୍ତି, ଗଣୁଛନ୍ତି ତାହାର ଦୁଇଗୁଣ । ଉଣେଇଶରେ [illegible] ମେରୁ-ଦଣ୍ଡ ଭାଙ୍ଗି ପଡିଲାଣି । ଖଜଣା, ଜଳକର, ପଥକର ଦାଉରେ [illegible] କଂସା ଲୋଟା ଯାଇ କବାଟ ଚୌକାଠ ମଧ୍ୟ ବିକିବାକୁ ବସିଲେଣି । ମୂଲିଆକୁଲ କାମ ପାଉ ନାହାନ୍ତି; ବ୍ୟପଟକୁ ଦାନା ନାହିଁ, ପିଠିକି କନା ନାହିଁ । ଲୋକ-ସାଧାରଣଙ୍କ ଘରେ ଘରେ ଅଭାବର ପ୍ରେତମୂର୍ତ୍ତି ବିକଟ ରୂପ ଧାରଣ କରି

Digitized by srujanika@gmail.com

ବିତରଣ କରୁଛି; କିନ୍ତୁ ସ୍ୱତନ୍ତ୍ର ପ୍ରଦେଶ ଉତ୍ସବ ପାଇଁ ଅର୍ଥର ସ୍ରୋତ ଚାଲିଛି ଧ୍ୱଜାଧାରୀ ବାବୁଙ୍କ ବୈଠକଖାନାକୁ ।

ଠିକ୍ ହୋଇଛି ଯେ, ଏକ ବିରାଟ ଭୋଜି ହେବ । ସେଥିରେ ଯୋଗ ଦେବା ପାଇଁ ଓଡ଼ିଶାର ଦେଶଭକ୍ତ ବାବୁମାନଙ୍କୁ ନିମନ୍ତ୍ରଣ କରାଯିବ— ରାଜପଥମାନଙ୍କରେ ତୋରଣ ସଜ୍ଜିତ କରାଯିବ; ଦୀପାବଳୀ ଜଳିବ; ନୂତନ ପ୍ରଦେଶର ନୂତନ ଲାଟ ସାହେବଙ୍କୁ ବିଭିନ୍ନ ସଭାସମିତି ପକ୍ଷରୁ ଅଭିନନ୍ଦନ ଦିଆଯିବ । ବାବୁମାନଙ୍କ ମଧ୍ୟରେ ଏଇଠି ଗଣ୍ଡଗୋଳ ସୃଷ୍ଟି ହୋଇଛି । କିଏ କେଉଁ ଅନୁଷ୍ଠାନ ପକ୍ଷର ମୁଖପାତ୍ର ହୋଇ ଅଭିନନ୍ଦନ ପଢ଼ିବେ, ଏହା ନେଇ ନେତାବାବୁମାନଙ୍କ ମଧ୍ୟରେ ସଂଘର୍ଷ ଜାତ ହୋଇଛି; ଏ ପର୍ଯ୍ୟନ୍ତ ବି, ଓଡ଼ିଶା ଭିଖାରୀମଣ୍ଡଳୀନାମକ ମେମ୍ବରଶୂନ୍ୟ ବାବୁସଭାର ଅଶରୀରୀ ପ୍ରେତପକ୍ଷରୁ ଧ୍ୱଜାଧାରୀ ବାବୁ ଲାଟ ସାହେବଙ୍କୁ ଅଭିନନ୍ଦନ ଦେବେ କି ନା, ଏହା ନେଇ ମଧ୍ୟ ଧୋକଡ଼ା ରାୟସାହେବ ଓ ଖେତରା ଖାଁସାହେବଠାରୁ ଆରମ୍ଭ କରି ଧଡ଼ଡ଼ା ଅରକ୍ଷିତ ଚକ୍ରବର୍ତ୍ତୀ ମୁକ୍ତାର ମଧ୍ୟରେ ଆନ୍ଦୋଳନ ଉପସ୍ଥିତ ହୋଇଛି । କିଏ କହୁଛି, ମୁଁ ଅଜନ୍ତୁକୁ ଦୁଇ ଶହ ଟଙ୍କାର ସର୍ଷପ ତୈଳ ମାଲିସ୍ କରିବା ଫଳରେ ସ୍ୱତନ୍ତ୍ର ପ୍ରଦେଶ ଆସିଲା; ଅଥଚ ମୁଁ ଅଭି-ନନ୍ଦନ ପଢ଼ିବି ନାହିଁ ? କିଏ କହୁଛି, ରଖ ହେ। ତମ ସର୍ଷପ ତୈଳ ; ଚର୍ମପାଦୁକା ଲେହନ କରି କରି ମୁଁ ହାକିମହୁକୁମାଙ୍କ ମନ ବାଗେଇ-ଥିଲି ବୋଲି ସିନା ସ୍ୱତନ୍ତ୍ର ପ୍ରଦେଶଟାଏ ହେଲା ! ଅଳି କିଅଣ ନା, ସୋରିଷ ତେଲର ବାହାଦୁରୀ ବାହାରୁଛି ! ଆଉ କିଏ କହୁଛି—ଦେଶଟାକୁ ପରାଧୀନ ରଖିବା ବିଷୟରେ ମୁଁ ଯେତେ ସାହାଯ୍ୟ କରିଛି, ସେତେ ସାହାଯ୍ୟ ଆଉ କେହୁ କରିଛନ୍ତି ? ସେଥିପାଇଁ ଦେଶଦ୍ରୋହୀ ବିଶ୍ୱାସଘାତକଙ୍କ ମକୁଟମଣି ବୋଲି [illegible] ଲୋକେ ଏକଶେଷ ଘୃଣା କରନ୍ତି । ଦେଶଟା ପରାଧୀନ ଥିଲା ବୋଲି [illegible] ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଯାଉଛି । ଯେତେବେଳେ ଦେଶଟା ସ୍ୱାଧୀନ ହୋଇଯିବ ବୋଲି ଚହଳ ପଡ଼ିଥିଲା, ସେତେବେଳେ ଦେଶଦ୍ରୋହୀ ବୋଲି ଦଣ୍ଡିତ ହେବେ ବୋଲି କେହୁ ବାହାରି ନ ଥିଲେ; ଅଥଚ ଆଜି ଲାଟ ସାହେବଙ୍କ ଆଗରେ ଅଭିନନ୍ଦନ ପଢ଼ିବାକୁ ଆଗ !

Digitized by srujanika@gmail.com

ଏ କୁଅବର ଧକା ଯାଇ ବାବୁମାନଙ୍କ ଅନ୍ତଃପୁରରେ ବାଜିଲାଣି । ଶ୍ରୀମତୀ କାଦମ୍ବିନୀ ଓଡ଼ିଶାର ମହିଳା ସଭାର ସମ୍ପାଦିକା । ଓଡ଼ିଶାର ନାରୀ-ମାନଙ୍କ ପକ୍ଷରୁ ସେ ତାଳେ ଅଭିନନ୍ଦନ ପଢ଼ିପକାନ୍ତି, ସେଥିପାଇଁ ବାବୁ-ମାନଙ୍କ ଘରେ ଭୀଷଣ ଚହଳ ଲାଗିଛି । ଶ୍ରୀମତୀ କମଳବଦନୀ ଦେବୀ ଜଣେ ଧନୀ ଓକିଲଙ୍କ ସ୍ତ୍ରୀ । ସେ ମୋଟର ଚଳେଇ ଜାଣନ୍ତି, ମୁହଁରେ ବରାବର ସ୍ନୋ-ପାଉଡର ମାଖନ୍ତି, ଓଷ୍ଠରଞ୍ଜନ-ଶଳାକା ଅର୍ଥାତ୍ ଲିପ୍‌ ଷ୍ଟିକ୍‌ରେ ବରାବର ଅଧରଯୁଗଳକୁ ସୁରଞ୍ଜିତ କରି ରଖନ୍ତି, ହାତରେ ରିଷ୍ଟୱାଚ୍ ବାନ୍ଧନ୍ତି, ଅଳକ୍ତରଞ୍ଜିତ ଚରଣଯୁଗଳରେ ଜରିକାମକରା ଚପଲ୍ ପିନ୍ଧନ୍ତି—ସ୍ଥୂଳତଃ ବର୍ତ୍ତମାନ ଓଡ଼ିଶାର ଫେସନ୍‌ବାଲୀ ବାବୁଆଣୀ-ମାନଙ୍କ ମଧ୍ୟରେ ସେ ନିଜକୁ ଅଗ୍ରଣୀ ବୋଲି ମନେ କରନ୍ତି । ଚନ୍ଦ୍ର ଏତେ ସୁନ୍ଦର; ସେଥିରେ ମଧ୍ୟ କଳଙ୍କ ଦାଗ ଥାଏ । ଶ୍ରୀମତୀ କମଳବଦନୀ ଏତେ ସୁନ୍ଦରୀ; ତାଙ୍କଠାରେ ମଧ୍ୟ କଳଙ୍କ ଅଛି ! ସେ ବେଶୀ ଲେଖାପଢ଼ା ଜାଣନ୍ତି ନାହିଁ । ଏତେ ଫେସନ୍‌ବାଲୀ ବେହେରାକୁ ସୁହାଇଲା ପରି ଇଂରାଜୀ ଜ୍ଞାନ ଆଦୌ ନାହିଁ । ଇଂରାଜୀ ଭାଷାଟାକୁ ଦଖଲ କରିବା ପାଇଁ ସେ ପାରୁ ପର୍ଯ୍ୟନ୍ତ କସରତ୍ କରୁଛନ୍ତି । ଜଣେ ମାଷ୍ଟର୍ ତାଙ୍କୁ ଏ ବିଦ୍ୟା ଶିଖାଇବା ପାଇଁ ଚେଷ୍ଟା କରୁଛନ୍ତି; କିନ୍ତୁ ଇଂରାଜୀଟା ଏତେ ଅଦ୍ଭୁତ ଭାଷା ଯେ, ତାହା ସହଜରେ ପଶୁନାହିଁ । ତଥାପି କସ୍ତୁରୀ ମୃଗ ଯେପରି ନିଜ ଗନ୍ଧରେ ନିଜେ ବଭ୍ରୋର ହୋଇ ବୁଲେ, ଶ୍ରୀମତୀ କମଳ ମଧ୍ୟ ନିଜ ସୌନ୍ଦର୍ଯ୍ୟରେ ନିଜେ ବିଭୋର ହୋଇ ନିଜକୁ ଉତ୍କଳ ସୀମନ୍ତିନୀଙ୍କ ମୁକୁଟମଣି, ତେଣୁ ଅଗ୍ରଣୀ ବୋଲି ମନେ କରନ୍ତି । ଶ୍ରୀମତୀ କାଦମ୍ବିନୀ ଅଭିନନ୍ଦନ ପାଠ କରିବେ, ଏ ସମ୍ବାଦ ପାଇ ତାଙ୍କର ହାତ ଜଳିଗଲା । ବୁଢ଼ୀଟାଏ, ଝୁମ୍ପୁଡ଼ିମୁଣ୍ଡୀଟାଏ, ଦାନ୍ତୁଳୀଟାଏ—[illegible] ଛିଡ଼ା ହୋଇ ଅଭିନନ୍ଦନ ପଢ଼ିଲେ କୋଉ ଶୋଭା ଦେଖାଯିବ [illegible] ସେ ଇଂରାଜୀ ଜାଣିଲେ କଅଣ ହେଲା ? ଭଲ ବକ୍ତୃତା [illegible]ଲେ କଅଣ ହେଲା ? ଲାଟ ସାହେବଙ୍କୁ ସେ ଅଭିନନ୍ଦନ ଦେଲେ ଓଡ଼ିଆ ନାରୀ-ମାନଙ୍କର ସମ୍ପ୍ରଦାୟ କ୍ଷତି ଛଡ଼ା ଲାଭ ନାହିଁ । ଓଡ଼ିଆମାନଙ୍କ ମହତ ଚାଲି ପଡ଼ିବ—ଓଡ଼ିଆ ନାରୀମାନଙ୍କ ଇଜ୍ଜତ୍ ବୁଡ଼ିଯିବ ! ଆମ ଦେଶ ତ

Digitized by srujanika@gmail.com

ଓଡ଼ିଶା ଦେଶ, ସ୍ୱତନ୍ତ୍ର ଓଡ଼ିଶା ଦେଶ; ସେଥିର ଆରମ୍ଭ ଉତ୍ସବରେ କାହିଁକି ଓଡ଼ିଆରେ ଅଭିନନ୍ଦନ ପଢ଼ା ନ ହେବ ? ଆଉ ଶ୍ରୀମତୀ କାଦମ୍ବିନୀଙ୍କ ପରି ବୁଢ଼ୀ ଅସୁନ୍ଦରୀ ଯଦି ଅଭିନନ୍ଦନ ପଢ଼ନ୍ତି, ତେବେ ଲାଟ ଓ ତାଙ୍କ ସାଙ୍ଗରେ ଥିବା ସାହେବସୁବାମାନଙ୍କ ଧାରଣା ହେବ ଯେ, ଓଡ଼ିଆଣୀସାନ୍ଧ ଭମିତ ବୀ ହୋଇଥିବେ ! ଏଥିରେ ଓଡ଼ିଆଣୀମାନଙ୍କୁ ଅପମାନ—ଘୋର ଅପମାନ; ତେଣୁ ଶ୍ରୀମତୀ କମଳ ଲାଟ ସାହେବଙ୍କ ସମ୍ମୁଖରେ ଓଡ଼ିଆରେ ଅଭିନନ୍ଦନ ପାଠ କରି ଓଡ଼ିଆ ଜାତିର ସମ୍ମାନ ବଜାଏ ରଖିବା ସଙ୍ଗେ ସଙ୍ଗେ ଓଡ଼ିଶାର ନାରୀଜାତିର ମହତ୍ତ୍ୱ ବଢ଼ାଇବେ । ଆଖପାଖ ବାବୁଆଣୀମାନେ ତାଙ୍କ ଘରେ ଏକତ୍ରିତ ହେଉଥିବା ସେ ଦେଶସେବାର ଏହି ମହାତତ୍ତ୍ୱର ବ୍ୟାଖ୍ୟା କରିବାକୁ ଲାଗିଲେ ।

ତେଣେ ଶ୍ରୀମତୀ ହେମପ୍ରଭା ବି. ଏ. ପାସ୍ କରିଛନ୍ତି । ଖବରକାଗଜରେ ପ୍ରବନ୍ଧ ଲେଖନ୍ତି ବୋଲି ତାଙ୍କ ଦଳବଳ ସମ୍ମୁଖରେ ସେ ପ୍ରଚାର କରିବାକୁ ଲାଗିଲେ ଯେ, ଶ୍ରୀମତୀ କାଦମ୍ବିନୀ ବୃଦ୍ଧାବସ୍ଥାବଶତଃ ଅନୁପଯୁକ୍ତା; ଶ୍ରୀମତୀ କମଳବଦନୀ ସୌନ୍ଦର୍ଯ୍ୟ ଦେଖାଇ ଲୋକଚକ୍ଷୁକୁ ମୁଗ୍ଧ କରିବା ପାଇଁ ସର୍ବ-ଯୋଗ୍ୟ ପ୍ରଶସ୍ତ ନୁହେଁ; ତେଣୁ ଏ ମହାନ୍ ପବିତ୍ର ଓ ଗରିମାମୟ କାର୍ଯ୍ୟ କରିବା ପାଇଁ କେବଳ ସେ ହିଁ ସମ୍ପୂର୍ଣ୍ଣ ଭାବରେ, ସର୍ବତୋପ୍ରକାରେ ଉପଯୁକ୍ତା । କାରଣ ସେ ସୁନ୍ଦରୀ ନୁହନ୍ତି, କି ଅସୁନ୍ଦରୀ ନୁହନ୍ତି; ଗୋରୀ ନୁହନ୍ତି, କି କାଳୀ ନୁହନ୍ତି; ଦାନ୍ତୁରୀ ନୁହନ୍ତି, କି ପାକୋଇ ନୁହନ୍ତି; ଖୁବ୍ ପଣ୍ଡିତା ନୁହନ୍ତି, କି ନିତାନ୍ତ ଅଶିକ୍ଷିତା ନୁହନ୍ତି ।

ସ୍ୱତନ୍ତ୍ର ପ୍ରଦେଶ ଉତ୍ସବ ପାଳନ କରାଯିବ—ଏକ ବାଚାଟ, ଘୃଣ୍ୟ-ପୂତିଗନ୍ଧମୟ ମନୋଭାବ ତଥାକଥିତ ଦେଶସେବୀ ବାବୁ ଓ ବାବୁଆଣୀ-ମାନଙ୍କୁ ତ୍ରାହିତ୍ରାହି । ମନେ ହେଉଛି, ଯେପରି ଦେଶଦ୍ରୋହର ପ୍ରତିଯୋଗିତା ଚାଲିଛି ! ମନେ ହେଉଛି, ଯେପରି ନୈତିକ ଅବନତିର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ! ମନେ ହେଉଛି ସମୟ ଆସିଛି, ଯେତେବେଳେ ଯେ ଯେତେ ବଡ଼ ଦେଶ-ଦ୍ରୋହୀ, ସେ ସେତେ ବଡ଼ ଲୋକଙ୍କର, ସାଧାରଣ ଲୋକରେ ଯେ ଯେତେ ବେଶୀ ଘୃଣ୍ୟ, ସେ ସେତେ ବେଶୀ ପୁରସ୍କାର ପାଇବ, ସେ ସେତେ ବେଶୀ ସମ୍ମାନ ପାଇବ ! ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଚାଲିଛି—ଦେଶର ତାହିଁଆଡ଼େ

Digitized by srujanika@gmail.com

ପରମ୍ପ ହୋଇଛ ହୀନ, ନୀଚ ବୃତ୍ତିର ବକ୍ତୃତା ବକାଶ, ଦେଶଦ୍ରୋହର ତୀବ୍ର ହୁଙ୍କାର, ସ୍ୱାର୍ଥଲାଳାର ବୀଭତ୍ସ ଗନ୍ଧ ! ଦେଶ ଯାଉଛ ଚୁଲିକୁ , ଜାତି ହୋଇଛ ମୁଠାଏ ପାଉଁଶ ! ଦେଶର ସମ୍ମୁଖ ସ୍ୱାର୍ଥର କଏ କେତେ କ୍ଷତି କରିପାରେ, କଏ କେତେ କୁକୁର ପରି ପରପଦ ଲେହନ କରିପାରେ, ଏହା ହିଁ ହୋଇଛି କାମ୍ୟ । ଏ ବାବୁମାନଙ୍କ ସମ୍ମୁଖରେ ସ୍ୱତନ୍ତ୍ର ପ୍ରଦେଶ ବୃକ୍ଷରେ ଝୁଲୁଛି କେତେଟା ରଙ୍ଗୀନ୍ ମହାକାଳ ଫଳ ! ତାହାରି ଆଶାରେ କଙ୍ଗ୍ରେସର ହୋଇ ଏମାନେ ଏତେ ହୀନ,ଏତେ ନୀଚ ହୋଇଯାଉଛନ୍ତି ଯେ, ଚିରଜୀବନ ହୀନ, ନୀଚ ଥାଇ ମଧ୍ୟ ସେମାନେ ତାହା ହୋଇପାରି ନ ଥିଲେ । ଏହି ଯେ ଉତ୍ସବର ବ୍ୟବସ୍ଥା, ଏହା ଦେଶପୂଜାର ଉତ୍ସବ ନୁହେଁ—ଏହା ଦେଶଦ୍ରୋହର ଉତ୍ସବ; ଏହା ଆନନ୍ଦର ଉତ୍ସବ ନୁହେଁ—ଏହା ଦୁଃଖର ଉତ୍ସବ; ଏହା ଗୌରବର ଉତ୍ସବ ନୁହେଁ—ଏହା ଲଜ୍ଜାର ଉତ୍ସବ; ଏହା ସ୍ୱତନ୍ତ୍ରତାର, ସ୍ୱାଧୀନତାର ଉତ୍ସବ ନୁହେଁ—ଏହା ପରତନ୍ତ୍ରତା, ପରାଧୀନତାର ଉତ୍ସବ । ଏ କଥା ଯେ କେତେ ଜଣ ପ୍ରକୃତ ଦେଶସେବୀ ମର୍ମେ ମର୍ମେ ଅନୁଭବ କଲେ, ସେମାନେ ଦୁଃଖରେ, ଘୃଣାରେ, ଲଜ୍ଜାରେ ନୀରବ ଓ ଅଧୋମୁଖ ହୋଇ ରହିଲେ ୮ ତାଙ୍କଆଗେ ଚାଲିଲା ଦେଶଦ୍ରୋହିତାର ପୂତିଗନ୍ଧମୟ ସ୍ରୋତ ।

—୧୯—

ସନ୍ଧ୍ୟା ୮ଟା ହେବ; ଧ୍ୱଜାଧାରୀ ବାବୁଙ୍କ ବୈଠକଖାନାରେ କର୍ମସ୍ରୋତ ଅବିରତ ଗତିରେ ଚାଲିଛି । ଦରବାରୀ ଖାନା ପାଇଁ କେଉଁ ଖାନ୍‌ସମାକୁ ବଇନା ଦିଆଯାଉଛି, ତୋରଣ ତିଆରି ପାଇଁ କେଉଁ [illegible] ବରାଦ୍ ଦିଆଯାଉଛି, ଅଭିନନ୍ଦନ ଛପାଇବା ପାଇଁ ଜଣେ ଦୂ[illegible] ଛାପାଖାନା. ଏ ସବୁକୁ ଦେଖି ତାହିଁ ଗୋଟାଏ କଣରେ [illegible]ଉଛନ୍ତି । ବନବିହାରୀ ବାବୁଙ୍କ ଉପରେ କାଗଜପତ୍ର ରଖିବା, ଟଙ୍କାପ[illegible] ନେଣଦେଣ କରିବା ଭାର । ତାଙ୍କୁ ନିଃଶ୍ୱାସ ମାରିବାକୁ ବି ଫୁରସତ୍ ନାହିଁ । ଦିନମାନ କଟକରେ ଖଟିବା ପରେ ସେ ଯେ ସନ୍ଧ୍ୟା ଏତେବେଳ ଯାଏ ଏତେ . ପରିଶ୍ରମ

ଉତ୍ସାହରେ ଖଟିପାରୁଛନ୍ତି, ଏଥିପାଇଁ ତାଙ୍କର ପ୍ରଯତ୍ନାବାଡ଼ୀ ହେବେ-ଭଣ ତାଙ୍କୁ ଶୁଣାଇ ଶୁଣାଇ ପ୍ରଶଂସା କରିବାରେ ଲାଗିପଡ଼ିଛନ୍ତି ।

ଗ୍ରୀଷ୍ମକାଳ ପଡ଼ିଆସୁଛି । ବାହାରେ ଚାରି ପାଞ୍ଚ ଖଣ୍ଡ ଚୌକି ପଡ଼ିଛି । ଧ୍ୱଜାଧାରୀ ବାବୁ, ସୂର୍ଯ୍ୟମଣି ବାବୁ, ଅରକ୍ଷିତ ଚକ୍ରବର୍ତ୍ତୀ ବସି ଲିଷ୍ଟ୍ ଖେଞ୍ଚିରେ ଯେଉଁମାନଙ୍କୁ ନିମନ୍ତ୍ରଣ କରାଯିବ, ସେ ବିଷୟରେ କଥାବାର୍ତ୍ତା ହେଉଛନ୍ତି । ଧ୍ୱଜାଧାରୀ ବାବୁଙ୍କ ପସନ୍ଦକୁ ଯେଉଁ ଲୋକ ଆସୁ ନାହିଁ, ସେ ଲୋକ ନିମନ୍ତ୍ରଣର ଅଯୋଗ୍ୟ ବୋଲି ବିବେଚିତ ହେଉଛି । ଏତିକି ବେଳେ ଗଞ୍ଜାମରୁ ଗଣେଶ୍ୱର ବାବୁ ଆସି ଉପସ୍ଥିତ ହେଲେ । ତାଙ୍କୁ ଦେଖି ଧ୍ୱଜାଧାରୀ ବାବୁ କହି ଉଠିଲେ, "ଆସନ୍ତୁ, ଆସନ୍ତୁ ଗଣେଶ୍ୱର ବାବୁ !"

ଗଣେଶ୍ୱର ବାବୁ ଆସନ ଗ୍ରହଣ କଲା ପରେ ବ୍ରହ୍ମପୁରରେ ସ୍ୱତନ୍ତ୍ର ପ୍ରଦେଶ ଉତ୍ସବ ବ୍ୟବସ୍ଥା ବିଷୟରେ ବେଶ କଥାବାର୍ତ୍ତା ହେଲା । ଶେଷରେ ଗଣେଶ୍ୱର ବାବୁ କହିଲେ, "ବ୍ରହ୍ମପୁରର ଉତ୍ସବ ବ୍ୟବସ୍ଥା ଯୋଗୁଁ ମୁଁ ବଡ କାର୍ଯ୍ୟବ୍ୟସ୍ତ ହେଲେ, ଆପଣଙ୍କ ସହିତ ସାକ୍ଷାତ୍ ନ କରି ଯାଇପାରିଲି ନାହିଁ । ଅଙ୍କ ରାତି ଡାକଗାଡ଼ିରେ ଫେରିଯିବି । ଗୋଟାଏ ଗୁରୁତର କଥା ବିଷୟରେ ଆଲୋଚନା କରିବା ପାଇ ଆପଣଙ୍କ ପାଖକୁ ଆସିଥିଲି । ବଡ ସୌଭାଗ୍ୟର ବିଷୟ ଯେ, ସୂର୍ଯ୍ୟମଣି ବାବୁଙ୍କ ପରି ବହୁଦର୍ଶୀ ଦେଶସେବୀ ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି । କଥାଟା ହେଉଛି ଏଇ—ସ୍ୱତନ୍ତ୍ର ପ୍ରଦେଶଟାଏ ହେବ, ସ୍ୱତନ୍ତ୍ର ଲାଟ୍ ରହିବେ, ସେକ୍ରେଟେରିଏଟ୍ ରହିବ, ସେକ୍ରେଟେରୀ ରହିବେ, ଆଉ କଅଣ କେହି ମନ୍ତ୍ରୀ ରହିବେ ନାହିଁ ? ଆପଣ କଅଣ ଭାବୁଛନ୍ତି ? ଦେଶ-ସେବାରେ ଆପଣ ଏପରି ଭାବରେ ମନପ୍ରାଣ ଢାଳିଦେଇଛନ୍ତି ଯେ, ଏ ଗୁରୁତର ପ୍ର[illegible] ଆଡକୁ ବୋଧ ହୁଏ ଆପଣଙ୍କ ଦୃଷ୍ଟି ପଡ଼ିପାରି ନାହିଁ ।"

ଧ୍ୱ[illegible] ବାବୁ କହିଉଠିଲେ—"ଠିକ୍ କହୁଛନ୍ତି ଗଣେଶ୍ୱର ବାବୁ, ଏ ଦେଶ[illegible] ଗାଧୋଇବା ସମୟ ରହୁ ନାହିଁ, ଖାଇବାପିଇବାର ସମୟ ରହୁ ନାହିଁ, ରାତିରେ ନିଦ ମଧ୍ୟ ଠିକ୍ ରକମ ହେଉ ନାହିଁ । ଏ ସବୁ ଗୋଳମାଳ ଯୋଗୁଁ ମୋର ଦେହ ବଡ ଖରାପ ହେଲାଣି । ପେଟ ବରାବର ଗଡ଼ଗଡ଼ ହେଉଛି, ଝିମ ଝିମ ମୁଣ୍ଡ ଘୂରାଉଛି । ଦେଶସେବୀ ତ ସହଜ କାମ

ନୁହେଁ ! ନିଜ ଅଟଳୁ ଦୃଷ୍ଟି ଦେଲେ ଦେଶ ଅଡକୁ ଦୃଷ୍ଟି ଦେବ କେତେ-ବେଳେ ? କି ହୋ ଅରକ୍ଷିତ ବାବୁ, କଅଣ କହୁଛନ୍ତି ?"

ଅରକ୍ଷିତ ବାବୁ ମୁଣ୍ଡ ହଲାଇ କହିଲେ—"ହଁ, ଠିକ୍ କଥା । ଦିନ ନାହିଁ, ରାତି ନାହିଁ, ଦେଶ ପାଇଁ ଖଟି ଖଟି ଆପଣଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡିବା ଉପରେ । ଉତ୍ସବଟା ଗଲେ ଆପଣ କିଛି ଦିନ ବିଶ୍ରାମ ନିଅନ୍ତୁ । ରମ୍ଭା କିମ୍ବା ଗୋପାଳପୁରରେ ଯାଇ ରହନ୍ତୁ ।"

ଢୋଲାଧାରୀ ବାବୁ କହିଲେ, "ଅରେ ବାବୁ, ଭଲ କଥା କହିଲ ! ଅବସର, ଫୁରସତ୍ ନେବାକୁ ବେଳ କାହିଁ ? ଏତେ ଖଟିଲେ ସୁଦ୍ଧା ତ ଏ ହତଭାଗା ଦେଶଟାର ନିସ୍ତାର ନାହିଁ; ଫୁରସତ୍ ନେଲେ ଆଉ ଚଳିବ ? ପ୍ରଦେଶଟା ଆରମ୍ଭ ହୋଇଗଲେ ତ ବର୍ତ୍ତମାନ ଯାହା ବା କାମ ଟିକିଏ କୋହଳ ଅଛି, ତାହା ଶହେ ଗୁଣ ବଢିଯିବ । ସ୍ୱତନ୍ତ୍ର ପ୍ରଦେଶ ଅଧିବାସୀଙ୍କ ଆମମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ହଜାର ଗୁଣ ବଢିଯାଇଛି । ଗୋଟାଏ ନିଅଣ୍ଟିଆ ଦରିଦ୍ର ପ୍ରଦେଶ; ତାକୁ ଚଳାଇବା କି ସହଜ କଥା ? ସେ ବିଷୟରେ ବରାବର ବଡ ବଡ ହାକିମହୁକୁମାଙ୍କୁ ପରାମର୍ଶ ଦେବାକୁ ହେବ । ସେମାନଙ୍କ ସହିତ ବରାବର ଦେଖାସାକ୍ଷାତ କରି କେଉଁ ଲୋକଙ୍କୁ କେଉଁ କାମ ଦେଲେ ଚଳିବ, କେଉଁ ଲୋକ ଭଲ କରୁଛି, କେଉଁ ଲୋକ ଖରାପ କରୁଛି, ତାହା ବତାଇ ଦେବାକୁ ହେବ । ସେମାନଙ୍କ ପାଇଁ ଭୋଜିଭାତ, ସଭାସମିତି, ସ୍ୱାଗତ ଅଭିନନ୍ଦନର ବ୍ୟବସ୍ଥା କରିବାକୁ ହେବ । ସେମାନଙ୍କ ମଧ୍ୟରୁ ଯେଉଁମାନେ ବଡ ବଡ, ସେମାନେ ସାତ ସମୁଦ୍ର ତେର ନଦୀ ପାରି ହୋଇ ବର୍ଷେ କେଇଟା ପାଇଁ ଆମ ଦେଶକୁ ଆସିଛନ୍ତି । ସେମାନେ ଏ ଦେଶର ଅତିଥି—ଦେବତା ପରି ପୂଜ୍ୟ—ପୁଣି ଦେବତା ପରି ସେମାନେ ସରଳ-ବିଶ୍ୱାସୀ । ଏ ଦେଶର, ଏ ଦେଶଲୋକଙ୍କର ଅବସ୍ଥା ସେ[...] ଜାଣିବେ କିପରି ? ସେମାନଙ୍କୁ ସାହାଯ୍ୟ ନ କଲେ ଦେଶର ଯଦି ଖ[...] । ସେଥି-ପାଇଁ ସେମାନେ ତ ଦାୟୀ ହେବେ ନାହିଁ, ଦାୟୀ ହେବୁ [...]ମାନେ । ମୁଁ ସେଥିପାଇଁ ମୁଁ ଭାବୁଛି ଯେ, ସ୍ୱତନ୍ତ୍ର ପ୍ରଦେଶ ହେଲେ ଫୁରସତ୍ ବୋଲି ଗୋଟାଏ ଜିନିଷ ଆମ ଭାଗ୍ୟରେ ନ ଥିବ । ହଁ, ଗଣେଶ୍ୱର ବାବୁ, ଆପଣ ଯେଉଁ ମନ୍ତ୍ରିନିଯୁକ୍ତି ବିଷୟ କହିଲେ, ସେ ବିଷୟରେ ଭାବୁଛି; କିନ୍ତୁ ସେ

Digitized by srujanika@gmail.com

ଦେଖିବା କିଛି ନୁହେଁ, ଅର୍ଥାତ୍ ଭଲ କର୍ମ ଦେଖିପାରୁ ନାହିଁ । ଲାଟ୍ ରହିଲେ ତ ଜଣେ ବା ଦୁଇ ଜଣ ମନ୍ତ୍ରୀ ରହିବେ ନିଶ୍ଚୟ; କିନ୍ତୁ ମନ୍ତ୍ରୀ ରଖିବା ନ ରଖିବା ବିଷୟ ସମ୍ପୂର୍ଣ୍ଣ ରୂପେ ଲାଟ୍ ସାହେବଙ୍କ ଉପରେ ନିର୍ଭର କରେ । ସେ ଯଦି ମନେ କରନ୍ତି ତ ମନ୍ତ୍ରୀ ରଖିବେ, ମନେ ନ କଲେ ନ ରଖିବେ । ଯଦି ରଖନ୍ତି ତ କାହାକୁ ରଖିବାକୁ ବ୍ୟବସ୍ଥା କରାଯିବ, ଏ ବିଷୟରେ ଆପଣଙ୍କ ଗଞ୍ଜାମରେ ମତ କଅଣ ?"

ଗଣେଶ୍ବର ବାବୁ କହିଲେ, "ଦେଖନ୍ତୁ, ମନ୍ତ୍ରୀ ରଖିବା ନ ରଖିବା ବିଷୟରେ ଲାଟ ସାହେବଙ୍କ ମତ କରାଇପାରନ୍ତି ଆପଣମାନେ । ଦୁଇ ଜଣ ମନ୍ତ୍ରୀ ରଖିବାର ମତ କରାନ୍ତୁ । ଅନ୍ତତଃ ଦୁଇ ଜଣ ଓଡ଼ିଆ ତ ମାସକୁ ପାଞ୍ଚ ପାଞ୍ଚ ହଜାର ଦଶ ହଜାର ପାଇବେ । ସେଥିରେ କଅଣ ଦେଶର କମ୍ ଉନ୍ନତି ହେବ ! ମନ୍ତ୍ରୀ ରହିଲେ ତ ଆପଣ ନିଶ୍ଚୟ ଜଣେ ମନ୍ତ୍ରୀ ହେବେ; ଆଉ ଜଣେ ଗଞ୍ଜାମବାସୀ ଓଡ଼ିଆ ଯେପରି ଆର ପଦଟି ପାଆନ୍ତି, ତାହାର ବ୍ୟବସ୍ଥା କରନ୍ତୁ ।"

ଧ୍ୱଜାଧାରୀ ବାବୁ ବ୍ୟସ୍ତ ହୋଇ କହିଉଠିଲେ—'ମୋ କଥା କହୁଛନ୍ତି ? ମୁଁ ଅତି ସାମାନ୍ୟ ଲୋକ; ମନ୍ତ୍ରୀ ହେବାର କୌଣସି ଯୋଗ୍ୟତା ମୋ ପାଖରେ ନାହିଁ । ମୋର କ୍ଷୁଦ୍ର ଶକ୍ତିରେ ଯାହା କରିପାରେ ଦେଶ ପାଇଁ, ସେତିକି ମୁଁ କରିପାରିଲେ ସନ୍ତୁଷ୍ଟ । ଏ ମନ୍ତ୍ରୀ ଫନ୍ତ୍ରୀ ପଦରେ କାମ କରିବା ମୋଦ୍ୱାରା ହେବ ନାହିଁ । ହଁ, ଗଞ୍ଜାମ ପାଇଁ ଚେଷ୍ଟା କରିବା କଥା ଯାହା କହିଲେ, ସେ ବିଷୟରେ ମୁଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବି ।"

ଗଣେଶ୍ୱର ବାବୁ କହିଲେ, "ଆପଣ ମନ୍ତ୍ରୀ ହେବେ ନାହିଁ ତ ହେବ ଆଉ କିଏ ? ଆପଣଙ୍କଠାରୁ ଆଉ କେଉଁ ଯୋଗ୍ୟ ଲୋକ ଓଡ଼ିଶାରେ ଅଛି ? ସେ କଥା ଛାଡ଼ନ୍ତୁ [illegible]ର କର୍ତ୍ତବ୍ୟ ମୁଣ୍ଡରେ ଧରି ଦେଶର ସମୃଦ୍ଧି ଉନ୍ନତି କରିବା ପାଇଁ ଲାଗି [illegible] ଆପଣଙ୍କ ପରି ଉଦାରଚେତା ଦେଶସେବୀ ମନ୍ତ୍ରୀ ନ ହୋଇ ଅ[illegible] ଯୋଗ୍ୟ ଲୋକ ଯଦି ହୁଅନ୍ତି, ତେବେ ଓଡ଼ିଶାର ଅବସ୍ଥା କଅଣ ହେବ, ଭାବନ୍ତୁ ଦେଖି !"

ସୂର୍ଯ୍ୟମଣି ବାବୁ ଏତେବେଳ ଯାଏ ଏ ବିଷୟରେ ନୀରବ ଥିଲେ । ସେ କହିଲେ—"ଠିକ୍ କଥା କହୁଛନ୍ତି ଗଣେଶ୍ୱର ବାବୁ, ଠିକ୍ କଥା

Digitized by srujanika@gmail.com

କହୁଛନ୍ତି । ବାହାରର ଲୋକ ସ୍ୱରୂପରେ ଲାଟ ସାହେବଙ୍କୁ ପରାମର୍ଶ ଦେବାଠାରୁ ମନ୍ତ୍ରୀସ୍ୱରୂପରେ ପରାମର୍ଶ ଦେଲେ ଲାଟ୍ ସାହେବଙ୍କ ପକ୍ଷରେ ତାହା ଅଧିକ ଗ୍ରହଣୀୟ ହେବ । ଦ୍ୱିତୀୟରେ, ଯଦି ଆମର ବିପକ୍ଷବାଦୀ ଜଣେ କେହି ମନ୍ତ୍ରି-ପଦ ଲାଭ କରନ୍ତି, ତେବେ ଆମର ଅବସ୍ଥା କଅଣ ହେବ ? ଦେଶର ଅବସ୍ଥା କଅଣ ହେବ ?”

ଧୂର୍ତ୍ତାଧୀଶ ବାବୁ କହିଲେ—“ମୁଁ ସବୁ ବୁଝିପାରୁଛି । ଆପଣ-ମାନେ ଏକ ଚକ୍ରାନ୍ତର କର୍ତ୍ତବ୍ୟର ବୋଝ ମୋ ମୁଣ୍ଡରେ ଲଦିଦେବା ପାଇଁ ବ୍ୟବସ୍ଥା କରୁଛନ୍ତି; କିନ୍ତୁ ମୁଁ ତ ଆଗରୁ କହୁଛି, ଏ ବିଷୟରେ ମୁଁ ବେଶୀ କିଛି ଭାବି ନାହିଁ । ଆଗ କାମ ଆଗେ ସରୁ; ଆଗେ ସ୍ୱତନ୍ତ୍ର ପ୍ରଦେଶ ଉତ୍ସବ ଉତ୍ସବଟା ସର୍ବାଙ୍ଗସୁନ୍ଦର ଭାବରେ ହୋଇଯାଉ । ତା ପରେ ଏ ସବୁ କଥା ଭାବିବାକୁ ସମୟ ଆସିବ ।”

ଗଣେଶ୍ୱର ବାବୁ ବିଦାୟ ଗ୍ରହଣ କଲେ । ସୂର୍ଯ୍ୟମଣି ବାବୁଙ୍କ ମୁଖରେ ଫୁଟି ଉଠିଲା ମୃଦୁ ହସ !

—୬୦—

ଆଜି ୧୯୩୬ ସାଲ ଅପ୍ରେଲ ପହିଲା । ସକାଳୁ ସଦଳବଳେ ଲାଟ୍ ସାହେବ କଟକରେ ପଦାର୍ପଣ କଲେ । କଟକ କଲେଜର ପ୍ରଶସ୍ତ ସୁସଜ୍ଜିତ କକ୍ଷରେ ଦରବାର ବୈଠକ ହେଲା । ସୁସଜ୍ଜିତ ଆର୍ମ ପୁଲିସ୍ ଅସ୍ତ୍ର ପ୍ରଦର୍ଶନ କଲେ; ତୋପ ଫୁଟିଲା । ଲାଟ ସାହେବ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ-ଗଲା ବୋଲି ଘୋଷଣା କଲେ । ମହାନଦୀର ଶୁଷ୍କ ନୀର ଉଚ୍ଛ୍ୱସିତ ହୋଇ-ଉଠିଲା ନାହିଁ; ଦୂରରୁ ଦିଶୁଥିବା ଅଠଗଡ ଓ ଢେଙ୍କାନାଳର ପର୍ବତଶ୍ରେଣୀ ଆନନ୍ଦରେ ନୃତ୍ୟ କଲେ ନାହିଁ । ମହୋଦଧି ଉଦ୍‌ବେଳ ହୋଇଉଠିଲା ନାହିଁ; ତଳେଲିଙ୍ଗ ପଜାର କୃଷକ ପଲ୍ଲୀରେ ଆନନ୍ଦ ଉଛୁଳି ଉଠିଲା ନାହିଁ । ଥାର୍ଡକ୍ଲାସ ଗାଡ଼ିବାଲା ଚିରକାଳ ପରି ଝିଗରବର୍ଷାକୁ ମୁଣ୍ଡ ପାତି ଘୋଡ଼ା ପିଠିରେ ଚାବୁକ ପିଟିବାକୁ ଲାଗିଲା । ଗରିବ ରିକ୍‌ସାବାଲା [illegible] ପେଟକୁ ପିଠିରେ ଯୋଡ଼ି ଭରବାହୀ ପଶୁ ପରି ରିକ୍‌ସା ଟାଣିବାକୁ ଲାଗିଲା । ମଙ୍ଗଳାବାଗ ଛକର୍ ପାନ୍‌ବାଲା ସକାଳୁ ଉଠି ସବୁ ଦିନ ପରି ଦୋକାନ ପିଟାଇ ପସରା ବାନ୍ଧି ବସିଲା । ତାକୁ ଆଜ ମ୍ୟୁନିସ୍‌ପାଲିଟିର ପଠା ଟିକସ ଦେବାକୁ

ହେବ ; ସେଥିପାଇଁ ସେ ଝଗଡ଼ା । ସ୍ୱତନ୍ତ୍ର ପ୍ରଦେଶ ହେଉ, ଲାଟ ଆସୁ, ତୋପ ଫୁଟୁ, ପୁଲିସ୍‌ମାନେ ପାହୁଣ୍ଡ ପକାଇ ଚାଲନ୍ତୁ, ଏଥିରେ ସେମାନଙ୍କର ଲାଭ କଅଣ ? ସେମାନଙ୍କର ଯାଏ କେତେ, ଆସେ କେତେ ? ସବୁ ଦିନ ପରି ସେମାନଙ୍କୁ ଅଣ୍ଟାକୁ, ଅଣ୍ଟା-ଭଙ୍ଗା ପେଟ ନେଇ ଅଷ୍ଟପ୍ରହର ବିକଟ ସଂଗ୍ରାମ ବନ୍ଧରେ ଯୁଦ୍ଧ କରିବାକୁ ହେବ; ସେମାନଙ୍କୁ ତୀବ୍ର ଅଭିଯୋଗ କଟୁକ୍ଷରେ ଶକ୍ତ ପ୍ରତିବାଦର ଚିତ୍କାରକୁ ମୂକ ପରି ମୁଖ ବୁଜି ସହିବାକୁ ହେବ । ଏଇମାନଙ୍କର ରକ୍ତ ଶୋଷିତ ହେଲେ ଯାଇ ଲାଟ୍ ଦରମା ପାଇବେ, ସେକ୍ରେଟେରି ଶାସନଯନ୍ତ୍ର ଚଳାଇବେ, ପୁଲିସ୍ ତୋପ ଫୁଟାଇବେ, ବାବୁମାନେ ଗାଡିଘୋଡା ମୋଟର ଚଢି ପଗଡ଼ି ବାନ୍ଧି ଦରବାର କରିବେ । ସ୍ୱତନ୍ତ୍ର ପ୍ରଦେଶ ହେଲା; ନିଅଣ୍ଟ ପ୍ରଦେଶ ଚଳାଇବା ପାଇଁ ଏଇମାନଙ୍କୁ ବେଶୀ କର ଦେବାକୁ ପଡିବ । ହୁଏ ତ ଏଇମାନଙ୍କ ପେଟରୁ କଟାଯିବ; ହୁଏ ତ ଏଇମାନଙ୍କ ରୁଗ୍ଣ ଶିଶୁର ମୁଖରୁ ଯାନେ ଔଷଧ କାଟିନିଆଯିବ । ହୁଏ ତ ଏମାନଙ୍କ ସ୍ତ୍ରୀର ହାତର ଭଙ୍ଗା-କାଚ ବଦଳାଇ ଦୁଇ ପଟ ନୂଆ କାଚ ପିନ୍ଧିବାରେ ବାଧା ପଡିବ । ଏଥିରେ ଏମାନଙ୍କର କି ଆନନ୍ଦ ଥାଇପାରେ ? କି ଉତ୍ସାହ ହୋଇପାରେ ?

ଉତ୍ସାହ ହେବ ସେହିମାନଙ୍କର, ଆନନ୍ଦିତ ହେବେ ସେହିମାନେ, ଯେଉଁମାନଙ୍କର ସ୍ୱତନ୍ତ୍ର ପ୍ରଦେଶରେ ଲାଭ ଅଛି, ଯେଉଁମାନେ ସ୍ୱତନ୍ତ୍ର ପ୍ରଦେଶ ହେବା ଯୋଗୁଁ ପୁରୀ ଲଡୁ ଉପରେ ଦୁଧ ଘିଅ ଖାଇବା ପାଇଁ ସୋଡା ଖାଇବେ, ଯେଉଁମାନେ ବିଲାତି ଲୁଗାର ସୁଟ୍ ଉପରେ ବିଲାତରୁ ସୁଟ୍ ମଗାଇବେ, ଯେଉଁମାନେ ସ୍ୱଦେଶୀ ଟ୍ୟାନେରୀର ବୁଟ୍ ଛାଡ଼ି ଜର୍ମାନୀରୁ ବୁଟ୍ ମଗାଇବେ, ଯେଉଁମାନେ ଘୋଡ଼ାଗାଡ଼ି ଛାଡ଼ି ଫୋର୍ଡ କାର୍ କିଣିବେ ବା ଫୋର୍ଡ଼ କାର୍ ଛାଡ଼ି ସେଲହ୍ରଷ୍ଟକୁ ହାତ ବଢାଇବେ, ଯେଉଁମାନଙ୍କର ସ୍ତ୍ରୀର ହା... ...ଜାବାଲି ପରିବର୍ତ୍ତେ ଜଡ଼ଉର ବ୍ରୋସ୍‌ଲେଟ୍‌ର ବ୍ୟବସ୍ଥା ହେବ ଏ... ...ଉଁମାନଙ୍କ ପେଟ ଛାତିକୁ ଛାଡ଼ି ହାତେ ଯଦାକୁ ବଢ଼ିକି ଥିଲେ ଦୁଇ ହାତ ବଢ଼ିବାର ସୁବିଧା ହେବ । ସେମାନେ ଆନନ୍ଦିତ, ଉତ୍ସାହିତ ହେବା କଥା ଏବଂ ସେହିମାନେ କେବଳ ଉତ୍ସାହିତ, ଆନନ୍ଦିତ ହେଉଛନ୍ତି । ରକମ ରକମର ଧଡ଼ାଚୂଡ଼ା ପିନ୍ଧି 'ଅଭିମନ୍ୟୁ' ବେଶେ ପ୍ରଜାପତି

Digitized by srujanika@gmail.com

ପରି ଏମାନେ ଏକମାତ୍ର ମଧୁଚକ୍ର ଲାଟ୍ ସାହେବଙ୍କୁ କେନ୍ଦ୍ର କରି ଘୂରି ବୁଲୁଛନ୍ତି । ଏମାନଙ୍କୁ ଗୁଣରେ ନିନ୍ଦା ନାହିଁ, ଧନରେ ଷୋଳଶୋଷ ନାହିଁ; ସ୍ୱାର୍ଥ ଅଣାର ତୀବ୍ର ନିଶାରେ ଏମାନେ ବିଭୋର, ମତୁଆଲା, ଉନ୍ମତ୍ତ ।

ଦରବାରର ସଜ୍ଜିତ ଗୃହକୁ ଅଲଙ୍କୃତ କରି ଏ ବାବୁମାନେ ବସିଛନ୍ତି । କେତେ ଜଣା ଅଜଣା, ଶୁଣା ଅଶୁଣା, ସ୍ଥାୟୀ ଅସ୍ଥାୟୀ ବା ଶୂନ୍ୟ ସ୍ଥାୟୀ ଅନୁଷ୍ଠାନ ପକ୍ଷରୁ କେତେ ଲୋକ କେତେ ଅଭିନନ୍ଦନ ପାଠ କଲେ । ଲାଟ୍ ସାହେବଙ୍କୁ ସମ୍ମାନ କରିବା ଏହାର ଉଦ୍ଦେଶ୍ୟ ଯେତେ ନୁହେଁ, ନିଜ ପ୍ରତି ଲାଟ୍ ସାହେବଙ୍କ କୃପାକଟାକ୍ଷ ଆକର୍ଷଣ କରିବା ଏମାନଙ୍କ ଉଦ୍ଦେଶ୍ୟ ସେତେ । ଏମାନେ ସ୍ୱାର୍ଥର ମୋହରେ ଏତେ ଅନ୍ଧ ହୋଇଯାଇଛନ୍ତି ଯେ, ଭୁଲି ଯାଇଛନ୍ତି, ଲାଟ ସାହେବ ହେଲେ ମଧ୍ୟ ସେ ମନୁଷ୍ୟ ମାତ୍ର; ଏ ଘଟଣା-ସ୍ରୋତ ଓ ଲୋକାରଣ୍ୟ ମଧ୍ୟରେ ଉତ୍କଳର କେଉଁ ଯୋଗ୍ୟ ନନ୍ଦନର କେଉଁ କୀର୍ତ୍ତିକୁ ସେ ବା କିପରି ଭାବରେ ସ୍ମରଣ-ପଟରେ ଅଙ୍କିତ କରି ରଖିବେ ? ରଖିଲେ ବା ସେଥିରେ ତାଙ୍କର ଲାଭ ହେବ କଅଣ ? ଭାତ ମୁଠାକ ପାଇଁ ରଜାଦ୍ୱାରେ ବୁଲି ବୁଲୁଥିବା କୁକୁର କାର୍ଯ୍ୟବ୍ୟସ୍ତ ବାଟୋଇ ଆଗରେ ନିଜର କାର୍ଯ୍ୟକଳାପ ଦେଖାଇବା ପାଇଁ ଡେଇଁଲେ ବାଟୋଇ ତାର ସେହି ଅପୂର୍ବ କୀର୍ତ୍ତିକୁ ସ୍ମୃତି-ମନ୍ଦିରରେ ସନ୍ନିଧନ କରି ରଖେ କି ? କାର୍ଯ୍ୟ ପଡ଼ିଲେ ଅଇଁଠା ଭାତ ମୁଠାଏ ହାତରେ ଧରିଲେ ତ ଶହ ଶହ କୁକୁର ଲାଙ୍ଗୁଳ ଯାକି ତାଙ୍କ ନିକଟରେ ଆସି ଉପସ୍ଥିତ ହେବେ । ଲାଟସାହେବ ମଧ୍ୟ ସମୟୋପଯୋଗୀ ଭାଷାରେ ଓଡ଼ିଶା ପ୍ରତି ତାଙ୍କର ସଦିଚ୍ଛା ପ୍ରକାଶ କଲେ ।

ଦରବାର ସରିଲା । ଓଡ଼ିଶା ସ୍ୱତନ୍ତ୍ର ହେଲା । ବିନା ତ୍ୟାଗରେ, ବିନା ଶ୍ରମରେ ଓଡ଼ିଶା ଏକ ନୂତନ ପ୍ରଦେଶରୂପେ ଗଠିତ ହେଲା ବୋଲି ବାବୁମାନେ ମନେ ମନେ ମହା ଆନନ୍ଦିତ ହେଲେ । ନିଜ [illegible]ର ବୁଝା-ବୁଝି ହେଲେ ଯେ, ଏ ଘଟଣା ଇତିହାସ-ବକ୍ଷରେ ଅଙ୍କିତ [illegible]

"ଏ ଦିବସ ଇତିହାସ-ବକ୍ଷରେ ଅଙ୍କିତ ରହିବ ସତ; କିନ୍ତୁ ତାହା ପଢ଼ି ଜାତିର ଭବିଷ୍ୟତ ବଂଶଧରମାନେ ଲଜ୍ଜିତ ହେବେ । ସେମାନେ ପଢ଼ି ବିସ୍ମିତ ହେବେ ଯେ, ଖାରବେଳ ପୁରୁଷୋତ୍ତମର ଜାତି ଏତେ ଭୀରୁ,

Digitized by srujanika@gmail.com

ଏତେ ନିର୍ବୀର୍ଯ୍ୟ କାପୁରୁଷ ହେଲୁ ? ସେମାନେ ସ୍ୱ-ଲଜ୍ଜିତ ହେବେ, ତାଙ୍କର ଯେଉଁ ପୂର୍ବପୁରୁଷମାନେ ଦେଶର ସ୍ୱାଧୀନତା ରକ୍ଷା ପାଇଁ ନିଜର ବକ୍ଷର ରକ୍ତ ଢାଳିଦେଇଥିଲେ, ତାଙ୍କର ଉତ୍ତର ପୁରୁଷମାନେ କାପୁରୁଷ ଏତେ ଅପଦାର୍ଥ ହେଲେ ଯେ, ନିଜ ଶକ୍ତିରେ, ନିଜ କ୍ଷମତାରେ, ନିଜ ବଳରେ ସ୍ୱାଧୀନ ହେବା। ତେଣିକି ଥାଉ, ନିଜ ଭାଇ ସହିତ ମଧ୍ୟ ମିଳିତ ହୋଇପାରିଲେ ନାହିଁ; ଅଥଚ ସାତ ସମୁଦ୍ର ତେର ନଦୀ ପାରିର ଏକ ଜାତିର ସୁବିଧାଜନକ ଦାନକୁ ନିଜ ମସ୍ତକରେ ଧାରଣ କରି ନୃତ୍ୟ କରିଥିଲେ ! ମନେ ପଡ଼େ ସ୍ୱର୍ଗୀୟ ସୁରେନ୍ଦ୍ରନାଥ, ବିପିନ ପାଲଙ୍କ କଥା—ଯେଉଁମାନେ ବଙ୍ଗଭଙ୍ଗ ଆନ୍ଦୋଳନ ସମୟରେ ଜାତିର ଅସ୍ମିତାକୁ ଏତେ ଦୂର ଜାଗରିତ କରିପାରିଥିଲେ ଯେ, ସାମ୍ରାଜ୍ୟ-ମଦଦୃପ୍ତ ବ୍ରିଟିଶ-ସିଂହ କବଳରୁ ନିଜର ଦାବୀ ବଳପୂର୍ବକ ଛଡ଼ାଇ ଆଣିଥିଲେ। ମନେ ପଡ଼େ, କି ମହାନ୍ ତ୍ୟାଗ ସେମାନଙ୍କୁ କରିବାକୁ ପଡ଼ିଥିଲା, କି ଜ୍ୱାଳାମୟ ଅଗ୍ନିତରଙ୍ଗକୁ ନିଜ ବକ୍ଷରେ ସେମାନେ ଧାରଣ କରିଥିଲେ। ଜାତୀୟ ଏକତା, ଜାତୀୟ ଦାବୀର ପୂଜାପୀଠରେ ସେମାନେ ଆତ୍ମବଳି ଦେଇଛନ୍ତି। ସେମାନଙ୍କ ଆତ୍ମବଳିର ରକ୍ତରେ ଦେଶର ମୁଖ ଲାଲ ହୋଇଉଠିଛି; ବନ୍ଦିଶାଳା ତୀର୍ଥକ୍ଷେତ୍ରରେ ପରିଣତ ହୋଇଛି। ପରିବାର ପରେ ପରିବାର, ଗୃହ ପରେ ଗୃହ ଧ୍ୱଂସ ହୋଇଛି; ଆଉ ସେ ଧ୍ୱଂସସ୍ତୂପ ଦ୍ୱାରା ଗଢ଼ିଉଠିଛି ଜାତୀୟ ଜାଗରଣର ଅଭ୍ରଭେଦୀ କୀର୍ତ୍ତିସ୍ତମ୍ଭ ! ଏ ମହାନ୍ ତ୍ୟାଗ ନିକଟରେ ମୁଣ୍ଡ ନୋଇଁ ପଡ଼େ ଏବଂ ଯେତେ ଦିନ ମନୁଷ୍ୟ ସମାଜ ଥିବ, ମନୁଷ୍ୟର ଇତିହାସ ଥିବ, ସେତେ ଦିନ, ଯୁଗେ ଯୁଗେ ସମସ୍ତ ମନୁଷ୍ୟର ମୁଣ୍ଡ ନୋଇଁ ପଡୁଥିବ। ଆପାତ ସଫଳତାର ମୋହରେ ଯେଉଁମାନେ ମୁଗ୍ଧ, ସେମାନେ ଜାଣନ୍ତି ନାହିଁ, ଇତିହାସ ଯଦି ଇତିହାସ ତ, ତେବେ ତାହା ସାଧନା ଏବଂ ସେଥିର ସିଦ୍ଧିର ଇତିହାସ। ସିଦ୍ଧିରେ, ସଫଳତା [illegible] ଗୌରବ ଥାଇପାରେ ନା; ଗୌରବ ଥାଏ ସାଧନାରେ, ତ୍ୟାଗ [illegible] ବଳରେ। ଯେଉଁ ସଫଳତା, ପଛରେ ଯେଉଁ ସିଦ୍ଧି ପଛରେ ସାଧନା [illegible] ବେଶି, ସେ ସଫଳତା, ସେ ସିଦ୍ଧିର ମୂଲ୍ୟ ସେତେ ବେଶୀ। ଯେଉଁ ସଫଳତା ପଛରେ ସାଧନା ନାହିଁ, ସେ ସଫଳତା ହୁଏ ତ ଏକ ପ୍ରକାଣ୍ଡ ପ୍ରହସନ; ନ ହେଲେ ଏକ ବିରାଟ ଧପ୍ପାବାଜି। ଯେଉଁ ଜାତିର

Digitized by srujanika@gmail.com

ସାଧନା ଯେତେ ତୀବ୍ର, ଯେତେ ଭୀଷଣ, ସେ ଜାତିର ଇତିହାସ ସେତେ ଉଜ୍ଜ୍ୱଳ, ସେତେ ଗରିମାମୟ । ବିନା ସାଧନାରେ ଲବ୍ଧ ଫଳର ମୂଲ୍ୟ ଧୂଳି-ମୁଠାକଠାରୁ ମଧ୍ୟ କମ୍ । ତାହା ସଫଳତା ନୁହେଁ, ତାହା ବିଫଳତା ମଧ୍ୟ ନୁହେଁ; ଜାତିର ଭାଗ୍ୟରେ ତାହା ଅଶୁଭର ଏକ ଭୀଷଣ ଧୂମକେତୁ । ସାଧନାର ସଫଳତାରେ ଜାତିର ଭାଗ୍ୟ ଉଜ୍ଜ୍ୱଳ ହୁଏ । ସାଧନାର ବିଫଳତାରେ ଜାତୀୟ ଆତ୍ମା ଅଧିକତର କାର୍ଯ୍ୟକାରୀ ହୋଇ ଜାତିର ହୃଦୟ ନିହିତ ଶକ୍ତିକୁ ଅଧିକତର ଜାଗ୍ରତ, ଅଧିକତର ଉତ୍ତେଜିତ କରେ; କିନ୍ତୁ ଏହି ଅସାଧନାପ୍ରାପ୍ତ ଅସାର ସଫ-ଳତା ଜାତିକୁ ନିର୍ବୀର୍ଯ୍ୟ କରେ, କାପୁରୁଷ କରେ, ଜାତିର ଇତିହାସକୁ କଳଙ୍କିତ କରେ, ଜାତୀୟ ଜୀବନକୁ କୁଣ୍ଠିତ କରେ, ଜାତିର ଭବିଷ୍ୟତକୁ ଘୋର ଅନ୍ଧ-କାରମୟ କରେ, ଜାତିକୁ ନପୁଂସକ କରି ଅବନତିର ଗଭୀର ଗହ୍ୱର ମଧ୍ୟକୁ ଠେଲିଦିଏ । ଯେଉଁ ସଫଳତା ପଛରେ ଶକ୍ତି ନାହିଁ, ସେ ସଫଳତା ସଫଳତା ନୁହେଁ—ତାହା ପବନର ମୃଦୁ ନିଃଶ୍ୱାସରେ ମଧ୍ୟ ଧ୍ୱଂସ ହେବ । ଏପରି ସଫଳତାର ଅନ୍ତଃସାରଶୂନ୍ୟ ମୂର୍ତ୍ତିକୁ ଛିଡା କରାଇ ରଖିବା ପାଇଁ ପରର ଶକ୍ତି ଲୋଡା । ସେଥିପାଇଁ ଏପରି ସଫଳତା ଜାତିକୁ ପରମୁଖାପେକ୍ଷୀ କରେ । ପରମୁଖାପେକ୍ଷୀ ମନୁଷ୍ୟ ହେଉ ବା ଜାତି ହେଉ, ସର୍ବଦା ଦୁର୍ବଳ, ଭୀରୁ, ପରାଧୀନ ହୋଇ ରହେ ।

ଓଡିଶାର ଭାଗ୍ୟରେ ଏହିପରି ଏକ ଅଯୋଗ୍ୟତାର ସଫଳତା ଆସିଛି । ଭାରତର ଜାତୀୟ ଶକ୍ତିର ପ୍ରଚଣ୍ଡ ଧକ୍କାମୁଖରୁ ଆତ୍ମରକ୍ଷା କରିବା ପାଇଁ ଏକ ବୈଦେଶିକ ରାଜଶକ୍ତି ଯେତେବେଳେ ଏକ ଦୁର୍ବଳ ଆଶ୍ରୟ ପଛରେ ଆତ୍ମରକ୍ଷା କରିବାକୁ ଲାଗିଥିଲା, ସେତେବେଳେ ସେହି ଆଶ୍ରୟର ପରିପୋଷକ ସ୍ୱରୂପରେ ଅନୁଗ୍ରହ କରି ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିଦେଲେ ଏବଂ ଏହାକୁ ହିଁ ଏକ ମହାଦାନ ବୋଲି ଜଗତ୍ ସମ୍ମୁଖରେ ପ୍ରଚାର କଲେ । ଏହାକୁ ନେଇ ଗର୍ବ କରିବାର କିଛି ନାହିଁ; ଆନନ୍ଦ କରିବାର [illegible] ନାହିଁ । ଯେଉଁ ରାଜଶକ୍ତି ଓଡିଶାକୁ ଏକ ପୃଥକ୍ ପ୍ରଦେଶ କରି [illegible] ସେହି ରାଜଶକ୍ତି ଇଚ୍ଛା କଲେ, ଭିନ୍ନ ରାଜନୈତିକ କାରଣରୁ ଓଡିଶାକୁ ଆନ୍ଧ୍ର ପ୍ରଦେଶର ଅନ୍ତର୍ଗତ କରିପାରନ୍ତି, ବଙ୍ଗପ୍ରଦେଶର ଅନ୍ତର୍ଗତ କରିପାରନ୍ତି, ବ୍ରହ୍ମ ପ୍ରଦେଶର ଅନ୍ତର୍ଗତ କରିପାରନ୍ତି—ଏପରି କି, ଓଡିଶା ବୋଲି ନାମଟାକୁ

ମଧ୍ୟ ଲେପ କରିଦେଇପାରନ୍ତି । ତାଙ୍କ କାର୍ଯ୍ୟରେ ବାଧା ଦେବା ଭଳି ଶକ୍ତି ଅଛି କି ? ଯଦି ସେପରି ଶକ୍ତି ନ ଥାଏ, ତେବେ ଓଡ଼ିଶା ପୃଥକ୍ ପ୍ରଦେଶ ହେଲା ବୋଲି ଆନନ୍ଦିତ ହେବାର କିଛି ନାହିଁ । ନିଜର ଶକ୍ତି-ବଳରେ ଶତ ବାଧା ସତ୍ତ୍ୱେ ନିଜର ଦାବୀକୁ ହାସଲ କରିବାର ଶକ୍ତି ଓଡ଼ିଶା ଯେଉଁ ଦିନ ଲାଭ କରିବ, ସେ ଦିନ ତାହାର ସମସ୍ତ ଦୁଃଖ, ସମସ୍ତ ଦୈନ୍ୟ ଦୂରୀଭୂତ ହେବ; ସେଦିନ ଓଡ଼ିଶା ଦୁର୍ଭିକ୍ଷବନ୍ୟାପ୍ରପୀଡ଼ିତ ଦରିଦ୍ର ଦେଶ ନ ହୋଇ ହୋଇଉଠିବ ସୁନାର ଦେଶ ! ସେ ଦିନ ଓଡ଼ିଆ ପୁଅଙ୍କ ବକ୍ଷ ସ୍ଫୀତ ହୋଇଉଠିବ, ମସ୍ତକ ଉନ୍ନତ ହୋଇଉଠିବ, ଧମନୀରେ ବୀରରକ୍ତ ପ୍ରବାହିତ ହେବ । ସେ ଦିନ ଓଡ଼ିଶାର ପୂଜାବେଦୀରେ ସାରା ବିଶ୍ୱର ମସ୍ତକ ଅବନତ ହୋଇପଡ଼ିବ । ସେହି ଦିନ ହିଁ ପ୍ରକୃତ ଆନନ୍ଦର ଦିନ । ଭୀରୁ ଯେ, କାପୁରୁଷ ଯେ, ନୀଚ ଯେ, ଘୃଣ୍ୟ ଯେ, ଅବଜ୍ଞାଲିପ୍ତ ପରର ଉଚ୍ଛିଷ୍ଟ ପ୍ରସାଦଗଣ୍ଡାକ ପାଇଲେ ହିଁ ଆନନ୍ଦରେ ଲୋଟିଯାଏ; କିନ୍ତୁ ବୀର ଯେ, ସେ ଦୃପ୍ତ ହସ୍ତରେ ଇତିହାସ ପୃଷ୍ଠାରେ ନିଜ ବକ୍ଷର ରକ୍ତ ଦେଇ ଅମର କୀର୍ତ୍ତି ଅଙ୍କିତ କରିଦିଏ । ସେଥିରେ ହିଁ ତାର ଆନନ୍ଦ—ତାହା ହିଁ ପ୍ରକୃତ ଆନନ୍ଦ ।

ଓଡ଼ିଶା ପୃଥକ୍ ହେଲା । ଆଜି ଓଡ଼ିଶା ପକ୍ଷରେ ସୁଦିନ ନା ଦୁର୍ଦ୍ଦିନ, ଇତିହାସ ଏହାର ଉତ୍ତର ଦେବ । ଆଜି ଓଡ଼ିଶା ପକ୍ଷରେ ଦୁର୍ଦ୍ଦିନ—ଘୋର ଦୁର୍ଦ୍ଦିନ ! ସୁଦିନ ସେହି ଦିନ ଆସିବ, ଯେଉଁ ଦିନ ପ୍ରତ୍ୟେକ ଓଡ଼ିଆ ପୁଅ ନିଜକୁ ମଣିଷ କରି ଗଢିପାରିବେ, ନିଜକୁ ମନୁଷ୍ୟ ବୋଲି ସମ୍ମାନ କରିପାରିବେ, ମନୁଷ୍ୟର କାର୍ଯ୍ୟ କରିପାରିବେ । ସୁଦିନ ସେହି ଦିନ ହେବ, ଯେଉଁ ଦିନ ପ୍ରତ୍ୟେକ ଓଡ଼ିଆ ଜନନୀ-ଜନ୍ମଭୂମିର ଚରଣରେ ନିଜର ସର୍ବସ୍ୱ ଢାଳିଦେବା ପାଇଁ ପ୍ରସ୍ତୁତ ହେବେ, ଯେଉଁ ଦିନ ସେମାନଙ୍କ ବକ୍ଷରେ ଜାଗିଉଠିବ ଦୁର୍ଦ୍ଦମନୀୟ ଆଶା, ମୁଖରେ ଫୁଟିଉଠିବ ବୀରତ୍ୱର ଭାଷା, [illegible] ମାତିଉଠିବ ଉତ୍କଳର ସ୍ୱାଧୀନ ଯୁଗର ପୂର୍ବ ପୁରୁଷମାନଙ୍କ ପ୍ରଳୟଙ୍କର [illegible]ତେଜଃପୁଞ୍ଜ । ଦିନେ ଓଡ଼ିଆ ଜଗନ୍ନାଥ, ଭୁବନେଶ୍ୱର, କୋଣାର୍କ ମନ୍ଦିର ଗଢିଥିଲା; ସେ ଦିନ ଓଡ଼ିଆ ପୁଅ ଧୂଳିମୁଠାକରେ ଗଢ଼ିବ ଏପରି ମନ୍ଦିର, ଯାହା ନିକଟରେ ତାଜମହଲ ମଧ୍ୟ ନିଷ୍ପ୍ରଭ, ମଳିନ ହୋଇଯିବ । ସେହି-

Digitized by srujanika@gmail.com

ଦିନ ହିଁ ଉତ୍କଳର ଜାଗରଣ ଦିନ, ସେହି ଦିନ ହିଁ ଉତ୍କଳର ଆନନ୍ଦର ଦିନ । ସେ ଦିନ ସେ ନାଚେ ଆନନ୍ଦ କରିବ, ବିଶ୍ବ ମଧ୍ୟରେ ଆନନ୍ଦ ବିତରଣ କରିବ; ସେ ଦିନ ସେ ହସିବ ବିଶ୍ବକୁ ହସାଇ; ସେଦିନ ସେ ମାତିବ, ନାଚିବ ବିଶ୍ବକୁ ମତାଇ, ନଚାଇ !

କେବେ ଆସିବ ସେ ଦିନ ? ଆଜି ତ ଘୋର ଦୁର୍ଦ୍ଦିନ ! ଚାରିଆଡ଼େ ଅନ୍ଧକାର—ଘୋର ସୂଚିଭେଦ୍ୟ ଅନ୍ଧକାର । ଆକାଶରେ ମେଘମାଳା ପ୍ରଳୟ ନୃତ୍ୟ ଲଗାଇଛନ୍ତି । କିଏ ତ ସେ ଦିନ କେବେ ଆସିବ, ତାହା କଳ୍ପନା କରିବା ମଧ୍ୟ ଦୁଷ୍କର ହୋଇପଡ଼ୁଛି । ଝଞ୍ଜାର ନିର୍ମମ ଆଘାତରେ ଆଶାର କ୍ଷୀଣ ଦୀପଶିଖାଟି ମଧ୍ୟ ଲିଭିଯାଉଛି । କିନ୍ତୁ ଯେଉଁମାନଙ୍କ ଦୃଷ୍ଟି ବର୍ତ୍ତମାନର ଅନ୍ଧକାର ଭେଦ କରିପାରେ, ସେମାନେ ଦେଖିବେ, ଏହି ଧୂଳଧୂମମୟ ଅନ୍ଧକାର ପଛରେ ଦିବ୍ୟଜ୍ୟୋତି ଫୁଟିଉଠୁଛି, ଗଭୀର ନିଶିଶେଷରେ ପ୍ରଭାତର କନକ କିରଣମାଳା ଖେଳିଯାଉଛି, ବର୍ତ୍ତମାନର ଶ୍ମଶାନବକ୍ଷରେ ଫୁଟିଉଠୁଛି ଭବିଷ୍ୟତର ଗରିମାମୟ ମନ୍ଦିର ! ତାହାର ଉଚ୍ଚଚୂଡ଼ାରେ ମୃଦୁ ଦକ୍ଷିଣା ପବନରେ ଖେଳୁଛି ସ୍ୱାଧୀନ ଉତ୍କଳର ସ୍ୱାଧୀନତା କେତନ !

ସେ ଦିନ କେତେ ଦିନ, ହେ ବିଧାତା, ଆଉ କେତେ ଦିନ ? କିଏ କହିବ, କେତେ ଦିନ ? କିନ୍ତୁ ବର୍ତ୍ତମାନର ଭୀରୁତା, କାପୁରୁଷତା, ଦେଶ-ଦ୍ରୋହିତାର ପୂତିଗନ୍ଧମୟ ସ୍ରୋତରେ ବୁଡ଼ି ରହି ସୁଖରେ ରହିବା ଅପେକ୍ଷା, ସେହି ସ୍ୱାଧୀନ ଭବିଷ୍ୟତର ସ୍ୱାଧୀନତା ଆଶାରେ ବଞ୍ଚି ରହି ଶତ ଦୁଃଖ, ସହସ୍ର ଲାଞ୍ଛନା, କୋଟି ଯନ୍ତ୍ରଣା ସହିବା ମଧ୍ୟ ଶ୍ରେୟ । କାୟମନୋବାକ୍ୟରେ କ୍ରୀତଦାସ ହୋଇ ରହିବା ଅପେକ୍ଷା କେବଳ ମନରେ ସ୍ୱାଧୀନ ହେବା ମଧ୍ୟ ବୀରର ଧର୍ମ—ମନୁଷ୍ୟର କାମ୍ୟ ।

—୨୧—

ବାରବାଟୀ ଦୁର୍ଗର ଭଗ୍ନ ପ୍ରାକାର ତୋରଣ, ପଦ୍ମସୁ[illegible] ପତାକା ଓ ବୈଦ୍ୟୁତିକ ଆଲୋକରେ ଅତି ମନୋହରରୂପେ ସଜ୍ଜିତ ହୋଇଛି । ସ୍ଥାନେ ସ୍ଥାନେ ବିଚିତ୍ର ପତାକା ମହାନଦୀର ମୃଦୁମନ୍ଦ ପବନରେ ଉଡ଼ି ଉଡ଼ି ଉତ୍କଳର ଅସୀମ ଗୌରବ ଘୋଷଣା କରୁଛି । ପୃଥକ୍ ଉତ୍କଳର

Digitized by srujanika@gmail.com

ଅବଶ୍ୟ ଉତ୍ସବକାଳେ ଆଜି ଏଠାରେ ଏକ ପ୍ରକାଣ୍ଡ 'ମେଳାର' ବ୍ୟବସ୍ଥା ହୋଇଛି । ବସନ୍ତ ପବନରେ ବାରବାଟୀର ଗଡଖାଇରେ ଫୁଟିଥିବା ଘାସ ଫୁଲର ଗନ୍ଧ ସହିତ ଚୋପ୍‌ଚା, କବାବ୍, କେକ୍, ପୁଡିଂ, କୁଇସନ, ସୋଡାର ମୃଦୁ ମନ୍ଦ ଗନ୍ଧ ଭାସି ଆସି ମେଳାକୁ ନିମନ୍ତ୍ରିତ ହୋଇଥିବା ଦେଶସେବୀ ଓ ଦେଶଭକ୍ତମାନଙ୍କୁ ସାଦର ଅଭ୍ୟର୍ଥନା କରୁଛି । ସ୍ତର ପରେ ସ୍ତର କ୍ଷୀର-ମୋହନ ଓ ସନ୍ଦେଶ ଥାଳର ସ୍ରୋତ ବାରବାଟୀ ଦୁର୍ଗ ମଧ୍ୟକୁ ଚାଲିଛି । ମନେ ହେଉଛି, ସତେ ଯେପରି ସାମ୍ରାଜ୍ୟ ଜୟ କରିଥିବା ଉତ୍କଳର ବିଜୟୀ ବୀରମାନଙ୍କୁ ଭୋଜି ଦିଆଯାଉଛି !

ଏଇ ବାରବାଟୀ—ଦିନେ ଏହାର ଦୁର୍ଗପ୍ରାକାର ଉତ୍କଳ ସୈନ୍ୟର ବୀରନାଦରେ କମ୍ପିତ ହେଉଥିଲା, ଦିନେ ଏହି ଦୁର୍ଗ ମଧ୍ୟରୁ ବୀରବାଦ୍ୟର ଗୁରୁଗମ୍ଭୀର ନାଦ ଉଠି ଓଡ଼ିଆର ରକ୍ତକୁ ଉତ୍ତେଜିତ କରୁଥିଲା, ଦିନେ ଏହାର ନବତଲ ପ୍ରାସାଦ ଉପରେ ସ୍ୱାଧୀନ ଉତ୍କଳର ବିଶାଳ ଧ୍ୱଜା ମହାନଦୀର ଶିକରସିକ୍ତ ପବନରେ ଉଡ଼ୁଥିଲା । ଆଜି ସେ ଉତ୍କଳ କାହିଁ ? ସେ ବାରବାଟୀ କାହିଁ ? ଉତ୍କଳର ସେ ବୀର ସୈନ୍ୟ କାହାନ୍ତି ? ଉତ୍କଳର ରାଜ୍ୟ କାହିଁ ? ଉତ୍କଳର ସ୍ୱାଧୀନତା କାହିଁ ? ଯେଉଁ ବାରବାଟୀ ଦିନେ ସ୍ୱାଧୀନତାର ପାଦପୀଠ ଥିଲା, ଆଜି ତାହା ପରାଧୀନତାର ଉତ୍ସବ-କ୍ଷେତ୍ରରେ ପରିଣତ ହୋଇଛି । ଯେଉଁ ବାରବାଟୀରେ ଉତ୍କଳର ସାମ୍ରାଜ୍ୟବିଜୟର ମହୋତ୍ସବ ପାଳନ କରାଯାଉଥିଲା, ସେଠାରେ ପର ଅନୁଗ୍ରହରେ ଉତ୍କଳ ଗୋଟାଏ ପୃଥକ୍ ପରାଧୀନ ପ୍ରଦେଶ ହେବା ଯୋଗୁଁ ଉତ୍ସବ ଲାଗିଛି ! ଅଦୃଷ୍ଟର ଏ କି ବିକଟ ପରିହାସ ! ନିୟତିର ଏ କି ବିଦ୍ରୂପ ଦୃଷ୍ଟି ! ଏହି ବାରବାଟୀ—ଏହାର ଭଗ୍ନାବଶେଷର ପ୍ରତ୍ୟେକ ପ୍ରସ୍ତରଖଣ୍ଡ ଓଡ଼ିଆର ବକ୍ଷର ରକ୍ତରେ ଅଭିଷିକ୍ତ ! ଏହାର ପ୍ରତ୍ୟେକ ଧୂଳିକଣା ଓଡ଼ିଆ ବୀରର ଅସ୍ଥି-ମାଂସରେ ଗଠିତ ! ଏହାର ବୃକ୍ଷର ପ୍ରତ୍ୟେକ ପତ୍ରରେ, ପ୍ରତ୍ୟେକ ତୃଣ-ଗୁଚ୍ଛରେ ଓଡ଼ିଆର ଗରିମାମୟ ଅତୀତର ଅମର କୀର୍ତ୍ତିଗାଥା ଅଙ୍କିତ ରହିଛି । ଜଗନ୍ନାଥ ମନ୍ଦିର ଯଦି ଉତ୍କଳର ଅଧ୍ୟାତ୍ମ କଳାର ମୁକ୍ତାପୀଠ ହୁଏ, ବାରବାଟୀ ଉତ୍କଳର ବୀରତ୍ୱର, ଆତ୍ମତ୍ୟାଗର ମୁକ୍ତାବେଦୀ । ଏହି ପବିତ୍ର କ୍ଷେତ୍ର ଆଜି

Digitized by srujanika@gmail.com

ଦେଶଦ୍ରୋହପୁଷ୍ଟ ପରାଧୀନତାର ଅର୍ଥଶୂନ୍ୟ ଉତ୍ସବ କ୍ଷେତ୍ରରେ ପରିଣତ ହୋଇଅଛି ।

ମେଳି ଆରମ୍ଭ ହେଲା । ମେଳିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନିମନ୍ତ୍ରିତ ଅନେକ ବାବୁ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରେ କଅଣ ପ୍ରକୃତ ଦେଶସେବୀ, ତ୍ୟାଗୀ କେହି ନ ଥିଲେ ? ଥିଲେ; କିନ୍ତୁ ପ୍ରତାରଣାର ମାୟା-ଜାଲରେ ପଡ଼ି ସେମାନେ ମଧ୍ୟ ବାଟ ଭୁଲିଥିଲେ; ସ୍ୱାର୍ଥପରତାର କୁହୁକମୟ କୁଟଚକ୍ରରେ ସେମାନେ ମଧ୍ୟ ପଡ଼ିଥିଲେ ।

ମେଳି ହେଲା; କିନ୍ତୁ ସେତେବେଳେ ମଧ୍ୟ କାହାରି ମୁଖର ଗ୍ରାସ ତିକ୍ତ ହୋଇଉଠିଲା ନାହିଁ, କାହାରି କଣ୍ଠନାଳୀ ମଧ୍ୟରେ ସୁପୋଲ୍ ଷୀରମୋହନ ଜଳନ୍ତା ଅଙ୍ଗାର ପରି ଅଟକି ଗଲା ନାହିଁ, ସିଂହଭୂମର ଓଡ଼ିଆମାନଙ୍କ କଥା କାହାରି ମନେ ପଡ଼ିଲା ନାହିଁ, ମଞ୍ଜୁଷା, ଟେକ୍କାଲି, ତରଲାର ଓଡ଼ିଆଙ୍କ କଥା କାହାରି ସ୍ମରଣ ହେଲା ନାହିଁ ! କାହାରି ଚକ୍ଷୁରେ ନାଚି ଉଠିଲା ନାହିଁ ବିକଳ ଉତ୍କଳର ରକ୍ତାକ୍ତ ଛବି ! କାହାରି କର୍ଣ୍ଣରେ ବାଜିଉଠିଲା ନାହିଁ ବିଚ୍ଛିନ୍ନ ଅଞ୍ଚଳର ଭାଇମାନଙ୍କର କ୍ରନ୍ଦନ ! ଆଜି ଏମାନେ ନିଜର ସୁବିଧାଲିପ୍ସାର ଆନନ୍ଦରେ ଉନ୍ମତ୍ତ, ନିଜ ସ୍ୱାର୍ଥସିଦ୍ଧିର ଆଶାରେ ବିଭୋର, ଜାତିର ଭବିଷ୍ୟତ ଚିନ୍ତାରେ ତନ୍ମୟ !

—୨୨—

ମହାଭାରତର ଜାତୀୟ ଆତ୍ମାର ପ୍ରଳୟଙ୍କର ଜାଗରଣକୁ ଦମନ କରିବା ପାଇଁ ଯେତେବେଳେ ଭାରତ ଜାତି ଅଷ୍ଟେପୃଷ୍ଠେ ଆବଦ୍ଧ, ସେତିକି ବେଳେ ଓଡ଼ିଶାରେ ପୃଥକ୍ ପ୍ରଦେଶର ଆରମ୍ଭ । ଓଡ଼ିଆ କଅଣ ଏ ମହା-ଜାତୀୟ ବନ୍ଧନରୁ ଅବ୍ୟାହତି ପାଇଛି ? ତାହା ନୁହେଁ, ତାହା ହୋଇ ପାରିବ ନାହିଁ । ଭାରତୀୟ ଜାଗରଣରେ ଉତ୍କଳର ଯେଉଁ [illegible] କେତେ ଜଣ ତ୍ୟାଗୀ ସନ୍ନ୍ୟାସୀ ଆଦର୍ଶର ପ୍ରଦୀପ ଧରି ଘନ ଅନ୍ଧ[illegible] ମଧ୍ୟରେ ଅନିର୍ଦ୍ଦିଷ୍ଟ ପଥରେ ଯାତ୍ରା କରିଥିଲେ, ଯେଉଁମାନଙ୍କର ସ୍ପର୍ଶଲାଭ କରି ଉତ୍କଳ ଜନନୀ ପୁଣିଥରେ ଭାବିପାରିଥିଲେ ଯେ, ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ବୀରର ବଂଶ ଏ ପର୍ଯ୍ୟନ୍ତ ନିର୍ମୂଳ ହୋଇ ନାହିଁ, ସେମାନେ କିଏ ତ ଅଛ-

Digitized by srujanika@gmail.com

ଗୋପନ କରିଛନ୍ତି; କିନ୍ତୁ ସେମାନଙ୍କ ଅସ୍ତ୍ରବଳର ପ୍ରେତ ବର୍ତ୍ତମାନ ମୁଣ୍ଡ ଟେକିଛି ଅଛି । ସେହି ପ୍ରେତର ଦୃପ୍ତ ପଦକ୍ଷେପ ସ୍ୱାଧୀନତାର ବଳିଷ୍ଠ ପରି ଜଗନ୍ନାଥବକ୍ଷରେ ଧାଇଁ ବୁଲୁଛି ।

ଓଡ଼ିଶାରେ ମତପ୍ରକାଶର ସ୍ୱାଧୀନତା ନାହିଁ—ଓଡ଼ିଶାରେ ମିଳନର ସ୍ୱାଧୀନତା ନାହିଁ; ଆଇନର ଖଡ୍ଗ ବର୍ବରର ମୁଣ୍ଡ ଉପରେ ଝୁଲୁଛି । ତାହାରି ମଧ୍ୟରେ ଓଡ଼ିଶା ହେଲା ଗୋଟାଏ ପୃଥକ୍ ପ୍ରଦେଶ । ଓଡ଼ିଶା ପ୍ରତି ଯଦି ରାଜଶକ୍ତିର ଅନୁଗ୍ରହ ଏତେ ବେଶୀ, ତେବେ ପ୍ରଥମେ ଓଡ଼ିଶାରୁ ଦମନନୀତିମୂଳକ ସମସ୍ତ ବ୍ୟବସ୍ଥା ଉଠାଇଦେବା ଉଚିତ ଥିଲା । ତାହା ହେଲେ ଲୋକେ ରାଜଶକ୍ତିର ସଦିଚ୍ଛାର ସ୍ପର୍ଶ ପାଇଥାଆନ୍ତେ । ପ୍ରଦେଶଟାଏ ଲାଭ କରି ସେମାନଙ୍କର କିଛି ଲାଭ ନ ହେଲେ ମଧ୍ୟ, କ୍ଷତିର ସମ୍ଭାବନା ଯଥେଷ୍ଟ ବେଶୀ ଥିଲେ ମଧ୍ୟ, ସେମାନେ ଅନ୍ତତଃ ଗୋଟାଏ ଆଶାର ଆଶାରେ କିଛିଏ ଆନନ୍ଦିତ ହୋଇପାରିଥାଆନ୍ତେ । ଓଡ଼ିଶା ପ୍ରଦେଶ ତ ବୁଭୁକ୍ଷିତ ମୁଖରେ ଅନ୍ନ ଦେଇପାରିବ ନାହିଁ, ନଗ୍ନର ଶରୀରରେ ବସ୍ତ୍ର ଘୋଡାଇପାରିବ ନାହିଁ, ରୋଗୀର ମୁଖରେ ଔଷଧ ଦେଇପାରିବ ନାହିଁ । ଓଡ଼ିଶା କେବଳ ଲାଭ କଲା ଅଇଗା ଗୋଟାଏ ଶାସନ ଯନ୍ତ୍ର । ଏ ଯନ୍ତ୍ର ଚଳାଇବାର ତେଲ୍, କୋଇଲା ଯୋଗାଇବା ପାଇଁ ମଧ୍ୟ ଅର୍ଥର ଅଭାବ । ଉନ୍ନତିର ଆଶା ନାହିଁ, ସ୍ୱାଧୀନତାର ସ୍ପର୍ଶ [illegible] ନାହିଁ— ଏଥିରେ ଆନନ୍ଦିତ ହେବ କିଏ ? ହେବ କେବଳ ସେହି, ଏଥିରେ ଯାହାର ସଙ୍କୀର୍ଣ୍ଣ ସ୍ୱାର୍ଥ ପୂରଣ ହେବାର ଆଶା ଅଛି, ଯାହା ପାଖରେ ସ୍ୱାଧୀନତାର ଅର୍ଥ କିଛି ନାହିଁ, ଯେ ନିଜର ସ୍ୱାର୍ଥୋନ୍ନତି ମୂଲ୍ୟରେ ମାନବର ଜନ୍ମାଧିକାରକୁ ପରପଦରେ ଅର୍ପଣ କରି ନିଜକୁ କୃତାର୍ଥ ମଣୁଛି । ଅପ୍ରେଲ ପହିଲା ଦିନ ଏମାନଙ୍କର ଆନନ୍ଦୋଲ୍ଲାସ ଦେଖି ଯଦି କେହି ମନେ କରିଥାଏ ଏହା ଓଡ଼ିଆ ଜାତିର ଆନନ୍ଦ, ତେବେ ସେ ମସ୍ତବଡ ଭୁଲ କରିଛି—ଏକ ମାରୀଚ [illegible]କୁ ମନ ମଧ୍ୟରେ ସ୍ଥାନ ଦେଇଛି । ପୃଥକ ପ୍ରଦେଶ ହେଉ ବା ନ ହେଉ, ପୃଥକ୍ ହାଇକୋର୍ଟ ହେଉ ବା ନ ହେଉ, ପୃଥକ୍ ବିଶ୍ୱବିଦ୍ୟାଳୟ ହେଉ ବା ନ ହେଉ, ଓଡ଼ିଆ ଚାହେଁ କ୍ଷୁଧାର ଅନ୍ନ, ଦୁଃଖର ଆଶା, ଲଜ୍ଜାର ଭୂଷା—ଓଡ଼ିଆ ଚାହେଁ, ତାହାର ଶିକ୍ଷା, ତାହାର ସଭ୍ୟତା,

ତାହାର ସଂସ୍କୃତି, ତାହାର ସ୍ୱାଧୀନତା । ଏ ବିଶ୍ୱବ୍ରହ୍ମାଣ୍ଡରେ ହାତ ଟେକି ଏତକ ତାକୁ କେହି ଦେଇପାରେ ନା । ଯଦି କିଏ ଦିଏ ତ ସେ ଗ୍ରହଣ କରିବ ନାହିଁ । ଓଡ଼ିଆ ଗରିବ, ଓଡ଼ିଆ ନିଃସ୍ୱ, ନିଃସମ୍ବଳ ସତ୍ୟ; କିନ୍ତୁ ଓଡ଼ିଆ ଭିକାରି ନୁହେଁ—ଉପଯାଚକ ନୁହେଁ । ପରର ଅନୁଗ୍ରହଦତ୍ତ ଦାନକୁ ସେ ହାତ ପତାଇ ଗ୍ରହଣ କରିବାକୁ ଘୃଣା ବୋଧ କରେ । ତାହାର କିଛି ନାହିଁ—ନ ଥାଉ; ନିଜ ଶକ୍ତିବଳରେ ଦିନେ ସେ ତାହାର ସମସ୍ତ ଗଢ଼ି ନେବ । ଆଜି ଓଡ଼ିଆ ପଦାନତ ସତ; କିନ୍ତୁ ସେ ପଦଚୁମ୍ବନ କରି ଜାଣେ ନା । ଆଜି ଓଡ଼ିଆ ପରାଧୀନ ସତ; କିନ୍ତୁ ପରାଧୀନତାର ବନ୍ଧନ-ରଜ୍ଜୁକୁ ସେ ବରଣମାଲ୍ୟ ବୋଲି ମନେ କରେ ନା । ଦୁନିଆ ମଧ୍ୟରେ ସେ ବିଧାତାଙ୍କର ନିଃସ୍ୱ, ନିଃସମ୍ବଳ ସନ୍ତାନ ସତ୍ୟ; କିନ୍ତୁ ସେ ଭୀରୁ ନୁହେଁ—ସେ ବୀର । ଦିନେ ତାହାର ପୂର୍ବପୁରୁଷ ଯୁଦ୍ଧ କରି ସାମ୍ରାଜ୍ୟ ସ୍ଥାପନ କରିଥିଲେ, ଅମର କୀର୍ତ୍ତିର ଜୟସ୍ତମ୍ଭ ସ୍ଥାପିତ କରିଥିଲେ; ଆଜି ସେ ଭୀଷଣ ପ୍ରତିକୂଳ ଅବସ୍ଥାର ଘାତପ୍ରତିଘାତ ସହିତ ଯୁଦ୍ଧ କରି ନିଜର ମସ୍ତକକୁ ଉନ୍ନତ ରଖିପାରିଛି । ଏହିଠାରେ ହିଁ ତାର ଗର୍ବ—ଏହିଠାରେ ହିଁ ତାର ଗୌରବ । ଯେ ଯେତେ ଅବନତ, ତାହାର ଉନ୍ନତିର ସାଧନା ସେତେ ତୀବ୍ର । ବିଶ୍ୱ ଯଦି ସାଧନାର ମୂଲ୍ୟ ବୁଝେ, ତେବେ ସେ ଓଡ଼ିଆକୁ ଘୃଣା କରିବ ନାହିଁ—ଏହି ନିଃସ୍ୱ ନଗ୍ନ ସାଧକଟିର ସାଧନାର ତୀବ୍ରତା ବୁଝି ମାନବ ସମାଜର ମସ୍ତକ ଆପେ ଆପେ ଭୂଲୁଣ୍ଠିତ ହୋଇପଡ଼ିବ । ଦରକାର କେବଳ ଦୁର୍ଦ୍ଦମନୀୟ ଜାତୀୟତାର ବିକାଶ—ଦରକାର କେବଳ ତୀବ୍ର, ଭୀଷଣ, ସାଧନା—ଦରକାର କେବଳ ଛିନ୍ନମସ୍ତା ମାତୃମୂର୍ତ୍ତିର ଆବାହନ ! ଓଡ଼ିଆ ମଣିଷ, ମଣିଷ ପରି ବୀରଦର୍ପରେ ବିଶ୍ୱମଞ୍ଚରେ ଛିଡ଼ା ହେଉ, ଦୃପ୍ତ ହସ୍ତରେ ପୂର୍ବ ଦିଗନ୍ତବକ୍ଷରେ ଆଘାତ କରୁ । ଅନ୍ଧକାର ରାତି ଆପେ ଆପେ ଛୁଟି ଯିବ, ପୂର୍ବଦିଗର ତୋରଣ ଆପେ ଆପେ ଫିଟିଯିବ, ସକାଳ ସୂର୍ଯ୍ୟର ରକ୍ତିମ ଆଭା ଆପେ ଆପେ ଫୁଟିଉଠିବ । ତା ପରେ ଆସିବ [illegible]ମୟ ଦିନ ଅଭ୍ୟୁତ୍ଥାନର ଯୁଗ । ସେହି ଦିନ କେତେ ଯୋଗୀ, [illegible] ଋଷି, କେତେ ଜ୍ଞାନୀ, କେତେ ଗୁଣୀ, କେତେ ବୀର, କେତେ ସାଧକ ଆସି ଉତ୍କଳର ପୂଜା ମନ୍ଦିରରେ ଏକତ୍ରିତ ହେବେ; ଐତିହାସିକ ବଜ୍ର ନିର୍ଘୋଷରେ ଉତ୍କଳର କୀର୍ତ୍ତିଗାଥା ଗାନ କରିବ ।

Digitized by srujanika@gmail.com

—୨୩—

ଜମିଦାର ବଣ୍ଡମୂର ବାବୁ ବାରନ୍ଦାରେ ଅଗ୍ରମ ଚୌକିରେ ବସିଛନ୍ତି । ମୁଖରୁ ଦାମୀ ସିଗାରେଟ୍‌ର ଧୂମ ନିର୍ଗତ କରୁ କରୁ କହିଲେ—"ତା ପର ?"

ଗୁମାସ୍ତା କହିଲା—"ହଜୁର, ସେ ଟୋକାଟାର ତ୍ରହାରରେ ହୀରା ସିଂ ମାଟି କାମୁଡ଼ିଲା; ବୁଧନ ମିଶର ଅଣ୍ଟେଇ ପଡ଼ିଲା ।"

ବଣ୍ଡମୂର ବାବୁ ସିଧା ହୋଇ ବସିପଡ଼ିଲେ; ତାଙ୍କର ମୁଖ, ଚକ୍ଷୁ ଆରକ୍ତ ହୋଇଆସିଲା । ସେ କହିଲେ, "ତମେ ତୁଣ୍ଡାକ ମୂର୍ଖ, ନିତାନ୍ତ ମୂର୍ଖ—ଏକଦମ୍ ଅଯୋଗ୍ୟ ! କେବଳ ଜମିଦାରରୁ ପଇସା ଖାଇ ପେଟ ଫୁଲାଇବାକୁ ଜାଣ ! କବେ ବାବୁ, ଜମିଦାରୀ ରହିବ କିମିତି ? ଗୋଟାଏ କଉଡ଼ିକାର ଟୋକା ଆସି ଖଜଣା ଅଦାୟ କରିବାରେ ବାଧା ଦେଇ ଇଷ୍ଟେଟ୍‌ର ଲଠିଆଳକୁ ମାଡ ଦେଇ ଯଦି ମାଟି କାମୁଡ଼ାଇ ପକାଏ ତ, ତମର ଇଷ୍ଟେଟ୍ ରହିବ କିମିତି ? ଜମିଦାରୀର ସବୁଗାଆଁର ଲୋକ ଖଜଣା ନ ଦେଇ ଇମିତି ମାଡଦେବେ ! କଅଣ କରିବ ତୁମେ, ଶୁଣେ ?"

ଗୁମାସ୍ତା—"ହଜୁର—"

ବଣ୍ଡମୂର ବାବୁ କମିଉଠି କହିଲେ—"ପୁଣି ହଜୁର ! ପୁଣି ହଜୁର ! ହଜୁରର ମୁଣ୍ଡଟାକୁ ତ ଗୋଟାଏ ଛତରା ଟୋକାର ଗୋଡତଳେ ପକାଇ ଦେଇ ଆସିଛ; ପୁଣି କହୁଛ ହଜୁର ! ଭୀରୁ, କାପୁରୁଷ, ଅଯୋଗ୍ୟଗୁଡ଼ାକ ! ତମ ହାତରେ ବାଡ଼ି ନ ଥିଲା ? ତମ କଚେରିରେ ଆଉ ଲୋକ ନ ଥିଲେ ? ସେ ଟୋକାଟାର ମୁଣ୍ଡ ଫଟାଇ ତାର ଶବଟାକୁ ସଞ୍ଜେଇ ନଦୀରେ ଫିଙ୍ଗି ଦେଇ ଆସିପାରିଲ ନାହିଁ ? ନିର୍ଲଜ୍ଜ କଉଡ଼ିକାର ! ଆଉ ପଚାରେ, ହୀରା ସିଂ, ବୁଧନ ଯଦି ଲଠି ଧରି ନ ଜାଣନ୍ତି ତ ତାଙ୍କୁ ଚାକିରିରେ ରଖିଛ କାହିଁକି ? [illegible]—।"

ହୀରା ସିଂ ମୁଣ୍ଡରେ ପଟି ବାନ୍ଧି ତେଲପଚା ବାଡ଼ଖଣ୍ଡିକୁ ଠେକ ଦେଇ ଛିଡ଼ା ହୋଇଥିଲା । ବଣ୍ଡମୂର ବାବୁଙ୍କ କଥାରେ ତାହାର ପିତ୍ତ ଜଳିଯାଉ- ଥିଲା । ସେ ପଇଡ଼ା ଗଠିଆଳ; ତାର ଗଠିର ଆଘାତରେ ଅନେକ ଲୋକ

ବଡ ଖେଳବାଡ ହାତରୁ ବାଡ ଖସିପଡଛି । ତାର ଲାଠିହାତ ପ୍ରତି ଏ ତାଚ୍ଛଲ୍ୟ ସେ ସହିପାରୁ ନ ଥିଲା । ମନେ ମନେ ଭାବୁଥିଲା, ଅସ୍ରମରେ ଅସ୍ରମ ଚୌକି ଉପରେ ମଉଜରେ ଯେ ଶୋଇଛନ୍ତି, ସେ ଲାଠିହାତର ଉତ୍କର୍ଷ ବୁଝିବେ କଅଣ !

ବଂଶୀଧର ବାବୁଙ୍କ ଡାକରେ ଦୁଇ ପାହାଚ ଉଠି ସେ ନମସ୍କାର କରି କହିଲା—"ହଜୁର !"

ବଂଶୀଧର ବାବୁ ଗର୍ଜିଉଠିଲେ—"ଲାଠି ଧରିଜାଣ ନା ଯଦି, ଖଜଣା ଆଦାୟ କରିବାକୁ ଯାଅ କାହିଁକି ? ତମର ତେଲପଟା ବାଡ ମନୁଷ୍ୟ ପାଖରେ କାମ ଦେବ ନାହିଁ; ଗୋରୁ ଅଡାଇବାରେ କାମ ଦେବ ।"

ହୀରା ସିଂ ଭୋଜପୁରୀ—ତାର ରକ୍ତ ଗରମ ହୋଇଗଲା । ସେ ନିଜର କ୍ରୋଧକୁ ପାରୁପର୍ଯ୍ୟନ୍ତ ସମ୍ଭାଳି ନେଇ କହିଲା—"ହଜୁର, ଏ ହାତରେ ବହୁତ ଲାଠିଆଳକୁ ମାଟି କାମୁଡାଇଛି; କିନ୍ତୁ ଦେଖିଲି, ସେ ଚୋକାଖଣ୍ଡ— ହଁ, ଓସ୍ତାଦ୍‌ର ହାତ ପାଇଛି ! ତାର ଲାଠିର ମାଡ ନାଗସାପର ଚୋଟ ପରି କାଟୁ । ପଇଁଚାଳିଶ ବର୍ଷ ଉମର ହେଲାଣି, ହାତରୁ ଏ ଯାଏ କେହି ବାଡ ଛଡେଇ ନେଇପାରି ନ ଥିଲା । ସେ ଚୋକାଟା ବଜ୍ରଲିଖନ୍ତେ ପରି ମୋ ହାତରୁ ବାଡ ଛଡେଇ ନେଇଗଲା । ହଁ, ଠିକ୍—ମରଦ ପିଲା ! ମନେ ହେଉଛି, ସେ ଚୋକାଟାର ଯଦି ଦେଖାପାଆନ୍ତି ତ, ତାକୁ କୁଣ୍ଢାଇ ପକାଇ କହନ୍ତି—"ବେଟା, ତୁ ଜୀଇ ଥା !"

ବଂଶୀଧର ବାବୁଙ୍କ ଭିତରର ମନୁଷ୍ୟଟି ଅନେକ ଦିନ ହେଲା ପ୍ରକୃତରେ ପରିଣତ ହୋଇଯାଇଛି । କିମିତି ସେ ବୁଝିପାରିବେ ଯେ, ଲାଠି ଧରିବା ଗୋଟାଏ ବିଦ୍ୟା, ଲାଠିଆଳଙ୍କ ମଧ୍ୟରେ ମଧ୍ୟ ମନୁଷ୍ୟତା ଅଛି ! ସେମାନେ ଯେଉଁଠାରେ ଏହି ବିଦ୍ୟାର ସୌନ୍ଦର୍ଯ୍ୟ ଦେଖନ୍ତି, ହାରିଗଲେ ମଧ୍ୟ ସେଠାରେ ସେମାନେ ମୁଣ୍ଡ ନୁଆଁଇ ଦିଅନ୍ତି ? ତେଣୁ ତାଚ୍ଛଲ୍ୟ ସହିତ ହୀରା ସିଂ ଆଡୁ ଦୃଷ୍ଟି ଫେରାଇ ଆଣି ସେ ଗୁମାସ୍ତାକୁ କହିଲେ—"... ଚୋକାଟାକୁ କିଛି ଖବର ରଖିଛ ?"

ଗୁମାସ୍ତା—"ଆଜ୍ଞା ହଁ ! ପ୍ରାୟ ଛଅ ମାସ ହେବ ଆସି ସେ ଗାଁରେ ଏକ ବୁଢୀର କୁଡିଆରେ ସେ ରହୁଛି । ଗାଁ ପିଲାମାନଙ୍କୁ ସେ ପାଠ ପଢାଏ;

Digitized by srujanika@gmail.com

ଗାଆଁ ଲୋକମାନଙ୍କୁ ରାମାୟଣ, ମହାଭାରତ, ଗୀତା, ଭାଗବତ ଶୁଣାଏ । ସେ ଆସିଲା ଦିନୁ ସନ୍ତୋଷପୁର ଗାଆଁ ଠାର ଜ୍ୟୋତି ଫେରିଯାଇଛି । ରାସ୍ତା, ଘାଟ, ଘର, ଦ୍ୱାର ପରିଷ୍କୃତ ପରିଚ୍ଛନ୍ନ; ଗାଆଁ ଭିତରେ ମଇଳା-ଆବର୍ଜନା ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ । ଗାଆଁ ଭିତରେ ସେ ଏକ ପଞ୍ଚାୟତ କରିଛି; ତେଣୁ ଆମ କଚେରି ଯାଏ ଆଉ ଆପତ୍ତି ଅଭିଯୋଗ ଆସୁ ନାହିଁ । ହଜୁର ! ସେ ଟୋକାଟା ଗାଆଁ ଲୋକମାନଙ୍କୁ ମତେଇଦେଲାଣି । ସେମାନେ ଆଉ ସୁରୁ-ଖୁରୁରେ ଖଜଣା ଦେବାକୁ ନାରାଜ ।”

ବିଶ୍ୱମ୍ଭର ବାବୁ ଅସହିଷ୍ଣୁ ଭାବରେ କହିଉଠିଲେ—“ତେବେ ଏତେ ଦିନ ଯାଏ ତମେ କରୁଥିଲ କଅଣ ? ସେ ଟୋକାଟା କଂଗ୍ରେସବାଲା; ଖଜଣା ବନ୍ଦ କରିବାକୁ ଶିଖାଉଛି ବୋଲି ଥାନାରେ ଏତଲା ଦେଇ ନାହିଁ କାହିଁକି ?”

ଗୁମାସ୍ତା କହିଲା—“ଥାନାରେ ଏତଲା ଦେଇଥିଲି । ପୁଲିସ ଲୋକ-ମାନେ ଆସି ଇନକୁଆରି କରି ବୁଝିଲେ ଯେ, ସେ କଂଗ୍ରେସବାଲା ନୁହେଁ—ସେ ଖଜଣା ବନ୍ଦ କରିବାକୁ କହୁ ନାହିଁ । ଆଖପାଖ ଦଶଖଣ୍ଡ ଗାଆଁର ଲୋକେ ତ ତାକୁ ଦେବତା ବୋଲି ମନେ କରନ୍ତି; ତା ବିରୁଦ୍ଧରେ ସାକ୍ଷୀ ଦେଉଛି କିଏ ? ଇନ୍‌କୁଆରି ପୂର୍ବେ ଯେତେ ଲୋକଙ୍କୁ ଡାକିଲୁ ସେ ଟୋକାଟା ବିରୁଦ୍ଧରେ ସାକ୍ଷୀ ଦେବାକୁ କହିଲି, ସମସ୍ତେ ନାରାଜ ହେଲେ । ସମସ୍ତେ ମୁହେଁ ମୁହେଁ କହିଗଲେ, ‘ସେ ଆମର ଭାଇ; ସେ ମଣିଷ ନୁହେଁ, ଦେବତା । ତା ବିରୁଦ୍ଧରେ ମିଛ କଥା କହିଲେ ଜିଭ ଛିଡ଼ିପଡ଼ିବ ବାବୁ !’ ଆଉ କଅଣ କରାଯାଇପାରେ ?”

ବିଶ୍ୱମ୍ଭର ବାବୁ ଟିକିଏ ଚିନ୍ତିତ ହୋଇପଡ଼ି କହିଲେ—“ଅଚ୍ଛା ହଉ, ଦେଖାଯାଉ, ସେ ଟୋକାଟା ଦେବତା, କି ଜମିଦାର ଦେବତା । ଯାଅ, ତମେ ଯା—ଙ୍କ ସାଙ୍ଗେ ଥାନାରେ ଏତଲା ଦିଅ ଯେ, ସେ ଟୋକା—ର ନାଆଁ କ'ଣ ?”

ଗୁମାସ୍ତା—“ହଜୁର, ଚନ୍ଦ୍ର ପଟ୍ଟନାୟକ ।”

ବିଶ୍ୱମ୍ଭର—“ହଉ, ଚନ୍ଦ୍ର ପଟ୍ଟନାୟକ—ଏତଲା ଦିଅ ଯେ, ସନ୍ତୋଷ-ପୁର ଗାଆଁରୁ ତୁମେମାନେ ଖଜଣା ଅଦାୟ କଲା ପରେ ଟଙ୍କା ଧରି ଫେରୁଥିବା

ସମୟରେ ଚନ୍ଦ୍ର ପଟ୍ଟନାୟକ ଉତ୍ତେଜିତ କରିବା ଉଦ୍ଦେଶ୍ୟରେ ପିଅଦା ଦୁଇ ଜଣଙ୍କୁ ଜଖମ କରି ଟଙ୍କା ଛାଡ଼ିନେଇ ପଳାଇଛ । ତମେ ହୀର ସିଂ ଓ ବୁଧନ ମିଶ୍ରଙ୍କ ଡାକ୍ତର ସାର୍ଟିଫିକେଟ୍ ନେଇଛ ?”

ଗୁମାସ୍ତା—“ଆଜ୍ଞା ହଁ ।”

ନଟବର ବାବୁ—“ତେବେ ଯାଇ ଶୀଘ୍ର ଏତଲା ଦିଅ । ମୁଁ ନିଜେ ଘଟଣା ସ୍ଥଳକୁ ଯାଇ ସାକ୍ଷୀ ଯୋଗାଡ଼ କରିବି । ସେ ଟୋକାଟାକୁ ଘଣା ନ ପେଲାଇଲେ ମୋର ଜମିଦାରୀ ବଢ଼ିଯିବ—ଯାଅ ।”

ଗୁମାସ୍ତା ନମସ୍କାର କରି ବାହାରିଲେ । ବାବୁଙ୍କ ଘରଭିତରୁ ଶୁଭୁଥାଏ ଗ୍ରାମୋଫୋନ ସଙ୍ଗୀତ—‘ଚାହାଁ ରେ ଅଞ୍ଜନବୃନ ...... !”

—୨୪—

ଦୁଇ ପ୍ରହର ବେଳ । ନଟବର ବାବୁ ବସି ଖଣ୍ଡେ ଖବରକାଗଜ ପଢ଼ୁଥିଲେ । କାନ୍ତ ବସି ଅରଟରେ ସୂତା କାଟୁଥିଲା ।

‘ଦେଶ’ ‘ଦେଶ’ ବୋଲି ଉତ୍କ୍ଷିପ୍ତ ହୋଇ ଚନ୍ଦ୍ର ନିରୁଦ୍ଦିଷ୍ଟ ହେବା ଦିନଠାରୁ କାନ୍ତର ମନ ଭିତରେ ଗୋଟାଏ ଭୀଷଣ ପରିବର୍ତ୍ତନ ମୁଣ୍ଡ ଟେକି ଉଠିଛି । ଦେଶ କଥାସବୁ ସେ ପଢ଼ିଥିଲା, ଜନ୍ମଭୂମି ଯେ ଜନନୀ—ଏ କଥା ସେ ଆଲୋଚନା ମଧ୍ୟ କରିଥିଲା; କିନ୍ତୁ କୌଣସି ଦିନ ସେ ମର୍ମେ ମର୍ମେ ଅନୁଭବ କରିପାରି ନ ଥିଲା ଯେ, ଦେଶ ଏତେ ବଡ଼ ସତ୍ୟ, ଦେଶପ୍ରତି ଦେଶ-ବାସୀର କର୍ତ୍ତବ୍ୟ ଏତେ ଗୁରୁତର ଓ ଦାୟିତ୍ୱପୂର୍ଣ୍ଣ । ଏବେ କାନ୍ତ ଅନୁଭବ କଲା ଆଜି ଯଦି ଦେଶର ଗୋଟିଏ ଲୋକ ଅଭୁକ୍ତ ରହେ, ତେବେ ତାହା ପାଇଁ ଦେଶର ସମୁଦାୟ ଲୋକ ଦାୟୀ; ଦେଶର ଜଣେ ଲୋକ ଯଦି ପୀଡ଼ିତ ହୁଏ, ତେବେ ତାହାପ୍ରତି ଦେଶର ସମୁଦାୟ ଲୋକଙ୍କର କର୍ତ୍ତବ୍ୟ ଅଛି । ସେ ବୁଝିପାରିଲା ଦେଶର ସେ ନିମିତ୍ତ ଗୋଟିଏ, ଦେଶର କୋଟି କୋଟି ନରନାରୀ ସିଏ ତ ଗୋଟିଏ ଗୋଟିଏ ମାତ୍ର । ସମସ୍ତଙ୍କ ପ୍ରତି ପ୍ରତ୍ୟେକର କର୍ତ୍ତବ୍ୟ ଅଛି; ପ୍ରତି ଲୋକପ୍ରତି ସମସ୍ତଙ୍କର କର୍ତ୍ତବ୍ୟ ଅଛି । ଅନ୍ଧଯୁଗରୁ ବୃଦ୍ଧ-ଅସୁସ୍ଥା ଦେଶବାସୀ, ଜନସମଷ୍ଟି ହିଁ ଜାତି । ଜାତିର ପ୍ରତ୍ୟେକ ଲୋକର କର୍ତ୍ତବ୍ୟ ହିଁ ଜାତିର କର୍ତ୍ତବ୍ୟ । ଯେଉଁ ଲୋକ ଜଗତ

ବ୍ୟକ୍ତିତ୍ୱଟିକୁ ନିବିଡ଼ ଭାବରେ ଧରିରଖି କେବଳ ତାହାର ସୁଖଦୁଃଖ ପାଇଁ ସମସ୍ତ କର୍ମ କରିବାକୁ ଠିକ୍ ମନେ କରେ, ନିଜର ବ୍ୟକ୍ତିତ୍ୱକୁ କେନ୍ଦ୍ର କରି ଗଢ଼ିଉଠିଥିବା ପରିବାରର ସୁଖଦୁଃଖ ନେଇ କେବଳ ସବୁବେଳେ ବ୍ୟସ୍ତ ଥାଏ, ସେ ଜାତିଦ୍ରୋହୀ, ସେ ଦେଶଦ୍ରୋହୀ ! ଯେଉଁ ଜାତି ନିଜ ବକ୍ଷରେ ସେହି ଲୋକଟିକୁ, ତାହାର ପରିବାରକୁ ସ୍ଥାନ ଦେଇଛି, ତାହା ପାଇଁ ତ୍ୟାଗସ୍ୱୀକାର କରୁଛି—ତାହାର ଖାଇବା, ପିନ୍ଧିବା ପାଇଁ ଦେଶର କୋଟି କୋଟି ଲୋକ ଛାତିର ରକ୍ତକୁ ପାଣି ପରି ଢାଳିଦେଉଛନ୍ତି, ତାହାର ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଲୋକ ଅମାନୁଷିକ ପରିଶ୍ରମ କରୁଛନ୍ତି, ସେହି ଜାତିପ୍ରତି କଅଣ ତାହାର କିଛି କର୍ତ୍ତବ୍ୟ ନାହିଁ ? ସେ ଜାତିଠାରୁ ସବୁ ସୁଖସୁବିଧା ପାଇବ ; ଅଥଚ ଖାସ୍ ଜାତିକୁ କିଛି ଦେବ ନାହିଁ ? ସେ କୃତଘ୍ନ, ସେ ଅମନୁଷ୍ୟ ! କୌଣସି ଦେଶ ବା ଜାତି ମଧ୍ୟରେ ରହିବା ପାଇଁ ସେ ଅନୁପଯୁକ୍ତ ।

ଖାଦ୍ୟ ଖାଇବା—ଶୋଇ ଠିକ୍ କଲା, ନିଃଶ୍ୱାସ ପ୍ରଶ୍ୱାସ ମାରିବା ମନୁଷ୍ୟ ପକ୍ଷରେ ଯେପରି ଆବଶ୍ୟକ, ଜାତିପ୍ରତି କର୍ତ୍ତବ୍ୟ କରିବା ଠିକ୍ ସେହିପରି ଆବଶ୍ୟକ । ଜଣେ ଲୋକ ନିଜର ବ୍ୟକ୍ତିତ୍ୱ ପ୍ରତି କର୍ତ୍ତବ୍ୟ ସମ୍ପାଦନ ନ କଲେ ହୁଏ ତ କେବଳ ଜଣେ ଲୋକ ଭୋଗିବ; କିନ୍ତୁ ଜଣେ ଲୋକ ଯଦି ଜାତି ପ୍ରତି କର୍ତ୍ତବ୍ୟ ସମ୍ପାଦନ ନ କରେ, ତେବେ ଭୋଗିବେ କୋଟି କୋଟି ଲୋକ । ଗୋଟାଏ ଲୋକର କି ଅଧିକାର ଅଛି, ସେ କୋଟି କୋଟି ଲୋକଙ୍କର ଦୁଃଖର କାରଣ ହେବ ? ଜଣେ ଲୋକର କି ଅଧିକାର ଅଛି, ସେ ଜାତିର ସମୁଦାୟ ଲୋକର ପରିଶ୍ରମ ଫଳ ଚୋରି ବା ଡକାଇତିଦ୍ୱାରା ଭୋଗ କରିବ ? ଜାତିର ସମୁଦାୟ ପରିଶ୍ରମର ଫଳକୁ ଯେ ଠକାମିରେ ହେଉ ବା ଜବରଦସ୍ତିରେ ନିଜ କାର୍ଯ୍ୟରେ ନିୟୋଜିତ କରେ, ନିଜେ ଉପଭୋଗ କରେ, ସେ ଚୋର ବା ଡକାଇତ ଛଡ଼ା ଆଉ କଅଣ ହୋଇପାରେ ? ଦେଶଦ୍ରୋହୀ ବିଶ୍ୱାସଘାତକ ଛଡ଼ା ତାକୁ ଆଉ ବା କଅଣ କୁହାଯାଇ-ପାରେ ? ଆଜି ଯେ ଦେଶର ଏତେ ଦୁର୍ଦ୍ଦଶା, ଜାତିର ଏତେ ଅବନତି, ତାହାର କାରଣ ଏହି—ଦେଶର ଅଧିକାଂଶ ଲୋକେ ଦେଶପ୍ରତି, ଜାତି ପ୍ରତି ନିଜର କର୍ତ୍ତବ୍ୟ ଭୁଲିଯାଇଛନ୍ତି । ସେମାନେ ସବୁବେଳେ ଭାବୁଛନ୍ତି—

ଦେଶର କୋଟି କୋଟି ମନୁଷ୍ୟର ସ୍ୱାର୍ଥଠାରୁ ତାହାର ବ୍ୟକ୍ତିଗତ ସ୍ୱାର୍ଥ ବଡ; ସେମାନେ ସବୁବେଳେ ମନେ କରୁଛନ୍ତି ତାଙ୍କର ପର ଲକ୍ଷ ଲକ୍ଷ ଲୋକରେ ଗଡା ଜାତିଠାରୁ ସେମାନେ ହିଁ ସତ୍ୟ । ଏ ମୂର୍ଖତା, ଏ ଅଦୂର-ଦର୍ଶିତାର କୌଣସି ଉତ୍ତର ହୋଇପାରେ ନା । ଜାତି ସବୁ ସହୁପାରେ; କିନ୍ତୁ ତାହାର ଅଇନର ଧାରା ଭାଙ୍ଗିଲେ ସେ ସହେ ନାହିଁ—ତାର ପ୍ରତିଫଳ ସଙ୍ଗେ ସଙ୍ଗେ ଦେଇଥାଏ । ଜାତିପ୍ରତି ଯେଉଁମାନେ କର୍ତ୍ତବ୍ୟ ନ କରି ଜାତିର ଅଇନ ଭାଙ୍ଗିଲେ, ଜାତି ସେମାନଙ୍କୁ ପ୍ରତିଫଳ ଦେଲା ନକେ ଅବନତ ହୋଇ, ତାହା ସଙ୍ଗେ ସଙ୍ଗେ ସେମାନଙ୍କୁ ଅବନତ କରି । ଜାତିର ଶକ୍ତି ଦେଶଦ୍ରୋହୀମାନଙ୍କୁ ଉପଯୁକ୍ତ ଶାସ୍ତି ଦେବାର କ୍ଷମତା ହରାଇ-ବାରୁ ହିଁ ଜାତି ଅଜି ଅବନତିର ଗଭୀର ଗହ୍ୱରରୁ ସହଜରେ ଉଠି-ପାରୁ ନାହିଁ । କାନ୍ତର କର୍ତ୍ତବ୍ୟ କଅଣ ? ସେ କଅଣ ଜାତିର ଦାନ ଚୋରି କରିବ ? ସେ କଅଣ ଦେଶଦ୍ରୋହୀ ହେବ ? ଅସମ୍ଭବ ! ସେ ତାହା ହୋଇ-ପାରିବ ନାହିଁ । ଜାତୀୟ କର୍ତ୍ତବ୍ୟର ଦୁର୍ନିରୀକ୍ଷ୍ୟ ସଙ୍କେତ ନ ବୁଝି ଯେ ଜାତି ପ୍ରତି ଅନ୍ଧ ହୋଇ ରହୁଛି, ସେ ରହୁ; କିନ୍ତୁ ଏ ନର୍ଦ୍ଦେଶ ଥରେ ଯେ ବୁଝି ପାରିଲା, ତାହାର କର୍ତ୍ତବ୍ୟ ଅତୀବ ଗୁରୁତର ।

କାନ୍ତ ଗରିବ, ତାହାର ଶକ୍ତି ଅତି କ୍ଷୁଦ୍ର; ତାହାର ସାମର୍ଥ୍ୟ ଅତି ... ସେ କପରି ଭାବରେ ଏ ଗୁରୁତର କର୍ତ୍ତବ୍ୟର ସମ୍ମୁଖୀନ ହେବ ? ପୁଣି ଭାବି ଦେଖିଲା, ଜାତୀୟ କର୍ତ୍ତବ୍ୟର ନୟମ ଅତି ସହଜ । ଯାହାର ଶକ୍ତି ଯେତେ, ସାମର୍ଥ୍ୟ ଯେତେ, ତାହା ହିଁ ଦେଶ ପାଇଁ, ଜାତି ପାଇଁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କଲେ, ଜାତୀୟ କାର୍ଯ୍ୟରେ ନିଯୋଗ କଲେ, ଯଥେଷ୍ଟ ହେଲା । କିନ୍ତୁ କର୍ତ୍ତବ୍ୟ କର୍ମରେ ସେ ତାହାର ଶକ୍ତି ଚୋରି କରିବ ନାହିଁ; ସେ ନିଜକୁ ହେଉ ବା ଜାତିକୁ ହେଉ, ଠକାଇବାକୁ ଚେଷ୍ଟା କରିବ ନାହିଁ ।

ଏହି ନୀତିକୁ ସମ୍ମୁଖରେ ରଖି କାନ୍ତ ତାହାର ଜୀବନର ଆଦର୍ଶ ଗଢିନେଇଛି । ତାହାର ଅତି କ୍ଷୁଦ୍ର କାର୍ଯ୍ୟଟିର ଗତି [illegible] । ଜାତୀୟ ସ୍ୱାର୍ଥର ପରିପନ୍ଥୀ ନ ହୁଏ, ତାହା ସେ ସ୍ଥିର କରିନେଇଛି । ଦେଶସେବାର ଗୁରୁଭାର ବୋହିବା ପାଇଁ ତାର କ୍ଷୁଦ୍ର ଶକ୍ତି ଯଥେଷ୍ଟ ହୋଇ ନ ପାରେ; କିନ୍ତୁ ଜାତିର [illegible] ପ୍ରକୃତ ମନୁଷ୍ୟ ପରି ତ ସେ ହୋଇପାରିବ ?

Digitized by srujanika@gmail.com

ଜାତିର ପୂଜାବେଦୀରେ ପୂଜାବଣୀ ସେ ହୋଇ ନ ପାରିଲେ ହେଁ ଜାତୀୟ ଅଳଚୀର ଦୀପ ତ ସେ ଜାଳି ଦେଇପାରିବ ? ପୂଜାର ଫୁଲଡାଲି ତ ସେ ସଜାଇ ଦେଇପାରିବ ? ସେ ଭାବିଲା, ଜାତିର ବଡ଼ପେଟ ବୁଭୁକ୍ଷାକୁ ଖାଦ୍ୟ ଯୋଗାଇବା ଶକ୍ତି ତାର ନାହିଁ; କିନ୍ତୁ ତା ଅଗକୁ ଆସୁଥିବା ଅଭୁକ୍ତ ଭିକାରିର ମୁଖରେ ନିଜର ଖାଦ୍ୟର ଗ୍ରାସ ତ ସେ ଦେଇପାରିବ ? ଜାତୀୟ ସ୍ୱାସ୍ଥ୍ୟର ଖବର ସେ ଜାଣେ ନା;କିନ୍ତୁ ପଥପାର୍ଶ୍ୱରେ ପଡ଼ି ରହିଥିବା ଅନାଥ ରୋଗୀଟିର ମସ୍ତକରେ ତ ସେ ହାତ ବୁଲାଇଦେଇପାରିବ ? ସମୁଦାୟ ଜାତିର ବସ୍ତ୍ର ସମସ୍ୟା ନେଇ ସେ କିଛି କରିପାରିବ ନାହିଁ; କିନ୍ତୁ ଅଭାବରେ ସତା କାଟିବାଦ୍ୱାରା ଜାତିକୁ ତ ହାତେ ଲୁଗା ସେ ଦେଇପାରିବ ?

କାନ୍ତ ଏହି ପଥ ଧରି ଚାଲିଛି । ସୁନୀଲ ଏହା ଦେଖିଲା, ଭାବିଲା, ବୁଝିଲା । ତାହାର ଅଖି ବାଷ୍ପାକୁଳିତ ହୋଇଅସିଲା; ତାହାର ଛାତି ଭିତରେ କେତୋଏ ଗୁଳ୍ବବାଷ୍ପ ଫୁଲି ଫୁଲି ଉଠିଲା । ଗୋପୀବଲ୍ଲଭ ବାବୁ ଏହା ଦେଖିଲେ, ହସିଲେ, କହିଲେ—ସାବାସ୍ କାନ୍ତ ! ଜାତିକୁ ଏବେ ଚିହ୍ନି ପାରିବୁ ତୁ ? ନଟବର ବାବୁ ଦେଖିଲେ; ତାଙ୍କ ହୃଦୟରେ ବାଜିଉଠିଲା ସମବେଦନାର ଝଙ୍କାର । ଯାହାର ତ୍ୟାଗ ଏଇ କାନ୍ତର ବକ୍ଷରେ ଜାଗରିତ କରିଛି ଅଦ୍‌ଭୁତ ପ୍ରେରଣା, ସେ ଯେ ତାଙ୍କର ଚନ୍ଦ୍ର, ସେ ଯେ ତାଙ୍କର ପୁଅ, ଯେ ଯେ ତାଙ୍କରି ସଂସାର-ସମୁଦ୍ରରେ ଝୁଡ଼ିଦେଇଛି । ଏହା ଭାବି ତାଙ୍କର ଛାତି ଭିତରେ ଏକ ସଙ୍ଗେ ଜାଗିଉଠିଲା ଗର୍ବ, ଆନନ୍ଦ ଓ ଦୁଃଖ ।

କାନ୍ତ ସୂତା କାଟୁଛି, ଗୋଟାଏ ଛିଣ୍ଡା ଖିଅକୁ ତୁଳା ବଳଣା ମୁହଁରେ ଯୋଡ଼ି କହିଲା—"ତମେ କଅଣ କହୁଛ ପୁଅ ଯେ, ମୁଁ ପାରିବ ନାହିଁ ମୋର ଜୀବନଟାକୁ ଦେଶ ପାଇଁ ଉତ୍ସର୍ଗ କରି ?"

ନଟବର ବାବୁଙ୍କୁ କାନ୍ତ ପୁଅ ବୋଲି ଡାକେ । ବୃଦ୍ଧାପୁଅଟିକୁ ପାଇ କାନ୍ତର ଅନ୍ତରେ ସାନ ମାଅଟିକି ପାଇ ନଟବର ବାବୁଙ୍କର ଶାନ୍ତି !

ନଟବର ବାବୁ ଖବରକାଗଜକୁ ମୋଡ଼ି ତଳେ ରଖିଦେଇ କହିଲେ—"ମୁଁ କମିତ କହୁପାରିବ ? ସାରା ଜୀବନଟା ତ ନିଜକାଘର

ବଳଦ ପରି ଚାକର୍-ଘଣା ଚାରିପାଖରେ ବୁଲି ବୁଲି କଟାଇଲି; ଦେଶ-ସେବା ଯେ କଅଣ, କିମିତି ଧାରଣା କରିବ ?''

କାନ୍ତର ମୁଖରେ ସ୍ନିଗ୍ଧ ହାସ୍ୟର ରେଖା ଫୁଟିଉଠିଲା । ସେ କହିଲା, "ତମର ସବୁବେଳେ ସେହି ଗୋଟାଏ କଥା—ବଳଦ ଆଉ ବଳଦ ! ଠିକ୍ କହୁଛ, ଚାକିରି ତମକୁ ଧରି ରଖିପାରି ନ ଥିଲା, କି ତମେ ମଧ୍ୟ ଚାକିରି ଖଣ୍ଡିକୁ କାମୁଡ଼ି ଧରି ନ ଥିଲ । ଚାକିରିଟା ହୁଏ ତ ଥିଲା ତମର ଗୋଟାଏ ଜୀବିକା—ଠିକ୍ ଯେମିତି ଚାଷୀର ଚାଷ, ମୂଲିଆର ମୂଲ ଲାଗିବା । ତମର ମନଟା କଅଣ ଦେଶଠୁଁ ଅଲଗା ହୋଇଯାଇଥିଲା ?"

ନଟବର ବାବୁ ହସି ହସି କହିଲେ—'ତା କିମିତି ସିବ ରେ ମା ! ମୁଁ ତ ଦେଶ ଭିତରର ଗୋଟାଏ ମଣିଷ । ମୋର ଚାରିଆଡ଼େ ଦେଶର ସୁଖ-ଦୁଃଖ ଫୁଟିଉଠେ । ସେ ସବୁପ୍ରତି କିମିତି ଆଖି ବୁଜିଦେବି କହ ନା ? ଦେଖେ, ଶୁଣେ, ଛାତି ଭିତରଟା ଗୋଳିଘାଣ୍ଟି ହୋଇଯାଏ, ଅକ୍ଷମତାର ସମବେଦନା ମୋର ଏ ବୁଢ଼ା ଛାତିଟାର ରୁଦ୍ଧଦ୍ୱାରରେ ଆଘାତ ପରେ ଆଘାତ କରେ; କିନ୍ତୁ କିଛି କରିପାରେ ନା କାନ୍ତ, କିଛି କରିପାରେ ନା ! ସାରା ଜୀବନଟା ଦେଶଠାରୁ ସେବା ଉପଭୋଗ କରି କରି ଋଣର ବୋଝ କ୍ରମେ ଭାରି ହୋଇଉଠିଛି—କୌଣସି ଦିନ ସୁଝିପାରି ନାହିଁ ଯେ, କିମିତି ତାକୁ ଶୁଝିବି ।''

ବୃଦ୍ଧର ଓଷ୍ଠାଧର କମ୍ପିତ ହୋଇଉଠିଲା, ଚକ୍ଷୁ ବାଷ୍ପାକୁଳିତ ହୋଇ-ଉଠିଲା । ସେ କହିଲେ—"ବୋଧହୁଏ ସେହି ପିତୃଋଣ ଶୁଝିବା ପାଇଁ ଚନ୍ଦ୍ର ତାହାର ସାରା ଜୀବନଟାକୁ ଦେଶର ପୂଜାବେଦୀରେ ଉତ୍ସର୍ଗ କରିଦେଲା ।"

ବୃଦ୍ଧ ନୀରବ; କାନ୍ତ ମଧ୍ୟ ନୀରବ । କିଛି କ୍ଷଣ ପରେ ନଟବର ବାବୁ କହିଲେ—"କେବେ ଦେଶକୁ ଭୁଲିଛି ? ନା ମା, ଦେଶକୁ କେବେ ଭୁଲିପାରି ନାହିଁ । ଅଧିକାଂଶ ସରକାରୀ ଚାକର ଭୁଲିବାର ଚେଷ୍ଟା କରି ଭୁଲନ୍ତି । ମୁଁ ସେମିତି ଚେଷ୍ଟା କରିଥିଲି; କିନ୍ତୁ ଆମ ଘରେ ଯେଉଁ ଲ[illegible]ଥିଲେ, ସେ ମୋତେ ଭୁଲିବାକୁ ଦେଲେ ନାହିଁ—ସେ ଚନ୍ଦ୍ରର [illegible] । କେଜାଣେ କାହିଁକି, ଦେଶର ଦୁଃଖ, ଦେଶର ବେଦନା, ତା ମନରେ ବଡ କରୁଣସ୍ୱରରେ ଆଘାତ କ[illegible] । ସେ ନିଜେ ବିଚଳିତ ହେଉଥିଲେ; ମୋତେ ବିଚଳିତ

କରୁଥିଲେ । ସେ ଥିଲା ପର୍ଯ୍ୟନ୍ତ ମୋତେ ଦେଶକୁ ଭୁଲିବାକୁ ଦେଇ ନାହାନ୍ତି । ତାଙ୍କ ପରେ ଦୀର୍ଘ ୨୫ ବର୍ଷ ବିତିଗଲାଣି; ତଥାପି ତାଙ୍କୁ ଭୁଲିପାରି ନାହିଁ, ଦେଶକୁ ଭୁଲିପାରି ନାହିଁ । ମନେ ହେଉଛି ମା, ଦେଶର ସେବା କରିବାକୁ ହୁଏ,ତାହା ବୋଧହୁଏ ଶିଖନ୍ତି;କିନ୍ତୁ ଏ ବାହୁର ବଳ ଶିଥିଳ ହୋଇଗଲାଣି, ଛାତିର ରକ୍ତ ଶୀତଳ ହୋଇଗଲାଣି । ଆଉ ବୋଧହୁଏ ପାରିବି ନାହିଁ ; ଜାତିର ରଣବୋଇଁ ମୁଁ ଶୁଣିବି ଧରି ଗାତକୁ ଯିବାକୁ ପଡିବ !”

କାନ୍ତି ଭାବି ନ ଥିଲା ଯେ, ତାହାର ଏ ସାମାନ୍ୟ ପ୍ରଶ୍ନଟି ନଟବର ବାବୁଙ୍କ ମନ ଭିତରେ ଦୁଃଖର ସାଗର ମନ୍ଥିତ କରିପକାଇବ । ନିଜର ନିର୍ବୋଧତାରେ ସେ ନିଜେ ଲଜ୍ଜିତ ହୋଇପଡିଲା । କଥାଟାକୁ ଫେରାଇ ଦେବାପାଇଁ କହିଲା—“ଆଚ୍ଛା ପୁଅ, ତମର ମାଆ ଶିକ୍ଷିତ ଥିଲେ ? ସେ କଅଣ ଡେଲେଙ୍ଗାଣୀଙ୍କ ପରି ଲୁଗା ପିନ୍ଧୁଥିଲେ, ଗହଣା ପିନ୍ଧୁଥିଲେ ?”

ନଟବର ବାବୁ ହସି ହସି କହିଲେ—“ମୋର ମାଆ କଅଣ ତେଲେଙ୍ଗାଣୀ ଥିଲେ ଯେ, ସେ ତେଲେଙ୍ଗାଣୀଙ୍କ ପରି ଲୁଗା ପିନ୍ଧିବେ, ଗହଣା ପିନ୍ଧିବେ । ସେ ଥିଲେ ଠିକ୍ ତୋରି ପରି—ତୋରି ପରି ଓଡିଆଣୀ ।”

ଏହି ସମୟରେ ଗୋପୀବଲ୍ଲଭ ବାବୁ ସେ ଘର ମଧ୍ୟକୁ ଆସିଲେ । ନଟବର ବାବୁଙ୍କ ମୁଖରୁ ସ୍ନେହମିଶ୍ରିତ ହାସ୍ୟର ରେଖା ସେ ପର୍ଯ୍ୟନ୍ତ ଲିଭି ନାହିଁ । ସେ କହିଲେ—“କିଏ ସେ ଓଡିଆଣୀ ?”

ନଟବର ବାବୁ—“ମୋର ଏଇ ମାଆ !”

ଗୋପୀବଲ୍ଲଭ ବାବୁ ହସି ହସି କହିଲେ—“ଆପଣ ବୋଲି ଏଇଟାକୁ ମାଆ ବୋଲି ଡାକୁଛନ୍ତି; ମୋତେ ଯଦି ସେ କୋଡିଏ ଟଙ୍କା ଦିଏ, ତଥାପି ମୁଁ ତାକୁ ମାଆ ଡାକିବାକୁ ନାରାଜ ।”

—୨୪

ସନ୍ଧ୍ୟା ହୋଇ ଆସୁଛି । ଆକାଶରେ କୁଆଡେ ଏ ପର୍ଯ୍ୟନ୍ତ ତନ୍ଦ୍ରାଳୁ ହେଉଛନ୍ତି । ଗ୍ରାମସୀମାନ୍ତରେ ଥିବା ମହୁଲ କୁଞ୍ଜରେ କୋଇଲି ନିଦରୁ ଉଠି ଅଳ୍ପ କେତେ ମୁହୂର୍ତ୍ତ ହେଲା, ତାହାର ପଞ୍ଚମ ସଙ୍ଗୀତ ଗାନ କରିବାକୁ ବସିଛି । ଏହି ସମୟରେ ଦଳେ ପୁଲିସ୍ ଲାଲପଗଡିର ଗରିମାକୁ ମସ୍ତକରେ ଧରି ସଦମ୍ଭ ପଦକ୍ଷେପରେ ଗ୍ରାମର ଶାନ୍ତ ନିର୍ଜନତା ଭାଙ୍ଗି ଅଗ୍ରସର

ଦେଖିବାକୁ ଲାଗିଲେ । ଲମ୍ବେ ଲମ୍ବେ ଯାଇ ସେମାନେ ଚନ୍ଦ୍ର ଥିବା କୁଠୀରଟିକୁ ତାହାପାଖରେ ଘେରି ଛିଡ଼ା ହେଲେ । ପୁଲିସ୍-ପାଦୁକା ଶବ୍ଦରେ ଗ୍ରାମର ଜଣେ ଅଧେ ବୁଢ଼ା ଉଠି ଏ ଘଟଣା ଦେଖିଲେ । କ୍ରମେ କ୍ରମେ ଗ୍ରାମ ମଧ୍ୟରେ ଲୋକେ ଉଠି ସିଧା ସିଧା ପୁଲିସ୍ ବ୍ୟୂହ ଅତକୁ ଆସି ଖଣ୍ଡେ ଦୂରରେ ଛିଡ଼ା ହୋଇ ଦେଖିବାକୁ ଲାଗିଲେ । ସେମାନେ ଦେଖିଲେ ଯେ, ପୁଲିସ୍ ସହିତ ବଣ୍ଡମ୍ବର ବାବୁଙ୍କ କଚେରୀରୁ ୩/୪ ଜଣ ଲୋକ ମଧ୍ୟ ଆସିଛନ୍ତି । ଘଟଣା ବୁଝିବାକୁ ଆଉ ବାକୀ ରହିଲା ନାହିଁ । କୁଠୀର ଭିତରେ ଚନ୍ଦ୍ର ଶଯ୍ୟାଗତ । ସୁରୁଯୁ ପଧାନ ଘରେ ହୀରା ସିଂ ହାତରୁ ତାଙ୍କ ମୁଣ୍ଡରେ ଯେ ଲାଠି ପ୍ରହାର ବାଜିଥିଲା, ତାହାର କ୍ଷତ ଏ ପର୍ଯ୍ୟନ୍ତ ଶୁଖି ନାହିଁ; କ୍ଷତଯୋଗୁ ଜ୍ୱର ହୋଇଥିବା ଜ୍ୱର ଏ ପର୍ଯ୍ୟନ୍ତ ଛାଡ଼ି ନାହିଁ । ପୁଲିସ ସବ୍-ଇନସ୍‌ପେକ୍ଟର କୁଠୀର ଦ୍ୱାରରେ ଲଗିଥିବା ତାଟିରେ ସବଳେ କରାଘାତ କଲେ । ଘର ଭିତରୁ ଚନ୍ଦ୍ର ଉଠି ତାଟି ଫିଟାଇବା ସଙ୍ଗେ ସଙ୍ଗେ ସବ-ଇନ୍‌ସ୍‌ପେକ୍ଟର, ୪ ଜଣ ପୁଲିସ୍ ଓ କଚେରୀରୁ ଆସିଥିବା ୩ ଜଣ ସାକ୍ଷୀ ଘର ଭିତରକୁ ପଶିଗଲେ । ଦୁଇ ଜଣ ସିପାହୀ ଚନ୍ଦ୍ରର ଦୁଇ ବାହୁକୁ ଧରି ତାକୁ ଅଟକାଇ ରଖିଲେ ।

ଘର ଭିତରେ ଖାନତଲାସ୍ ଆରମ୍ଭ ହେଲା । ଗୋଟାଏ ତାଖରେ ଥିଲା ୯ ଖଣ୍ଡ ଭାଗବତ, ସାରଳା ଦାସଙ୍କ ମହାଭାରତ, ଭଗବଦ୍‌ଗୀତା । ସେହି ଗୀତା ଉପରେ ଲେଖା ହୋଇଥିଲା—'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।' ପୁଲିସ ସେ ସବୁ ପୁସ୍ତକ ଜବତ୍ କଲେ । ଖଣ୍ଡେ ଦାନ୍ତୁଆ କାଠୁରି, ଆଉ ଖଣ୍ଡେ ଭଙ୍ଗା ଲଙ୍ଗଳ ଲୁହା ଗୋଟାଏ କଣରେ ପଡ଼ିଥିଲା—ତାହା ମଧ୍ୟ ଜବତ୍ ହେଲା । ଘରର କାଗାଏ ଦୁଇ ଜାଗା ଓ ଚୁଲିର ମାଟିକୁଣ୍ଡ ଭଜ ତାଡ଼ି ସାରିଲା ପରେ ପୁଲିସ ସବ୍-ଇନ୍‌ସ୍‌ପେକ୍ଟର ଚନ୍ଦ୍ରକୁ କହିଲେ —"ତମକୁ ଗ୍ରେପ୍ତାର କରାଗଲା । ସିପାହୀ, ଲଗା ହାତକଡ଼ି ।"

ଏଥିପାଇଁ ଚନ୍ଦ୍ର ଆଗରୁ ପ୍ରସ୍ତୁତ ଥିଲା । ବଣ୍ଡମ୍ବର ବାବୁଙ୍କ ଲାଠିବାଲାଙ୍କୁ ମାଡ଼ ଦେଇ ମୁଣ୍ଡ ଫଟାଇବା ପରେ ସେ ଜାଣିଥିଲା ଯେ, ବ୍ରହ୍ମଘର ମୁଖର ଗ୍ରାସରେ ବାଧା ଦେଇ ଖସିଯିବା ସହଜ; କିନ୍ତୁ ଜମିଦାର ... ବାବୁଙ୍କ କ୍ଷୁଧା ଅଦାୟରେ ବାଧା ଦେଇ କୌଣସି ଲୋକ ସହଜରେ ନିସ୍ତାର ପାଏ ନାହିଁ । ସେ ଠିକ୍ ଜାଣିଥିଲା ଯେ, ତାହାକୁ ଏଥିରୁ ସହଜରେ

Digitized by srujanika@gmail.com

ଅବ୍ୟାହତି ମିଳିବ ନାହିଁ । ସେ ଦୁର୍ବଳର ଅନ୍ୟାୟର ପ୍ରତିରୋଧ କରିବାକୁ ଯାଇ ପ୍ରବଳର ଆକ୍ରୋଶ ନିଜ ଉପରକୁ ବରଣ କରି ଆଣିଛି । ତାହାର ଦଣ୍ଡ ଭୋଗ କରିବା ପାଇଁ ସେ ପ୍ରସ୍ତୁତ; କିନ୍ତୁ ଏଥିରେ ଯଦି ତାର ସ୍ୱଭ-ଚ୍ଛେଦର ଦୃଷ୍ଟାନ୍ତ ଯେ, ଖଜଣା ଅଦାୟ କରିବାରେ ଜମିଦାର ଯଦି ଠେଙ୍ଗାର ଆଶ୍ରୟ ନିଏ, ତେବେ ତାହା ବେଆଇନ, ତାହା ଅନ୍ୟାୟ, ତାହା ଅତ୍ୟାଚାର, ତାହା ହେଲେ ଯଥେଷ୍ଟ ହେଲା । ସେ ଜାଣେ ଯେ, ଜମିଦାରର ଅତ୍ୟାଚାରରେ ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି; ସେଥିପାଇଁ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସେମାନେ ଠିଆ ହୋଇ ଛିଡ଼ାହୋଇ-ପାରୁ ନାହାନ୍ତି । ସେ ଜାଣେ ଯେ, ଅର୍ଥଶାଳୀ ଜମିଦାର ବିରୁଦ୍ଧରେ ଦରିଦ୍ର ପ୍ରଜା କିଛି କରିପାରେ ନା—ଅବସ୍ଥାର ବିପାକରେ ପଡ଼ି ଆଇନର ସୁବିଧା ମଧ୍ୟ ତାକୁ ମିଳିବା କଷ୍ଟ । ଏଥିର ପ୍ରତିକାର କଅଣ ? ଏହାର ଉପାୟ କଅଣ ? ଚନ୍ଦ୍ର ହିଂସାର ଘୋର ପରିପନ୍ଥୀ; ତାହାର ବିଶ୍ୱାସ, ହିଂସାନୀତିଦ୍ୱାରା ଦେଶର ଉନ୍ନତି ହୋଇପାରିବ ନାହିଁ । କିନ୍ତୁ ପ୍ରକୃତ ଅହିଂସା ତ ଭୀରୁତା ନୁହେଁ ! ଯେଉଁଠାରେ ଅବସ୍ଥାଗତିରେ ଭୀରୁତା ହିଁ ସାଧାରଣ ନିୟମ ହୋଇପଡ଼ିଛି, ସେଠାରେ ସର୍ବାଦୌ ଭୀରୁତା ଦୂର କରିବା କର୍ତ୍ତବ୍ୟ । ଏଥି କାର୍ଯ୍ୟରେ ଯେତେ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଲେ ମଧ୍ୟ ତାହା ତୁଚ୍ଛ । ସେ ଯେତେବେଳେ ସୁରୁଯୁ ପ୍ରଧାନ ଦେଇ ଜମିଦାରୀ ଅତ୍ୟାଚାର ବିରୁଦ୍ଧରେ ବାଧା ଦେବାକୁ ଗଲା, ସେତେବେଳେ ସେ ଜାଣିଥିଲା ଯେ, ହୁଏ ତ ଏଥି ନିମିତ୍ତ ଦୁଇ ପ୍ରହାର ଖାଇବାକୁ ହେବ, ଦୁଇ ପ୍ରହାର ଦେବାକୁ ହେବ; କିନ୍ତୁ ଯେ କୌଣସି ଅବସ୍ଥାରେ ହେଉ, ତାକୁ ଆଇନର ମାରପେଞ୍ଚ ଭିତରେ ପଡ଼ି ହୁଏ ତ ଜେଲ ଭୋଗିବାକୁ ହେବ । ସେ ଖୁବ ଦେଖିଛି, ପଇସାବାଲା ଜମିଦାର ହାତରେ ଆଇନ ହୋଇ-ପଡ଼ିଛି ପ୍ରଜା ଉପରେ ଅତ୍ୟାଚାର, ପ୍ରଜା ମନରେ ଭୀତି ଉତ୍ପାଦନ କରିବାର ପ୍ରଧାନ ଅସ୍ତ୍ର ! ଆଇନ ଯଦି ଗରିବ ପ୍ରଜାକୁ ରକ୍ଷା କରି ନ ପାରେ, ତେବେ କେବଳ ଆଇନ ଉପରେ ନିର୍ଭର କରି ଚଳିବା ହିଁ ନିର୍ବୋଧତା । ସେତେ-ବେଳେ ମନୁଷ୍ୟର ସେହି ଅଧିକାର ଆସି ପଡ଼େ, ଯାହା ଆଇନ ଉପରେ ଆଇନ, ଯାହା ସମସ୍ତ ଅଧିକାରଠାରୁ ବଡ଼ ଅଧିକାର— [illegible] ଅଧିକାର

ଅଧିକାର, ସେ ଅଧିକାର, ସେ ଅଧିକାର ନିଜ ସମ୍ପତ୍ତିରକ୍ଷାର ଅଧିକାର, ସେ ଅଧିକାର ନିଜର ମାନସମ୍ମାନ ରକ୍ଷିବାର ଅଧିକାର । ଅଜ୍ଞାନ ବଶତଃ ଅନ୍ଧ ହୋଇ ପ୍ରଜା ଚିରକାଳ ଏ ଅଧିକାରକୁ ବ୍ୟବହାର କରୁ ନାହିଁ । ସେହି କାରଣରୁ ଜମିଦାର ତାହା ଉପରେ ଏତେ ଅନ୍ୟାୟ ଅତ୍ୟାଚାର କରିବାକୁ ସାହସୀ ହେଉଛି । ଚନ୍ଦ୍ର ହୀରା ସିଂ ଓ ବୃଧନ ମିଶ୍ରଙ୍କୁ ଆଘାତ କରି ଅଜ୍ଞତ କରିବାଦ୍ୱାରା ପ୍ରଜାମାନଙ୍କ ସମ୍ମୁଖରେ ଏହି ଆଦର୍ଶଟିକୁ ପ୍ରତିଷ୍ଠିତ କରିବାକୁ ଯାଇଥିଲା । ତାହା ପ୍ରତିଷ୍ଠିତ ହେଲା କି ନା, ସେ ଜାଣେ ନା; କିନ୍ତୁ ଏ ଚେଷ୍ଟାଫଳରେ ଯାହା କିଛି ଦୁଃଖ ଆସୁ, ହସି ହସି ତାହା ସହିବା ପାଇଁ ସେ ପ୍ରସ୍ତୁତ । ସେଥିଲାଗି ତ କୁ ପୁଲିସ ଗ୍ରେପ୍ତାର କରିବାଯୋଗୁଁ ସେ ଅସ୍ଥିର ହେଲା ନାହିଁ, ବିଚଳିତ ହେଲା ନାହିଁ, ଦୁଃଖିତ ହେଲା ନାହିଁ ।

ପୁଲିସ୍‌ମାନେ ଚନ୍ଦ୍ରର ହାତରେ ହାତକଡ଼ି ଦେଇ ଅଣ୍ଟାରେ ଦଉଡ଼ି ବାନ୍ଧି ଚାଲିଲେ—ଚନ୍ଦ୍ର ଚାଲିଲା । ଏହା ଦେଖି ଗ୍ରାମର ଲୋକେ ଅସ୍ଥିର ହୋଇପଡ଼ିଲେ, ଉତ୍ତେଜିତ ହୋଇପଡ଼ିଲେ । ଗ୍ରାମର କେତେକ ଯୁବକ ଠେଙ୍ଗା ଧରି ଏକ ବୃକ୍ଷମୂଳରେ ରୁଣ୍ଡ ହେବାର ଚନ୍ଦ୍ର ଦେଖିପାରିଲା । ଚନ୍ଦ୍ର କିଛି ଭାବିପାରିବା ପୂର୍ବରୁ ଦୁଇ ଜଣ ବଳିଷ୍ଠ ଚାଷୀ ଯୁବକ ସବ୍‌-ଇନସ୍‌-ପେକ୍ଟର ଆଗକୁ ଆସି ବାଟ ଓଗାଳିଲେ । ପୁଲିସ୍‌ମାନେ ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇପଡ଼ିଲେ । ସାନ ଗାଆଁ ଖଣ୍ଡେ—ସେଠାର ଲୋକମାନଙ୍କର ଏତେ ଯେ ସାହସ ହୋଇପାରେ, ତାହା ଥିଲା ସେମାନଙ୍କ କଳ୍ପନାର ଅତୀତ !

ଯୁବକ ଦୁଇ ଜଣ ସବ୍‌ଇନସ୍‌ପେକ୍ଟର ଆଗରେ ଛିଡ଼ାହୋଇ ଉତ୍ତେଜିତ ସ୍ୱରରେ କହିଲେ—"ତୁମେ ଆମ ଭାଇକୁ କୁଆଡ଼େ ନେଉଛ ?"

ସବ୍‌ଇନ୍‌ସ୍‌ପେକ୍ଟର ମନରେ ଡର ଆସିଲାଣି; ତଥାପି ପୁଲିସ୍ ଠାଣ ଛାଡ଼ିବାକୁ ନାରାଜ । ଦୃଢ଼ସ୍ୱରରେ କହିଲେ—"ଆମେ ଆସାମୀକୁ···

ଯୁବକ ଦୁହିଙ୍କର ଚକ୍ଷୁରୁ ଭୀଷଣ ଜ୍ୟୋତି ... ଠିପଡ଼ିବାକୁ ଲାଗିଲା । ପୁଲିସ-ହାକିମର ମସ୍ତକ ଲକ୍ଷ୍ୟ କରି, ଦୁଇଟି ଠେଙ୍ଗା ଶୂନ୍ୟକୁ ଉଠିଲା । ସବ୍‌ଇନ୍‌ସ୍‌ପେକ୍ଟର କିଛି ବୁଝିପାରିବା ପୂର୍ବରୁ ଚନ୍ଦ୍ର ଅଣ୍ଟାବନ୍ଧା

Digitized by srujanika@gmail.com

ଦଉଡ଼ ସହିତ ଝାଣି ହୋଇ ତାଙ୍କ ସମ୍ମୁଖରେ ଛିଡ଼ା ହୋଇଗଲା । ଫିରିଙ୍ଗି ଦୁଇଷ୍ଟିର ନିର୍ଘାତ ପ୍ରହାର ଶୂନ୍ୟରେ ଅଟକି ରହିଲା ।

ଚନ୍ଦ୍ର ସ୍ନେହପୂର୍ଣ୍ଣ ହସ ହସି ସେମାନଙ୍କୁ କହିଲା—'ଛି ଚଗ, ଛି ହରି, ଇମିତ ବାଘୁଆ ପରି କାମ କରନ୍ତି ? ମୁଁ ନିଜେ ନିଜେ ଧରା ଦେଉଛି, ମୁଁ ନିଜେ ନିଜେ ତାଙ୍କ ସାଙ୍ଗରେ ଚାଲିଛି । ମୁଁ ଯଦି ଫାଶୀ ପାଏ, ଜେଲ୍ ଯାଏ, ତେବେ ତାହାଦ୍ୱାରା ଦେଶର କାମ ହୋଇପାରିବ ବୋଲି ଆଶା କରି ମୁଁ ଏ ବାଟରେ ଚାଲିଛି । ତମେମାନେ ପରା ମୋର ଭାଇ—ତମେ କଅଣ ଏଥିରେ ବାଧା ଦେବ ? ମୁଁ ତମର ଭାଇ-ଭାବରେ ଯାହା କରିବାର କରିଛି, ଭାଇର ଯେଉଁ ତକ କାମ ଅପୂର୍ଣ୍ଣ ରହିଲା, ତାହା ଧୀରସ୍ଥିରଭାବରେ ତମେ ପୂର୍ଣ୍ଣ କରିବ । ତମରି-ମାନଙ୍କ ହାତରେ ତ ଏ ଗାଁର ସବୁ କାମ ଛାଡ଼ି ଯାଉଛି । ତମେ ଏତେ ବିଚଳିତ ହେଲେ ଚଳିବ ? ମୋପରି ହଜାର ହଜାର ଭାଇ ଯୁଏ ତ ତମ ଚାରିଆଡ଼େ ମରି ପଡ଼ିବେ; ତାହା ବୋଲି କଅଣ ତମେ ବିଚଳିତ ହେବ ? ତମେ ବାଟ ଭୁଲିଯିବ ? ତମେ କାମ ଛାଡ଼ିଦେବ ? ରଣକ୍ଷେତ୍ରରେ ଜଣେ ସିପାହୀ ଚାରିପାଖର ଲୋକ ଶତ୍ରୁର ଗୁଳିରେ ମଲେ ସେ କଅଣ ଗୁଳି ଚଳାଇବା ବନ୍ଦ କରେ ? ସେ କଅଣ ସେନାପତିର ହୁକୁମ ନ ମାନି ଯୁଦ୍ଧକ୍ଷେତ୍ରରୁ ପଳାଏ ? ସେହିପରି ଆମେ ପରା ଦେଶର ସିପାହୀ; ଜାତିର ସୈନ୍ୟ । ଆମେ ଦୁଃଖ କରି ବିଚଳିତ ହୋଇ ଯୁଦ୍ଧ ଛାଡ଼ିଦେଲେ ଚଳିବ ? ତମେ ଫେରିଯାଅ; ସମସ୍ତଙ୍କୁ କହ, ସେମାନେ ଆଜିଯାଏ ଯେଉଁ କାମ କରୁଛନ୍ତି, ତାହା ହିଁ କରନ୍ତୁ । ଗାଁର ଭାଗବତ ଘର ସିମିତି ଚାଲିଥାଉ, ଗାଁର ପଞ୍ଚାୟତ ସିମିତି କାମ କରୁଥାଉ, ସବୁ ଘରେ ସିମିତି ଅରଟ ଚାଲୁଥାଉ—ସମସ୍ତେ ସିମିତି ଭାଇ ଭାଇର ଦୁଃଖସୁଖ ବୁଝି ଚଳନ୍ତୁ । ମୁଁ କେବେ ଫେରିବି ଜାଣେ ନା, ତମ ଉପରେ ଗୋଟିଏ ଭାର ଦେଇଗଲି—ତୁମେ ମୋ ବୋଉଟିକୁ ଦେଖିବ ।

ଚନ୍ଦ୍ରର ଦୃଷ୍ଟି ଜଳଭରାକ୍ରାନ୍ତ ହୋଇଆସିଲା । ସେ କହିଲା—"ଚାଲ୍, ସିପାହୀ ।"

ସମସ୍ତଙ୍କୁ ଉଦ୍ଦେଶ୍ୟ କରି ହାତ ମୁଣ୍ଡରେ ଲଗାଇ ସେ ଚାଲିଲା ।

Digitized by srujanika@gmail.com

—୧୨—

ସାକ୍ଷୀ ଯୋଗାଡ଼ କରିବା ପାଇଁ ବଂଶୀମ୍ବର ବାବୁ ମଫସଲ କଚେରିକୁ ଆଜି ଆସିଛନ୍ତି । ଚାକର, ପୂଜାରୀ, ଗାଡ଼ି, ମୋଟର ପାଲିକିରେ କଚେରି ଘର ଘ ଘ ଜାକୁଛି । ତାଙ୍କ ବସାର ସରକାରୀ ଓକିଲ ବାବୁ ଦୀନାନାଥ ମିଶ୍ର ମଧ୍ୟ ବଂଶୀମ୍ବର ବାବୁଙ୍କ ସହିତ ବୁଲିବାକୁ ଆସିଛନ୍ତି । ସେ ବଂଶୀମ୍ବର ବାବୁଙ୍କର ଅନ୍ତରଙ୍ଗ ବନ୍ଧୁ କି ନା !

କଚେରିରେ ଆନନ୍ଦ ଲାଗିଛି ସତ; କିନ୍ତୁ ବାଡ଼ି ବା ମଲ୍ଲି ପଡ଼ିଲେ ଲୋକେ ଯେପରି ଶଙ୍କିତ ହୋଇଥାଆନ୍ତି, କଚେରି ପାଖ ଗାଆଁର ଲୋକେ ସେହିପରି ହୋଇ ରହିଛନ୍ତି । ଜମିଦାର ବାବୁ ଆସିବେ ବୋଲି ଆଠ ଦିନ ହେଲା ପିଅନମାନେ ଘର ଘର ବୁଲି ଯାହା ବାଡ଼ିରେ ଯାହା ଥିଲା, ଜବରଦସ୍ତି ସବୁ ନେଇଯାଇଛନ୍ତି । ଗାଆଁ ଭିତରେ ଗୋଟାଏ ଖାସି ଛେଳି ଦେଖିବା ସ୍ୱପ୍ନ ! ଯାହା ଘରେ ଖାସି ଥିଲା, ସବୁ ଅଡ଼େଇ ନେଇଯାଇଛନ୍ତି । ଏପରି କି, ହାଡ଼ିପାଣଚୁଣ୍ଡିଙ୍କ ମଧ୍ୟ ଏ ଶୋଷଣ ଅଯୋଗରୁ ବାଦ୍ ଯାଇ ନାହାନ୍ତି । ଯାହା ଘରେ ବଡ଼ ବଡ଼ କୁକୁଡ଼ା ଥିଲା ବା କୁକୁଡ଼ା ଅଣ୍ଡା ଥିଲା, ତାହା ମଧ୍ୟ ଜମିଦାରଙ୍କ ସେବାରେ ଲାଗିବା ପାଇଁ କଚେରିକୁ ଯାଇଛି ।

କଚେରିର ପଛପାଖ ଘର । ସେଠାକୁ ସାଧାରଣ ମନୁଷ୍ୟ ଯିବା ଅସମ୍ଭବ; କେବଳ ନିଜେ ଜମିଦାର ଓ ତାଙ୍କର ନିତାନ୍ତ ବିଶ୍ୱସ୍ତ କର୍ମଚାରୀମାନେ ସେଠାକୁ ଯାଇପାରନ୍ତି । ସେହିଠାରେ ଦୁଇ ଖଣ୍ଡ ଆରାମ ଚୌକିରେ ବଂଶୀମ୍ବର ବାବୁ ଓ ଦୀନାନାଥ ବାବୁ ବସିଛନ୍ତି । ଘରର ଏକ କଡ଼ରେ ଗୋଟିଏ ଛୋଟ ଟେବୁଲ ଉପରେ ଫୁଲଦାନିରେ ଫୁଲତୋଡ଼ା ସଜାହୋଇ ରହିଛି । ବଂଶୀମ୍ବର ବାବୁଙ୍କ ହାତପାଖରେ ଏକ ଛୋଟ ଟେବୁଲ; ସେଥିରେ ରହିଛି ନାନାର ସିଗାରେଟ୍, ପେଡ଼, କାଗଜ, ଦୁଆତ, କଲମ । ଏହି ସମୟରେ ଗୁମାସ୍ତା ସୁରୁଯୁ ପଧାନକୁ ସାଙ୍ଗରେ ନେଇ ସେ ଘରେ ପ୍ରବେଶ ହେଲେ ।

ସୁରୁଯୁ ପଧାନ ଭୂମିଷ୍ଠ ହୋଇ ଜମିଦାର ବାବୁଙ୍କୁ ନମସ୍କାର କରି ବେକରେ ପଡ଼ିଥିବା କଣ୍ଠା ମଇଳା କପଡ଼ା ଖଣ୍ଡିକୁ ସଜାଡ଼ିନେଲା । ମୁଣ୍ଡର ଗୁଡ଼ାଏ ପୋଜା ବାଳ ତାହାର ଧଳା ବେଣ୍ଟ ଭିତରୁ ପୂରି ଦିଶୁଥିଲା ।

Digitized by srujanika@gmail.com

ତାଙ୍କୁ ଦେଖି ବଣ୍ଟମ୍ବର ବାବୁ ହସି ହସି କହୁଥିଲେ—"ଅସ, ଅସ ପଧାନେ । ଅଉ ସବୁ ଭଲ ତ ? ହଉ ହଉ, ମୁଁ ସବୁ ଶୁଣିଛି । ବୁଝିଲ, ମୁଁ ଏଠାର ଗୁମାସ୍ତାକୁ ବରଖାସ୍ତ କରିବ । ତମ ଭଲିଆ ପ୍ରଜା, ତମଠୁଁ ଖଜଣା ନେଇ ଟଙ୍କା ନ ଆଣିଥିଲେ କଅଣ ମୋର ଜମିଦାରୀ ବୁଡିଯାଉଥିଲା ? ମୂର୍ଖତା, କେବଳ ମୂର୍ଖତା, ବୁଝିଲ ? ତମେ ବାପାଙ୍କ ଅମଳର ଲୋକ— ତମ ଉପରେ ପୁଣି କେଇସ୍ ? ଗୁମାସ୍ତାର ଚାକିରି ଯିବ—ନିଶ୍ଚୟ ଚାକିରୀ ଯିବ । ମୁଁ ତାକୁ ଛାଡିବି ନାହିଁ ।" ଏତିକି କହି ବଣ୍ଟମ୍ବର ବାବୁ ଗୋଟାଏ ସିଗାରେଟ୍‌ରେ ଦିଆସିଲି ଲଗାଇଲେ ।

ସୁବୁଦ୍ଧ ପଧାନ ନିର୍ବାକ ହୋଇ ଛିଡା ହୋଇଥାଏ । ସିଗାରେଟ୍‌ରେ ଥରେ ଦମ୍ ଦେଇ ଧୂଆଁ ଛାଡି ସେ ପୁଣି କହୁଲେ—"ଜମିଦାର ବାପ, ପ୍ରଜା ପୁଅ । ବାପ ପୁଅ ଭିତରେ ମତାମତ ହେବେ, ହଣାହଣି ହେବେ, ପୁଣି ଘର କରିବେ । କଅଣ କହୁଛନ୍ତି ଦୀନାନାଥ ବାବୁ ?"

ଦୀନାନାଥ ବାବୁ—"ନିଶ୍ଚୟ, ନିଶ୍ଚୟ ।"

ବଣ୍ଟମ୍ବର ବାବୁ ସୁବୁଦ୍ଧ ପଧାନକୁ ଲକ୍ଷ୍ୟ କରି ପୁଣି କହିଲେ—"ଯଦି କେହି ବାହାର ଲୋକ ଥରେ ଆସି ପୁଅର ଖୁବ୍ ମଙ୍ଗଳାକାଂକ୍ଷୀ ବୋଲି ଦେଖାଇ ହୋଇ ପୁଅକୁ ବାପ ବିରୁଦ୍ଧରେ ମତାଏ, ଘର ଭଙ୍ଗାଏ, ତେବେ ତମେ ସହିବ ? କଅଣ କହୁଛ ପଧାନେ ?"

ସୁବୁଦ୍ଧ ପଧାନ—"ଆଜ୍ଞା ନା, ତା କିଏ ସହିବ ?"

ବଣ୍ଟମ୍ବର ବାବୁ—"ଠିକ କଥା, ମୁରବି ପରି କଥା, ଘର କରି ଲୋକର କଥା । ଆଜ୍ଞା ପଧାନେ, ଗୋଟିଏ କାମ କର—ସାତକିଆରିଆ ମୁଣ୍ଡରେ ଆମର ଯେଉଁ ଚାରି ମାଣ ନିଜଚାଷ ଜମି ଅଛି, ସେତକ ତମ ନାଆଁରେ କରିଦେଉଛି—ତମେ ତାକୁ ଭୋଗ କର । ବୁଝିଲେ ଦୀନାନାଥ ବାବୁ, ବୁଢା ବିଚାରା ବଡ ଦୁଃଖୀ, ପୋଷଣାହାରୀ ପୁଅ ମରିଗଲା; ବିଚାରା ଚଳେ କିମିତି ? ତା ଉପରେ ଆମ ଗୁଣମଣି ଗୁମାସ୍ତାଙ୍କ ଜୁଲୁମ୍ । ହିସାବ ଦେଖିଲ, କାହିଁକି ଜୁଲୁମ କରିବ ନାହିଁ ? ଅଥଚ ମହାଲରେ ହଜାର ହଜାର ଟଙ୍କା ପଡିଛି; ଏ ପର୍ଯ୍ୟନ୍ତ ଅସୁଲ ହୋଇ ନାହିଁ ।"

Digitized by srujanika@gmail.com

ଦୀନାନାଥ ବାବୁ—"ଏସବୁତ ଆପଣଙ୍କ ଗୁମାସ୍ତାର ବଦ୍‌ମାସି ।"

ବିଶ୍ୱମ୍ଭର ବାବୁ କହିଲେ—"ହଉ, ପଧାନେ ଯାଅ, ଫେର୍ ଦେଖା ହେବ । ଏଇ କମି କଥାଟକ କହିବା ପାଇଁ ତମକୁ ଡାକିଥିଲି ।"

ସୁରୁଯୁ ପଧାନ ନମସ୍କାର କରି ଫେରିବାକୁ ଉଦ୍ୟତ ହେବାରୁ ବିଶ୍ୱମ୍ଭର ବାବୁ କହି ଲେ—"ବୁଝିଲ ପଧାନେ, ତମ ଗାଁରେ ସେ ଯେଉଁ ଟୋକାଟା ଥିଲା—ତା ନାଁରେ ମକଦ୍ଦମା କରି ମୁଁ ବଡ ମୁସ୍କିଲ୍‌ରେ ପଡିଛି । ଆମ ଲୋକଟିକୁ ମାରିଲା, ତମ ଘରେ ପଶି ବେଇଜତ୍ କଲା···।

ସୁରୁଯୁ ପଧାନ ଏତେବେଳେ ଜମିଦାର ବାବୁଙ୍କ ଅଯାଚିତ ଅନୁଗ୍ରହର କାରଣଟା ଟିକିଏ ଟିକିଏ ବୁଝିପାରିଲା । ସେ କହିଲା—"ଆଜ୍ଞା ନା, ଆପଣଙ୍କ ଲୋକ ଯେତେବେଳେ ଆମ ଘରେ ପଶି ପିଟାପିଟି କରୁଥିଲେ, ସେ ଆମ-ମାନଙ୍କୁ ରକ୍ଷା କରିବାକୁ ଆସିଥିଲା ।"

ବିଶ୍ୱମ୍ଭର ବାବୁ—"ହଉ, ହଉ, ହେଲା ଯେ, ମୁଁ କଅଣ କହୁଥିଲି କି, ତମେ ଟିକିଏ ଆମ ପକ୍ଷର ସାକ୍ଷୀ ହେବ । ସତ କଥା କହିବ ଯେ, (ଦୀନାନାଥ ବାବୁଙ୍କୁ ଦେଖାଇ) ଏ ସରକାରୀ ଓକିଲ ବାବୁ ଆଉ ଯାହା ଟିକିଏ କହିବାକୁ କହିବେ, ତାହା ବି ହାକିମ ଆଗରେ କହିଦବ । ବୁଝିଲ ? କେବଳ ଏଇତିକି ! କିଏ ଅଛ ରେ, ଗୁମାସ୍ତାକୁ ଡାକ, ସେ ଚାରି ମାଣ ଜମିର ପଟା···।"

ବିଶ୍ୱମ୍ଭର ବାବୁଙ୍କ କଥା ସରି ନାହିଁ, ସୁରୁଯୁ ପଧାନ ଦୃଢସ୍ୱରରେ କହିଲା—"ମୋ' ଦ୍ୱାରାରେ ତାହା ହୋଇପାରିବ ନାହିଁ ହଜୁର ! ଗରିବ ଲୋକ, ବୁଢା ହେଲିଣି—ଏତେ ବଡ ପାପ କରିପାରିବି ନାହିଁ ! ଚନ୍ଦ ଆମର ଭାଇ । ଆଜି ସେ ମୋରି ପାଇଁ ହାଜତ୍‌ରେ ବନ୍ଦ ହୋଇଛି; ପୁଣି ମୁଁ ତାହାରି ବିରୁଦ୍ଧରେ ସାକ୍ଷ୍ୟ ଦେବି ? ଆପଣ ଜମିଦାର, ବଡ ଲୋକ, ସବୁ କରିପାରନ୍ତି; କିନ୍ତୁ ଆମ ଗରିବଗୁଡାଙ୍କ ଦ୍ୱାରାରେ ଏତେ ବଡ ପାପ ସହିବ ନାହିଁ ।"

ବିଶ୍ୱମ୍ଭର ବାବୁ ଦୀନା ନାଥ ବାବୁଙ୍କ ମୁହଁକୁ ଚାହିଁ ରହିଲେ, ଦୀନାନାଥ ବାବୁ ଚାହିଁ ରହିଲେ ବିଶ୍ୱମ୍ଭର ବାବୁଙ୍କ ମୁହଁକୁ । ସୁରୁଯୁ ପଧାନ ଅସ୍ତେ ଅସ୍ତେ ଘରୁ ବାହାରି ଚାଲିଗଲା ।

Digitized by srujanika@gmail.com

—୨୨—

ପିଆଦା ଚେଷ୍ଟା କଲା, ଗୁମାସ୍ତା ଚେଷ୍ଟା କଲା, ଜମିଦାର ବିଶ୍ୱମ୍ଭର ବାବୁ ଚେଷ୍ଟା କଲେ; କିନ୍ତୁ ସନ୍ତୋଷକୁଳ ଗାଆଁରୁ ଜଣେ ହେଲେ ଚନ୍ଦ୍ର ନାମରେ ମିଥ୍ୟା ସାକ୍ଷ୍ୟ ଦେବାକୁ ବାହାରିଲେ ନାହିଁ । ବିଶ୍ୱମ୍ଭର ବାବୁ ବିରକ୍ତ ହୋଇଉଠିଲେ; ନିଜେ ମୁଆଁରେ ଚଢି ସନ୍ତୋଷକୁଳ ଗାଆଁକୁ ବାହାରିଲେ ।

ପୂର୍ବେ ଜମିଦାର ବଡେ ହେଲେ ଗାଆଁରେ ଚହଳ ପଡିଯାଉଥିଲା; ଲୋକେ ମୁଆଁ ପଛରେ ଧାଇଁ ଧାଇଁ ନିଜର ଦୁଃଖ ଜଣାଇ କହୁଥିଲେ । ଆଜି ତାଙ୍କ ମୁଆଁ ଗାଆଁ ଦାଣ୍ଡ ଦେଇ ଚାଲିଛି, ସେଆଡକୁ କେହି ଚାହିଁବାକୁ ଦୃଷ୍ଟି ମଧ୍ୟ ନାହିଁ ।

ସୁରୁଯୁ ପଧାନ ଗାଆଁକୁ ଫେରି ଯେତେବେଳେ ଜମିଦାରଙ୍କ ସହିତ ତାହାର କଥାବାର୍ତ୍ତା ବିଷୟ କହିଲା, ସେତିକିବେଳୁ ଗାଆଁର ଲୋକେ ବୁଝି ପାରିଥିଲେ ଯେ, ଜମିଦାର ବାବୁ କାହାଁକି କଚିରିକୁ ଆସିଛନ୍ତି । ତାହା ପରେ ଏ ଗାଆଁର ଯେତେ ଲୋକଙ୍କୁ କଚିରିକୁ ଡକରା ଆସିଲା, କେହି ଗଲେ ନାହିଁ । ସମସ୍ତେ ଠିକ୍ କଲେ, ଜୁଏ ତ ଚନ୍ଦ୍ର ପରି ବନ୍ଧା ହୋଇଯିବୁଁ; କିନ୍ତୁ ଏ ଜମିଦାରର ମୁହଁ ଚାହିଁବୁ ନାହିଁ, କି ମିଛ ସାକ୍ଷ୍ୟ ଦେବୁ ନାହିଁ । ଅଗତ୍ୟା ବିଶ୍ୱମ୍ଭର ବାବୁ ଭାବିଲେ, ସବଜମିନ୍‌କୁ ଯାଇ ଚେଷ୍ଟା କଲେ ବା ଜଣେ ଅଧେ ସାକ୍ଷୀ ମିଳିବ । କିନ୍ତୁ ତାଙ୍କ ମୁଆଁ ବାଟରେ ଯିବା ସମୟରେ ତାଙ୍କ ପ୍ରତି ଲୋକଙ୍କ ବ୍ୟବହାର ଦେଖି ତାଙ୍କର ସେ ଆଶା ମଧ୍ୟ ରହିଲା ନାହିଁ ।

ଗାଆଁ ମଝିର ବରଗଛ ମୂଳରେ ମୁଆଁ ରହିଲା; ତଥାପି ସ୍ୱତଃ-ପ୍ରବୃତ୍ତ ହୋଇ ତାଙ୍କ ପାଖକୁ କେହି ଆସିଲେ ନାହିଁ । ଗୁମାସ୍ତା ଯେଉଁ-ମାନଙ୍କୁ ଡାକି ଆଣିଲା, ସେମାନେ ଆସି ନମସ୍କାର କରି ସେହି ଗୋଟିଏ କଥା କହିଲେ—"ଆପଣ ଖଜଣା ପଣ୍ଡାକର ମାଲିକ । ଆମେ ଏ ବର୍ଷର ଖଜଣା ଦେଇ ରସିଦ୍ ରଖିଛୁ ।"

ସାକ୍ଷୀ ଯୋଗାଡ କରିବା କଥା କହିବେ କଅଣ, କୋଧର ଅଗ୍ନି ତାଙ୍କ ତାଙ୍କ ଛାତି ଭିତରେ ଫୁଲି ଉଠିବାକୁ ଲାଗିଲା । ସେ ବିରକ୍ତ ହୋଇ କହିଲେ—"ଉଠାଅ ସବାରୀ ।"

ସେ ଦିନ ସନ୍ଧ୍ୟାରେ କଟକ ଅଖପାଖ ଗାଁର ଜଣେ ଦୁଇ ଜଣ ଖୋସାମୋଦିଆ ଲୋକଙ୍କୁ ସାକ୍ଷୀ ବୋଲି ଠିକ୍ କରି, ତାଙ୍କୁ ଶିକ୍ଷା ଦେଇ, ତାଙ୍କୁ ବାନ୍ଧିରଖିବା ପାଇଁ ଗୁମାସ୍ତାଙ୍କୁ କହି ବିଶ୍ୱମ୍ଭର ବାବୁ ଓ ଦୀନାନାଥ ବାବୁ ଟାଉନ୍ ବସା ଅଭିମୁଖରେ ଯାତ୍ରା କଲେ ।

—୨୮—

ଚନ୍ଦ୍ରର ବିଚାର ଚାଲିଛି । ଆଜି ରାୟ ଦିଆଯିବ ।

ଟାଉନ୍ ବସା ଜେଲ୍‌ଠାରୁ ଅନତିଦୂରରେ ବାଟ ଉପରେ ଥିବା ଗୋଟିଏ ମହୁଲ ଗଛ ତଳେ ସଞ୍ଜେଇକୁଳ ଗ୍ରାମର କେତେକ ଲୋକ ଜେଲ ଫାଟକ ଆଡକୁ ଚାହିଁ ବସିଛନ୍ତି । ସମସ୍ତଙ୍କ ଛାତିର ହାଡ ଫୁଟି ଦିଶୁଛି; ପିନ୍ଧିଛନ୍ତି ମଇଳା ପୁରୁଣା ଲୁଗା ! ସେମାନଙ୍କ ଭିତରେ ଗୋଟିଏ ବୁଢୀ, ତାହାର ଶରୀର ଅବନତ, ମସ୍ତକର ଶୁଭ୍ରକେଶ ଅସ୍ତବ୍ୟସ୍ତ, ମୁଖରେ ଫୁଟି ଉଠିଛି ଆଶଙ୍କାର ସୁସ୍ପଷ୍ଟ ରେଖା ।

ଦିନ ୧୧ଟା ବାଜିବ, ସରକାରୀ ଓକିଲଙ୍କ ମୋଟର ଗାଡି କଟକ ଅଭିମୁଖରେ ଧାଇଁଗଲା । ତାହାର କେତେକ ମୁହୂର୍ତ୍ତ ପରେ ବିଶ୍ୱମ୍ଭର ବାବୁ ତାଙ୍କ ଦାମୀ ମୋଟରକାର୍‌ରେ କଟକ ଯାତ୍ରା କଲେ ।

କିଛିକ୍ଷଣ ପରେ ଜଣେ ଆସାମୀକୁ ସାଙ୍ଗରେ ନେଇ ଆର୍ମ ପୁଲିସ୍ ଜେଲ୍ ଭିତରୁ ବାହାରିଲେ । ତାହାର ହାତରେ କଡି, ଅଣ୍ଟାରେ ଦଉଡି, ମସ୍ତକର କୁଞ୍ଚିତ କେଶ ଢିଲାଭାବରେ ଅବିନ୍ୟସ୍ତ ଓ ଚଞ୍ଚଳ ହୋଇ ଉଡୁଛି । ମୁଖରେ ଅସୀମ ଗାମ୍ଭୀର୍ଯ୍ୟର ଜ୍ୟୋତି । ଲୋକେ ଚିହ୍ନିଲେ—ଏହି ଚନ୍ଦ୍ର ! ଏହି ସେମାନଙ୍କ ଭାଇ; ଏହି ସେମାନଙ୍କ ପାଇଁ ଆଜି ଏ ଦଶା ବରଣ କରିଛି !

ଆର୍ମ ପୁଲିସ୍ ଚନ୍ଦ୍ରକୁ ନେଇ ଚାଲିଲେ । ଏମାନେ ଖଣ୍ଡେଦୂରରେ ସେମାନଙ୍କ ପଛେ ପଛେ ଚାଲିଲେ ।

ଡେପୁଟି କମିସନରଙ୍କ କଚେରି । ଚନ୍ଦ୍ରର ଦଣ୍ଡାଦେଶ ଶୁଣିବା ପାଇଁ ଅନେକ ଓକିଲ ଜୁଣ୍ଡ ହୋଇଛନ୍ତି । ସରକାରୀ ଓକିଲ ଦୀନାନାଥ ବାବୁ ଝୁଣ୍ଟାପଡିବ ପରି ପର ଓକିଲ ଘାଗରାକୁ ଦୁଇ କାନ୍ଧ ପାଖରେ ଟିକିଏ ନଚାଇଦେଇ ଆଗ ଧାଡି ଚୌକିରେ ବସିଛନ୍ତି । ବିଶ୍ୱମ୍ଭର ବାବୁ ମଧ୍ୟ ଖଣ୍ଡେ ଚୌକିରେ ଉପବିଷ୍ଟ ।

Digitized by srujanika@gmail.com

ଚନ୍ଦ୍ର ପକ୍ଷର କେହି ଉକିଲ ନାହିଁ—ସେ ଆତ୍ମପକ୍ଷ ସମର୍ଥନ କରୁ ନାହିଁ । ସଣ୍ଡେଶ୍ୱରକୂଳ ଗାଆଁର ଲୋକେ ଜଣେ ଉକିଲ ନିଯୁକ୍ତ କରି ତାକୁ ଜାମିନ୍‌ରେ ଅଣିବାକୁ ଚେଷ୍ଟା କଲେ; ଚନ୍ଦ୍ର ମନା କଲା ।

ଗବର୍ଣ୍ଣମେଣ୍ଟ ବାବୁଙ୍କଦ୍ୱାରା ବଛାହୋଇଥିବା ସାକ୍ଷୀମାନେ ସାକ୍ଷ୍ୟ ଦେଲେ ଯେ, ଚନ୍ଦ୍ର ଡକାଇତି କରିଛି; ହୀରା ସିଂ ଓ ବୁଧନ ମିଶ୍ରଙ୍କୁ ମାରି ଟଙ୍କା ଛଡାଇ ନେଇଛି । ଖାନତଲ୍ଲାସ୍‌ରେ ଚନ୍ଦ୍ରର କୁଡିଆରୁ ମିଳିଥିବା ଗୀତାକୁ ହସ୍ତରେ ଧାରଣ କରି ଦୀନାନାଥ ବାବୁ ବଜ୍ରଗମ୍ଭୀର ସ୍ୱରରେ ବକ୍ତୃତା ଦେଲେ ଯେ, ଏ ପୁସ୍ତକରେ—‘ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତ-ନିଶ୍ଚୟଃ’, ‘ମୟୈବ ତେ ନିହତାଃ ପୂର୍ବମେବ, ନିମିତ୍ତ ମାତ୍ରଂ ଭବ ସବ୍ୟସାଚିନ୍’. ‘ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ, ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍’ ଇତ୍ୟାଦି ଭୀଷଣ ହତ୍ୟା ଓ ବିପ୍ଲବମୂଳକ କଥା ଅଛି । ଏହାକୁ ଯେ ପଢେ, ସେ ଡକାଇତ ହେବା, ହତ୍ୟାକାରୀ ହେବା ବିଚିତ୍ର ନୁହେଁ । ଏହି ଗୀତା ଭୀଷଣ ରାଜଦ୍ରୋହମୂଳକ ପୁସ୍ତକ ବୋଲି ରାଜଦ୍ରୋହ ଅନୁସନ୍ଧାନ କମିଟି ସ୍ଥିର କରିଛି । ରାମାୟଣ, ମହାଭାରତ ମଧ୍ୟ ଯୁଦ୍ଧ ଓ ହତ୍ୟାମୂଳକ ପୁସ୍ତକ । ଗୀତାର ତତ୍ତ୍ୱ—ଅର୍ଥାତ୍ ନରହତ୍ୟା ଓ ଯୁଦ୍ଧ ପାଇଁ ଉତ୍ତେଜନା ଦେଉଥିବା ମେକିଆଭେଲି ପରି କୁଟନୀ, ଲେନିନ ପରି ବିପ୍ଳବୀ, ଗାନ୍ଧୀ ପରି ଧର୍ମ ଆବରଣରେ ଭୀଷଣ ରାଜନୀତି ଘୋଡାଇ ରଖିବାରେ ଯେ ସିଦ୍ଧହସ୍ତ, ସେହି ଶ୍ରୀକୃଷ୍ଣଙ୍କ ଜୀବନୀ—ସେହି ବିପ୍ଳବୀର ଜୀବନୀ ଏହି ୧୩ ଖଣ୍ଡ ଭାଗବତରେ ଅଛି । ତେଣୁ ଏ ସମସ୍ତ ପୁସ୍ତକ ହିଁ ଭୀଷଣ ବିପ୍ଳବମୂଳକ ପୁସ୍ତକ । ଆସାମୀ ନିତ୍ୟପ୍ରତି ଏ ପୁସ୍ତକ ପଢେ ଓ ପଢି ଲୋକଙ୍କୁ ଶୁଣାଏ ବୋଲି ସାକ୍ଷୀ-ମାନେ କହୁଛନ୍ତି । ତେଣୁ ଲୋକମାନଙ୍କୁ ବିପ୍ଳବ ଓ ରାଜଦ୍ରୋହ ଶିକ୍ଷା ଦେବା ଆସାମୀର ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟ ସଫଳ କରିବା ପାଇଁ ଅର୍ଥ ଆବଶ୍ୟକ । ଜମିଦାର ଘର ଖଜଣା ଯାଉଥିଲା—ଆସାମୀ ଏହି କଟୁରି, ଏହି ଲୁହା ଧରି ସେମାନଙ୍କୁ ଆକ୍ରମଣ କରି ଟଙ୍କା ଛଡାଇ ନେଇଛି । ଦେଖନ୍ତୁ, ଏ କଟୁରିର ଏକ [illegible]କଳଙ୍କି ଲାଗିଲା ପରି ଦିଶୁଛି—ପ୍ରକୃତରେ ଏହା ସିନ୍ଦୂର । ଆସାମୀ ଏ କଟୁରିକୁ ଖଡ୍ଗ ଓ ଏ ମୁନିଆ ଲୁହାକୁ ବଜ୍ର ବୋଲି ମନେ କରେ । ଖଡ୍ଗ କାଳୀଙ୍କର ଅସ୍ତ୍ର; ବିପ୍ଳବୀମାନେ କାଳୀପୂଜା କାହିଁବାର କଲିକତାର

୧୧୨୬ ନମ୍ବର ଧାରାରେ ପ୍ରମାଣିତ । ଇଦ୍ରଙ୍କ ବକ୍ତୃତା ସାଙ୍ଘାତିକ ଅସ୍ତ୍ର ବୋଲି ଉଦ୍ଧାବ୍ରତରେ ବର୍ଣ୍ଣିତ ଅଛି । ତେଣୁ ଆସାମୀ ଯେ, ଲୋକମାନଙ୍କ ମଧ୍ୟରେ ବିପ୍ଳବ ପ୍ରଚାର କରିବା ଉଦ୍ଦେଶ୍ୟରେ ଅର୍ଥ ସଂଗ୍ରହ କରିବା ଲାଗି ଏ ଡକାଇତି କରିଛି, ଏଥିରେ ସନ୍ଦେହ ନାହିଁ ।

ଚନ୍ଦ୍ର ଏ ସବୁ ଶୁଣି କେବଳ ହସିଲା । ହାକିମଙ୍କ ପ୍ରଶ୍ନର ଜବାବ୍‌ରେ କହିଥିଲା, ସେ ଜଣେ ଓଡ଼ିଆ. ଓଡ଼ିଶାର ସେବା କରିବା ହିଁ ତାହାର ଜୀବନର ଲକ୍ଷ୍ୟ । ତାହାର ବିଶ୍ୱାସ, ଜାତିର ଲୋକଙ୍କୁ ଛାଡ଼ି ଜାତି ଗଢ଼ାଯାଇ ପାରେ ନା । ବିଚ୍ଛିନ୍ନ ଅଞ୍ଚଳର ଲୋକମାନଙ୍କ ହୃଦୟରେ ଜାତୀୟ ଭାବ ଜାଗରିତ ନ କଲେ, ଜାତି ଏକତ୍ରିତ ହୋଇପାରିବ ନାହିଁ; ଦେଶ ଉନ୍ନତିର ମାର୍ଗ ଧରିପାରିବ ନାହିଁ । ସେଥିପାଇଁ ସେ ବିଚ୍ଛିନ୍ନ ଅଞ୍ଚଳ ସିଂହଭୂମିର ଲୋକମାନଙ୍କ ସେବା କରୁଛି—ଏ ଜୀବନ ଥିବାଯାଏ କରିବ । ଯେ ଦେଶର ସେବକ, ଜାତିର ଭୃତ୍ୟ, ହିଂସା ତାହାର କାର୍ଯ୍ୟର ମାର୍ଗ ହୋଇପାରେ ନା । ହିଂସା ପରକୁ ହିଂସା କରିବାକୁ ଯାଏ ସତ୍ୟ; କିନ୍ତୁ ପ୍ରକୃତରେ ନିଜକୁ ହିଁ ନାଶ କରେ, ନିଜର ନୀତିକୁ ହତ୍ୟା କରେ, ନିଜର ଉଦ୍ଦେଶ୍ୟକୁ ଧ୍ୱଂସ କରେ । ସେଥିପାଇଁ ଯିଏ କେହି ଦେଶ-ସେବାର ପଥ ଧରିବାକୁ ଚାହାନ୍ତି, ସର୍ବାଦୌ ତାଙ୍କୁ ପୂର୍ଣ୍ଣ ଅହିଂସାର ସାଧନା କରିବାକୁ ହେବ । ଚନ୍ଦ୍ର ପୂର୍ଣ୍ଣ ଅହିଂସାର ସାଧକ । ଡକାଇତି ସେ କରିବ କାହିଁକି ? ଅର୍ଥ ତାହାର ଦରକାର କଅଣ ? ଜମିଦାରଙ୍କ ଅତ୍ୟାଚାର କବଳରୁ କିପରି ଆତ୍ମରକ୍ଷା କରିବାକୁ ହେବ, ଆଇନ୍-ପ୍ରଦତ୍ତ ଆତ୍ମରକ୍ଷାର ଅଧିକାରକୁ କିପରି ସ୍ୱଭାବରେ ପରିଚାଳିତ କରିବାକୁ ହେବ, ତାହା ହିଁ ଶିକ୍ଷା ଦେବାକୁ ସେ ଯାଇଥିଲା ।

ଆର୍ମ ପୁଲିସ୍ ଚନ୍ଦ୍ରକୁ ନେଇ ଆସାମୀର କାଠଘୋରଡ଼ା ମଧ୍ୟରେ ଛିଡ଼ା କରାଇଦେଲେ । ଇଜଲାସ୍ ଭିତରେ ପ୍ରଶାନ୍ତ ନୀରବତା ବିରାଜିତ ହେଲା । ହାକିମ ପେସ୍କାର ହାତରୁ କାଗଜ ନେଇ ରାଏ ଶୁଣାଇଲେ—ବର୍ଷେ ସଶ୍ରମ ଜେଲ୍ ।

ଚନ୍ଦ୍ରର ମୁଖରେ ହାସ୍ୟର ରେଖା ଫୁଟିଉଠିଲା, ତାହାର ଚକ୍ଷୁ ଉଜ୍ଜ୍ୱଳ ହୋଇଉଠିଲା । ସାକ୍ଷୀମଞ୍ଚରୁ ଅସାଧ୍ୟ ଦେବୀ ଯିଏ ହାତ ପାଞ୍ଚ ପୁଷ୍ପାଞ୍ଜଳି

ଗ୍ରହଣ କରନ୍ତି. ସାଧକର କପାଳଦେଶରେ ଯେଉଁପରି ପ୍ରଶାନ୍ତ ଜ୍ୟୋତି ଫୁଟି ଉଠେ, ଚନ୍ଦ୍ରର କପାଳରେ ଫୁଟି ଉଠିଲା ସେହିପରି ଜ୍ୟୋତି । ମାତ୍ର ଏହି ତାର ସାମାନ୍ୟ ସାଧନା ଗ୍ରହଣ କରିଛନ୍ତି, ଏଇ ପାଇଁ ଦୁଃଖ ସହିବା ଲାଗି ସେ ଉପଯୁକ୍ତ ହୋଇଛି, ଦୁଃଖର ସ୍ପର୍ଶରେ ତାହାର ଜୀବନ ହୋଇ-ଉଠିବ ଜନ୍ମଭୂମିର ନିର୍ମାଲ୍ୟ ପରି ପବିତ୍ର । ତାହାର ଛାତି ଭିତରେ ଜାଗି ଉଠିଲା ମାତୃମୂର୍ତ୍ତି !

କାଠଘୋଡ଼ାରୁ ବାହାର କରି ପୁଲିସ୍‌ମାନେ ତାଙ୍କୁ ହାଜତକୁ ନେଲେ । ବାଟକଡ଼ରେ ସହସ୍ରଜନଙ୍କର ଚାଷୀଟୋକର ଚାହିଁ ରହିଥାଆନ୍ତି —ସମସ୍ତଙ୍କ ଚକ୍ଷୁ ସଜଳ ।

ସେମାନଙ୍କ ଭିତରୁ ବୃଦ୍ଧାଟିଏ ଆର୍ତ୍ତନାଦ କରି ଉଠିଲା— "ବାପା ଚନ୍ଦ୍ର !"

ଚନ୍ଦ୍ର ଚାଲୁ ଚାଲୁ ପଛକୁ ଫେରି ଚାହିଁଲା । ତାହାର ଚକ୍ଷୁରୁ ଲୁହ ଉଚ୍ଛୁଳି ପଡ଼ିଲା । ଅଜ୍ଞାତରେ ତାହାର କଣ୍ଠ ଭେଦକରି ଉଠିଲା—'ବୋଉ !'

—୩୦—

ଚାରିବର୍ଷର ଜେଲ୍ । ରାତି ୮ଟା ହେବ । ଚାରିଆଡ଼ ସ୍ଥିର ନିଃଶବ୍ଦ । କଇଦୀଗୁଡ଼ିକ ଘରଭିତରେ ବନ୍ଦ । ଜେଲଭିତରର ମ୍ଳାନ ଅନ୍ଧକାର ଯେପରି ବନ୍ଧନର ଜ୍ୱାଳାରେ ଅତ୍ୟୁରି ମଳିନ ହୋଇପଡ଼ିଛି ।

ଚାରିଆଡ଼ ନିସ୍ତବ୍ଧ—କେବଳ କଇଦୀ ଘର ନମ୍ବରମାନଙ୍କରୁ କଇଦୀ ପହରାର ଜୈଲିକ ସ୍ୱରରେ ଗଣନା ଶୁଭୁଛି—ଏକ, ଦୁଇ, ତିନି, ଚାରି··· । ସନ୍ତ୍ରୀମାନଙ୍କର ସଦର୍ପ ବୁଟ ଶବ୍ଦ ସୁପ୍ତ କଇଦୀମାନଙ୍କ ଛାତିରେ ସ୍ୱପ୍ନରେ ପ୍ରେତର ପଦକ୍ଷେପ ପରି ଶୁଣାଯାଉଛି ।

ଚନ୍ଦ୍ର ଗୋଟିଏ ସେଲ୍—ନିର୍ଜନ ପ୍ରକୋଷ୍ଠରେ ଆବଦ୍ଧ । ତାହାର ଦେହ[illegible]ର ଜଙ୍ଘିଆ, କୁର୍ତ୍ତା । ଲୁହାକବାଟ ପାଖକୁ ସେ ଦମ୍ବଳ ଖଣ୍ଡେ ବିଛାଇ, ତାହାର ଲୁହାର ପାତ ଦୁଇଟା କଡ଼ରେ ରଖି ଆକାଶକୁ ଚାହିଁ ରହିଛି ।

ଜେଲ୍‌ର ଉଚ୍ଚ ପ୍ରାଚୀରର ଫାଙ୍କ ଦେଇ ଦେଖାଯାଉଛି ସୁନୀଳ ଆକାଶର ଦେହରୁ କ୍ଷୁଦ୍ର ଏକ ଅଂଶ । ଯେପରି କି, ଅନନ୍ତ ଆକାଶ ମଧ୍ୟ ଜେଲ୍‌ର ଲୌହଶୃଙ୍ଖଳର ସସୀମତାର କବଳରେ ନିଜର ବିରାଟ ମହିମା ପ୍ରକାଶିତ କରିବାକୁ ଇଚ୍ଛିତ ! ସେ ଆକାଶଖଣ୍ଡ ଦେହରେ ଫୁଟିଉଠିଛି ତେରେଟି ନକ୍ଷତ୍ର । ସେହି ନକ୍ଷତ୍ରଗୁଡିକ ଭିତରେ ଚନ୍ଦ୍ରର ତନ୍ମୟ ଦୃଷ୍ଟି ଅବଦ୍ଧ ।

ତାହାର ଚକ୍ଷୁ ସମ୍ମୁଖରେ ଫୁଟିଉଠିଲା, ଦଶଭୁଜା ମାତୃମୂର୍ତ୍ତି । ଦେବୀଙ୍କ କୋଣରେ ଦିଗନ୍ତ ଅଲଙ୍କୃତ । ତାଙ୍କର ସିଂହାସନ ନିକଟରେ ଅମିତତେଜା ସୁଭାଷ ଅବଶର ପ୍ରଦୀପ ଧରି ଦଣ୍ଡାୟମାନ । ଭକ୍ତବୃନ୍ଦଙ୍କ ସ୍ତୋତ୍ରଗାନରେ ମନ୍ଦିରପ୍ରାଙ୍ଗଣ ମୁଖରିତ । ଶଙ୍ଖଘଣ୍ଟାର ନାଦ ଉଠୁଛି ପଡୁଛି । ତାହାରି ମଧ୍ୟରେ ଚନ୍ଦ୍ର ଅନ୍ଧକାରମୟ ଏକ କୋଣରେ ଗୋଟିଏ ରକ୍ତକମଳ ହସ୍ତରେ ଧରି ଦଣ୍ଡାୟମାନ । ସେ ଦେବୀଙ୍କୁ ଏକଦୃଷ୍ଟିରେ ଚାହିଁ ରହିଛି । ଦେବୀ ଯେପରି ଇଙ୍ଗିତ କରି ତାହାକୁ ଡାକିଲେ— 'ଚନ୍ଦ୍ର !'

ଚନ୍ଦ୍ର ଚମକି ପଡିଲା । ଦେବୀଙ୍କ ପଦ ଉଦ୍ଦେଶ୍ୟରେ ରକ୍ତକମଳଟି ନିକ୍ଷେପ କରି ସେ ମନ୍ଦିର ଛାଡି ଧାଇଁଲା ରୁଦ୍ଧ ଶ୍ୱାସରେ । ପଛକୁ ଫେରି ଦେଖେ ଯେ, ଦେବୀଙ୍କର ଶୁଭ୍ର ମନ୍ଦିରର ଉତ୍ତୁଙ୍ଗ ଚୂଡା ଆକାଶର ବକ୍ଷ ଭେଦ କରି ଉଠିଛି । ସେହିଠାରେ ସମୁଦ୍ରର ପବନ ହିଲ୍ଲୋଳରେ ଗର୍ବଭରେ ଉଡୁଛି ଏକ ବିଶାଳ କେତନ । ସେଥିରେ ଜ୍ୱାଳାମୟ ଜ୍ୟୋତିରେ ବିରାଜିତ ସ୍ୱାଧୀନ ସୂର୍ଯ୍ୟର ଚିହ୍ନ । ଚାରିଆଡୁ ଶୁଭୁଉଠୁଛି ଜୟର ସଙ୍ଗୀତ, ସୁସ୍ୱର ବୀଣା ସଙ୍ଗୀତ । ସେ ଚାହିଁ ଦେଖେ ଯେ, ତାହାର ଚାରିଆଡେ ଫୁଟିଉଠିଛି ହସ ହସ ମୁଖ—ଦୁଃଖ, ଦୈନ୍ୟ, ନିରାଶା, ହତାଶା ଅନ୍ତର୍ହିତ ହୋଇଛି— ଚାରିଆଡେ ଛୁଟିଛି ଆଲୋକର ଧାରା, ଆନନ୍ଦର ସ୍ରୋତ !

ତାହାର ସମ୍ମୁଖରେ ତୂର୍ଯ୍ୟ ନାଦ କରୁ କରୁ ସ୍ଫୀତବକ୍ଷରେ ତାଲେ ତାଲେ ପଦକ୍ଷେପ କରି ଚାଲିଗଲେ ଦଳେ ସୈନ୍ୟ । ସେମାନଙ୍କ ମସ୍ତକର ଉଷ୍ଣୀଷ ସୂର୍ଯ୍ୟକିରଣରେ ଝଲମଲ ହୋଇଉଠୁଥିଲା । ଜଣେ ଅଶ୍ୱାରୋହୀ

Digitized by srujanika@gmail.com

ଏକ ବିରାଟ ପତାକା ଉତ୍ତୋଳିତ କରି ଚାଲିଛି ସେମାନଙ୍କ ପଛେ ପଛେ। ସେ ପତାକାରେ ମଧ୍ୟ ମଧ୍ୟାହ୍ନ ସୂର୍ଯ୍ୟର ସ୍ୱର୍ଣ୍ଣଗଠିତ ବର୍ଣ୍ଣମୟ ଛବି।

ଚନ୍ଦ୍ର ଦୀନ ଭିକାରୀଟି ପରି ପଥପାର୍ଶ୍ୱରେ ଠିଆ ହୋଇ ବିସ୍ମିତ ଦୃଷ୍ଟିରେ ଚାହିଁ ରହିଛି।

ଜଣେ ଲୋକ ତା ପାଖ ଦେଇ ଚାଲିଗଲା। ତାହାର ଦୀର୍ଘବପୁରୁ ତେଜଃପୁଞ୍ଜ ଉଦ୍ଭାସିତ ହୋଇଉଠୁଛି। ସେ ପଚାରିଲା—"ତମେ କିଏ ଭାଇ? ତମେ କାହିଁକି ଦୀନଦୁଃଖୀଟି ପରି ପଥପାର୍ଶ୍ୱରେ ଛିଡା ହୋଇଛ?"

କମ୍ପିତ କଣ୍ଠରେ ଚନ୍ଦ୍ର କହିଲା—"ମୁଁ ଚନ୍ଦ୍ର—ମୁଁ ଜଣେ ଓଡିଆ। ଏ କେଉଁ ଦେଶ?"

ଲୋକଟି କହିଲା—"ତମେ ଓଡିଆ? ଜାଣି ନା, ଏ କେଉଁ ଦେଶ? ଏ ପରା ସ୍ୱାଧୀନ ଓଡିଶା!" ମାତୃମନ୍ଦିରର ଅଭ୍ରଂଲିହ ଚୂଡାରେ ଉଡୁଥିବା ବିଶାଳ ପତାକା ପ୍ରତି ଅଙ୍ଗୁଳି ସଙ୍କେତ କରି କହିଲା—"ଏହି ପରା ସ୍ୱାଧୀନ ଓଡିଶାର ପତାକା!"

ଚନ୍ଦ୍ର ସେ ପତାକା ଉଦ୍ଦେଶ୍ୟରେ ନମସ୍କାର କରି ଧୀରେ ଧୀରେ ପଚାରିଲା—"ମୋର ଦୀନଦୁଃଖୀ ଭାଇଗୁଡ଼ିକ କାହାନ୍ତି? ମୋର ବୁଭୁକ୍ଷୁ ବସ୍ତ୍ରଶୂନ୍ୟ ଭଉଣୀଗୁଡ଼ିକ କାହାନ୍ତି?"

ଲୋକଟି ଉଚ୍ଚସ୍ୱରରେ ହାସ୍ୟ କରିଉଠିଲା। କହିଲା—"ଏ ସେ ଉତ୍କଳ ଦେଶ; ବିଶ୍ୱର ତୀର୍ଥକ୍ଷେତ୍ର। ଦୁଃଖଦାରିଦ୍ର୍ୟ ଏଠିକି ଆସିବ କାହୁଁ?"

ତାହାର କଥାକୁ ବୁଡାଇଦେଇ ଉଠିଲା ଶଙ୍ଖ, ଘଣ୍ଟା, ମର୍ଦ୍ଦଳ, ପଟହର ସ୍ୱର। ଦିଗନ୍ତବକ୍ଷରେ ଫୁଟିଉଠିଲା ଭିନ୍ନ ନ ଜ୍ୟୋତିଃପୁଞ୍ଜ। ତାହାର ମଝିରେ ଫୁଟିଉଠିଲା—ମାତୃମୂର୍ତ୍ତି।

ଚନ୍ଦ୍ର ମସ୍ତକକୁ ଭୂଲୁଣ୍ଠିତ କରି କହିଲା—"ମା!"

ସେତେବେଳେ ତାହାର କୋଠରିର ସମ୍ମୁଖରେ ଜଣେ ସିପାହୀ ଡାକି ଉଠିଲା—[illegible] ଟିକ ହସ୍ତ।

ଚନ୍ଦ୍ର ପରି ହୋଇଥିବା କମ୍ବଳ ଉପରେ ଶୋଇଲା।

—୩୨—

ଆଉ ଦିନ ପରର କଥା । ଗୋପୀବଲ୍ଲଭ ବାବୁ ହଠାତ୍ ପର ଦିନ ଭିତରେ ପଶି ଡାକିଲେ—"କାନ୍ତ, କାନ୍ତ, ତୋର ଚନ୍ଦ୍ର ଦାଦାର ଖବର ମିଳିଛି ରେ !"

କାନ୍ତ ଧାଇଁ ଆସିଲା; ନଟବର ବାବୁ ଧାଇଁ ଆସିଲେ । ଗୋପୀବଲ୍ଲଭ ବାବୁ କହିଲେ—"ଚନ୍ଦ୍ର ବର୍ତ୍ତମାନ ତାଇଁ ବସାରେ ଅଛି—ଜେଲ୍‌ରେ ।'

କାନ୍ତ ଚକିତ ହୋଇ କହିଲା—"ଜେଲରେ ?"

ଗୋପୀବଲ୍ଲଭ ବାବୁ—"ହଁ, ଜେଲ୍‌ରେ । ତାକୁ ବର୍ଷେ ଜେଲ୍ ହୋଇଛି । ଦେଶସେବା ଯେ କରିବାକୁ ଯାଏ, ସେ ଖେଳେ ନିଆଁ ନେଇ । ତାହାର ଘର ନାହିଁ, ଦ୍ୱାର ନାହିଁ, ନିଃଶ୍ୱାସ ମାରିବାକୁ ଅବସର ନାହିଁ । ତାହାର ଘରଦ୍ୱାର ଜେଲ୍—ନିଃଶ୍ୱାସ ମାରିବାର ଅବସର ପାଏ ସେ ଜେଲ୍‌ରେ ।"

ନଟବର ବାବୁ ନିର୍ବାକ୍, ନିସ୍ପନ୍ଦ । ସେ ଜାଣନ୍ତି, ଚନ୍ଦ୍ର ଯେଉଁ ବାଟ ଧରିଛି, ତାହା ଦୁଃଖ, ଦୈନ୍ୟ, ଜେଲ୍, ମାଡ ଭିତର ଦେଇ ପଡି ରହିଛି । ସେଥିପାଇଁ ଦୁଃଖ ନାହିଁ; ସେଥିପାଇଁ ଶୋଚନା ନାହିଁ । ତାହାର ସେ ଖବର ମିଳିଛି, ଏହା ହିଁ ଯଥେଷ୍ଟ । ସେ ତାକୁ ଦେଖିବାକୁ ଯିବେ ।

ନଟବର ବାବୁ ବାହାରିଲେ, ଗୋପୀବଲ୍ଲଭ ବାବୁ ବାହାରିଲେ, ସୁନୀଲ ବାହାରିଲା; ତାଙ୍କ ସହିତ କାନ୍ତ ମଧ୍ୟ ବାହାରିଲା ।

—୩୩—

ଦିନ ଅଠଟା ହେବ । ଅନ୍ୟାନ୍ୟ କଏଦୀମାନଙ୍କ ସହିତ ଚନ୍ଦ୍ର ଧାଡି ହୋଇ ଫାଇଲ୍‌ରେ ବସିଛି । ଜେଲ୍-ଫାଟକରୁ ସିପାହୀ ଆସି କହିଲା—"ଚନ୍ଦ୍ର ପଟ୍ଟନାୟକ, ଜେଲର୍ ବାବୁ ଡାକୁଛନ୍ତି ।"

ଚନ୍ଦ୍ର ଫାଇଲ୍‌ରୁ ଉଠି ସିପାହୀ ପଛେ ପଛେ ଗଲା [illegible]

ଜେଲ୍‌ର ଭିତର ଫାଟକ ପଡ଼ିଲା । ଚନ୍ଦ୍ର ଜେଲର୍ ଅଫିସ୍‌କୁ ପଶିଯାଇ ଦେଖେ—ନଟବର ବାବୁ, ଗୋପୀବଲ୍ଲଭ ବାବୁ, ସୁନୀଲ୍ ଓ କାନ୍ତ । ଚନ୍ଦ୍ର

ଭୂପଣ କରିବ,କଣ ବୁଝିପାରିଲା ନାହିଁ । ସେ ଯେଉଁ ସ୍ନେହର ବନ୍ଧନଠାରୁ ନିଜେ ଧାଇଁ ପଳାଇଅଛି, ସେହିମାନେ ଅସିଛନ୍ତି ତାକୁ ଟାଣିବା ପାଇଁ ।

ସେ ନଟବର ବାବୁ ଓ ଗୋପୀବଲ୍ଲଭ ବାବୁଙ୍କୁ ଭୂମିଷ୍ଠ ନମସ୍କାର କଲା । କାନ୍ତ ତାକୁ ଛୋଟ ନମସ୍କାରଟିଏ କରି ଛିଡା ହେଲା । ସମସ୍ତଙ୍କ ଚକ୍ଷୁ ବାଷ୍ପାକୁଳ; ସମସ୍ତଙ୍କ ପତା ସଜଳ ।

କେଇର ବାବୁ ତାଙ୍କ ଚୌକିରେ ବସି ନିଲିପ୍ତ ପରି ଏ ଦୃଶ୍ୟ ଦେଖୁଥାଅନ୍ତି ।

ଚନ୍ଦ୍ର ମୂକ ପରି ଛିଡା ହୋଇ ରହିଲା ।

ଗୋପୀବଲ୍ଲଭ ବାବୁ କହିଲେ—"ବାବା, ମୁଁ ଦୁଃଖିତ ହୋଇ ନାହିଁ, ମୁଁ ହତାଶ ହୋଇ ନାହିଁ । ମୋର ପୁଅ ହୋଇ ଯେ ତୁ କେତେ ବଡ ତ୍ୟାଗ ବରଣ କରିଛୁ, ତାହା ଶୁଣି ମୁଁ ଖୁସି ହେଉଛି—ଗର୍ବରେ ମୋ ଛାତି ଫୁଲିଉଠୁଛି ।"

ଚନ୍ଦ୍ର ନିର୍ବାକ୍; କାନ୍ତର ଦୃଷ୍ଟି ସଜଳ ।

ଗୋପୀବଲ୍ଲଭ ବାବୁ ପୁଣି କହିଲେ—"ତୁ ଯେଉଁ ବାଟ ଧରିଛୁ ବାବା, ତାହା ବଡ ବନ୍ଧୁର, ବଡ କଣ୍ଟକାକୀର୍ଣ୍ଣ । ଯେ ବୀର, ଯେ ସାହସୀ, ଯେ ମଣିଷ ପରି ମଣିଷ, ସେହି କେବଳ ଏ ବାଟ ଧରିପାରେ । ଅମର ଗର୍ବ ଯେ, ଅମର ପୁଅ ବୀର, ଅମର ପୁଅ ମଣିଷ । ହେଲେ, ଏ ବୁଢା ଦୁଇଟାକୁ ଏତେ ଦିନ କପରି ଭୁଲିଥିଲୁ ବାପା ?"

ଚନ୍ଦ୍ରର କଣ୍ଠ ଅବରୁଦ୍ଧ ହୋଇଅସିଲା । ସେ ନିଜକୁ ସମ୍ଭାଳି ନେଇ କହିଲା—"ମୁଁ ଅତି କ୍ଷୁଦ୍ର, ଅତି ସାମାନ୍ୟ ମନୁଷ୍ୟ ମାତ୍ର । ଅପଣମାନଙ୍କ ସ୍ନେହର ବନ୍ଧନ ଅାକର୍ଷଣ ମୁଖରୁ ମୋର ଲକ୍ଷ୍ୟଟିକୁ ରକ୍ଷା କରିବା ପାଇଁ ନିଜକୁ ଲୁଚାଇ ରଖିଥିଲି ।"

ଗୋପୀବଲ୍ଲଭ ବାବୁ ଧୀରେ ଧୀରେ କହିଲେ—"ଅଉ ତାହା ଦରକାର ନାହିଁ; ଘର ତୋତେ ଫେରାଇବାକୁ ଚାହେଁ ନା—ଘର ତୋର ବାଟ ଧରି ଚାଲିବ । ଏହି ଦେଶ ବୃତ୍ତିର ବୈଚିତ୍ର୍ୟର ଶୁଣି ଏ ବୃଢାଦୁଇଟି ମୁଣ୍ଡରେ ଲଗାଇଲୁ ବାପା । ତୋର ବଳିଷ୍ଠ ତ୍ୟାଗଦ୍ୱାରା ତୋର ଅନୁପ୍ରେରିତରେ

Digitized by srujanika@gmail.com

ତୋର ଅପୂର୍ଣ୍ଣ କାମନା ମୁଁ କରିବ, ସୁନୀଲ କରିବ, କାନ୍ତ କରିବ; ଫେରିଲେ ତୋର ବାଟ ଧରି ଆମେ ସମସ୍ତେ ଚାହିଁବୁ ।"

ସାକ୍ଷାତ୍ କରିବାର ସମୟ ଶେଷ ହୋଇଆସିଲା । ଜେଲର ଆସି କହିଲେ—"ସମୟ ହୋଇଛି ।"

ଫେରିଲା ବେଳେ ନଟବର ବାବୁ କମ୍ପିତ କଣ୍ଠରେ କହିଲେ— "ଚନ୍ଦ୍ର !"

ଚନ୍ଦ୍ର ଅଜ୍ଞାତରେ ତାହାର ହୃଦୟ ଭେଦ କରି ଉଠିଲା— "ବାପା !"

ଜେଲର ଅଗ ଫାଟକ ଫିଟିଲା । ସମସ୍ତେ ବାହାରିଲେ । ଚନ୍ଦ୍ରର ଚକ୍ଷୁ ଆଗରେ ବଡ ହୋଇ ଭାସିଉଠିଲା କାନ୍ତର ଅଶ୍ରୁସଜଳ ଆଖି ଦୁଇଟି ।

ସମସ୍ତେ ଗଲେ । ଜେଲର ଫାଟକ ତାଙ୍କ ପଛେ ପଛେ ବନ୍ଦ ହେଲା ।

ଜେଲ୍ ବାହାରେ ନାଲି ସଡକ । ମହୁଲ ବଣପାଖରେ ମୁହଁ ଫେରାଇ ଅଦୃଶ୍ୟ ହୋଇଛି । ସେଥିରେ ଚାଲୁଛି ଗୋଟିଏ ବାଟୋଇ । ଜେଲ୍ ଫାଟକ ଏ ପାଖରୁ ଏକଦୃଷ୍ଟିରେ ଚନ୍ଦ୍ର ତାହାକୁ ହିଁ ଚାହିଁରହିଲା ।

ବନ୍ଦେ ମାତରମ୍

Printed by B. K. Kar B.[illegible]
at the Saraswata Press, Cuttack—19[illegible]

Digitized by srujanika@gmail.com